# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୭/୨୦୨୩ (୧୪ ପୃଷ୍ଠା) | Bhubaneswar, Friday, July 7/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୨୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 222 | ମୂଲ୍ୟ ₹୭/-




## 'ବୃଷଭ'ରେ ଶନାୟାଙ୍କ ସାଉଥ୍ ଡେବ୍ୟୁ

ବଲିଉଡ୍ ଅଭିନେତା ସଞ୍ଜୟ କପୁରଙ୍କ ଝିଅ ଶନାୟା କପୁର ନିକଟରେ ମୋହନଲାଲଙ୍କ ଫିଲ୍ମ 'ବୃଷଭ' ଜରିଆରେ ସାଉଥ୍ ଡେବ୍ୟୁ କରିବାକୁ ଯାଉଛନ୍ତି।

୧୧

୧୪

## ଲିଡ୍‌ଙ୍କ ଅଲରାଉଣ୍ଡ ପ୍ରଦର୍ଶନ

ସ୍କଟଲାଣ୍ଡ ବିପକ୍ଷ ଆଇସିସି କ୍ରିକେଟ ବିଶ୍ୱକପ୍ କ୍ୱାଲିଫାୟର୍ସରେ ବାସ୍ ଡି ଲିଡ୍ ଅଲରାଉଣ୍ଡ ପ୍ରଦର୍ଶନ ଯୋଗୁ ବିଜୟୀ ହୋଇଛି ନେଦରଲାଣ୍ଡ୍ସ।






ପନିପରିବାଠାରୁ ଆରମ୍ଭ କରି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରବୃଦ୍ଧି ପ୍ରତିବାଦରେ ଉତ୍ତରାଖଣ୍ଡର ପ୍ରଦେଶ ମହିଳା କଂଗ୍ରେସର ସଦସ୍ୟମାନେ ଗୁରୁବାର ଡେରାଡୁନଠାରେ କେନ୍ଦ୍ର ସରକାର ବିରୋଧୀ ସ୍ଲୋଗାନ ଦେଉଛନ୍ତି।

# ଛାତ୍ରୀଛାତ୍ରଙ୍କ ପ୍ରଥମ ପସନ୍ଦ ରେଭେନ୍ସା

ଭୁବନେଶ୍ୱର,୬।୭(ଅନୁରାଧା ମହାରଣା)

### ପ୍ରକାଶ ପାଇଲା ଯୁକ୍ତ୨ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟରେ ନାମ ଲେଖାଇବା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ଗୁରୁବାର ପ୍ରକାଶ ପାଇଥିବା ଏହି ତାଲିକା ଅନୁସାରେ ଚଳିତବର୍ଷ ନାମଲେଖା ପାଇଁ ମୋଟ୍ ୪ ଲକ୍ଷ ୭୨,୨୭୯ ହଜାର ପିଲା ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟ ନାମଲେଖା ପାଇଁ ୪ ଲକ୍ଷ ୧୨,୩୬୮ ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। କଳାରେ ସର୍ବାଧିକ ୨ ଲକ୍ଷ ୫୩,୧୭୮, ବାଣିଜ୍ୟରେ ୨୫,୧୬୮ ଓ ବିଜ୍ଞାନରେ ୧ଲକ୍ଷ ୨୧,୦୨୩, ଉପଶାସ୍ତ୍ରୀରେ ୭,୭୭୯ ଏବଂ ଧନ୍ଦାମୂଳକ ବିଷୟରେ ୫,୨୨୦ ଜଣ ମନୋନୀତ ହୋଇଛନ୍ତି। ମନୋନୀତ ହୋଇଥିବା ଆବେଦନକାରୀଙ୍କ ମଧ୍ୟରେ ୨,୦୩,୫୪୩ ଛାତ୍ର, ୨,୦୮୭୭୮ ଛାତ୍ରୀ ଓ ୪୭ ଜଣ ଅନ୍ୟ ବର୍ଗର ଅଛନ୍ତି। ପ୍ରଥମ ପର୍ଯ୍ୟାୟରେ ମନୋନୀତ ହୋଇ ନ ଥିବା ୫୯,୯୧୧ ଜଣ ଆବେଦନକାରୀଙ୍କ ତାଲିକା ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା କିମ୍ବା ସ୍ପଟ୍ ନାମଲେଖା ବେଳେ ବିଚାରକୁ ନିଆଯିବ। ପ୍ରଥମ ପର୍ଯ୍ୟାୟରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସବୁଠୁ ଆଗରେ ରହି ଛାତ୍ରୀଛାତ୍ରଙ୍କ ପ୍ରଥମ ପସନ୍ଦ ପାଲଟିଛି ବୋଲି ପରିଷଦ ପକ୍ଷରୁ ସୂଚନା ମିଳିଛି।

ଚଳିତବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ୪,୪୮,୨୮୭ ଛାତ୍ରୀଛାତ୍ର ଆବେଦନ କରିଥିବାବେଳେ ୩,୮୯,୪୯୪ ଜଣ ମନୋନୀତ ହୋଇଛନ୍ତି। ବିଜ୍ଞାନରେ ଶ୍ରେଷ୍ଠ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ୯୧.୬୭ ପ୍ରତିଶତ କଟ୍‌ଅଫ୍ ମାର୍କ ସହ କଟକସ୍ଥିତ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଥମ ସ୍ଥାନରେ ରହିଛି। ସେହିପରି ୯୦ ପ୍ରତିଶତ ମାର୍କ ସହ ବାଲେଶ୍ୱର ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ ଏବଂ ୮୯ ପ୍ରତିଶତ ମାର୍କ ସହ ଭୁବନେଶ୍ୱରସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୃତୀୟରେ ରହିଛି। କଳା ବର୍ଗରେ ମଧ୍ୟ ରେଭେନ୍ସା ☞ପୃଷ୍ଠା-୪

## ଜଷ୍ଟିସ ତାଳପତ୍ର ହେବେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି



ଜଷ୍ଟିସ ଶୁଭାଶିଷ ତାଳପତ୍ର

ନୂଆଦିଲ୍ଲୀ, ୬।୭(ପି.ଟି.)

ଓଡ଼ିଶା ସମେତ ୭ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତି ଲାଗି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ସୁପ୍ରିମକୋର୍ଟ କଲେଜିୟମ ୭ ଜଣ ବିଚାରପତିଙ୍କ ନାମ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ଅନ୍ୟ ହାଇକୋର୍ଟଗୁଡ଼ିକ ହେଲେ ବମ୍ବେ, ଗୁଜରାଟ, ତେଲଙ୍ଗାନା, କେରଳ, ଆନ୍ଧ୍ରପ୍ରଦେଶ ଏବଂ ମଣିପୁର ହାଇକୋର୍ଟ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ଆସନ୍ତା ଅଗଷ୍ଟରେ ଅବସର ଗ୍ରହଣ କରିବାକୁ ଥିବାରୁ ଉକ୍ତ ପଦବୀ ଖାଲି ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବନ୍ଧୁତ୍ୱବାଦ ଓ ଦୁର୍ନୀତିର ବିଶ୍ୱ

# ୧୦୫ କୋଟିର ତଥ୍ୟ ମିଳିଲାଣି

## ଡିଏନ୍ ଗ୍ରୁପ ଉପରେ ଚଢ଼ାଉ ଜାରି

ଭୁବନେଶ୍ୱର,୬।୭(ସତ୍ୟଜିତ୍ ରାଉତ)

ଆୟକର ଫାଙ୍କି ଅଭିଯୋଗରେ ରିୟଲ୍ ଇଷ୍ଟେଟ୍ କମ୍ପାନୀ ଡିଏନ୍ ଗ୍ରୁପ ଉପରେ ଆୟକର ବିଭାଗ ପକ୍ଷରୁ ହେଉଥିବା ଚଢ଼ାଉ ଜାରି ରହିଛି। ବୁଧବାରଠାରୁ ଭୁବନେଶ୍ୱର ସମେତ ସଂସ୍ଥାର ପ୍ରାୟ ୨୦ଟି ସ୍ଥାନରେ ହେଉଥିବା ଚଢ଼ାଉରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଆୟକର ବିଭାଗ ଜବତ କରିଥିବା ଜଣାପଡ଼ିଛି। ଏଥିସହ ଏହି ଚଢ଼ାଉରେ ଆୟକର ବିଭାଗ ହାତରେ ଡିଏନ୍ ଗ୍ରୁପ୍‌ର ୧୦୫ କୋଟି ଟଙ୍କାର ବ୍ୟବସାୟିକ କାରବାର ଚିଠା ମିଳିଥିବା ସୂଚନା ମିଳିଛି। ତେବେ ଏହି କାରବାର ମଧ୍ୟରେ ଡିଏନ୍ ଗ୍ରୁପ ପକ୍ଷରୁ ଫ୍ଲାଟ ପାଇଁ ଆଦାୟ ହୋଇଥିବା ୮୦ କୋଟି ଟଙ୍କାର ଚିଠା ରହିଛି। ସେହିଭଳି ବାକି ୨୫କୋଟି ଟଙ୍କା ସଂସ୍ଥାର ଅନ୍ୟାନ୍ୟ କାର୍ଯ୍ୟର ବୋଲି କୁହାଯାଉଛି। ଅନ୍ୟପକ୍ଷରେ କର୍ମଚାରୀ କୁହାଯାଉଥିବା ଚନ୍ଦ୍ରଶେଖର ପଣ୍ଡା ଡିଏନ୍ ଗ୍ରୁପର ଲିଗାଲ ଅଫିସର ବୋଲି ଜଣାପଡ଼ିଛି। ତେବେ ତାଙ୍କ ପାଖରୁ ବୁଧବାର ୩ଟି ଟ୍ରଙ୍କରେ ମିଳିଥିବା ପ୍ରାୟ ୩୦ କୋଟି ଟଙ୍କାକୁ ଆର୍‌ବିଆଇକୁ ଆୟକର ବିଭାଗ ଟିମ୍ ନେଇ ଡିଏନ୍ ଗ୍ରୁପର ଜଣେ ବ୍ୟକ୍ତିଙ୍କ ଉପସ୍ଥିତିରେ ସମ୍ପୂର୍ଣ୍ଣ ଗଣିଛି। ତେବେ ଏତେ ପରିମାଣର ଟଙ୍କାର ଉତ୍ସ ସଂକ୍ରାନ୍ତରେ ଆୟକର ବିଭାଗ ଅଧିକ ଖୋଳତାଡ଼ କରୁଛି। ତେବେ ବଡ଼ କଥା ହେଲା ମିଳିଥିବା ଟଙ୍କାରେ କିଛି ନକଲି ଟଙ୍କା ଥିବା ମଧ୍ୟ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଏତେ ପରିମାଣରେ ଟଙ୍କା ମିଳିବାକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନିଜ ଆଡୁ ମାମଲା ରୁଜୁ କରି ବେଆଇନ ଅର୍ଥ କାରବାର ଦିଗକୁ ନେଇ ତଦନ୍ତ କରିବ ବୋଲି ମଧ୍ୟ ସୂଚନା ମିଳିଛି।

ତେବେ ଡିଏନ୍ ଗ୍ରୁପରେ ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଟଙ୍କା ନିବେଶ ହୋଇଥିବା ଚର୍ଚ୍ଚା ହେଉଥିବାବେଳେ ଏହି ଘଟଣାକୁ ନେଇ ରାଜନୀତିରେ ଆରୋପ ☞ପୃଷ୍ଠା-୪

### ଟ୍ୱିନ୍ ସିଟି ଇନ୍‌ଫ୍ରାକନ୍‌ରେ ଆୟକର ଚଢ଼ାଉ

ଭୁବନେଶ୍ୱର/କଟକ,୬।୭ (ସତ୍ୟଜିତ୍ ରାଉତ/କାର୍ତ୍ତିକ ସାହୁ)

ଆୟକର ଫାଙ୍କି ଅଭିଯୋଗରେ ରିୟଲ୍ ଇଷ୍ଟେଟ୍ କମ୍ପାନୀ ଡିଏନ୍ ଗ୍ରୁପ ଉପରେ ବୁଧବାରଠାରୁ ଆୟକର(ଆଇଟି) ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଥିବାବେଳେ କଟକ ତ୍ରିଶୁଳିଆସ୍ଥିତ ଟ୍ୱିନ୍ ସିଟି ଇନ୍‌ଫ୍ରାକନ୍(ଓପିସି) କମ୍ପାନୀରେ ମଧ୍ୟ ଆଇଟି ରେଡ୍ ଚାଲିଛି। ଆୟକର ବିଭାଗ ପକ୍ଷରୁ ପ୍ରାୟ ୧୫ରୁ ୧୮ଜଣ ଅଧିକାରୀ ଏହି ଚଢ଼ାଉରେ ନିୟୋଜିତ ଅଛନ୍ତି। କମ୍ପାନୀ ଆର୍ଥିକ କାରବାର ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଆୟକର ବିଭାଗ ଜବତ କରିଥିବା ସୂଚନା ମିଳିଛି। କମ୍ପାନୀ ମାଲିକ ଓ କର୍ମଚାରୀଙ୍କୁ ମଧ୍ୟ ଆୟକର ଟିମ୍ ପକ୍ଷରୁ ବିଭିନ୍ନ ଦିଗକୁ ନେଇ ପଚରାଉଚରା କରାଯାଉଛି। ଏପରିକି କଟକ ଚଣ୍ଡୀଛକସ୍ଥିତ କମ୍ପାନୀର ଏକ ଅଫିସରେ ମଧ୍ୟ ଆଇଟି ଟିମ୍ ଚଢ଼ାଉ କରିଥିବା ଜଣାପଡ଼ିଛି। ତେବେ ଏହି ଚଢ଼ାଉ ସଂକ୍ରାନ୍ତରେ ଆୟକର ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

ସୂଚନାଯୋଗ୍ୟ, ଟ୍ୱିନ୍ ସିଟି ଇନ୍‌ଫ୍ରାକନ୍ (ଓପିସି) ପ୍ରାଇଭେଟ୍ ଲିଃ ୨୦୧୮ ଅକ୍ଟୋବର ୧୭ରେ ଖୋଲାଯାଇଥିଲା। ଏହି କମ୍ପାନୀ ବିଭିନ୍ନ ସ୍ଥାନରେ ରେସିଡେନ୍‌ସିଆଲ୍ ପ୍ରୋଜେକ୍ଟ ନିର୍ମାଣ କରିଥିବା ଜଣାପଡ଼ିଛି। ୨ଜଣଙ୍କ ମାଲିକାନାରେ ☞ପୃଷ୍ଠା-୪

### ଆମ ପୋଖରୀ କାର୍ଯ୍ୟକ୍ରମ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ପୃଷ୍ଠା-୩

# ଟ୍ୱିଟରର ପ୍ରତିଦ୍ୱନ୍ଦ୍ୱୀ ଥ୍ରେଡ୍ସ

## ୭ ଘଣ୍ଟାରେ ୧ କୋଟି ଲୋକ ଯୋଡ଼ିହେଲେ




ୱାଶିଂଟନ୍,୬।୭

କେଜ୍ ଫାଇଟ୍‌କୁ ନେଇ ଟ୍ୱିଟର ମାଲିକ ଏଲନ ମସ୍କ ଦେଇଥିବା ଚ୍ୟାଲେଞ୍ଜର ପ୍ରତିଶୋଧ ମେଟା ସହପ୍ରତିଷ୍ଠାତା ମାର୍କ ଜୁକରବର୍ଗ ଥ୍ରେଡ୍ସ ଜରିଆରେ ନେଇଛନ୍ତି। ଗୁରୁବାର ଜୁକରବର୍ଗ ସୋସିଆଲ ମିଡିଆ ଜାଏଣ୍ଟ ଟ୍ୱିଟରର ପ୍ରତିଦ୍ୱନ୍ଦ୍ୱୀ ଭାବେ ଥ୍ରେଡ୍ସକୁ ଲଞ୍ଚ କରିଛନ୍ତି। ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ଥ୍ରେଡ୍ସକୁ କିଛି ସମୟ ଲାଗିବ। ଆଗକୁ ୧ ବିଲିୟନ୍‌ରୁ ଅଧିକ ୟୁଜର୍ସ ଥ୍ରେଡ୍ସ ସହ ଯୋଡ଼ିହେବେ ବୋଲି ଜୁକରବର୍ଗ କହିଛନ୍ତି। ଅନ୍ୟପକ୍ଷେ ୟୁଜର୍ସଙ୍କୁ ବାନ୍ଧି ରଖିବା ପାଇଁ ଟ୍ୱିଟର ପାଖରେ ସୁଯୋଗ ଥିଲେ ସୁଦ୍ଧା ସେ ବିଫଳ ହୋଇଥିବା ଜୁକରବର୍ଗ କହିଛନ୍ତି। ବିଶେଷଜ୍ଞଙ୍କ ମତରେ ଯେଉଁ ବ୍ୟକ୍ତିମାନେ ଟ୍ୱିଟର ବ୍ୟବହାର ଦ୍ୱାରା ଅସୁଖୀଜ୍, ଜୁକରବର୍ଗଙ୍କ ଥ୍ରେଡ୍ସ ସେମାନଙ୍କର ଦୃଷ୍ଟି ଆକର୍ଷଣ କରିବ।

ଟ୍ୱିଟରର ପ୍ରତିଦ୍ୱନ୍ଦ୍ୱୀ ଥ୍ରେଡ୍ସ ଲଞ୍ଚ ହେବା ପରେ ଟେସ୍‌ଲା ମାଲିକ ଏଲନ ମସ୍କ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଯେଉଁମାନେ ଟ୍ୱିଟର ବାବଦରେ ଅଜ୍ଞ ସେମାନଙ୍କ ପାଇଁ ଥ୍ରେଡ୍ସ ଉପଯୁକ୍ତ। ଇନ୍‌ଷ୍ଟାଗ୍ରାମ ବିଫଳତାକୁ ଲୁଚାଇବା ପାଇଁ ☞ପୃଷ୍ଠା-୪

### କେମିତି ଅଲଗା

- ଅନ୍ ଭେରିଫାଏଡ୍ ଟ୍ୱିଟର ୟୁଜର୍ସ ନିଜ ପୋଷ୍ଟକୁ ୨୮୦ ଲେଟରରେ ସୀମିତ ରହୁଥିବାବେଳେ ଥ୍ରେଡ୍ସରେ ପ୍ରତ୍ୟେକ ବ୍ୟକ୍ତି ୫୦୦ ଲେଟରର ପୋଷ୍ଟ ଲେଖିପାରିବେ।
- ଭେରିଫାଏଡ୍ ଇନ୍‌ଷ୍ଟାଗ୍ରାମ ୟୁଜର୍ସଙ୍କୁ ଥ୍ରେଡ୍ସରେ ବ୍ଲୁ ବ୍ୟାଚ୍ ଲଗାଯିବ, ଯାହାପାଇଁ ଟ୍ୱିଟର ମାସିକ ୮ ଡଲାର ଦାବି କରୁଛି।
- ଯେଉଁମାନଙ୍କର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ଥିବ ସେମାନେ ହିଁ ଥ୍ରେଡ୍ସରେ ପ୍ରୋଫାଇଲ୍ ତିଆରି କରିପାରିବେ। ଆଗକୁ ଏହି ନିୟମ ପରିବର୍ତ୍ତନ କରାଯିବ ବୋଲି ମେଟା କହିଛି।
- ଥ୍ରେଡ୍ସରେ ୫ ମିନିଟ୍‌ର ଭିଡିଓ ଅପ୍‌ଲୋଡ୍ କରିହେବ। ଟ୍ୱିଟର ଆକାଉଣ୍ଟଧାରୀ କେବଳ ୨ ମିନିଟ୍ ୨୦ ସେକେଣ୍ଡର ଭିଡିଓ ପୋଷ୍ଟ କରିପାରିବେ।
- ଡ୍ରାଫ୍ଟ ପୋଷ୍ଟଗୁଡ଼ିକୁ ସେଭ୍ କରିବାର ସୁବିଧା ଟ୍ୱିଟରରେ ଥିବାବେଳେ ଥ୍ରେଡ୍ସରେ ଏହା ଉପଲବ୍ଧ ନାହିଁ।
- ଥ୍ରେଡ୍ସରେ ଅନ୍ୟ ୟୁଜର୍ସଙ୍କ ପ୍ରୋଫାଇଲ୍ ଦେଖିହେବ ନାହିଁ।
- ଆପତ୍ତିଜନକ ପୋଷ୍ଟ କରୁଥିବା ଆକାଉଣ୍ଟ ବନ୍ଦ କରିବାର ସୁବିଧା ଥ୍ରେଡ୍ସରେ ଅଛି।




## ସଂକ୍ଷେପରେ

### ଦକ୍ଷିଣ ଆଫ୍ରିକାରେ ଗ୍ୟାସ୍ ଲିକ୍: ୧୭ ମୃତ

**ବୋକ୍ସବର୍ଗ, ୬।୭:** ଦକ୍ଷିଣ ଆଫ୍ରିକାର ଏକ ବେଆଇନ ସୁନା ପ୍ରକ୍ରିୟାକରଣ ସଂସ୍ଥାରୁ ବିଷାକ୍ତ ଗ୍ୟାସ୍ ଲିକ୍ ହୋଇ ୩ ପିଲାଙ୍କ ସମେତ ୧୭ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୧୦ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜୋହାନ୍ସବର୍ଗ ନିକଟସ୍ଥ ବୋକ୍ସମବର୍ଗର ଏକ ଏଞ୍ଜେଲୋ ବସ୍ତିରେ ବୁଧବାର ରାତିରେ ବିଷାକ୍ତ ନାଇଟ୍ରେଟ୍ ଗ୍ୟାସ୍ ଲିକ୍ ହୋଇଥିଲା। ନିରୀହ ଲୋକମାନଙ୍କ ଜୀବନ ଯିବା ଅତ୍ୟନ୍ତ ଭୟାବହ ଓ ଦୁଃଖଦ କ୍ଷତି ବୋଲି ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସାଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

### କହ୍ନେୟା କୁମାରଙ୍କୁ ଏନ୍ଏସ୍‌ୟୁଆଇ ଦାୟିତ୍ୱ

**ନୂଆଦିଲ୍ଲୀ, ୬।୭:** ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି



କହ୍ନେୟା କୁମାରଙ୍କୁ କଂଗ୍ରେସ ଏହାର ଛାତ୍ର ସଂଗଠନ ନ୍ୟାଶନାଲ ଷ୍ଟୁଡେଣ୍ଟସ୍ ୟୁନୟନ୍ ଅଫ୍ ଇଣ୍ଡିଆ(ଏନ୍ଏସ୍‌ୟୁଆଇ)ର ଏଆଇସିସି ପ୍ରଭାରୀ ନିଯୁକ୍ତ କରିଛି। ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଗୁରୁବାର କହ୍ନେୟାଙ୍କୁ ଏହି ନିଯୁକ୍ତି ଦେଇଥିବା ଦଳର ସାଧାରଣ ସମ୍ପାଦକ (ସଂଗଠନ) କେ.ସି. ବେଣୁଗୋପାଳଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ନୀରଜ କୁନ୍ଦନ ଏନ୍ଏସ୍‌ୟୁଆଇ ମୁଖ୍ୟ ଅଛନ୍ତି। ସୂଚନାଯୋଗ୍ୟ, ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ଯାତ୍ରାରେ କହ୍ନେୟା କୁମାର ସାମିଲ ହୋଇ କନ୍ୟାକୁମାରୀଠାରୁ କଶ୍ମୀର ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ।

### ପ୍ରିନ୍ସିପାଲଙ୍କୁ ବଜରଙ୍ଗ ଦଳ କର୍ମୀଙ୍କ ଆକ୍ରମଣ

**ପୁଣେ, ୬।୭:** ପୁଣେର ତାଲେଗାଁଓ ଦାଭାଡେ ଅଞ୍ଚଳରେ ଥିବା ଡିୱାଇ ପାଟିଲ ହାଇସ୍କୁଲ ପରିସରରେ କେତେଜଣ ହିନ୍ଦୁତ୍ୱବାଦୀ ବଜରଙ୍ଗ ଦଳ କର୍ମୀ ପ୍ରବେଶ କରି ପ୍ରିନ୍ସିପାଲଙ୍କୁ ଆକ୍ରମଣ କରୁଥିବା ଭିଡିଓ ପ୍ରକାଶ ପାଇଛି। ଛାତ୍ରୀଛାତ୍ରଙ୍କୁ ଖ୍ରୀଷ୍ଟିଆନ୍ ପ୍ରାର୍ଥନା ଆବୃତ୍ତି କରିବା ଲାଗି ବାଧ କରିବା ଅଭିଯୋଗରେ ଉକ୍ତ ହିନ୍ଦୁ କର୍ମୀମାନେ ପ୍ରିନ୍ସିପାଲ ଆଲେକଜାଣ୍ଡାର କୋଏଟେସ୍‌ଙ୍କୁ ମାଡ଼ ମାରିଥିଲେ। ପୋଲିସ ମଧ ତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ପିଲାମାନଙ୍କୁ ଖ୍ରୀଷ୍ଟିଆନ୍ ପ୍ରାର୍ଥନା ଗାଇବାକୁ ବାଧ କରାଯାଉଥିବା କେତେଜଣ ଅଭିଭାବକ ହିନ୍ଦୁ କର୍ମୀଙ୍କ ନିକଟରେ ଅଭିଯୋଗ କରିଥିଲେ। ପିଲାମାନଙ୍କୁ ହିନ୍ଦୁ ଉତ୍ସବରେ ଛୁଟି ଦିଆଯାଉ ନ ଥିବା ସେମାନେ କହିଥିଲେ।

### ମହିଳାଙ୍କୁ ହତ୍ୟାକଲେ ଝିଅଙ୍କ ପୂର୍ବତନ ପୁରୁଷବନ୍ଧୁ

**ନୂଆଦିଲ୍ଲୀ, ୬।୭:** ନୂଆଦିଲ୍ଲୀର ସରାଇ ରୋହିଲ୍ଲା ଅଞ୍ଚଳରେ ଜଣେ ୫୫ ବର୍ଷୀୟ ମହିଳାଙ୍କୁ ତାଙ୍କୁ ଝିଅଙ୍କ ପୂର୍ବତନ ପୁରୁଷବନ୍ଧୁ ଗୁଳିକରି ହତ୍ୟା କରିଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୁନମ ନାମ୍ନୀ ଉକ୍ତ ମହିଳାଙ୍କ ମୃତଦେହ ପାଇଥିଲା। ଝିଅଙ୍କ ପୂର୍ବତନ ପୁରୁଷ ବନ୍ଧୁ ଅଙ୍କିତ କୌଶିକ ତାଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି ବୋଲି ଡିସିପି (ଉତ୍ତର) ସାଗର ସିଂ କାଲ୍‌ସି କହିଛନ୍ତି। ହତ୍ୟା ମାମଲା ରୁଜୁ ପରେ ଘଟଣାର ତଦନ୍ତ ଚାଲିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି କାଲ୍‌ସି କହିଛନ୍ତି।

# ଫରାସୀ ପୋଲିସକୁ ସର୍ଭିଲାନ୍ସ କ୍ଷମତା

## ଫୋନ୍‌ରେ ସନ୍ଦିଗ୍ଧଙ୍କ ଗୁପ୍ତଚରଗିରି କରିପାରିବ ପୋଲିସ ବାହିନୀ



**ପ୍ୟାରିସ୍,୬।୭**

ଜୁନ୍ ୨୭ରେ ପ୍ୟାରିସ୍‌ର ନାନ୍‌ଟେରେଠାରେ ୧୭ ବର୍ଷୀୟ ଡେଲିଭରି ଡ୍ରାଇଭର ନହେଲ ଏମ୍.ଙ୍କୁ ଜଣେ ପୋଲିସ ଅଫିସର ଗୁଳିକରି ହତ୍ୟା କରିବା ପ୍ରତିବାଦରେ ସାରା ଫ୍ରାନ୍ସରେ ଆନ୍ଦୋଳନର ନିଆଁ ଜଳୁଥିବାବେଳେ ମାକ୍ରଁଙ୍କ ସରକାର ପୋଲିସକୁ ସୁହାଇଲା ଭଳି ଏକ ବିବାଦୀୟ ଆଇନ ଆଣିଛନ୍ତି। ସନ୍ଦିଗ୍ଧମାନଙ୍କ କ୍ୟାମେରା, ମାଇକ୍ରୋଫୋନ୍, ମୋବାଇଲ ଫୋନ୍‌ର ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍ (ଜିପିଏସ୍) ଏବଂ ଅନ୍ୟ ଉପକରଣଗୁଡ଼ିକ ଜରିଆରେ ପୋଲିସ ଗୁପ୍ତଚରଗିରି କରିପାରିବା ଉଚିତ ବୋଲି ଦେଶର ଆଇନପ୍ରଣେତାମାନେ ଜୁଲାଇ ୫ରେ ସହମତି ପ୍ରକାଶ କରିଛନ୍ତି। ଏକ ବିସ୍ତୃତ ନ୍ୟାୟ ସଂସ୍କାର ବିଲ୍‌ର ଅଂଶ ଭାବେ ପୋଲିସକୁ ଗୁପ୍ତଚରଗିରି କ୍ଷମତା ପ୍ରଦାନ ସମ୍ପର୍କିତ ଏହି ବିଲ୍ ନ୍ୟାଶନାଲ ଆସେମ୍ବ୍ଲିରେ ଗୃହୀତ ହୋଇଛି। ସରକାରଙ୍କ ଏହି ଉଦ୍ୟମକୁ ଉଭୟ ବାମ ଓ ଦକ୍ଷିଣପନ୍ଥୀ ଆଡ୍‌ଭୋକେସି ଗ୍ରୁପ୍‌ଗୁଡ଼ିକ ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି।

ନୂଆ ଆଇନ ଅନୁସାରେ ଲାପ୍‌ଟପ୍, କାର୍ ଓ ଫୋନ୍ ଭଳି ଅନ୍ୟ ସଂଲଗ୍ନ ଉପକରଣଗୁଡ଼ିକ ଜରିଆରେ ଅନ୍ୟୂନ ୫ ବର୍ଷ ଜେଲ ଦଣ୍ଡନୀୟ କୌଣସି ଆପରାଧିକ ମାମଲାର ସନ୍ଦିଗ୍ଧଙ୍କ ଭୌଗୋଳିକ ଅବସ୍ଥିତି ଠାବ ପାଇଁ ପୋଲିସକୁ ଅନୁମତି ମିଳିବ। ଅପକର୍ମ, ଆତଙ୍କବାଦ ଓ ସଙ୍ଗଠିତ ଅପରାଧରେ ଜଡ଼ିତ ବ୍ୟକ୍ତିଙ୍କ ଫଟୋ ଏବଂ ସ୍ୱର ରେକର୍ଡ କରିବା ପାଇଁ ଉପକରଣଗୁଡ଼ିକୁ ଦୂରବର୍ତ୍ତୀ ସ୍ଥାନରୁ ଆକ୍ଟିଭେଟ୍ କରାଯାଇପାରିବ। ଆଇନରେ ଏଭଳି ବ୍ୟବସ୍ଥା ଥିବାରୁ ବୁଧବାର ବିତର୍କ ବେଳେ ଅନେକ ଏମ୍‌ପି ଏହାକୁ ବିରୋଧ କରିଥିଲେ। କିନ୍ତୁ ଏହା ବାର୍ଷିକ କେବଳ କିଛି ଡଜନ୍ ମାମଲାକୁ ପ୍ରଭାବିତ କରିବ କହି ନ୍ୟାୟମନ୍ତ୍ରୀ ଏରିକ୍ ଡୁପୋଣ୍ଡ୍-ମୋରେଟ୍ଟି ବୁଝାଇବା ପରେ ସେମାନେ ସହମତି ପ୍ରକାଶ କରିଥିଲେ। ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରଁଙ୍କ ଶିବିରର ଏମ୍‌ପିମାନେ ଉକ୍ତ

> ମାକ୍ରଁ ସରକାରଙ୍କ ନୂଆ ଆଇନ ନାଗରିକଙ୍କ ମୌଳିକ ଅଧିକାରଗୁଡ଼ିକରେ ହସ୍ତକ୍ଷେପ କରୁଥିବାରୁ ଗମ୍ଭୀର ସ୍ଥିତି ଉପୁଜିବ। ଲୋକେ ନିଜର ସୁରକ୍ଷା ଅଧିକାର, ଅନ୍ତରଙ୍ଗ ଜୀବନ ଅତିବାହିତ କରିବା ଓ ବ୍ୟକ୍ତିଗତ ଭାବ ଆଦାନପ୍ରଦାନ ଅଧିକାର, ଅବାଧରେ ଯିବାଆସିବା ଅଧିକାର ହରାଇବେ। ଏହା ହେଉଛି ଏକଚ୍ଛତ୍ରବାଦୀ ଗୁପ୍ତଚରଙ୍କ ଅଧିକାରପତ୍ର।
>
> **-ଲା କ୍ୱାଡ୍ରାଚର ଡୁ ନେଟ୍, ଡିଜିଟାଲ ରାଇଟ୍ସ ଗ୍ରୁପ୍**

ବିଲ୍‌ରେ ଏକ ସଂଶୋଧନ ଯୋଡ଼ିଛନ୍ତି। ଏହାଦ୍ୱାରା ଅପରାଧର ପ୍ରକାର ଓ ଗମ୍ଭୀରତାକୁ ଦୃଷ୍ଟିରେ ରଖି ରିମୋଟ୍ ସ୍ୱାଇଂର



ଫ୍ରାନ୍ସ ନ୍ୟାଶନାଲ ଆସେମ୍ବ୍ଲିରେ ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରଁ।

ବ୍ୟବହାରକୁ ସ୍ୱଳ୍ପ ସମୟ ପାଇଁ ସୀମିତ କରାଯାଇପାରିବ। ତେବେ ଏଥିପାଇଁ ଜଣେ ବିଚାରପତିଙ୍କ ଅନୁମତି ନେବାକୁ ପଡ଼ିବ। ସର୍ଭିଲାନ୍ସର ମୋଟ ଅବଧି ୬ ମାସରୁ ଊର୍ଦ୍ଧ୍ୱ ହେବ ନାହିଁ। ଡାକ୍ତର, ଖବରଦାତା, ଆଇନଜୀବୀ, ବିଚାରପତି, ଏମ୍‌ପି ଭଳି ସମ୍ବେଦନଶୀଳ ପେସାଦାରମାନଙ୍କୁ ବୈଧ ଟାର୍ଗେଟ କରାଯାଇପାରିବ ନାହିଁ। ଟୋଟାଲ ସର୍ଭିଲାନ୍ସ ଅଧୀନ ସମାଜ ସମ୍ପର୍କିତ ଜର୍ଜ ଓରୱେଲଙ୍କ ଉପନ୍ୟାସ 'ଆମେ ୧୯୮୪ର ସର୍ବାଧିକାର ଏକଚ୍ଛତ୍ରବାଦଠାରୁ ବହୁ ଦୂରକୁ ଚାଲିଆସିଛେ'ର ଅବତାରଣା କରି ନ୍ୟାୟମନ୍ତ୍ରୀ ଏରିକ୍ କହିଛନ୍ତି, ଏହି ଆଇନ ଲୋକଙ୍କ ଜୀବନ ରକ୍ଷା କରିବ। ଭୋଟିଂ ପୂର୍ବରୁ ବିଲ୍‌ର ନାକାରାତ୍ମକ ଦିଗଗୁଡ଼ିକ ଉପରେ ମଧ ଆଲୋଚନା ହୋଇଛି।



### ୧୪ରେ ଚନ୍ଦ୍ରଯାନ-୩ ଉତ୍କ୍ଷେପଣ

**ବେଙ୍ଗାଲୁରୁ, ୬।୭**

ଚନ୍ଦ୍ରଯାନ-୩ ଜୁଲାଇ ୧୪ରେ ଶ୍ରୀହରିକୋଟାସ୍ଥିତ ସତିଶ ଧୱନ ସ୍ପେସ୍ ସେଣ୍ଟରରୁ ଅପରାହ୍ନରେ ଉତ୍କ୍ଷେପଣ କରାଯିବା ନେଇ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ସୂଚନା ଦେଇଛି। ଉତ୍କ୍ଷେପଣରେ ବ୍ୟବହାର ହେବାକୁ ଥିବା ଇସ୍ରୋର ନୂଆ ହେଭି ଲିଫ୍ଟ ଲଞ୍ଚ୍ ଭେହିକଲ ଏଲ୍‌ଭିଏମ୍-୩କୁ ଆନ୍ଧ୍ରପ୍ରଦେଶସ୍ଥିତ ଶ୍ରୀହରିକୋଟା ସ୍ପେସ୍ ସେଣ୍ଟରକୁ ପଠାଯାଇଛି। ଜି୨୦ ସ୍ପେସ୍ ଇକୋନୋମି ଲିଡର୍ସ ବୈଠକରେ ଇସ୍ରୋ ସଭାପତି ଏସ୍.ସୋମନାଥ କହିଛନ୍ତି, ଜୁଲାଇ ୧୩ ପରିବର୍ତ୍ତେ ୧୪ରେ ଚନ୍ଦ୍ରଯାନ ୩ ଉତ୍କ୍ଷେପଣ କରାଯିବ, ଯାହା ଅଗଷ୍ଟ ୨୩ରେ ଚନ୍ଦ୍ର ପୃଷ୍ଠରେ ଲ୍ୟାଣ୍ଡ କରିବ। ଅନୁକୂଳ ପାଣିପାଗ ନ ହେଲେ ଚନ୍ଦ୍ରଯାନ-୩ ଉତ୍କ୍ଷେପଣ ସ୍ଥଗିତ କରାଯିବା ସହ ଆସନ୍ତା ସେପ୍ଟେମ୍ବରରେ ଲଞ୍ଚ କରାଯିବ ବୋଲି ଇସ୍ରୋ କହିଛି। ଉତ୍କ୍ଷେପଣ ନେଇ ପ୍ରାୟ ସମସ୍ତ ପରୀକ୍ଷାମୂଳକ କାର୍ଯ୍ୟ ଶେଷ ହୋଇସାରିଛି। ଚନ୍ଦ୍ରଯାନ୨କୁ ନେଇ ହୋଇଥିବା ତ୍ରୁଟିକୁ ନ ଦୋହରାଇବା ପାଇଁ ଚନ୍ଦ୍ରଯାନ ୩ର ସଫ୍ଟ ଲ୍ୟାଣ୍ଡିଂକୁ ଗୁରୁତ୍ୱ ଦିଆଯାଇଥିବା କୁହାଯାଇଛି।



ୟୁକ୍ରେନ୍‌ର ଲଭିଭ୍ ସହରରେ ରୁଷିଆର ରକେଟ୍ ମାଡ଼ ପରେ ଆତଙ୍କିତ ଦୁଇ ମହିଳା।

# ଅଜିତଙ୍କୁ ବିଦାକଲେ ପାୱାର

## ପ୍ରଫୁଲ ପଟେଲ ଓ ୯ ବିଧାୟକ ମଧ ଏନ୍‌ସିପିରୁ ବହିଷ୍କୃତ

**ନୂଆଦିଲ୍ଲୀ/ମୁମ୍ବାଇ,୬।୭**

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ପ୍ରତିଷ୍ଠାତା ଶରଦ ପାୱାର ଗୁରୁବାର ନୂଆଦିଲ୍ଲୀସ୍ଥିତ ନିଜ ବାସଭବନରେ ଦଳର କାର୍ଯ୍ୟକାରୀ କମିଟି ବୈଠକରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର, ରାଜ୍ୟ ସଭା ସଦସ୍ୟ ପ୍ରଫୁଲ ପଟେଲ ଏବଂ ୯ ବିଦ୍ରୋହୀ ବିଧାୟକଙ୍କୁ ବିଦା କରିବା ପରେ କହିଛନ୍ତି, ମୁଁ ଏନ୍‌ସିପି ଅଧ୍ୟକ୍ଷ। ଅନ୍ୟ କେହି ନିଜକୁ ଅଧ୍ୟକ୍ଷ ବୋଲାଇଲେ ସେଥିରେ ସତ୍ୟତା ନାହିଁ। ସଂଖ୍ୟାଗରିଷ୍ଠତା କାହା ପାଖରେ ଅଛି, ସତ ପଦାକୁ ଆସିବ। ବିଦ୍ରୋହକୁ ନେଇ ସମସ୍ତେ ମର୍ମାହତ। କିନ୍ତୁ ଏହା ଦଳକୁ ଆହୁରି ମଜଭୁତ କରିବ ବୋଲି ସବୁ ସଦସ୍ୟ ବୈଠକରେ ମତ ରଖିଛନ୍ତି। ମୋତେ ୮୨ ହେଉ କି ୯୨ ବର୍ଷ, କିଛି ଫରକ ପଡ଼େନାହିଁ। ଅଜିତଙ୍କ ଦାବିରେ କୌଣସି ସତ୍ୟତା ନାହିଁ। କେହି ମୁଖ୍ୟମନ୍ତ୍ରୀ ହେବାକୁ ଚାହିଁଲେ ମୋର ଆପତ୍ତି ନାହିଁ। ସେମାନଙ୍କୁ ଶୁଭେଚ୍ଛା ଜଣାଉଛି। ଆମକୁ ଯାହା କହିବାର ଅଛି ଆମେ ନିର୍ବାଚନ କମିଶନଙ୍କ ଆଗରେ କହିବୁ। ବିରୋଧୀ ଦଳଗୁଡ଼ିକୁ ଅସୁବିଧାରେ ପକାଇବା ପାଇଁ କେନ୍ଦ୍ର ସରକାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ଅନ୍ୟ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଛି।

ଏନ୍‌ସିପିର ୫୩ ବିଧାୟକଙ୍କ ମଧ୍ୟରୁ ଅଧିକାଂଶଙ୍କ ସମର୍ଥନ ଦାବି ଉଦ୍ଦେଶ୍ୟରେ ବୁଧବାର ଦୁଇ ଗୋଷ୍ଠୀ ପକ୍ଷରୁ ପୃଥକ୍ ବୈଠକ କରାଯାଇଥିଲା। କିନ୍ତୁ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ବିଦ୍ରୋହୀ ପୁତୁରା ଅଜିତ ପାୱାର ୩୧ ବିଧାୟକଙ୍କୁ ନେଇ ଶକ୍ତି ପ୍ରଦର୍ଶନ କରିଥିଲେ। କେବଳ ୧୩ ବିଧାୟକ ସିନିୟର ପାୱାରଙ୍କ ଶିବିରରେ ଉପସ୍ଥିତ ଥିଲେ। ହେଲେ ନିର୍ବାଚନ କମିଶନଙ୍କୁ ଅଜିତ ଗୋଷ୍ଠୀ ପକ୍ଷରୁ ଦିଆଯାଇଥିବା ସତ୍ୟପାଠରେ ୪୦ ନେତା(ଏମ୍‌ପି, ଏମ୍ଏଲ୍ଏ,



ଏନ୍‌ସିପି ମୁଖ୍ୟ ଶରଦ ପାୱାର।

ଏମ୍ଏଲ୍‌ସି)ଙ୍କ ସ୍ୱାକ୍ଷର ରହିଛି। ଏହି ସତ୍ୟପାଠ ଆଧାରରେ ରବିବାର ମହାରାଷ୍ଟ୍ର ସରକାରରେ ଉପମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଥିବା ଅଜିତ ଏନ୍‌ସିପି ଏବଂ ଏହାର ନିର୍ବାଚନୀ ଚିହ୍ନ ଉପରେ ଦାବି ଉପସ୍ଥାପନ କରିଛନ୍ତି। ନିର୍ବାଚନ କମିଶନ ଏନେଇ ବିଚାର କରିବା ପୂର୍ବରୁ ଅଜିତଙ୍କୁ ଅନ୍ୟୂନ ଦୁଇତୃତୀୟାଂଶ ଅର୍ଥାତ୍ ୩୬ ବିଧାୟକଙ୍କ ସମର୍ଥନ ଦରକାର। ଅଦ୍ୟାବଧି ୩୨ ବିଧାୟକ ଅଜିତଙ୍କ ନେତୃତ୍ୱକୁ ମାନିଥିବାବେଳେ ସେମାନଙ୍କୁ ଗୁରୁବାର ସକାଳେ ମୁମ୍ବାଇର ଏକ ହୋଟେଲରେ ରଖାଯାଇଛି। ଇତିମଧ୍ୟରେ ଶରଦ ପାୱାର ନିଜ ନୂଆଦିଲ୍ଲୀ ବାସଭବନରେ ଦଳର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏଭଳି ବୈଠକ ଡାକିବା କ୍ଷମତା ଅନ୍ୟ କାହାରି ନାହିଁ କହି ଅଜିତ ଏହାକୁ 'ବେଆଇନ' ଅଭିହିତ କରିଛନ୍ତି। ଜୁଲାଇ ୨ରେ ମହାରାଷ୍ଟ୍ରର ଏକନାଥ ଶିନ୍ଦେ ସରକାରରେ ସାମିଲ ହୋଇ ଏନ୍‌ଡିଏ ସହ ହାତ ମିଳାଇଥିବା ୯ ବିଧାୟକଙ୍କ ସମେତ ରାଜ୍ୟ ସଭା ସଦସ୍ୟ ପ୍ରଫୁଲ ପଟେଲଙ୍କୁ ଦଳରୁ ବହିଷ୍କାର କରାଯାଇଛି। ଗଣମାଧ୍ୟମକୁ ସମ୍ବୋଧିତ କରି ଏନ୍‌ସିପି ନେତା ପି.ସି. ଚାକୋ କହିଛନ୍ତି, କାର୍ଯ୍ୟକାରୀ କମିଟି ବୈଠକରେ ୮ଟି ପ୍ରସ୍ତାବ ଗୃହୀତ ହୋଇଛି। ପ୍ରଫୁଲ ପଟେଲ, ସୁନୀଲ ଟାଟ୍‌କାରେ ଏବଂ ଏନ୍‌ଡିଏ ସହ ହାତ ମିଳାଇଥିବା ୯ ବିଧାୟକଙ୍କୁ ବହିଷ୍କାର ନିଷ୍ପତ୍ତିକୁ କାର୍ଯ୍ୟକାରୀ କମିଟି ଅନୁମୋଦନ କରିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଦୁର୍ନୀତି ମାମଲାରେ ତଦନ୍ତ କରୁଛନ୍ତି। ଶରଦ ପାୱାର ଜାତୀୟ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ତେଣୁ ଅନ୍ୟ କେହି ନିଜକୁ ଏନ୍‌ସିପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାବିକଲେ ଆମେ ଗମ୍ଭୀରତା ସହ ନେଉନାହୁଁ। ଆମ ସଙ୍ଗଠନ ଏବେ ମଧ ଅତୁଟ ରହିଛି ଏବଂ ଦଳର ସମସ୍ତ ୨୭ ରାଜ୍ୟ ଶାଖା ଶରଦ ପାୱାରଙ୍କ ସହ ରହିଛି। କାର୍ଯ୍ୟକାରୀ କମିଟିରେ ଗୃହୀତ ସଂକଳ୍ପନାମା ମଧ୍ୟରେ ରହିଛି, ଭାଜପାର ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ କାର୍ଯ୍ୟ ଏବଂ ବିରୋଧୀଙ୍କ ବିପକ୍ଷରେ ସରକାରୀ ଏଜେନ୍ସିଗୁଡ଼ିକୁ ଲଗାଇବା ବିରୋଧରେ ଲଢ଼େଇ କରିବା ପାଇଁ ଆମେ ପ୍ରସ୍ତୁତ।

### ପ୍ରଚଣ୍ଡଙ୍କ ଭାରତ ସମ୍ପର୍କିତ ମନ୍ତବ୍ୟକୁ ନେଇ ଝଡ଼



ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ପ୍ରଚଣ୍ଡ

**କାଠମାଣ୍ଡୁ, ୬।୭**

କାଠମାଣ୍ଡୁରେ ପ୍ରତିଷ୍ଠିତ ଜଣେ ଭାରତୀୟ ବ୍ୟବସାୟୀ ତାଙ୍କୁ ପ୍ରଧାନମନ୍ତ୍ରୀ କରାଇବା ପାଇଁ ଏକଦା ଉଦ୍ୟମ କରିଥିଲେ ବୋଲି ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ପ୍ରଚଣ୍ଡ ମନ୍ତବ୍ୟ ଦେବା ପରେ ଝଡ଼ ସୃଷ୍ଟି ହୋଇଛି। ବିରୋଧୀ ଦଳଗୁଡ଼ିକ ପ୍ରଚଣ୍ଡଙ୍କ ଇସ୍ତଫା ଦାବି କରିଛନ୍ତି। ଭାରତ-ନେପାଳ ସମ୍ପର୍କ ବଢ଼ାଇବାରେ ନେପାଳର ପ୍ରମୁଖ ଟ୍ରକ୍ ବ୍ୟବସାୟୀ ସର୍ଦ୍ଦାର ପ୍ରୀତମ ସିଂଙ୍କର ସ୍ୱତନ୍ତ୍ର ତଥା ଐତିହାସିକ ଭୂମିକା ରହିଛି। ମୋତେ ପ୍ରଧାନମନ୍ତ୍ରୀ କରାଇବା ପାଇଁ ପ୍ରୀତମ୍ ଏକାଧିକ ଥର ଦିଲ୍ଲୀ ଯାଇଥିଲେ ଓ କାଠମାଣ୍ଡୁର ରାଜନେତାମାନଙ୍କ ସହ ଅନେକ ପର୍ଯ୍ୟାୟ ଆଲୋଚନା କରିଥିଲେ ବୋଲି ପ୍ରଚଣ୍ଡ କହିଥିଲେ। 'ରୋଡ୍ସ ଟୁ ଦି ଭ୍ୟାଲି: ଦି ଲିଜେଣ୍ଡ ଅଫ୍ ସର୍ଦ୍ଦାର ପ୍ରୀତମ ସିଂ ଇନ୍ ନେପାଳ' ନାମକ ପୁସ୍ତକ ଉନ୍ମୋଚନ ଉତ୍ସବରେ ପ୍ରଚଣ୍ଡଙ୍କ ଉପରୋକ୍ତ ମନ୍ତବ୍ୟ ତାଙ୍କୁ ଅଡୁଆରେ ପକାଇଛି। ତାଙ୍କର ଏଭଳି ମନ୍ତବ୍ୟକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି। ମୁଖ୍ୟ ବିରୋଧୀ ଦଳ ସିପିଏନ୍-ୟୁଏମ୍ଏଲ୍ ଏହାକୁ ନେଇ ବୁଧବାର ପାର୍ଲାମେଣ୍ଟରେ ହଟ୍ଟଗୋଳ କରିବା ସହ ଇସ୍ତଫା ଦାବି କରିଥିଲା। ଆମେ ପ୍ରଧାନମନ୍ତ୍ରୀଙ୍କଠାରୁ ସ୍ପଷ୍ଟୀକରଣ ନୁହେଁ, ତାଙ୍କର ଇସ୍ତଫା ଚାହୁଁ ବୋଲି ସିପିଏନ୍-ୟୁଏମ୍ଏଲ୍ ଅଧ୍ୟକ୍ଷ କେ.ପି. ଶର୍ମା ଓଲି କହିଛନ୍ତି। ନୂଆଦିଲ୍ଲୀ ଦ୍ୱାରା ନିଯୁକ୍ତ ପ୍ରଧାନମନ୍ତ୍ରୀ ଏହି ପଦବୀରେ ରହିବାର ଅଧିକାର ନାହିଁ ବୋଲି ବିରୋଧୀ ସ୍ଲୋଗାନ ଦେଇଥିଲେ।

### ଇମ୍ରାନ୍‌ଙ୍କ ବିରୋଧରେ ୧୫୦ ମାମଲା



ଇମ୍ରାନ୍ ଖାନ୍

**ଇସ୍‌ଲାମାବାଦ,୬।୭**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ଗୁରୁବାର ଆଉ ୬ଟି ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ୩ଟି ଆତଙ୍କବାଦ ବିରୋଧୀ ଆଇନ ଅଧୀନରେ ରୁଜୁ କରାଯାଇଛି। ମେ ୯ରେ ରାୱଲପିଣ୍ଡିସ୍ଥିତ ଆର୍ମି ଜେନେରାଲ ହେଡ୍ କ୍ୱାର୍ଟର୍ସ ଉପରେ ଆକ୍ରମଣ ନେଇ ମଧ ଇମ୍ରାନ୍ ଏବଂ ତାଙ୍କ ସମର୍ଥକଙ୍କ ନାଁରେ କେସ୍ ଫାଇଲ୍ ହୋଇଛି। ଇମ୍ରାନ୍‌ଙ୍କ ବିରୋଧରେ ଦାଏର ମାମଲାର ଯାଞ୍ଚ ଯୁଗ୍ମ ତଦନ୍ତକାରୀ ଟିମ୍ ଦ୍ୱାରା କରାଯାଉଛି। ଇମ୍ରାନ୍‌ଙ୍କ ବିରୋଧରେ ମୋଟ ୧୫୦ ମାମଲା ରୁଜୁ ହୋଇଛି।

### ଆଦିବାସୀଙ୍କ ଗୋଡ଼ ଧୋଇଲେ ମୁଖ୍ୟମନ୍ତ୍ରୀ

**ଭୋପାଳ, ୬।୭**

ଆଦିବାସୀ ଶ୍ରମିକଙ୍କ ଉପରେ ପରିସ୍ରା କରିବା ଘଟଣା ବିରୋଧରେ ମଧ୍ୟପ୍ରଦେଶରେ ପ୍ରତିବାଦ ଦେଖାଦେଇଥିବାବେଳେ ଆଦିବାସୀ ଶ୍ରମିକଙ୍କୁ କ୍ଷମା ମାଗିଛନ୍ତି ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ। ଭୋପାଳସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ପୀଡ଼ିତ ଦଶମତ ରାୱତଙ୍କୁ ଚୌକିରେ ବସାଇ ଶିବରାଜ ତାଙ୍କ ଗୋଡ଼ ଧୋଇବା ସହ ଫୁଲମାଳ ଏବଂ ଉପହାର ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଏହାର ଏକ ଭିଡିଓ ମଧ ବହୁଳ ପ୍ରସାର ହେଉଛି। ୩୬ ବର୍ଷୀୟ ଦଶମତଙ୍କ ଘର କରାଉଣ୍ଡିରେ। ଦଶମତଙ୍କୁ ଶିବରାଜ ସୁଦାମା ବୋଲି ସମ୍ବୋଧନ କରି ତାଙ୍କର ଏକ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କହିଛନ୍ତି। ତୁମ କଷ୍ଟ ଲାଘବ କରିବା ପାଇଁ ଏହା ଏକ ପ୍ରୟାସ ମାତ୍ର, ଘଟଣା ନେଇ ମୁଁ କ୍ଷମା ମାଗୁଛି। ଜନସାଧାରଣ ମୋ ପାଇଁ ଭଗବାନ



ସଦୃଶ ବୋଲି ଶିବରାଜ କ୍ୟାପଶନରେ ଲେଖିଛନ୍ତି। ଦଶମତଙ୍କ ପରିବାର ଲୋକଙ୍କ ସହ ମଧ ମୁଖ୍ୟମନ୍ତ୍ରୀ ଭେଟିଛନ୍ତି। ଶିବରାଜଙ୍କ ସହ ସାକ୍ଷାତ୍ କରି ଦଶମତ ଖୁସିଥିବା କହିଛନ୍ତି। ଦଶମତଙ୍କ ଉପରେ ପରିସ୍ରା କରିଥିବା ଭାଜପା ବିଧାୟକଙ୍କ ସହଯୋଗୀ ପ୍ରଭେଶଙ୍କୁ ଗିରଫ ପରେ ଜାତୀୟ ସୁରକ୍ଷା ଆଇନ ବଳରେ ତାଙ୍କ ନାଁରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

### ସ୍କୁଲ ବାହାରେ ମହିଳାଙ୍କୁ ହତ୍ୟା

# ମଣିପୁରରେ ରାଷ୍ଟ୍ରପତି ଶାସନ ଦାବି

**ଗୁଆହାଟୀ, ୬।୭**

ହିଂସାକାଣ୍ଡ ଯୋଗୁ ଦୀର୍ଘ ଦୁଇ ମାସ ହେଲା ବନ୍ଦ ଥିବା ମଣିପୁର ସ୍କୁଲ୍ ଖୋଲିବାର ଦିନକ ପରେ ଗୁରୁବାର ସକାଳେ ଇମ୍ଫାଲ ଇଷ୍ଟ ଜିଲାର ଏକ ସ୍କୁଲ୍ ବାହାରେ ଜଣେ ମହିଳାଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଶିଶୁ ନିଷ୍ଠା ନିକେତନ ସ୍କୁଲ ବାହାରେ ଏହି ଗୁଳିକାଣ୍ଡ ଘଟିଛି। ମୃତ ମହିଳାଙ୍କ ପରିଚୟ ମିଳି ନ ଥିବା ପୋଲିସ କହିଛି। ତାଙ୍କ ପରିଚୟ ଖୋଜିବା ସହ ଆକ୍ରମଣକାରୀଙ୍କୁ ଗିରଫ କରିବା ପାଇଁ ପୋଲିସ ତନାଘନା ଚଳାଇଛି।

ମହିଳାଙ୍କୁ ହତ୍ୟା ଘଟଣା ପରେ ହିଂସାପ୍ରବଣ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯିବା ପାଇଁ ଆଦିବାସୀ ସଂଗଠନ ପକ୍ଷରୁ ଦାବି ହୋଇଛି। ଇଣ୍ଡିଜେନିଅସ୍ ଟ୍ରାଇବାଲ ଲିଡର୍ସ ଫୋରମ୍(ଆଇଟିଏଲ୍ଏଫ୍)



ନାମକ ଏହି ସଂଗଠନ ମୃତ ମହିଳାଙ୍କୁ ଚିହ୍ନଟ କରିଛି। ଡୋନଗାଇଚିଙ୍ଗ ନାମ୍ନୀ ଏହି ମହିଳା ମାନସିକ ବିକୃତ ଏବଂ ଭିକ୍ଷାବୃତ୍ତି କରି ଚଳୁଥିଲେ ବୋଲି ଉକ୍ତ ସଂଗଠନ କହିଛି। ରାଜ୍ୟର ଅସମର୍ଥ ସରକାରଙ୍କୁ ହଟାଇ ସେଠାରେ ତୁରନ୍ତ ରାଷ୍ଟ୍ରପତି ଶାସନ ଜାରି କରାଯାଉ ବୋଲି ଆଇଟିଏଲ୍ଏଫ୍ ଏକ ବିବୃତିରେ କହିଛି। ସୂଚନାଯୋଗ୍ୟ, ମେ' ୩ରୁ ମଣିପୁରରେ ହିଂସାକାଣ୍ଡ ଲାଗିରହିଥିବାବେଳେ ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯିବା ସହ ୩,୦୦୦ ଆହତ ହୋଇଛନ୍ତି।

### ମଣିପୁର ଆଲୋଚନା ଦାବି ଅଗ୍ରାହ୍ୟ

#### ସଂସଦୀୟ କମିଟି ବୈଠକରୁ ବିରୋଧୀ ଏମ୍‌ପିଙ୍କ କକ୍ଷତ୍ୟାଗ

**ନୂଆଦିଲ୍ଲୀ, ୬।୭(ପି.ଟି.)**

ମଣିପୁର ସ୍ଥିତି ସମ୍ପର୍କରେ ଆଲୋଚନା ଦାବିକୁ ଗୃହ ବ୍ୟାପାର ସମ୍ପର୍କିତ ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟିର ମୁଖ୍ୟ ଅଗ୍ରାହ୍ୟ କରିଦେବା ପରେ ବିରୋଧୀ ଏମ୍‌ପିମାନେ ଗୁରୁବାର କମିଟି ବୈଠକରୁ କକ୍ଷତ୍ୟାଗ କରିଛନ୍ତି। ବୈଠକରେ ତାମିଲନାଡୁ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶର ଜେଲ ସଂସ୍କାର ଉପରେ ଆଲୋଚନା ହେବାର ଥିଲା। ମଣିପୁର ସ୍ଥିତିକୁ ଅଣଦେଖା କରା ନ ଯାଉ ବୋଲି ଟିଏମ୍‌ସିର ଡେରେକ ଓ'ବ୍ରାଏନ, କଂଗ୍ରେସର ଦିଗ୍‌ବିଜୟ ସିଂ ଏବଂ ପ୍ରଦୀପ ଭଟ୍ଟାଚାର୍ଯ୍ୟ ମିଳିତ ଭାବେ କମିଟି ଅଧ୍ୟକ୍ଷ ବ୍ରିଜ୍‌ଲାଲଙ୍କୁ ଏକ ପତ୍ର ଦେଇଥିଲେ। କମିଟିର ସଦସ୍ୟଭାବେ ଉକ୍ତ ପ୍ରସଙ୍ଗ ଉପରେ ଜରୁରୀ ଆଲୋଚନା ସେମାନଙ୍କର ନୈତିକ ଓ ସାମ୍ବିଧାନିକ ଦାୟିତ୍ୱ ବୋଲି ସେମାନେ ପତ୍ରରେ ଲେଖିଥିଲେ। ନିର୍ବାଚିତ ଜନପ୍ରତିନିଧି ଭାବେ ଆମେ ଏହାକୁ ଅଣଦେଖା କରିପାରିବା ନାହିଁ ବୋଲି ବିରୋଧୀ ଏମ୍‌ପିମାନେ କହିଥିଲେ। ଜାତୀୟ ଗୁରୁତ୍ୱ ଥିବା ଏଭଳି ଏକ ପ୍ରସଙ୍ଗ ଉପରେ ଆଲୋଚନାକୁ ଏଡ଼ାଇଦିଆଯାଉଥିବାରୁ ଏହାକୁ ବିରୋଧ କରି ବିରୋଧୀ ଏମ୍‌ପିମାନେ କକ୍ଷତ୍ୟାଗ କରିବାକୁ ନିଷ୍ପତ୍ତି ନେଇଥିବା କହିଥିଲେ।




# ବାହାନଗାର ବିକାଶ ପାଇଁ ୧. ୫୫ କୋଟି ମଞ୍ଜୁର

- ୨ ସପ୍ତାହ ମଧ୍ୟରେ ପ୍ରତିଶ୍ରୁତି ପୂରଣ କଲେ ରେଳମନ୍ତ୍ରୀ
- ରେଳ ଦୁର୍ଘଟଣା ପରେ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ ଅଞ୍ଚଳବାସୀ

ଭୁବନେଶ୍ୱର, ୬।୭ (ଅଭିଜିତ ଦାସ)



ବାଲେଶ୍ୱର ଜିଲା ବାହାନଗାଠାରେ ଜୁନ୍ ୨ରେ ରେଳ ଦୁର୍ଘଟଣାରେ ଅନେକ କ୍ଷୟକ୍ଷତି ଘଟିଥିଲା। ଜୁନ୍ ୨୦ ଓ ୨୧ରେ ଏହି ଘଟଣାସ୍ଥଳ ପରିଦର୍ଶନ ଅବସରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାହାନଗା ଅଞ୍ଚଳବାସୀଙ୍କୁ ଉଦ୍ଧାର କାର୍ଯ୍ୟରେ ସହାୟତା ଲାଗି ଧନ୍ୟବାଦ ଦେବା ସହ ଅଞ୍ଚଳର ବିକାଶ ପାଇଁ ଅର୍ଥ ମଞ୍ଜୁର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁଯାୟୀ ରେଳମନ୍ତ୍ରୀ ଦୁଇ ସପ୍ତାହ ମଧ୍ୟରେ ନିଜ ପ୍ରତିଶ୍ରୁତି ରକ୍ଷା କରି ଗୁରୁବାର ୧ କୋଟି ୫୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

ରେଳମନ୍ତ୍ରୀ ବୈଷ୍ଣବ ନିଜ ଏମ୍‌ପି ଲ୍ୟାଡ୍ ଫଣ୍ଡରୁ ଏହି ଅନୁଦାନ ଦେଇଛନ୍ତି। ୧ କୋଟି ଟଙ୍କା ବାହାନଗା ଅଞ୍ଚଳର ବିକାଶ ଲାଗି ଖର୍ଚ୍ଚ କରାଯିବାକୁ ପ୍ରସ୍ତାବ ଥିବାବେଳେ ବାଲେଶ୍ୱର ମୁଖ୍ୟ ହସ୍ପିଟାଲରେ ୩୫ ଲକ୍ଷ ଟଙ୍କାରେ ଏକ ଅତ୍ୟାଧୁନିକ ସୁବିଧାସମ୍ପନ୍ନ ଆମ୍ବୁଲାନ୍ସ ଏବଂ ୨୦ ଲକ୍ଷ ଟଙ୍କାରେ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟରେ ଅତ୍ୟାଧୁନିକ ଅପରେଶନ ଥିଏଟର ନିର୍ମାଣ କରାଯିବ। ବାହାନଗା ଅଞ୍ଚଳର ବିକାଶ ପାଇଁ ଖର୍ଚ୍ଚ ହେବାକୁ ଥିବା ପ୍ରକଳ୍ପ ମଧ୍ୟରେ ବାହାନଗା ଏବଂ ନିକଟବର୍ତ୍ତୀ ଗ୍ରାମଗୁଡିକରେ ୫ଟି କମ୍ୟୁନିଟି ସେଣ୍ଟର ଏବଂ ହଲ୍ ସହିତ ଶୌଚାଳୟ ନିର୍ମାଣ କରାଯିବ। ସେହିପରି ବାସୁଲି ହାଇସ୍କୁଲ ନିକଟରେ ଶିଶୁ ଉଦ୍ୟାନ ଏବଂ ଓପନ୍ ଜିମ୍, ୧୬ନଂ. ଜାତୀୟ ରାଜପଥରୁ ସାର୍ଟିରା ଗ୍ରାମ ପର୍ଯ୍ୟନ୍ତ ରାସ୍ତାର ମରାମତି, ପ୍ରାଣବନ୍ଧୁ ବିଦ୍ୟାପୀଠ ଖେଳ ପଡ଼ିଆର ଉନ୍ନତୀକରଣ ଏବଂ ୪୨ଟି ସୋଲାର ଷ୍ଟ୍ରିଟ୍ ଲାଇଟ ଲଗାଯିବାର ପ୍ରସ୍ତାବ ରହିଛି।

## ଆମ ପୋଖରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ପୌରାଞ୍ଚଳର ୨୦୦୦ ବୃହତ୍ ଜଳାଶୟର ନବୀକରଣ ହେବ

ଭୁବନେଶ୍ୱର,୬।୭(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ରାଜ୍ୟର ପୌରାଞ୍ଚଳରେ 'ଆମ ପୋଖରୀ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ରାଜ୍ୟର ସହରାଞ୍ଚଳଗୁଡ଼ିକରେ ଥିବା ଅବ୍ୟବହୃତ କିମ୍ବା ପୋତିହୋଇ ଯାଇଥିବା ଜଳାଶୟଗୁଡ଼ିକର ପୁନରୁଦ୍ଧାର କରାଯାଇ ସ୍ୱଚ୍ଛ ଓ ନିର୍ମଳ କରାଯିବା ସହିତ ଏହାର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ କରାଯିବ। ୧୧୫ ପୌରାଞ୍ଚଳର ୨୦୦୦ ବୃହତ୍ ଜଳାଶୟର ନବୀକରଣ କରାଯାଇ ଜନସାଧାରଣଙ୍କ ଅବସର ବିନୋଦନ ପାଇଁ ସ୍ୱାସ୍ଥ୍ୟପ୍ରଦ ସର୍ବସାଧାରଣ ସ୍ଥାନର ବିକାଶ କରାଯିବ। ମିଶନ ଶକ୍ତିର ମହିଳା ଏବଂ ଶିକ୍ଷିତ ଯୁବତୀଯୁବକମାନଙ୍କ ସହଭାଗିତାରେ ଏହା କରାଯିବ। ପ୍ରାକୃତିକ ଉପାୟରେ କମ୍ ଖର୍ଚ୍ଚରେ ଉନ୍ନତ ପରିବେଶ ସୃଷ୍ଟି କରାଯିବ।

ଲୋକସେବା ଭବନର କନ୍‌ଭେନଶନ ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ଗୋଷ୍ଠୀର ଉଚ୍ଚ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ମା'ମାନେ ହେଉଛନ୍ତି ଟିମ୍ ୱାର୍କର ମଡେଲ। ଗାଁ, ସହର ସବୁଆଡ଼େ ଭଲ କାମ କରୁଛନ୍ତି। ମୁକ୍ତା ଯୋଜନାରେ, ଜଳସାଥୀ ଭାବରେ ମିଶନ ଶକ୍ତି ସଦସ୍ୟମାନେ ଭଲ କାମ କରୁଛନ୍ତି। ଆମ ପୋଖରୀ କାର୍ଯ୍ୟକ୍ରମକୁ ମଧ୍ୟ ଭଲ ଭାବରେ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ଆମ ପୋଖରୀଗୁଡ଼ିକ ସହରାଞ୍ଚଳ ଜୀବନର ଏକ ମୌଳିକ ଅଂଶ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସାମାଜିକ ଓ ସାଂସ୍କୃତିକ ଜୀବନରେ ପୋଖରୀଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସ୍ୱାସ୍ଥ୍ୟ ଓ ଅର୍ଥନୀତି ସହିତ ଏହାର ସମ୍ପର୍କ ରହିଛି। ଅବକ୍ଷୟପ୍ରାପ୍ତ ଜଳାଶୟଗୁଡ଼ିକର ପୁନରୁଦ୍ଧାର ଏକ ପ୍ରଶଂସନୀୟ ପଦକ୍ଷେପ।



କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ଏହାର ରୂପାନ୍ତର ଦ୍ୱାରା ସହରାଞ୍ଚଳ ଜନଜୀବନରେ ଗୁଣାତ୍ମକ ଉନ୍ନତି ଆସିପାରିବ। ଆମ ପୋଖରୀ କାର୍ଯ୍ୟକ୍ରମର ପାଇଲଟ୍ ପ୍ରୋଜେକ୍ଟର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମହାନଗର ନିଗମର ଉଚ୍ଚ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଉଷା ଦେବୀ କହିଛନ୍ତି , ଏହି କାର୍ଯ୍ୟକ୍ରମ ଦ୍ୱାରା ମିଶନ ଶକ୍ତିର ମହିଳାମାନେ ଏବେ ଜଳାଶୟଗୁଡ଼ିକର ରକ୍ଷକ ହୋଇ ଦେଖାଶୁଣା କରିବେ। ସହର, ଗାଁ ସବୁ କ୍ଷେତ୍ରର ବିକାଶରେ ମହିଳାମାନଙ୍କ ଭୂମିକା ଦିନକୁଦିନ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆମ ପୋଖରୀ କାର୍ଯ୍ୟକ୍ରମର ମୁଖ୍ୟ ଉପଦେଷ୍ଟା ଆନନ୍ଦ ମଲ୍ଲିଗଭଡ୍‌ଙ୍କୁ ସମ୍ମାନିତ କରିଥିଲେ। ଜଣେ ମେକାନିକାଲ ଇଞ୍ଜିନିୟର ଭାବେ ବୃତ୍ତି ଆରମ୍ଭ କରିଥିବା ଆନନ୍ଦ ଜଳାଶୟ ସୁରକ୍ଷା ପାଇଁ ବୃତ୍ତି ପରିତ୍ୟାଗ କରି କାମ ଆରମ୍ଭ କରିଛନ୍ତି । ଜଳ ସଂରକ୍ଷଣ କ୍ଷେତ୍ରରେ ତାଙ୍କର ଯଥେଷ୍ଟ ଦକ୍ଷତା ଓ ସୁନାମ ରହିଛି। ସାରା ଦେଶରେ ସେ ଲେକ୍‌ମ୍ୟାନ ଭାବରେ ପରିଚିତ। ଏହି ଅବସରରେ ଆମ ପୋଖରୀ ପାଇଲଟ୍ ପ୍ରୋଜେକ୍ଟର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମହାନଗର ନିଗମର ଟିମ୍‌ଗୁଡ଼ିକୁ ମଧ୍ୟ ସମ୍ବର୍ଦ୍ଧିତ କରିଛନ୍ତି। ଏହି ପାଇଲଟ୍ ପ୍ରୋଜେକ୍ଟରେ କାମ କରୁଥିବା ଭୁବନେଶ୍ୱର ମହାନଗର ନିଗମ ମିଶନ ଶକ୍ତି ଗୋଷ୍ଠୀର ଗୀତାଞ୍ଜଳି ବେହେରା, କଟକ ମହାନଗର ନିଗମ ମିଶନ ଶକ୍ତିର ଅନିତା ରାଣୀ ଓ ବ୍ରହ୍ମପୁର ମହାନଗର ନିଗମ ମିଶନ ଶକ୍ତିର ସୁନୀତା ପଣ୍ଡା ପ୍ରମୁଖ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରି ଜଳାଶୟର ପୁନରୁଦ୍ଧାରରେ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଦାୟିତ୍ୱ ଦେଇଥିବାରୁ କୃତଜ୍ଞତା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ଜି. ମାଥିଭାଥନନ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱତନ୍ତ୍ର ସଚିବ ଧନ୍ୟବାଦ ଦେଇଥିଲେ।




## ତାଳଧ୍ୱଜ ରଥର ଭୋଇ ସେବକଙ୍କ ମୃତ୍ୟୁ

- ରଥ ଦଉଡ଼ି ଛିଡ଼ି ଆହତ ହୋଇଥିଲେ

ପୁରୀ,୬।୭(ଅଜିତ୍ ମହାନ୍ତି)

ଚଳିତବର୍ଷ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାର ରଥ ଟଣା ସମୟରେ ଏକ ଅଘଟଣ ଘଟିଥିଲା। ଯେଉଁଥିରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥର ଭୋଇ ସେବକ ନକୁଳ ଭୋଇଙ୍କ ସମେତ କେତେଜଣ ଭକ୍ତ ଆହତ ହୋଇଥିଲେ। ତେବେ ଆହତ ହୋଇଥିବା ଭୋଇ ସେବକ ନକୁଳ ଭୋଇଙ୍କ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୃତ୍ୟୁ ଘଟିଛି। ସେ ଗୁରୁତର ହୋଇ ଭୁବନେଶ୍ୱରର ଏମ୍‌ସ ମେଡିକାଲରେ ଚିକିତ୍ସିତ ହେଉଥିଲେ। ତେବେ ଭୋଇ ସେବକ ନକୁଳ ଭୋଇଙ୍କ ମୃତ୍ୟୁ ପରେ ମୃତଦେହକୁ ପୁରୀ ଅଣାଯାଇ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଶେଷକୃତ୍ୟ ସମୟରେ ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନଙ୍କ ସହ ଅନ୍ୟ ଭୋଇ ସେବକମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଦିନ ବଡ଼ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଶରଧାବାଲିରୁ ଶ୍ରୀମନ୍ଦିର ଅଭିମୁଖେ ଟଣାଯାଉଥିଲା। ଏହି ସମୟରେ ମାର୍କେଟ ଛକ ନିକଟରେ ହଠାତ୍ ରଥର ଦଉଡି ଛିଡ଼ିଯାଇଥିଲା। ଫଳରେ ଭୋଇ ସେବକ ନକୁଳ ଆହତ ହୋଇଥିଲେ। ସେହିପରି ଅଣନିଃଶ୍ୱାସୀ ହୋଇ କେତେଜଣ ଭକ୍ତ ମଧ୍ୟ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ଚିକିତ୍ସା ନିମନ୍ତେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେବକ ନକୁଳଙ୍କର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଆଇସିୟୁରେ ଚିକିତ୍ସା ଚାଲିଥିଲା। ତେବେ ଚିକିତ୍ସିତ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ସମୟରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଅଜୟ ଜେନା, ଭୋଇ ସର୍ଦ୍ଦାର ରବି ଭୋଇ, ଶ୍ରୀମନ୍ଦିର ପ୍ରଶାସନର ବିଭିନ୍ନ ଅଧିକାରୀ, ଉପଜିଲାପାଳ ଭବତାରଣ ସାହୁ ଏବଂ ଭୋଇ ସେବକମାନେ ଉପସ୍ଥିତ ଥିଲେ। ଏ ନେଇ ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି, ପ୍ରଶାସନ ପକ୍ଷରୁ ନକୁଳଙ୍କ ଚିକିତ୍ସା ପାଇଁ ପୂର୍ବରୁ ୩୦ହଜାର ଟଙ୍କା ଦିଆଯିବା ସହ ବିଭିନ୍ନ ପ୍ରକାର ସହଯୋଗ କରାଯାଇଛି। ପ୍ରଶାସନ ପକ୍ଷରୁ ଏକ୍ ଟିମ ଶୁକ୍ରବାର ନକୁଳଙ୍କ ଘରକୁ ଯାଇ ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଅନ୍ୟାନ୍ୟ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା କହିଛନ୍ତି।



ନକୁଳ ଭୋଇ

# ନୀଳଗିରିରେ ନରବଳି ଉଦ୍ୟମ

- ଉପସ୍ଥିତ ବୁଦ୍ଧି ଖଟାଇ ବର୍ତ୍ତିଲେ ଯୁବକ
- ତାନ୍ତ୍ରିକ, ୪ ସହଯୋଗୀ ଫେରାର

ନୀଳଗିରି,୬।୭(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ଧୋବଶିଳା ପଞ୍ଚାୟତର କଇଁଫୁଲିଆରେ ନିଛାଟିଆ ରାସ୍ତାରୁ ଜଣେ ଯୁବକଙ୍କୁ ଟେକି ନେଇ ନରବଳି ଉଦ୍ୟମ କରାଯିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ତନ୍ତ୍ର ସାଧନା ପାଇଁ ଜଣେ ତାନ୍ତ୍ରିକ ଓ ତାଙ୍କର ୪ ସହଯୋଗୀ ବୁଧବାର ରାତିରେ ଏଭଳି କାଣ୍ଡ ଘଟାଇଥିବା ବେଳେ ଉପସ୍ଥିତ ବୁଦ୍ଧି ଖଟାଇ ଅପହୃତ ଯୁବକ ଜଣକ ସେମାନଙ୍କ କବଳରୁ ବର୍ତ୍ତି ଯାଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି। ତାନ୍ତ୍ରିକ ଓ ତାଙ୍କ ସହଯୋଗୀମାନେ ଗିରଫ ଭୟରେ ଫେରାର ହୋଇଯାଇଛନ୍ତି।

ସୂଚନା ଅନୁଯାୟୀ, କେରାଟପଡ଼ିଆ ଗାଁର ହରିଶ୍ଚନ୍ଦ୍ର ନାୟକଙ୍କ ପୁଅ ତପନ (୨୧) ବୁଧବାର ଧୋବଶିଳା ବଜାରକୁ ଯାଇ ସନ୍ଧ୍ୟା ସାଢ଼େ ୭ଟା ସମୟରେ ଘରକୁ ଫେରୁଥିଲେ। ଏହି ସମୟରେ ନିଛାଟିଆ ରାସ୍ତାରେ ୪ ଅଜଣା ବ୍ୟକ୍ତି ତାଙ୍କୁ ଅଟକାଇ ମୁହଁରେ କିଛି ଶୁଙ୍ଘାଇ ଦେବାରୁ ସେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ରାତି ୧୦ଟାରେ ଚେତା ଫେରିବା ବେଳକୁ ସ୍ୱର୍ଣ୍ଣଚୂଡ଼ ଜଙ୍ଗଲର କଇଁଫୁଲିଆ ଠାକୁରାଣୀଙ୍କ ପୀଠରେ ସେ ନିଜକୁ ଠାବ କରିଥିଲେ। ସେଠାରେ ତରାମନଟୀ ଗ୍ରାମର ଜଣେ ତାନ୍ତ୍ରିକ ଓ ବରହମପୁର ଥାନା ଅଞ୍ଚଳର ୪ ସହଯୋଗୀ ପୂଜାର୍ଚ୍ଚନା କରୁଥିବା ସେ ଦେଖିବାକୁ ପାଇଥିଲେ। ସେମାନେ ତାଙ୍କୁ ବଳି ପକାଇବା ପାଇଁ ଯୋଜନା କରୁଥିବା ସନ୍ଦେହ କରି ପରିସ୍ରା ଯିବା ବାହାନାରେ ତପନ ସେଠାରୁ ଦୌଡ଼ି ପଳାଇ ଆସିଥିଲେ। କିଛି ବାଟ ଆସିବା ପରେ ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ଡାହାଣୀମରା ଅଞ୍ଚଳର ଜଣେ ଦୋକାନୀଙ୍କ ପାଖରେ ପହଞ୍ଚି ତାଙ୍କ ମୋବାଇଲରୁ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ସେଠାରେ ପହଞ୍ଚି ତପନଙ୍କୁ ଘରକୁ ଆଣିଥିଲେ। ଗୁରୁବାର ପରିବାର ଲୋକେ ସମ୍ପୃକ୍ତ ତାନ୍ତ୍ରିକଙ୍କୁ ତାଙ୍କ ଘରେ ଖୋଜାଖୋଜି କରିଥିବା ବେଳେ ସେ ଫେରାର ଥିବା ଜାଣିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ତପନଙ୍କ ମା' ସସ୍ମିତା ନାୟକ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ କହିଛନ୍ତି।



ମା'ଙ୍କ ସହ ତପନ ନାୟକ।




# ଭଡ଼ା ଟଙ୍କାକୁ ନେଇ ହତ୍ୟା

## ଟ୍ୟାକ୍ସି ଡ୍ରାଇଭରଙ୍କ ଗଳିତ ମୃତଦେହ ଜବତ ଘଟଣା

- ୨ ଅଭିଯୁକ୍ତ ଗିରଫ, ଯୁବତୀ ଫେରାର
- କ୍ରାଇମ୍ ସିନ୍ ରିକ୍ରିଏସନ କଲା ପୋଲିସ

ଆନନ୍ଦପୁର(ସନ୍ତୋଷ ରାଉତ)/କୋଡ଼ପଡ଼ା (ରଞ୍ଜିତ୍ କୁମାର ରଣା),୬। ୭

କେନ୍ଦୁଝର ଜିଲା ଘସିପୁରା ଥାନା ଅଞ୍ଚଳରୁ ଟ୍ୟାକ୍ସି ଡ୍ରାଇଭରଙ୍କ ଗଳିତ ମୃତଦେହ ଜବତ ଘଟଣା ରୋଚକ ମୋଡ଼ ନେଇଛି। ଭଡ଼ା ଟଙ୍କାକୁ ନେଇ ଯୁକ୍ତିତର୍କ ପରେ ଭଡ଼ାଟିଆ ଡ୍ରାଇଭରଙ୍କୁ ହତ୍ୟା କରି ଫିଙ୍ଗିଦେଇଥିବା ଜଣାପଡ଼ିଛି। ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଜଣେ ଯୁବତୀ ଫେରାର ଅଛନ୍ତି। ଅଭିଯୁକ୍ତଦ୍ୱୟ ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଧୀନ ବାଟୋ ଗ୍ରାମର ଅଭିଷେକ ରାଉତରାୟ ଓ କଟକ ଜିଲା ନିଆଳି ଥାନା ଅଧୀନ ଅଭିନାଶ ସ୍ୱାଇଁ ବୋଲି ଘସିପୁରା ଥାନା ଅଧିକାରୀ ବିକ୍ରମ କୁମାର ସ୍ୱାଇଁ ସ୍ପଷ୍ଟ କରିଛନ୍ତି। ପୋଲିସ ୨ ଅଭିଯୁକ୍ତଙ୍କୁ ଘସିପୁରା ଥାନା ଅଧୀନ ଘଟଣାସ୍ଥଳକୁ ଆଣି କ୍ରାଇମ୍ ସିନ୍ ରିକ୍ରିଏସନ କରିଛି। ଉଭୟ ଅଭିଯୁକ୍ତ ସମ୍ପର୍କୀୟ ଭାଇ ହୋଇଥିବା ବେଳେ ଯୁବତୀ ଜଣକ ଅଭିନାଶଙ୍କ ପ୍ରେମିକା ବୋଲି ସ୍ପଷ୍ଟ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଜୁନ୍ ୨୪ ସନ୍ଧ୍ୟାରେ ଅଭିଯୁକ୍ତଦ୍ୱୟ ଜଣେ ଯୁବତୀଙ୍କ ସହ କଟକ କଲେଜ ଛକରୁ ଯାଜପୁର ଯିବାକୁ ଭଗବାନ ବୈରିରଞ୍ଜନଙ୍କ ଟ୍ୟାକ୍ସି ଭଡ଼ା ସୂତ୍ରରେ ନେଇଥିଲେ। କଟକରୁ ଯାଜପୁର ଭଡ଼ା ୨୪ଶହ ଟଙ୍କା ଛିଡ଼ିଥିଲା। ଯାଜପୁର ଗୋଲେଇ ଛକରେ ପହଞ୍ଚିବା ପରେ ଡ୍ରାଇଭର ଓ ଉଭୟ ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଭଡ଼ା ଛିଡ଼ିଥିବା ଅର୍ଥ ଅଭାବ ଥିବାରୁ ଶେଷରେ ଅଭିଯୁକ୍ତ ଅଭିଷେକ ତାଙ୍କ ଘର ବାଟୋକୁ ଆସିଲେ ବାକି ଟଙ୍କା ଦିଆଯିବ ବୋଲି ଡ୍ରାଇଭରଙ୍କୁ କହିଥିଲେ। ହସନପୁର ଟୋଲଗେଟ୍ ପାର ହୋଇ ସିଆପଡ଼ା ଛକ ଦେଇ ବାଟୋ ଅଭିମୁଖେ ଯାତ୍ରା ସମୟରେ ଭଡ଼ା ଟଙ୍କାକୁ ନେଇ ପୁନର୍ବାର ଯୁକ୍ତିତର୍କ ହୋଇଥିଲା। ଭଡ଼ା ଟଙ୍କା ନ ମିଳିଲେ ଆଗକୁ ଯିବେ ନାହିଁ ବୋଲି ଭଗବାନ କହିଥିଲେ। ଫଳରେ ଉଭୟ ଅଭିଯୁକ୍ତ ରାଗିଯାଇ ସିଆପଡ଼ା-ବାଟୋ ରାସ୍ତାରେ ବ୍ୟାଗ୍‌ରେ ଥିବା ଝିଅର ଲେଗିନ୍ସ ପ୍ୟାଣ୍ଟ ଡ୍ରାଇଭରଙ୍କ ବେକରେ ଗୁଡ଼ାଇ ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପରେ ମୃତଦେହ ଦରଖଳା ୨୦ ନଂ. ଜାତୀୟ ରାଜପଥ ପାର୍ଶ୍ୱ ଜଙ୍ଗଲରେ ଫିଙ୍ଗି ଫେରାର ହୋଇଯାଇଥିଲେ। ଯୁବତୀ ଜଣଙ୍କ ଫୁଲବାଣି ଅଞ୍ଚଳର ରୁକ୍ମିଣୀ ଦାସ (ପୂଜା) ବୋଲି ଜଣାପଡ଼ିଛି। କେନ୍ଦୁଝର ଏସ୍‌ପି କୁଶଳକର ନୀତିନ୍ ଡଗଡୁ କହିଛନ୍ତି, ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଫେରାର ଅଛନ୍ତି। ଅଧିକ ତଦନ୍ତ ଚାଲିଛି, ପରବର୍ତ୍ତୀ ସମୟରେ ସ୍ପଷ୍ଟ ଚିତ୍ର ଉପସ୍ଥାପନ କରାଯିବ।

ସୂଚନାଯୋଗ୍ୟ, ଜୁନ୍ ୨୮ ରେ ଘସିପୁରା ପୋଲିସ ଦରଖଳା ଅଞ୍ଚଳରୁ ଗଳିତ ମୃତଦେହ ଜବତ କରିଥିଲା। ମୃତକ ପୁରୀ ଜିଲା କଣାସ ଥାନା ଛୋଟିଯୋଡି ଗାଁର ଭଗବାନ ବୈରିରଞ୍ଜନ ବୋଲି ପରିଚୟ ମିଳିଥିଲା। ସେ ପେସାରେ ଟ୍ୟାକ୍ସି ଡ୍ରାଇଭର। ଜୁନ୍ ୨୪ ସନ୍ଧ୍ୟାରେ କଟକ କଲେଜ ଛକରୁ ଦୁଇଜଣ ପୁଅ ଓ ଜଣେ ଝିଅଙ୍କୁ ଯାଜପୁର ଯିବାକୁ କହିବାରୁ ଭଡ଼ା ସୂତ୍ରରେ ନେଇ ନିଖୋଜ ଥିବା କଟକ ମାଲଗୋଦାମ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା।



ମୃତଦେହ ମିଳିଥିବା ସ୍ଥାନରେ ୨ ଅଭିଯୁକ୍ତ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୭ ଜୁଲାଇ, ୨୦୨୩



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରକୁ ଧରିବ ଗଣ୍ଠିରେ
ନାରୀ କି ଧରିବ ଖଟରେ।**

ସାଧାରଣତଃ ଚୋରକୁ ଧରି ବାନ୍ଧିଲେ ସେ ଚେଙ୍ଗ ପାଇଥାଏ ବା ହେଜି ପାରିଥାଏ। ସେହିପରି ସ୍ତ୍ରୀକୁ ଶଯ୍ୟାରେ ଶୋଇବା ବେଳେ ତା' ମନକୁ ନେଲେ ସେ ନିମ୍ନକୁ ଖସିଯାଇ ପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚନ୍ଦ୍ର ହୁଏ ଯେବେ କୁମୁଦ ବନ୍ଧୁ
ପଦ୍ମ ହୁଏ ତେବେ ତପନ ବଧୂ।**

ଚାନ୍ଦିନୀ ରାତିରେ ଯେମିତି କଇଁଫୁଲ ଫୁଟିଥାଏ ଠିକ୍ ସେମିତି ସୂର୍ଯ୍ୟକିରଣରେ ପଦ୍ମଫୁଲ ଫୁଟିଥାଏ। ଚନ୍ଦ୍ରଙ୍କ ସଙ୍ଗେ କୁମୁଦ ବା କଇଁଫୁଲର ଏବଂ ସୂର୍ଯ୍ୟଙ୍କ ସଙ୍ଗେ ପଦ୍ମଫୁଲର ସମ୍ପର୍କକୁ ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ତାଞ୍ଜାନିଆରେ ହେବ ଆଇଆଇଟି କ୍ୟାମ୍ପସ୍

**ଦେଶ ବାହାରେ ପ୍ରଥମ**

ଭୁବନେଶ୍ୱର, ୬।୭ (ସୁନିତ୍ ମିଶ୍ର)

ଜାତୀୟ ଶିକ୍ଷାନୀତି (ଏନ୍‌ଇପି)-୨୦୨୦ରେ ଶିକ୍ଷାର ଅନ୍ତର୍ଜାତୀୟକରଣ ଉପରେ ଗୁରୁତ୍ୱ ଦିଆଯିବା ସହ ଉତ୍ତମ ପ୍ରଦର୍ଶନ କରୁଥିବା ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକୁ ବିଦେଶରେ କ୍ୟାମ୍ପସ ପ୍ରତିଷ୍ଠା କରିବା ଲାଗି ପ୍ରୋତ୍ସାହିତ କରାଯିବ ବୋଲି ସୁପାରିସ କରାଯାଇଥିଲା। ସେହିକ୍ରମରେ ଆଇଆଇଟି ଭାରତ ବାହାରେ ଏହାର ସର୍ବପ୍ରଥମ କ୍ୟାମ୍ପସ୍ ତାଞ୍ଜାନିଆର ଜାଞ୍ଜିବରରେ ସ୍ଥାପନ କରିବାକୁ ଯାଉଛି। ଚଳିତ ବର୍ଷ ଅକ୍ଟୋବରରୁ ଉକ୍ତ କ୍ୟାମ୍ପସ ପାଇଁ ପ୍ରୋଗ୍ରାମ ଶୁଭାରମ୍ଭ ହେବ। ଏଥିପାଇଁ ବୁଧବାର ଜାଞ୍ଜିବରରେ ଭାରତର ଶିକ୍ଷା ମନ୍ତ୍ରଣାଳୟ, ଆଇଆଇଟି ମାଡ୍ରାସ ଏବଂ ଜାଞ୍ଜିବରର ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ମନ୍ତ୍ରଣାଳୟ ମଧ୍ୟରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ସମୟରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ଜାଞ୍ଜିବର ରାଷ୍ଟ୍ରପତି ହୁସେନ ଅଲି ମୁଇନି ଉପସ୍ଥିତ ଥିଲେ।

ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି, ଭାରତ ବାହାରେ ଆଇଆଇଟିର ସର୍ବପ୍ରଥମ କ୍ୟାମ୍ପସ ପ୍ରତିଷ୍ଠା ହେବାକୁ ଯାଉଛି। ଏହା ଭାରତ ଓ ତାଞ୍ଜାନିଆ ମଧ୍ୟରେ ଥିବା ଲମ୍ବା ସମୟର ବନ୍ଧୁତ୍ୱର ପ୍ରତିଫଳନ। ଆଫ୍ରିକା ଏବଂ ଗ୍ଲୋବାଲ ସାଉଥ୍‌ରେ ଲୋକଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ କରିବା ଉପରେ ଭାରତ ଯେଉଁ ପ୍ରାଥମିକତା ଦେଉଛି, ତାହାର ଏକ ବାସ୍ତବ ରୂପାୟନ। ଆଇଆଇଟି ମାଡ୍ରାସ-ଜାଞ୍ଜିବର କ୍ୟାମ୍ପସ ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଦ୍ୱାରା ଉଚ୍ଚଶିକ୍ଷାର ଅନ୍ତର୍ଜାତୀୟକରଣ ଦିଗରେ ଐତିହାସିକ ଅଧ୍ୟାୟ ଆରମ୍ଭ ହୋଇଛି। ଆଫ୍ରିକା ସହ ସୁଦୃଢ଼ ସମ୍ପର୍କ ସ୍ଥାପନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହା ପ୍ରତିବଦ୍ଧତା। ଜାତୀୟ ଶିକ୍ଷା ନୀତି ଜ୍ଞାନକୁ ଦ୍ୱିପାକ୍ଷିକ ସମ୍ପର୍କର ଏକ ପ୍ରମୁଖ ଅଂଶରେ ପରିଣତ କରିବା ସହିତ ବିଶ୍ୱର କଲ୍ୟାଣକୁ ଆଗକୁ ବଢ଼ାଇବା ପାଇଁ ମାର୍ଗ ପ୍ରଶସ୍ତ କରୁଛି। ଭଲ ପ୍ରଦର୍ଶନ କରୁଥିବା ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଅନ୍ୟ ଦେଶରେ କ୍ୟାମ୍ପସ ପ୍ରତିଷ୍ଠା କରିବାକୁ ପ୍ରୋତ୍ସାହିତ କରିବା ଦିଗରେ ଗୁରୁତ୍ୱ ଦିଆଯାଉଛି। ତାଞ୍ଜାନିଆ ଏବଂ ଭାରତ ମଧ୍ୟରେ ଶିକ୍ଷାଗତ ଭାଗୀଦାରିର ସମ୍ପର୍କକୁ ଏକ ଦସ୍ତାବିଜରେ ସ୍ୱାକ୍ଷର କରି ଏହାକୁ ଆନୁଷ୍ଠାନିକ ରୂପ ଦିଆଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚନ୍ଦ୍ର କର୍ମାଧିପ ଯୁକ୍ତହୋଇ ଲାଭଭାବରେ ଥିବାରୁ ଅର୍ଥଲାଭ ଅବଶ୍ୟମ୍ଭାବୀ। ମିତ୍ରମାନେ ପ୍ରଶଂସା ଗାଇ କାମ ହାସଲର ଅପଚେଷ୍ଟା କରିପାରନ୍ତି। ପାରିବାରିକ କ୍ଷେତ୍ରରେ ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ। ଅବହେଳାଜନିତ କର୍ମକ୍ଷେତ୍ରରେ ଉପରିସ୍ଥ କର୍ମଚାରୀଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ**
ପରିବାରର ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଅବଶ୍ୟ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। କୌଣସି ଏକ ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ମୋଟା ଅଙ୍କର ଅର୍ଥ ଆବଶ୍ୟକ କରିପାରନ୍ତି। କୃପଣତା ହେତୁ ବନ୍ଧୁଗହଣରେ ସମାଲୋଚନାମୂଳକ ପରିସ୍ଥିତି ସୃଷ୍ଟି ହୋଇପାରେ।

**ମିଥୁନ**
ଗୃହୋପଯୋଗୀ ଜମିଜମା କ୍ରୟ କିମ୍ବା ବିକ୍ରୟ ସକାଶେ ଫଳପ୍ରଦ ଆଲୋଚନା ହୋଇପାରେ। ସମସ୍ତ ପ୍ରକାର ସମସ୍ୟାର ସରଳ ସମାଧାନ କରି କାର୍ଯ୍ୟ ହାସଲ କରିବେ। ଆଜିର ଯାତ୍ରାରେ ବିଳମ୍ବିତ ସମୟରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବେ। ଠିକ୍ କଥା କହିବା କାରଣରୁ ନିଜର ଲୋକମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**କର୍କଟ**
କର୍ମକ୍ଷେତ୍ର ପାପଯୁକ୍ତ ଯୋଗୁ ଗତକାଲିର ଆଲୋଚନା ଜଟିଳ ଆଡ଼କୁ ଗତି କରିବ। କିନ୍ତୁ ଆତ୍ମୀୟମାନଙ୍କ ସାହାଯ୍ୟରେ ସମସ୍ୟା ସମାଧାନ ହେବା ସକାଶେ ଚେଷ୍ଟା କରିବେ। ପରିବାରରେ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ଆନୁଷ୍ଠାନିକ କାମରେ କିମ୍ବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ସିଂହ**
ନିଜେ ଚାହୁଁଥିବା ପ୍ରକାରେ ଅନ୍ୟମାନଙ୍କ ସମର୍ଥନ ହାସଲରେ ସମର୍ଥ ହେବେ। ପ୍ରତ୍ୟୁଷ ଯାତ୍ରା ସମୟରେ ସତର୍କତା ଅବଲମ୍ବନ ନ କଲେ ବିବାଦରେ ପଡ଼ିପାରନ୍ତି। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର, ପ୍ରଶାସନ, ଆଇନ, ସଭାସମିତି କ୍ଷେତ୍ରରୁ ପ୍ରଶଂସିତ ହେବେ। ହଠାତ୍ କୌଣସି କ୍ଷେତ୍ରରେ ସାମୟିକ ଉତ୍ତେଜିତ ହୋଇ ଭୁଲ୍ କରିପାରନ୍ତି।

**କନ୍ୟା**
ସାମୟିକ ଭୁଲ୍ ନିଷ୍ପତ୍ତିରୁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କର୍ମକ୍ଷେତ୍ରରୁ ଅଭିଯୋଗ ଆସିବା ସୂଚନା ରହିଛି। ଔଷଧ, ବହିପତ୍ର, ଲୁଗାପଟା କାରବାର ତଥା ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପାରିବାରିକ ସ୍ତରରେ ଆଜିର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ।

**ତୁଳା**
ମାନସିକ ଅସ୍ଥିରତା କାରଣରୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ଦୀର୍ଘ ଦିନରୁ କଳହ ଲାଗିଥିବା ସହକର୍ମୀଟି ପ୍ରତି ସତର୍କ ରହନ୍ତୁ। ବ୍ୟବସାୟିକ ଦିଗ ମନ୍ଦ ନ ହେଲେ ମଧ୍ୟ ପୂର୍ଣ୍ଣ ସନ୍ତୋଷଦାୟକ ନ ହୋଇପାରେ। ଆକସ୍ମିକ ଭାବରେ କୌଣସି ବନ୍ଧୁଙ୍କ ସହ ସମ୍ପର୍କ ଯୋଡ଼ିହୋଇଯିବା ସମ୍ଭାବନା ରହିଛି।

**ବିଛା**
କର୍ମକ୍ଷେତ୍ରରେ ବିଭିନ୍ନ ଦୁଶ୍ଚିନ୍ତା କାରଣରୁ ମନୋବଳ ହ୍ରାସ ପାଇବ। କିନ୍ତୁ କେତେକ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ପାଖ ପଡ଼ୋଶୀଙ୍କୁ ଆପଣେଇନେବେ। ନିଜ ପାଇଁ ଯେଉଁ କାମ ଦୁରୂହ ହେବ ପର ସକାଶେ ସେହି କାମକୁ ଆପଣ ସହଜରେ କରିପାରିବେ। ଆଜିର ସକାଳ ସମୟରେ ଶୁଣାକଥାକୁ ବିଶ୍ୱାସକରି ଟେନ୍‌ସନ ବଢ଼ିପାରେ।

**ଧନୁ**
ଯାତ୍ରାକାଳରେ ସତର୍କତା ଅଭାବରୁ ଧନହାନି କିମ୍ବା ସାଧାରଣ କଥାରେ କଳହ ଘଟିପାରେ। କର୍ମକ୍ଷେତ୍ରରେ ସହାନୁଭୂତି ଦେଖାଇ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଚେଷ୍ଟା କରୁଥିବା ଯୋଜନାଟିକୁ ଆଜି ବନ୍ଧୁମାନଙ୍କ ସାହାଯ୍ୟରେ କାର୍ଯ୍ୟକାରୀ କରିବେ। ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ବିପଦ ଘଟିବା ସମ୍ଭାବନା ନାହିଁ।

**ମକର**
ଆଜି ଦୀର୍ଘଦିନରୁ କୁହୁଳୁଥିବା ଅଶାନ୍ତି ହଠାତ୍ ପରିବେଶକୁ ବଦଳାଇଦେବ। ଆର୍ଥିକ ଅନଟନ ହେତୁ ଧାରକରଜ କରି କାମ ତୁଲାଇବାକୁ ବାଧ ହେବେ। ଆପଣଙ୍କ ଅସୁବିଧାଜନକ ସ୍ଥିତି ଅବଲୋକନକରି ନିକଟ ସମ୍ପର୍କୀୟମାନେ ଟାହିଟାପରା କରିପାରନ୍ତି। ସବୁକଥା ପଛକୁ ପକାଇ ଅନ୍ୟମାନଙ୍କ ମନନେଇ ଚଳିବାକୁ ବାଧହେବେ।

**କୁମ୍ଭ**
ଆଜିର ପ୍ରତ୍ୟୁଷ ଯାତ୍ରା ଆନନ୍ଦଦାୟକ ହେବ ଓ ଅଭିଳଷିତ ଜିନିଷ ପାଇପାରିବେ। ମାତ୍ର ବନ୍ଧୁଙ୍କ କଥାରେ ଭାସିଯାଇ ଭାବପ୍ରବଣ ହେତୁ ଭୁଲ୍‌କରି ପାରନ୍ତି। ନିଜର ଚେଷ୍ଟା ଅବ୍ୟାହତ ରଖିଲେ ବିଳମ୍ବରେ କାର୍ଯ୍ୟସିଦ୍ଧି ଘଟିବ। ପାରିବାରିକ କ୍ଷେତ୍ରରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ଯାହାକି ଅନର୍ଥର କାରଣ ହୋଇପାରେ।

**ମୀନ**
କର୍ମକ୍ଷେତ୍ରରେ ଦକ୍ଷତାକୁ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଶଂସିତ ହେବେ। କୌଣସି ଗୁରୁଦାୟିତ୍ୱ ନେଇଥିବା ଲୋକଟି ଅବହେଳା ପ୍ରଦର୍ଶନ କରିବାରେ ଆପଣ ଦୋଷୀସାବ୍ୟସ୍ତ ହୋଇପାରନ୍ତି। ବନ୍ଧୁମାନଙ୍କ ସାହାଯ୍ୟ ନେଇ ଅଟକି ରହିଯାଇଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

ଆଜି ଶ୍ରାବଣ କୃଷ୍ଣପକ୍ଷର ନାଗପଞ୍ଚମୀ ଶୁକ୍ରବାର, ଜୁଲାଇ ୭ ତାରିଖ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ। ରାଶି ନକ୍ଷତ୍ର-ଦିବା ୦୧।୩୮ଗତେ ଶତଭିଷା/କୁମ୍ଭ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୦୯ ଗତେ, ଘ.୦୭।୦୨ ମଧ୍ୟେ, ଘ.୦୨।୧୭ ଗତେ, ଘ.୦୨।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୨ ଗତେ, ଘ. ୧୧।୫୧ ମଧ୍ୟେ ରାହୁକାଳ।

# ୧୪ରେ ପ୍ରମାଣପତ୍ର ଓ ବ୍ୟକ୍ତିଗତ ଯାଞ୍ଚ

**ଓସିଏସ୍-୨୦୨୧ ପରୀକ୍ଷା**

କଟକ, ୬।୭ (ସୁପ୍ରିୟା ପ୍ରିୟଦର୍ଶିନୀ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍)-୨୦୨୧ ପାଇଁ ପ୍ରମାଣପତ୍ର ଓ ବ୍ୟକ୍ତିଗତ ଯାଞ୍ଚ ନିମନ୍ତେ ୮୭୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଆସନ୍ତା ୧୪ ତାରିଖରେ ଓପିଏସ୍‌ସି କାର୍ଯ୍ୟାଳୟରେ ଏହି ଯାଞ୍ଚ ପ୍ରକ୍ରିୟା ହେବ ବୋଲି ଗୁରୁବାର ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୮୭୧ ଜଣଙ୍କ ମଧ୍ୟରୁ ୩୧୩ ମହିଳା ପ୍ରାର୍ଥୀ ରହିଛନ୍ତି। ସେମାନଙ୍କର ରୋଲ୍ ନମ୍ବର ଓପିଏସ୍‌ସି ୱେବ୍‌ସାଇଟ୍ (https://www.opsc.gov.in)ରେ ଉପଲବ୍ଧ ରହିଛି। ସୂଚନାଥାଉ କି, ଓପିଏସ୍‌ସି ପକ୍ଷରୁ ଓସିଏସ୍-୨୦୨୧ମୁଖ୍ୟ ଲିଖିତ ପରୀକ୍ଷା ଫେବୃୟାରୀ ୨୧ରୁ ମାର୍ଚ୍ଚ ୧୨ ଓ ଆଉ ଏକ ପରୀକ୍ଷା ମାର୍ଚ୍ଚ ୧୮ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୮୭୧ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି।

# ଦଲାଲମୁକ୍ତ ହେବ ସରକାରୀ ହସ୍ପିଟାଲ

**କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ**

ଭୁବନେଶ୍ୱର,୬।୭(ଅଭିଜିତ ଦାସ)

ସରକାରୀ ହସ୍ପିଟାଲରୁ ରୋଗୀଙ୍କୁ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରୁଥିବା ଦଲାଲଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗର କଡ଼ା ନଜର ରହିବ। ଘରୋଇ ହସ୍ପିଟାଲକୁ ରୋଗୀ ସ୍ଥାନାନ୍ତର ନେଇ ଯଦି କୌଣସି ସରକାରୀ କର୍ମଚାରୀ କିମ୍ବା ହସ୍ପିଟାଲର କର୍ମଚାରୀ ସମ୍ପୃକ୍ତ ରହିବା ଅଭିଯୋଗ ଆସେ, ତେବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ ଶାଳିନୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି।

ସରକାରୀ ହସ୍ପିଟାଲଗୁଡ଼ିକରେ ବିଭିନ୍ନ ସମୟରେ ଓପିଡିରେ ଟିକେଟ କାଟିବା ବେଳେ ଅନେକ ଦଲାଲ ସକ୍ରିୟ ରହି ରୋଗୀଙ୍କୁ ବିଭିନ୍ନ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରଣ କରିଥାନ୍ତି। ମାଗଣା ଚିକିତ୍ସାର ପ୍ରଲୋଭନ ଦେଖାଇ ରୋଗୀଙ୍କ ପରିବାରବର୍ଗ ଠାରୁ ଟଙ୍କା ନେବା ସହ ଘରୋଇ ହସ୍ପିଟାଲଠାରୁ ମଧ୍ୟ ଟଙ୍କା ଆଦାୟ କରିଥାନ୍ତି। ସୂଚନା ଅନୁଯାୟୀ, ପୂର୍ବରୁ ଏ ନେଇ ଅନେକ ଥର କ୍ୟାପିଟାଲ ହସ୍ପିଟାଲରେ ଚଢ଼ାଉ କରାଯାଇଥିବା ବେଳେ ପରେ ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲରେ ଦଲାଲମୁକ୍ତ ଅଭିଯାନ ଆରମ୍ଭ କରାଯାଇଥିଲା। ତେବେ କିଛି ମାସ ପରେ ପୁଣି ହସ୍ପିଟାଲଗୁଡ଼ିକରେ ଦଲାଲମାନେ ସକ୍ରିୟ ରହିଥିବା ଅଭିଯୋଗ ହୋଇଆସୁଥିଲା। ତେଣୁ ସରକାରୀ ହସ୍ପିଟାଲଗୁଡ଼ିକୁ ଦଲାଲମୁକ୍ତ କରିବା ପାଇଁ ଏବେ ସ୍ୱାସ୍ଥ୍ୟ ବିଭାଗ ଅଣ୍ଟା ଭିଡ଼ିଛି। ଦଲାଲମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବର୍ତ୍ତମାନ ବିଭିନ୍ନ ମେଡିକାଲ କଲେଜଠାରୁ ଆରମ୍ଭ କରି ଜିଲାର ସମସ୍ତ ମୁଖ୍ୟ ଚିକିତ୍ସାଳୟରେ ଦଲାଲଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯିବ। ସ୍ଥାନାନ୍ତର କାର୍ଯ୍ୟରେ ଯଦି କୌଣସି ସରକାରୀ ଡାକ୍ତର କିମ୍ବା ସ୍ୱାସ୍ଥ୍ୟ କର୍ମଚାରୀ ସମ୍ପୃକ୍ତ ଥିବା ଅଭିଯୋଗ ମିଳେ ତେବେ ତାଙ୍କ ବିରୋଧରେ ସିସିଏ ରୁଲ୍ସ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ସମସ୍ତ ଜିଲାପାଳ, ଜିଲା ମାଜିଷ୍ଟ୍ରେଟ୍ ଏବଂ ସିଡିଏମ୍‌ଓଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି।

# ରାଜ୍ୟରେ ବ୍ୟାପୁଛି ଆଖିଧରା ରୋଗ

- ମାର୍ଗଦର୍ଶିକା ଜାରି କଲା ସ୍ୱାସ୍ଥ୍ୟ ବିଭାଗ
- ଭୟଭୀତ ନ ହୋଇ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ

ଭୁବନେଶ୍ୱର,୬।୭(ବନ୍ଦନା ସେଠୀ)

ବର୍ଷାଦିନ ଆରମ୍ଭରୁ ରାଜ୍ୟରେ ଡେଙ୍ଗୁ, ହଇଜା ସଂକ୍ରମଣ ମାଡ଼ିଚାଲି ଥିବାବେଳେ ଏବେ ଆଖିଧରା ରୋଗ ବ୍ୟାପିବାରେ ଲାଗିଛି। ରାଜ୍ୟର ବିଭିନ୍ନ ଜିଲାରୁ ପ୍ରତିଦିନ ଶହ ଶହ ଆଖିଧରା ରୋଗୀ ଚିହ୍ନଟ ହେଉଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବିଶେଷକରି ଛୋଟପିଲା ଓ ସ୍କୁଲ ଛାତ୍ରୀଛାତ୍ରଙ୍କ ପ୍ରତି ଅଧିକ ସଂକ୍ରମଣର ବିପଦ ରହିଥିବା କହିଛନ୍ତି। ଅପରପକ୍ଷେ ସଂକ୍ରମଣର ଗୁରୁତ୍ୱକୁ ଦେଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁବାର ମାର୍ଗଦର୍ଶିକା ଜାରି କରାଯାଇ ଲୋକଙ୍କୁ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି। ଆଖିଧରା ଏକ ସ୍ପର୍ଶ ଜନିତ ସଂକ୍ରାମକ ରୋଗ ହୋଇଥିବାରୁ ଖୁବ୍‌ଶୀଘ୍ର ବ୍ୟାପିଥାଏ। ତେଣୁ ଏଥିପାଇଁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଖିଧରାରେ ଆକ୍ରାନ୍ତ ବ୍ୟକ୍ତିଙ୍କ ରୁମାଲ, ତଉଲିଆ, ତକିଆ କିମ୍ବା ସେ ବ୍ୟବହାର କରିଥିବା ଆଇଡ୍ରପ୍ ଅନ୍ୟମାନେ ବ୍ୟବହାର କରିବାକୁ ବାରଣ କରାଯାଇଛି।

# ପଡ଼ୋଶୀଙ୍କ କାନ୍ଥ ପଡ଼ି ନାବାଳକ ମୃତ



ବର୍ଷାରେ କାନ୍ଥ ଭୁଶୁଡ଼ି ପଡ଼ିଛି।

ମୋରଡ଼ା,୬।୭(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଘୋଳମୁହାଁ ପଞ୍ଚାୟତରେ କାନ୍ଥ ଭୁଶୁଡ଼ି ଗୁରୁବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆଣୁଆ ଗ୍ରାମର ପ୍ରଗଣାସାହି ୧୨ ନଂ. ୱାର୍ଡର ମାଇସା ମାର୍ଣ୍ଡିଙ୍କ ସାନପୁଅ ଭୁଜୁ (୧୪)। ସୂଚନା ଅନୁଯାୟୀ, ଉକ୍ତ ୱାର୍ଡର ଯମୁନା ମାର୍ଣ୍ଡିଙ୍କ ମାଟିଘର ଛପର ମରାମତି କାମ ଚାଲିଥିଲା। କିନ୍ତୁ ବର୍ଷା ଯୋଗୁ ବନ୍ଦ ହୋଇ ରହିଥିବା ବେଳେ ଝିପିଝିପି ବର୍ଷା କାଳ ହୋଇଛି। ପଡ଼ୋଶୀ ମାଇସାଙ୍କ ଅଷ୍ଟମ ଶ୍ରେଣୀରେ ପଢୁଥିବା ପୁଅ ଭୁଜୁ ସକାଳ ପ୍ରାୟ ୯ଟା ବେଳେ ଖେଳୁଥିବା ସମୟରେ ହଠାତ୍ ଯମୁନାଙ୍କ ମାଟିଘର କାନ୍ଥ ପଡ଼ି ଯାଇଥିଲା। ଭୁଜୁ କାନ୍ଥ ତଳେ ଚାପି ହୋଇଯାଇଥିଲେ। ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ବାରମାଇଲସ୍ଥିତ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଭୁଜୁଙ୍କ ପରିବାରକୁ ଯଥାଶୀଘ୍ର ସରକାରୀ କ୍ଷତିପୂରଣ ଦିଆଯାଉ ବୋଲି ତାଙ୍କ ସମ୍ପର୍କୀୟ କାକା ବାଜାଲ ସୋରେନ, ଧାନ ମାର୍ଣ୍ଡି ଏବଂ ଗ୍ରାମବାସୀ ଦାବି କରିଛନ୍ତି।

# ୧୩, ୧୪ରେ ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା

## ୧୧ ତାରିଖ ସୁଦ୍ଧା ପରୀକ୍ଷାକେନ୍ଦ୍ରରେ ପହଞ୍ଚିବ ପ୍ରଶ୍ନପତ୍ର

ଭୁବନେଶ୍ୱର,୬।୭(ଅନୁରାଧା ମହାରଣା)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଜୁଲାଇ ୧୩ ଓ ୧୪ରେ ଅନୁଷ୍ଠିତ ହେବ। ରାଜ୍ୟର ୩୨ କେନ୍ଦ୍ରରେ ଏହି ପରୀକ୍ଷା ହେବାକୁ ଥିବାବେଳେ ଜୁଲାଇ ୧୦ରୁ ୧୧ ତାରିଖ ମଧ୍ୟରେ ପ୍ରଶ୍ନପତ୍ର ପରୀକ୍ଷାକେନ୍ଦ୍ରରେ ପହଞ୍ଚିବ। ଏ ନେଇ ସଜାଗ ରହିବା ପାଇଁ ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ସିଏଚ୍‌ଏସ୍‌ଇ ପକ୍ଷରୁ ଅବଗତ କରାଯାଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକର ଷ୍ଟ୍ରଙ୍ଗରୁମ୍ ପ୍ରସ୍ତୁତ ରଖିବା ପାଇଁ କୁହାଯାଇଛି। ପ୍ରଶ୍ନପତ୍ରଗୁଡ଼ିକ ୨୪ଘଣ୍ଟା ସିସିଟିଭି ନଜରରେ ରହିବ। ୧୦ ତାରିଖରେ ମୁଖ୍ୟ କାର୍ଯ୍ୟାଳୟରୁ ପ୍ରଶ୍ନପତ୍ର ବାହାରି ସେହିଦିନ କିମ୍ବା ଏହାର ପରଦିନ ସେଣ୍ଟରରେ ପହଞ୍ଚିବ। ତେଣୁ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି।

ସୂଚନା ଥାଉ କି, ୧୩ ତାରିଖରେ ପରୀକ୍ଷାର୍ଥୀମାନେ ସମସ୍ତ ବିଷୟର ଥିଓରି ପେପର ପରୀକ୍ଷା ଦେବେ। ଧନ୍ଦାମୂଳକ ଟ୍ରେଡ୍ ପେପର ଓ ବାୟୋଲୋଜିକୁ ବାଦ୍ ଦେଲେ ଅନ୍ୟ ସମସ୍ତ ବିଷୟରେ ରେଗୁଲାର ତଥା ଏକ୍ସରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଜୁଲାଇ ୧୪ରେ ସମସ୍ତ ବିଷୟର ପ୍ରାକ୍ଟିକାଲ ଓ ପ୍ରୋଜେକ୍ଟ ଆଦି ପରୀକ୍ଷା କରାଯିବ। ପୂର୍ବରୁ ଯିଏ କେବଳ ଥିଓରି ପାସ କରିଥିବେ କିନ୍ତୁ ପ୍ରାକ୍ଟିକାଲ ବା ପ୍ରୋଜେକ୍ଟରେ ଫେଲ୍ ହୋଇଥିବେ ତାଙ୍କୁ ଉଭୟ ଥିଓରି ଓ ପ୍ରାକ୍ଟିକାଲ ପରୀକ୍ଷା ଦେବାକୁ ପଡ଼ିବ। ସେହିପରି ଥିଓରିରେ ଫେଲ୍ ହୋଇ ପ୍ରାକ୍ଟିକାଲ ବା ପ୍ରୋଜେକ୍ଟରେ ପାସ୍ ହୋଇଥିଲେ କେବଳ ଥିଓରି ପରୀକ୍ଷା ଦେବାକୁ ହେବ। ଉଭୟ ଥିଓରି ଓ ପ୍ରାକ୍ଟିକାଲ ପରୀକ୍ଷାରେ ଫେଲ୍ ଛାତ୍ରୀଛାତ୍ରଙ୍କୁ ଉଭୟ ପରୀକ୍ଷା ଦେବାକୁ ପଡ଼ିବ।

# ମଧ୍ୟାହ୍ନଭୋଜନରେ ଝିଟିପିଟି: ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ

ଭଦ୍ରକ,୬।୭ (ସନାତନ ରାଉତ)

ଭଦ୍ରକ ବ୍ଲକ ଅଧୀନ ଖଣ୍ଡତଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନଭୋଜନରେ ଝିଟିପିଟି ବାହାରିଛି। ଏହି ମଧ୍ୟାହ୍ନଭୋଜନ ଖାଇ ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଥିଲେ। ସୂଚନା ଅନୁଯାୟୀ, ଛାତ୍ରୀଛାତ୍ର ଖାଉଥିବା ବେଳେ ଖାଦ୍ୟରେ ଛୋଟିଆ ଝିଟିପିଟି ପଡ଼ିଥିବା ଦେଖିଥିଲେ। ସେତେବେଳକୁ ଅଧିକାଂଶ ପିଲାଙ୍କୁ ମଧ୍ୟାହ୍ନଭୋଜନ ବଣ୍ଟନ ସରିଥିଲା। ପରେ ସ୍କୁଲ ପକ୍ଷରୁ ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଭଦ୍ରକ ଗେଲପୁରସ୍ଥିତ ମାତୃ ଓ ଶିଶୁ ବିଭାଗ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତେବେ ଏକ ମେଡିକାଲ ଟିମ୍ ବିଦ୍ୟାଳୟକୁ ଯାଇ ଅନ୍ୟ ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ଛାତ୍ରୀଛାତ୍ରଙ୍କ ପ୍ରଥମ...

ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୮୦ ପ୍ରତିଶତ କଟ୍‌ଅଫ୍ ମାର୍କ ସହ ପ୍ରଥମରେ ରହିଛି। ୭୯ ପ୍ରତିଶତ ମାର୍କ ସହ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ ଏବଂ ୭୮.୬୭ ପ୍ରତିଶତ ମାର୍କ ସହ ଟିଟିଲାଗଡ଼ ଡିଏଭି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୃତୀୟ ସ୍ଥାନରେ ରହିଛି। ବାଣିଜ୍ୟରେ ୭୯.୨୦ ପ୍ରତିଶତ କଟଅଫ୍ ମାର୍କ ସହ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଥମ, ୭୭.୩୩ ପ୍ରତିଶତ ମାର୍କ ସହ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ ଏବଂ ୭୩.୦୦ ପ୍ରତିଶତ ମାର୍କ ସହ ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୃତୀୟ ସ୍ଥାନରେ ରହିଛି। ଉପଶାସ୍ତ୍ରୀ ବର୍ଗରେ ବରଗଡ଼ସ୍ଥିତ ଲାଲାଜୀ ଗୋପାଳଜୀ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୬୭.୩୩ ପ୍ରତିଶତ ମାର୍କ ସହ ପ୍ରଥମ, ବଲାଙ୍ଗୀରସ୍ଥିତ ବିଦ୍ୟାଭୂଷଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

| ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | କଟ୍‌ଅଫ୍ ମାର୍କ (ପ୍ରତିଶତ) | | |
|---|---|---|---|
| | ବିଜ୍ଞାନ | ବାଣିଜ୍ୟ | କଳା |
| ବିଜେବି ଏଚ୍‌ଏସ୍‌ଏସ୍ | ୮୯.୦୦ | ୭୩.୦୦ | ୭୫.୩୩ |
| ବେସିକ ସାଇନ୍ସ ଏଚ୍‌ଏସ୍‌ଏସ୍ | ୮୫.୮୩ | ମିଳିନାହିଁ | ମିଳିନାହିଁ |
| ରମାଦେବୀ ଏଚ୍‌ଏସ୍‌ଏସ୍ | ୮୪.୩୩ | ୬୧.୮୩ | ୭୪.୦୦ |
| ରାଜଧାନୀ ଏଚ୍‌ଏସ୍‌ଏସ୍ | ୮୨.୧୭ | ୭୦.୦୦ | ୭୨.୦୦ |
| ମହର୍ଷି ଏଚ୍‌ଏସ୍‌ଏସ୍ | ୭୫.୨୦ | ୬୪.୧୭ | ୭୦.୧୭ |
| ବିଜୁ ପଟ୍ଟନାୟକ ଏଚ୍‌ଏସ୍‌ଏସ୍ | ୭୪.୬୭ | ୫୮.୦୦ | ୬୬.୦୦ |
| କମଳା ନେହେରୁ ଏଚ୍‌ଏସ୍‌ଏସ୍ | ୭୪.୬୭ | ୫୮.୦୦ | ୬୬.୦୦ |
| ଏକାମ୍ର ଏଚ୍‌ଏସ୍‌ଏସ୍ | ୭୦.୦୦ | ୪୦.୦୦ | ୬୨.୬୭ |
| ଦେବରାୟ ଏଚ୍‌ଏସ୍‌ଏସ୍ | ୭୧.୫୦ | ୩୩.୬୭ | ୬୧.୪୦ |
| ଶ୍ରୀ ସତ୍ୟସାଇ ଏଚ୍‌ଏସ୍‌ଏସ୍ | ୪୧.୬୭ | ମିଳିନାହିଁ | ୫୫.୩୩ |
| ସିଟି ଓମେନ୍ସ ଏଚ୍‌ଏସ୍‌ଏସ୍ | ୭୦.୪୦ | ମିଳିନାହିଁ | ୫୮.୧୭ |
| ମହର୍ଷି ମହିଳା ଏଚ୍‌ଏସ୍‌ଏସ୍ | ୬୦.୮୩ | ମିଳିନାହିଁ | ୫୬.୮୩ |
| ଆଚାର୍ଯ୍ୟ ହରିହର ଏଚ୍‌ଏସ୍‌ଏସ୍ | ୫୮.୧୭ | ୩୩.୦୦ | ୫୬.୮୩ |
| ରାଜା ମଧୁସୂଦନ ଏଚ୍‌ଏସ୍‌ଏସ୍ | ୬୧.୨୦ | ୩୩.୦୦ | ୫୯.୮୦ |

୫୭.୬୭ ପ୍ରତିଶତ ମାର୍କ ସହ ଦ୍ୱିତୀୟ ଏବଂ ରାୟଗଡ଼ାସ୍ଥିତ ଶ୍ରୀରାମେଶ୍ୱର ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୫୫.୫୦ ପ୍ରତିଶତ ମାର୍କ ସହ ତୃତୀୟରେ ରହିଛି। ଅନ୍ୟପଟେ ଧନ୍ଦାମୂଳକ ବିଷୟରେ କଳାହାଣ୍ଡି ଧର୍ମଗଡ଼ସ୍ଥିତ ସରକାରୀ ଧନ୍ଦାମୂଳକ ବିଦ୍ୟାଳୟ ୭୭.୬୭ ପ୍ରତିଶତ ମାର୍କ ସହ ପ୍ରଥମ, ଭବାନୀପାଟଣାସ୍ଥିତ ସରକାରୀ ଧନ୍ଦାମୂଳକ ବିଦ୍ୟାଳୟ ୭୭ ପ୍ରତିଶତ ମାର୍କ ସହ ଦ୍ୱିତୀୟ ଓ ଚାନ୍ଦିପୁଟସ୍ଥିତ ସରକାରୀ ଧନ୍ଦାମୂଳକ ବିଦ୍ୟାଳୟ ୭୩.୧୭ ପ୍ରତିଶତ ମାର୍କ ସହ ତୃତୀୟ ସ୍ଥାନରେ ରହିଛି। ପ୍ରଥମ ପର୍ଯ୍ୟାୟ ନାମଲେଖା ଜୁଲାଇ ୭ରୁ ଆରମ୍ଭ ହୋଇ ୧୩ ତାରିଖ ମଧ୍ୟରେ ଶେଷ ହେବ। ସେହିପରି ଦ୍ୱିତୀୟ ମେଧା ତାଲିକା ଜୁଲାଇ ୧୯ ତାରିଖରେ ପ୍ରକାଶ ପାଇବ। ଏହାର ନାମଲେଖା ପ୍ରକ୍ରିୟା ଜୁଲାଇ ୨୨ ତାରିଖ ସୁଦ୍ଧା ସରିବ। ଅନ୍‌ଲାଇନ୍ ସ୍ପଟ୍ ନାମଲେଖା ପ୍ରକ୍ରିୟା ଜୁଲାଇ ୨୧ରୁ ଆରମ୍ଭ ହୋଇ ୨୭ ତାରିଖ ସୁଦ୍ଧା ସରିବ। ଅଗଷ୍ଟ ୧ରେ ଯୁକ୍ତ୨ ପ୍ରଥମ ବର୍ଷର ପାଠପଢ଼ା ଆରମ୍ଭ ହେବ ବୋଲି ସୂଚନା ମିଳିଛି।

## ଜଷ୍ଟିସ ତାଳପତ୍ର ହେବେ...

ରଖି କଲେଜିୟମ ଜଷ୍ଟିସ ଶୁଭାଶିଷ ତାଳପତ୍ରଙ୍କୁ ଓଡ଼ିଶା ହାଇକୋର୍ଟର ପରବର୍ତ୍ତୀ ମୁଖ୍ୟ ବିଚାରପତି ନିଯୁକ୍ତି ଲାଗି ସୁପାରିସ କରିଥିବା ଉକ୍ତ ପ୍ରସ୍ତାବରେ କୁହାଯାଇଛି। ଜଷ୍ଟିସ ତାଳପତ୍ର ୨୦୧୩ରୁ ତ୍ରିପୁରା ହାଇକୋର୍ଟର ବିଚାରପତି ରହିଥିଲେ ମଧ୍ୟ ମୁଖ୍ୟ ବିଚାରପତି ପଦ ପାଇଁ ତାଙ୍କ ନାମକୁ ଏପର୍ଯ୍ୟନ୍ତ ସୁପାରିସ କରାଯାଇ ନ ଥିବାରୁ କଲେଜିୟମ ଏହାକୁ ବିଚାରକୁ ନେଇଥିଲେ।

**୭ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତି ପାଇଁ କଲେଜିୟମର ସୁପାରିସ**

ଅନ୍ୟମାନଙ୍କ ମଧ୍ୟରେ ବର୍ତ୍ତମାନର ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ ଦେବେନ୍ଦ୍ର କୁମାର ଉପାଧ୍ୟାୟଙ୍କୁ ବମ୍ବେ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି ସୁପାରିସ କରାଯାଇଥିବାବେଳେ ଆଲ୍ଲାହାବାଦ ହାଇକୋର୍ଟର ଅନ୍ୟତମ ବିଚାରପତି ଜଷ୍ଟିସ ସୁନୀତା ଅଗ୍ରୱାଲଙ୍କୁ ଗୁଜରାଟ ହାଇକୋର୍ଟରେ ମୁଖ୍ୟ ବିଚାରପତି ନିଯୁକ୍ତ କରାଯିବ। ସେହିପରି ଆନ୍ଧ୍ରପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ଧୀରଜ ସିଂ ଠାକୁରଙ୍କ ନାମ ସୁପାରିସ ହୋଇଛି। ସେ ୨୦୧୩ରେ ଜମ୍ମୁ-କଶ୍ମୀର ହାଇକୋର୍ଟର ବିଚାରପତି ନିଯୁକ୍ତ ହୋଇଥିଲେ ଏବଂ ଗତବର୍ଷ ଜୁନ୍‌ରେ ବମ୍ବେ ହାଇକୋର୍ଟକୁ ବଦଳି ହୋଇଥିଲେ। ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ଜଷ୍ଟିସ ଆଶିଷ ଜେ. ଦେଶାଇଙ୍କୁ କେରଳ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି ସୁପାରିସ ହୋଇଛି। ସେହିପରି କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ଆଲୋକ ଆରାଧେଙ୍କୁ ତେଲଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଏବଂ ଦିଲ୍ଲୀ ହାଇକୋର୍ଟର ବିଚାରପତି ସିଦ୍ଧାର୍ଥ ମୃଦୁଲଙ୍କୁ ମଣିପୁର ହାଇକୋର୍ଟରେ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି କଲେଜିୟମ ସୁପାରିସ କରିଛନ୍ତି।

ଏହା ବ୍ୟତୀତ ୫ ଜଣିଆ କଲେଜିୟମ ତେଲଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ଜଷ୍ଟିସ ଉଜ୍ଜଳ ଭୂୟାଁ ଏବଂ କେରଳ ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ଏସ୍. ଭେଙ୍କଟନାରାୟଣ ଭଟ୍ଟିଙ୍କ ନାମକୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ଦେବାକୁ ସୁପାରିସ କରିଛନ୍ତି।

## ୧୦୫ କୋଟିର ତଥ୍ୟ...

ପ୍ରତ୍ୟାରୋପ ବଢ଼ିବାରେ ଲାଗିଛି। ସରକାରୀ ଦଳର ପୃଷ୍ଠପୋଷକତାରେ ଡିଏନ୍ ଗ୍ରୁପ୍ ତା'ର ସାମ୍ରାଜ୍ୟ ବିସ୍ତାର କରୁଥିବା ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଉଛି। ଏପରିକି ଡିଏନ୍ ଗ୍ରୁପର ଅଧ୍ୟକ୍ଷ ଜଗଦିଶ୍ ପ୍ରସାଦ ନାୟକଙ୍କ ସହ ତୃତୀୟ ମହଲା ଲିଙ୍କ୍ ଥିବା ମଧ୍ୟ ବିରୋଧୀ କହି ସରକାରଙ୍କୁ ଘେରିଛନ୍ତି। ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ ଖବରଦାତା ସମ୍ମିଳନୀରେ କହିଛନ୍ତି, କର୍ପୋରେଟ୍ ହାଉସ୍‌ର ଜଣେ କର୍ମଚାରୀଙ୍କ ଘରୁ ୩୦ କୋଟି ଟଙ୍କା ମିଳିଲା। ଓଡ଼ିଶା ଇତିହାସରେ ଏମିତି କେବେ ହୋଇଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ସହ ଦୁର୍ନୀତିଗ୍ରସ୍ତ ଅମଲାତନ୍ତ୍ର ଓ ବ୍ୟବସାୟୀଙ୍କ ସହ ସମ୍ପର୍କ କ'ଣ? ଓଡ଼ିଶାର ଲୋକ ସିଏମ୍‌ଓ କହିଲେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ବୁଝୁନାହାନ୍ତି, ଏହାର ଅର୍ଥ କରପ୍ସନ୍ ମୋବିଲାଇଜେସନ୍ ଅଫିସ ବୋଲି ଅନିଲ କହି କଟାକ୍ଷ କରିଛନ୍ତି।

ସେହିଭଳି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଡିଏନ୍ ଗ୍ରୁପର କର୍ମଚାରୀଙ୍କଠୁ ମିଳିଥିବା ଟଙ୍କା ବଡ଼ ବଡ଼ ଅଫିସର, ମନ୍ତ୍ରୀ ଓ ଶାସକ ଦଳର ହୋଇଥିବା ବେଳେ ନିର୍ବାଚନ ବେଳେ ଏହାକୁ ଖଟାଇବା ପାଇଁ ରଖାଯାଇଥିଲା ବୋଲି ଜନସାଧାରଣ ଆଲୋଚନା କରୁଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବିଜେଡି ମୁଖପାତ୍ର ଲେଲିନ୍ ମହାନ୍ତି ଏହାର ଜବାବରେ କହିଛନ୍ତି, ଯଦି କେହି ଟିକସ ଫାଙ୍କିଥିବେ ତାହା ଲୋକଲୋଚନକୁ ଆସୁ। ଆଇନ ତା' ବାଟରେ ଯିବ ବୋଲି ସବୁବେଳେ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିରେ କିଛି ଅସୁବିଧା ନାହିଁ। ବିରୋଧୀମାନେ ଜାଣିଲେଣି ତାଙ୍କର ଆଉ ସ୍ଥିତି, ଭିତ୍ତି ନାହିଁ। ହତାସାରେ ସେମାନେ ବିଳିବିଳଉଛନ୍ତି ବୋଲି ଲେଲିନ୍ କହିଛନ୍ତି।

## ଟୁଇନ୍ ସିଟି ଇନ୍‌ଫ୍ରାକନ୍‌ରେ...

ପ୍ରାୟ ୧୨୦ ଏକର ଜମି କମ୍ପାନୀ ଅଧୀନରେ ରହିଛି। ଚଢ଼ାଉ ସମୟରେ ବିଶେଷ କରି ଆୟକର ସମ୍ପର୍କିତ ଡକ୍ୟୁମେଣ୍ଟଗୁଡ଼ିକୁ ଯାଞ୍ଚ କରାଯାଉଥିବା ଜଣାଯାଇଛି। ଡିଏନ୍ ଗ୍ରୁପ୍ ଅଫ୍ କମ୍ପାନିଜ୍ ନିର୍ଦ୍ଦେଶକଙ୍କ ଘରୁ ଆୟକର ଅଧିକାରୀମାନେ ବହୁ ପରିମାଣ ଅର୍ଥ ଜବତ କରିଥିବା ବେଳେ ଟୁଇନ୍ ସିଟି ଇନ୍‌ଫ୍ରାକନ୍ ସହ ଡିଏନ୍ ଗ୍ରୁପ୍‌ର ସମ୍ପର୍କ ବାବଦରେ ଏପର୍ଯ୍ୟନ୍ତ କିଛି ସୂଚନା ମିଳିପାରି ନ ଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

## ଟୁଇଟର ପ୍ରତିଦ୍ୱନ୍ଦ୍ୱୀ...

ମେଟା ମିଛରେ ଖୁସି ମନାଉଥିବା ମସ୍କ ଟୁଇଟ୍ କରି କହିଛନ୍ତି। ଦୀର୍ଘ ୧୧ ବର୍ଷ ଧରି ଟୁଇଟରରୁ ଦୂରେଇ ରହିଥିବା ଜୁକରବର୍ଗ କେବଳ ଥ୍ରେଡ୍ସର ଲଞ୍ଚ ନେଇ ମସ୍କଙ୍କ ମାଇକ୍ରୋବ୍ଲଗିଂ ସାଇଟ୍‌କୁ ଫେରି ଏ ସମ୍ପର୍କରେ ଟୁଇଟ୍ କରିଛନ୍ତି। ମସ୍କଙ୍କୁ ଆକ୍ଷେପ କରି ଶେୟାର କରିଥିବା ପୋଷ୍ଟରେ ଦୁଇଟି ସ୍ପାଇଡର ମ୍ୟାନ୍ ସାମ୍ନାସାମ୍ନି ହେଉଥିବା ଦେଖିବାକୁ ମିଳିଛି। ବୈଦ୍ୟୁତିକ କାର (ଇଭି) ନିର୍ମାଣକାରୀ କମ୍ପାନୀ ଟେସ୍‌ଲା ମାଲିକ ଗତବର୍ଷ ଅକ୍ଟୋବରରେ ୪୪ ବିଲିୟନ୍ ଡଲାରରେ ଟୁଇଟରକୁ କିଣିବା ପରେ ଥ୍ରେଡ୍ସ ତାଙ୍କ ପାଇଁ ସବୁଠୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ହୋଇପାରେ ବୋଲି କୁହାଯାଉଛି। ସେହିପରି ନୂଆ ଟୁଇଟର ସିଇଓ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଲିଣ୍ଡା ୟାକାରିନୋଙ୍କ ପାଇଁ ଏହା ବଡ଼ ଚ୍ୟାଲେଞ୍ଜ ହେବ। ବିଶ୍ୱର ମୋଟ ୧୦୦ ଦେଶରେ ଥ୍ରେଡ୍ସ ଉପଲବ୍ଧ ଥିବାବେଳେ ଜାତିସଂଘରେ ଏହା ଲଞ୍ଚ ହୋଇନାହିଁ। ଅନ୍ୟ ସୋସିଆଲ ସାଇଟ୍‌ର ୟୁଜର୍ସଙ୍କ ସହ ଥ୍ରେଡ୍ସ ଜରିଆରେ କଥା ହୋଇପାରିବ ବୋଲି ମେଟାର ଉପାଧ୍ୟକ୍ଷ କନୋନର ହାୟେସ ପ୍ରକାଶ କରିଛନ୍ତି। ଥ୍ରେଡ୍ସ ଲଞ୍ଚ ହେବାର ୭ ଘଣ୍ଟା ମଧ୍ୟରେ ୧ କୋଟି ଲୋକ ଏହା ସହ ଯୋଡ଼ି ହୋଇଥିବାବେଳେ ପ୍ରଥମ ୨ ଘଣ୍ଟାରେ ୨୦ ଲକ୍ଷ ଲୋକ ଆପ୍‌ରେ ସାଇନ୍ ଅପ୍ କରିଥିଲେ। ଅନେକଙ୍କ ମତରେ ଟୁଇଟର ଜରିଆରେ ଲୋକେ ଦେଶ ବିଦେଶର ଖବର ସହଜରେ ଜାଣିହେଉଥିବାବେଳେ ଥ୍ରେଡ୍ସକୁ ଏହାର ସ୍ଥାନ ନେବା ପାଇଁ ସମୟ ଲାଗିବ। ଥ୍ରେଡ୍ସ ବ୍ୟତୀତ ବ୍ଲୁସ୍କାଏ, ମାଷ୍ଟୋଡନ୍ ଭଳି ସୋସିଆଲ ମିଡିଆ ରହିଛି, ଯାହା ଏବେବି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସଂଘର୍ଷ କରୁଛନ୍ତି।

# ଜାଗ୍ରତ ସୈନିକ ରୂପେ କାର୍ଯ୍ୟ କରନ୍ତୁ ଯୁବପିଢ଼ି




ମାଲକାନଗିରି ମହିଳା ମହାବିଦ୍ୟାଳୟଠାରେ ଗୁରୁବାର ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି'ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଅତିଥିମାନେ ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଏବଂ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀ ଓ ଅଧ୍ୟାପିକା ।

## ଧରିତ୍ରୀର ୫୦ବର୍ଷ ପାଳନ ଅବସରରେ ମହିଳା ମହାବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା

**ମାଲକାନଗିରି,୬।୭(ଦୁର୍ଯ୍ୟୋଧନ ପାତ୍ର/ ନୃସିଂହ ଚରଣ ମହାନ୍ତି)**

ଭାରତ ସ୍ୱାଧୀନ ହେବା ପରେ ଆମ ଦେଶର ସୁଶାସନ ଏବଂ ନାଗରିକଙ୍କ ସାମ୍ବିଧାନିକ ଅଧିକାର, ଗଣତନ୍ତ୍ରର ସୁରକ୍ଷା ଏବଂ ଏହାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ବାବା ସାହେବ ଆମ୍ବେଡକର ସମ୍ବିଧାନ ପ୍ରଣୟନ କରିଥିଲେ। ପରବର୍ତ୍ତୀ ସମୟରେ ଏଥିରେ ରହିଥିବା ଆଇନ ଅନେକ ଥର ପରିବର୍ତ୍ତିତ ହୋଇଛି। ତେବେ ଗଣତନ୍ତ୍ର ଆଜି ବିପଦମୁଖୀ ହୋଇପଡ଼ିଥିବା ଅନେକ ବିରୋଧୀ ଦଳ ଅଭିଯୋଗ କରି ଆସୁଥିବାବେଳେ ଶାସକ ଦଳ ସମ୍ବିଧାନ ଅନୁଯାୟୀ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ କରୁଥିବା ଦାବି ରଖୁଛନ୍ତି।

ଗଣତନ୍ତ୍ର ସମ୍ପର୍କରେ ଆଜିର ଯୁବପିଢ଼ିଙ୍କୁ ଅବଗତ କରାଇବା ଲାଗି ଧରିତ୍ରୀର ୫୦ ବର୍ଷ ପାଳନ ଉପଲକ୍ଷେ ଗୁରୁବାର ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କୁ ନେଇ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଧରିତ୍ରୀ ଜିଲା ପ୍ରତିନିଧି ଦୁର୍ଯ୍ୟୋଧନ ପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ପ୍ରତିଯୋଗିତାରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ସମ୍ମାନିତ ଅତିଥି ରୂପେ ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର, ମାଲକାନଗିରି ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ ଜେନା, କୋରାପୁଟ ଧରିତ୍ରୀ ଜିଲା ପ୍ରତିନିଧି ଅମିତାଭ ବେହେରା, ନବରଙ୍ଗପୁର ଧରିତ୍ରୀ ଜିଲା ପ୍ରତିନିଧି ସଦାଶିବ ପ୍ରହରାଜ, ରାୟଗଡା ସଂସ୍କରଣ ବିତରଣ ପରିଚାଳକ ବିଶ୍ୱଜିତ ପାଲଟାସିଂ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଧରିତ୍ରୀର ୫୦ ବର୍ଷ ପାଳନ ପାଳନ ଅବସରରେ ମହାବିଦ୍ୟାଳୟ ପରିସରରେ ୫୦ ଜଣ ଛାତ୍ରୀଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ଛାତ୍ରୀମାନଙ୍କ ସ୍ୱାଗତ ସଙ୍ଗୀତ ପରିବେଷଣ ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ପ୍ରତିଯୋଗିତାରେ ସୋନାଲି ବିଶ୍ୱାସ, ଭାଗ୍ୟଶ୍ରୀ ପାତ୍ର, ତପସ୍ୱିନୀ ଓଝା, କାଜଲ ଶିଶା, ନମିତା ପଡିଆମି, ବେବି ଅନସାରୀ, ମାଳତି କିର୍ସାନୀ, ସ୍ମୃତି ପାତ୍ର, ପ୍ରିୟଙ୍କା ପାଲ ଓ ଲତା ମଜୁମଦାର ଅଂଶଗ୍ରହଣ କରିଥିଲେ। ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଭାଗ୍ୟଶ୍ରୀ ପାତ୍ର ପ୍ରଥମ, ସ୍ମୃତି ପାତ୍ର ଦ୍ୱିତୀୟ ଓ ତପସ୍ୱିନୀ ଓଝା ତୃତୀୟ ବିବେଚିତ ହୋଇଥିଲେ। ଧରିତ୍ରୀ ଖବରକାଗଜ ଯୁବପିଢ଼ିଙ୍କ ପାଇଁ ଜ୍ଞାନର ଗନ୍ତାଘର। ଏଥିରେ ଜାତୀୟ ଅନ୍ତର୍ଜାତୀୟ ଏବଂ ରାଜ୍ୟର ବିଭିନ୍ନ କୋଣ ଅନୁକୋଣର ଖବର ପ୍ରକାଶ ପାଉଛି। ଏହାକୁ ଅନୁସରଣ କରି ଆଜିର ଯୁବପିଢି ଗଣତନ୍ତ୍ରର ସୁରକ୍ଷାରେ ଜାଗ୍ରତ ସୈନିକ ରୂପେ କାର୍ଯ୍ୟ କରିବାକୁ ଅତିଥିମାନେ ଉପସ୍ଥିତ ଯୁବପିଢିଙ୍କୁ ପରାମର୍ଶ ଦେଇଛନ୍ତି। ଧରିତ୍ରୀର ଏପରି କାର୍ଯ୍ୟକ୍ରମ ଗଣତନ୍ତ୍ରକୁ ବୁଝିବାରେ ଯୁବପଢ଼ିଙ୍କୁ ପ୍ରେରଣା ଯୋଗାଇବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ। ମାଲକାନଗିରି ଜିଲା ଧରିତ୍ରୀ ପରିବାରର ଜିଲା ପ୍ରତିନିଧି ନୃସିଂହ ଚରଣ ମହାନ୍ତି, କ୍ଷୀରୋଦ ବେହେରା, ଶିବଦତ୍ତ ସାହୁ, ସୁବାସ ଖୁଣ୍ଟୁପିଆ, ହୃଷୀକେଶ ସେଠୀ, ଅବିନାଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରତିଯୋଗୀଙ୍କ ମୁହଁରୁ...



ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ଦୂର କରିବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗଣମାଧ୍ୟମ ପ୍ରତିଧିମାନଙ୍କ ମଧ ଗଣତନ୍ତ୍ର ସମ୍ପର୍କରେ ଅଧିକ ଜ୍ଞାନ ରହିବା ଉଚିତ। କେତେକ ଗଣମାଧ୍ୟମ ରାଜନୈତିକ ଦଳ ଓ ନେତାମାନଙ୍କ ପ୍ରଚାରକ ସାଜୁଛନ୍ତି, ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। -**ସୋନାଲି ବିଶ୍ୱାସ**



ଭାରତ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରଭିତ୍ତିକ ରାଷ୍ଟ୍ର। ଏହାର ଜନସଂଖ୍ୟାର ୬୫ଭାଗ ଯୁବବର୍ଗ। ତେଣୁ ଯୁବବର୍ଗଙ୍କୁ ସଚେତନ, ସକ୍ରିୟ ଓ ଆତ୍ମନିର୍ଭରଶୀଳ କରିବା ଗଣମାଧ୍ୟମର କର୍ତ୍ତବ୍ୟ ହେବା ଉଚିତ । -**ଭାଗ୍ୟଶ୍ରୀ ପାତ୍ର**



ଦେଶର ଯୁବବର୍ଗଙ୍କୁ ସବୁ ଦୃଷ୍ଟିକୋଣରୁ ସଶକ୍ତ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଉପଯୁକ୍ତ ଶିକ୍ଷାର ବିକାଶ ପାଇଁ ଗଣମାଧ୍ୟମ କାମ କରିବା ଉଚିତ। କାରଣ ବିକାଶର ପ୍ରଥମ ସୋପାନ ହେଉଛି ଶିକ୍ଷା । ଜଣେ ଶିକ୍ଷିତ ହୋଇପାରିଲେ ତା'ର ବିଭିନ୍ନ କ୍ଷେତ୍ରରେ ଜ୍ଞାନ ଆହରଣ ଲାଗି ଆଗ୍ରହ ବଢ଼ିବ। -**ଦେବୀ ଅନସାରୀ**



ରାଜନୀତିରେ ଗଣତନ୍ତ୍ରର ସଂସ୍କାର ଆଣିବାକୁ ହେଲେ ଯୁବବର୍ଗ ଏବଂ ବିଶେଷ କରି ମହିଳାମାନେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କଲେ ଗଣତନ୍ତ୍ର ସୁଦୃଢ଼ ହେବ। ପ୍ରତ୍ୟେକ ବ୍ୟକ୍ତି ଦୈନନ୍ଦିନ ଘଟଣା ଜାଣିବା ପାଇଁ ଧରିତ୍ରୀ ଭଳି ଏକ ବୃହତ୍ ଖବରକାଗଜ ପଢ଼ିବା ଉଚିତ। -**କାଜଲ ଶିଶା**



ଧରିତ୍ରୀର ଏହି କାର୍ଯ୍ୟକ୍ରମ ଗଣତନ୍ତ୍ର ଓ ସମ୍ବିଧାନ ସମ୍ପର୍କରେ ଶିକ୍ଷାଲାଭ ପାଇଁ ଯୁବପିଢ଼ିଙ୍କୁ ଅଧିକ ପ୍ରେରଣା ଯୋଗାଇବ। ଗଣତନ୍ତ୍ରକୁ ଅଧିକ କ୍ରିୟାଶୀଳ କରିବା ଦିଗରେ ଯୁବବର୍ଗଙ୍କ ଭୂମିକା ଆଗାମୀ ଦିନରେ ଗୁରୁତ୍ୱପୂର୍ଣ୍ଣ ହେବ। -**ନମିତା ପଡିଆମି**



ଗଣତନ୍ତ୍ରର ସଫଳ ରୂପାୟନ ପାଇଁ ମୁକ୍ତ ଓ ନିରପେକ୍ଷ ପରିବେଶ ଜରୁରୀ। ଏହା ମାଧ୍ୟମରେ ଯୁବପିଢ଼ି ସଚେତନ ହୋଇ ଗଣତନ୍ତ୍ରକୁ ସଫଳ ରୂପ ଦେବାରେ ସହାୟକ ହେବେ । -**ସ୍ମୃତି ପାତ୍ର**



ଯେତେଦିନ ପର୍ଯ୍ୟନ୍ତ ଦେଶର ଯୁବପିଢ଼ି ଗଣତାନ୍ତ୍ରିକ ବ୍ୟବସ୍ଥାରେ ସକ୍ରିୟ ଭାବେ ଅଂଶଗ୍ରହଣ ନ କରିବେ ସେତେଦିନ ପର୍ଯ୍ୟନ୍ତ ଦେଶର ପ୍ରକୃତ ବିକାଶ ହୋଇପାରିବ ନାହିଁ। ଦେଶର ବିକାଶ ହେଲେ ଗଣତନ୍ତ୍ର ସମୃଦ୍ଧ ହେବ। -**ମାଳତୀ କିର୍ସାନୀ**



ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ହେଉଛି ଗଣମାଧ୍ୟମ । ଏହା ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରେ। ସରକାରଙ୍କ ଦୋଷ ଦୁର୍ବଳତା ଲୋକଲୋଚନକୁ ଆଣେ । ତେଣୁ ଗଣତନ୍ତ୍ର ସୁରକ୍ଷାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। -**ପ୍ରିୟଙ୍କା ପାଲ**



ଗଣମାଧ୍ୟମ ଯୁବପିଢ଼ିଙ୍କୁ ସେମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରିଥାଏ। ସୁସ୍ଥ ଗଣତନ୍ତ୍ର, ମୁକ୍ତ ଓ ନିରପେକ୍ଷ ଗଣମାଧ୍ୟମ ଗଣତନ୍ତ୍ରର ରକ୍ଷାକବଚ ସଦୃଶ। ଗଣତନ୍ତ୍ର ସୁରକ୍ଷିତ ରହିଲେ ସୁସ୍ଥ ସମାଜ, ସୁସ୍ଥ ଦେଶ ଗଠନରେ ଯୁବପିଢ଼ି ସକ୍ରିୟ ଭୂମିକା ଗ୍ରହଣ କରିବେ। -**ଲତା ମଜୁମଦାର**



ସୁସ୍ଥ ଜନମତ ସୃଷ୍ଟି କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହା ସୁସ୍ଥ ଗଣତନ୍ତ୍ରର ସଫଳ ରୂପାୟନରେ ସହାୟକ ହୋଇଥାଏ । ତେବେ ଅନେକ ଗଣମାଧ୍ୟମ ପ୍ରତିନିଧି ମିଥ୍ୟା ଏବଂ ଏକତରଫା ଖବର ପ୍ରସାରଣ କରି ଜନମତକୁ ବିଭ୍ରାନ୍ତ କରୁଛନ୍ତି। ଏପରିସ୍ଥଳେ ଧରିତ୍ରୀର ଏହି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କୁ ନିଶ୍ଚିତ ପ୍ରେରଣା ଯୋଗାଇବ । -**ତପସ୍ୱିନୀ**



"ସେହି ଦିବ୍ୟଜନନୀ ଆମ ପୃଥିବୀର ଏଇ ଅନ୍ଧକାର ଭିତରକୁ ପ୍ରବେଶ କରିଛନ୍ତି। କାରଣ- ସେ ଏଇ ଅନ୍ଧକାର ଭିତରେ ଆଲୋକ ଜଳାଇବେ। ସେ ମଧ୍ୟ ଏହି ପାର୍ଥିବ ଜୀବନର ମିଥ୍ୟା ଓ ଭ୍ରମପ୍ରମାଦ ଭିତରେ ପ୍ରବେଶ କରିଛନ୍ତି। କାରଣ ସେ ତାକୁ ସତ୍ୟରେ ପରିଣତ କରିବେ। ସେ ମଧ୍ୟ ଏଇ ମୃତ୍ୟୁଲୋକରେ ପ୍ରବେଶ କରିଛନ୍ତି। କାରଣ ସେ ଏହାକୁ ଦିବ୍ୟଜୀବନରେ ରୂପାନ୍ତରିତ କରିପାରନ୍ତି। -ଶ୍ରୀଅରବିନ୍ଦ



# ବନ୍ଧୁତ୍ୱବାଦ ଓ ଦୁର୍ନୀତିର ବିଶ୍ୱ



କୌଶିକ ବସୁ

ନିମ୍ନଲିଖିତ ସ୍ଥିତି ବିଷୟରେ ଟିକେ ଭାବନ୍ତୁ। ରାଜନୈତିକ କ୍ଷମତା ପରିସର ବାହାରର ଜଣେ ବ୍ୟକ୍ତି ଦୁର୍ନୀତି ମୂଳୋତ୍ପାଟନ କରିବାର ପ୍ରତିଶ୍ରୁତି ଦେଇ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ଜିତେ। ଯଦିଓ ଏହା ଏକ ବାସ୍ତବ ଉଦ୍ଦେଶ୍ୟ, ସେଥିପାଇଁ ସେମାନେ କାର୍ଯ୍ୟଭାର ଗ୍ରହଣ କରିବା ପରେ ସରକାର ଓ ବିରୋଧୀ ରାଜନୈତିକ ଦଳର ସମାଲୋଚକ ଉପରେ ଧ୍ୟାନ ଦେବା ସବୁଠୁ ଭଲ ବୋଲି ସେମାନେ ଶୀଘ୍ର ଅନୁଭବ କରିବେ, କାରଣ ସେମାନେ ଜାଣନ୍ତି ନିଜ ବନ୍ଧୁଙ୍କୁ ଅନୁସରଣ କରିବା ରାଜନୈତିକ ଆଧାରକୁ ନଷ୍ଟ କରିଦିଏ। ଏଣୁ ଏହି ବନ୍ଧୁତ୍ୱବାଦ ବିହନ ବୁଣିବା ଭଳି ମୂଳ ଯୋଜନାର ଅପ୍ରତ୍ୟାଶିତ ପରିଣାମ ରହିଛି। ଏପରି କି ଦୁର୍ନୀତିକୁ ଟାର୍ଗେଟ କରିବାବେଳେ ନେତାମାନେ ବନ୍ଧୁମାନଙ୍କୁ ସୁରକ୍ଷା ଦେଇ ଓ ସହଯୋଗୀମାନଙ୍କ ସପକ୍ଷରେ କାର୍ଯ୍ୟ କରି କ୍ଷମତାରେ ସେମାନଙ୍କ ଶକ୍ତି ଦୃଢ଼ କରନ୍ତି। ଫଳରେ ଦେଶ ଧୀରେ ଧୀରେ ଏକଚ୍ଛତ୍ରବାଦ ଆଡ଼କୁ ଗତିକରେ। ଶେଷରେ ଦୁର୍ନୀତି କମିବା ବଦଳରେ ବଢ଼ିଚାଲେ। ଏହି ବିଷୟ ବିକଶିତ ଓ ବିକାଶଶୀଳ ଦେଶଗୁଡ଼ିକରେ ବହୁବାର ଘଟିବା ଲକ୍ଷ୍ୟ କରାଯାଇଛି। ବାସ୍ତବରେ ଏଭଳି ଏକ ପରିବର୍ତ୍ତନ ରାଜନୈତିକ ନେତାଙ୍କ ନିଜ ଦେଶରେ ବଡ଼ ନକାରାତ୍ମକ ପ୍ରଭାବ ପକାଇପାରେ। ଏବକାର ଜଗତୀକରଣ ବିଶ୍ୱରେ ବନ୍ଧୁତ୍ୱବାଦର ପରିଣାମ ବହୁ ସମୟରେ ଦେଶ ବାହାରକୁ ବ୍ୟାପିଯିବା ଦେଖାଯାଏ।

ରୁଷିଆର ଉଦାହରଣ ନିଆଯାଉ। ପ୍ରଧାନମନ୍ତ୍ରୀ ଭାବେ ହେଉ କିମ୍ବା ରାଷ୍ଟ୍ରପତି, ଭ୍ଲାଡିମିର ପୁଟିନ୍ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ କ୍ଷମତାରେ ରହି ଏକ ଧନିକତନ୍ତ୍ର ଶାସନ ପ୍ରତିଷ୍ଠା କରିଛନ୍ତି, ଯାହା ବିଶେଷକରି ବନ୍ଧୁତ୍ୱ ପୁଞ୍ଜିବାଦର ଏକ କ୍ଷତିକାରକ ସ୍ୱରୂପ ଭାବେ ପ୍ରତୀୟମାନ ହୋଇଛି। ତାଙ୍କ ବନ୍ଧୁ ଓ ସହଯୋଗୀମାନେ ବିଗତ ଦୁଇ ଦଶନ୍ଧି ମଧ୍ୟରେ ରୁଷିଆ ସମ୍ପତ୍ତିର ସିଂହଭାଗ ଦଖଲ କରିଥିବାବେଳେ ସାଧାରଣ ରୁଷୀୟମାନେ ଏକ ସ୍ଥିର ଓ ମାନ୍ଦା ଅର୍ଥ ବ୍ୟବସ୍ଥାରେ ରହିଥିବା ଅନୁଭବ କରୁଛନ୍ତି। ରୁଷିଆର ୟୁକ୍ରେନ୍ ଉପରେ ଆକ୍ରମଣର ପରିଣାମ ହେଉଛି ପୁଟିନ୍‌ଙ୍କ ଦୁର୍ନୀତି ଏକ ବୈଶ୍ୱିକ ସମସ୍ୟାକୁ ପରିବର୍ତ୍ତନ ହୋଇଛି ଓ ଏହା ସାରା ୟୁରୋପ, ଆଫ୍ରିକା, ଏସିଆ ଏବଂ ଆମେରିକାରେ ଲଗାତର ପ୍ରତିଧ୍ୱନିତ ହୋଇ ଚାଲିଛି। ବିଶେଷକରି ଏହି ଧାରାକୁ ଯେଉଁ ନେତାମାନେ ସଞ୍ଚାଳିତ କରିଛନ୍ତି, ସେମାନଙ୍କୁ ଦାୟୀ କରିବା ବାସ୍ତବ କାର୍ଯ୍ୟ ହୋଇଛି। କିନ୍ତୁ ବନ୍ଧୁତ୍ୱବାଦ ହଟାଇବାକୁ ଆମକୁ ପ୍ରଥମେ ନୂତନ କାର୍ଯ୍ୟପଦ୍ଧତି ବିକାଶ କରିବାକୁ ହେବ। ପଦକ୍ଷେପ ଢାଞ୍ଚାର ବିଚାରଧାରାରେ ଉନ୍ନତି ଆଣିବାକୁ ପଡ଼ିବ, ଯାହା ନେତାମାନଙ୍କୁ ବନ୍ଧୁତ୍ୱବାଦ ଓ ବ୍ୟାପକ ଦୁର୍ନୀତିର ରାସ୍ତାରୁ ହଟିଯିବା ଲାଗି ପ୍ରେରିତ କରିବ।



ଇଣ୍ଡୋନେସିଆର ଇତିହାସ ପରିବର୍ତ୍ତନ ଏକ ଉଲ୍ଲେଖନୀୟ ଦୃଷ୍ଟାନ୍ତମୂଳକ ବିଷୟ। ଏହା ରାଜନୈତିକ ନେତାଙ୍କୁ ବନ୍ଧୁତ୍ୱବାଦକୁ କୋଳେଇ ନେବା ଲାଗି ଉତ୍ସାହିତ କରେ। ୧୯୬୦ ଦଶନ୍ଧିର ମଧ୍ୟଭାଗରେ ଆମେରିକା ସମର୍ଥନ ବଳରେ ଏକଚ୍ଛତ୍ରବାଦୀ ସୁହାର୍ତ୍ତୋ କ୍ଷମତା ଦଖଲ କରିଥିଲେ। ସେହି ସମୟରେ ସେ ତାଙ୍କ ପୂର୍ବର ଶାସକ ସୁକର୍ଣ୍ଣଙ୍କ ଦୁର୍ନୀତିକୁ ଶେଷ କରିଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସୁହାର୍ତ୍ତୋଙ୍କ ପାଶ୍ଚାତ୍ୟ ପ୍ରୀତି, ବ୍ୟବସାୟିକ ବନ୍ଧୁତାର ନୂଆ ବ୍ୟବସ୍ଥା ପୂର୍ବ ଶାସକଙ୍କ ଭଳି ଦୁର୍ନୀତିଗ୍ରସ୍ତ ଏବଂ କ୍ରୁର ପ୍ରମାଣିତ ହେଲା। ସେହିପରି ପୁଟିନ୍ ତାଙ୍କ ପୂର୍ବ ଶାସକ ବୋରିସ୍ ୟେଲ୍ଷ୍ଟିନଙ୍କ ସମୟରେ ସୃଷ୍ଟି ହୋଇଥିବା ରାଜନୈତିକ ପ୍ରଭାବଶାଳୀ ଧନିକ ବର୍ଗଙ୍କୁ ଜାଣିଶୁଣି ଅସୁବିଧାରେ ପକାଇଲେ। କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ତାଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ସ୍ଥାନ ଦେଇ ଏହାର ପରିସମାପ୍ତି ଘଟାଇବା ପ୍ରକାଶ କଲେ।

ଏହି ମହତ୍ତ୍ୱପୂର୍ଣ୍ଣ ତଥା ଗୁପ୍ତ ପ୍ରକ୍ରିୟାକୁ ବୁଝିବାକୁ ହେଲେ ଆମକୁ ଧରିନେବାକୁ ହେବ ଯେ,ଏହି ନେତାମାନେ ମଜଭୁତ ସ୍ଥିତିରେ ଥିବା ଦୁର୍ନୀତିର ମୁକାବିଲା କାରିବାକୁ ପ୍ରକୃତରେ ପ୍ରତିବଦ୍ଧ ଥିଲେ, ଯେହେତୁ କ୍ଷମତାକୁ ଆସିଥିବା ଅନେକ ରାଜନୈତିକ ନେତା ବି ଏହା କରି ଦେଖାଇଛନ୍ତି। ଏହା ନିଃସନ୍ଦେହ ଯେ, ବ୍ୟବସାୟ ଓ ରାଜନୈତିକ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଥିବା ପାରସ୍ପରିକ ନିର୍ଭରଶୀଳତାର ସମ୍ପର୍କ ଛିନ୍ନ କରିବା ଅତି ଜଟିଳ। ଏହା କରିବାକୁ ଅନେକ ଉପାୟ ଅଛି ବୋଲି ନିକଟରେ ଭିଏନା ବିଶ୍ୱବିଦ୍ୟାଳୟର ଅର୍ଥନୀତିଜ୍ଞ ଡିମିଟ୍ରି କିଞ୍ଜାଜେଭ DMITRIY KNYAZEVଙ୍କ ଦ୍ୱାରା କରାଯାଇଥିବା ଏକ ଅନୁଧ୍ୟାନ ସ୍ପଷ୍ଟ କରିଛି। ଉଦାହରଣ ସ୍ୱରୂପ, ସରକାରୀ ଅଧିକାରୀମାନେ ଦୁର୍ନୀତି କଲେ ସେମାନଙ୍କ ଉପରେ ନୀତି ନିର୍ଦ୍ଧାରକମାନେ ଜରିମାନା ଲଗାଇପାରିବେ କିମ୍ବା ଏହି ଅପରାଧ ସମ୍ପର୍କରେ ଯେଉଁ ନାଗରିକ ଜଣାଇବେ, ସେମାନଙ୍କୁ ପୁରସ୍କାର ଦେଇପାରିବେ। ଦୁର୍ନୀତିରେ ଉବୁଟୁବୁ ଦେଶଗୁଡ଼ିକରେ ସମ୍ଭାବ୍ୟ ସନ୍ଦିଗ୍ଧଙ୍କ ଉପରେ ତଦନ୍ତ ଓ ମକଦ୍ଦମା କରିବା ଲାଗି ନେତାମାନଙ୍କର ଅଭାବ ନାହିଁ। ଏହା ସମ୍ଭବ ହେଲେ ବି ବାସ୍ତବରେ ତାହା ହୋଇ ପାରୁନାହିଁ। ନିକଟରେ ମୁଁ ଏକ ରିପୋର୍ଟରେ ପ୍ରକାଶ କରିଥିଲି ଯେ, ଅଧିକ ଯାଞ୍ଚ ସମସ୍ୟା ବଢ଼ାଇପାରେ। ତର୍କଟି ଅତି ସରଳ। ଏକ ଦୁର୍ନୀତି ବିରୋଧୀ ମଞ୍ଚରେ କ୍ଷମତାକୁ ଆସିବା ପରେ ନେତାମାନେ ଅନୁଭବ କରନ୍ତି ଯେ, ପ୍ରତ୍ୟେକଙ୍କ ବିରୋଧରେ ଯାଇ ଦୁର୍ନୀତିକୁ ମୁକାବିଲା କରିବା ଅର୍ଥ ନିଜ ସମର୍ଥକଙ୍କୁ ହରାଇବା। ଏଣୁ ଯେପର୍ଯ୍ୟନ୍ତ ଜଣେ ରାଜନୈତିକ ନେତା ଯାହା ଭାବନ୍ତି ତାହା କରିବାକୁ ଦୃଢ଼ନିଶ୍ଚିତ ନ ରୁହନ୍ତି, ସେତେବେଳେ ତାଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଓ ସେମାନଙ୍କ ଅନୁଗାମୀମାନଙ୍କୁ ଅସୁବିଧାରେ ପକାଇବାବେଳେ ସାଥୀ ଓ ବିଶ୍ୱସ୍ତମାନଙ୍କୁ ଛାଡ଼ିଦିଅନ୍ତି। ଏହା ହିଁ ସେମାନଙ୍କର ଦୁର୍ନୀତି ବିରୋଧୀ ଲଢ଼େଇର ଉପାୟ! ବାସ୍ତବରେ ଅଧିକ ଯାଞ୍ଚ ପରିସରରେ ଥିବା ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଦୁର୍ନୀତି ରହିପାରେ, କିନ୍ତୁ ଯେଉଁ ସହଯୋଗୀ ଓ ବନ୍ଧୁମାନେ ଅନୁଭବ କରନ୍ତି ଯେ ସେମାନେ ସୁରକ୍ଷିତ, ସେମାନଙ୍କ ମଧ୍ୟରେ ବାସ୍ତବରେ ଏହା ବୃଦ୍ଧିପାଇବ। ଏହି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଦୁର୍ନୀତିର ପରିବର୍ତ୍ତନୀୟ ସ୍ଥିତିକୁ ନେଇ ସାମୂହିକ ଦୁର୍ନୀତି ଓ ବନ୍ଧୁତ୍ୱବାଦ ଅଧିକ ହୋଇପାରେ।

ଏଭଳି ଏକ ପରିଣାମକୁ ରୋକିବାକୁ ହେଲେ ସରକାରଙ୍କୁ ଏକ ସ୍ୱାଧୀନ ସଂସ୍ଥା ଗଢ଼ିବାକୁ ହେବ, ଯାହାକୁ ବେଆଇନ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇବା ଦାୟିତ୍ୱ ଦେବା ଦରକାର। ଏହାହିଁ ମୁଖ୍ୟ ଆବଶ୍ୟକତା। ସିଙ୍ଗାପୁରର କରପ୍‌ସନ ପ୍ରାକ୍ଟିସେସ୍ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ସିପିଆଇବି) ୧୯୫୨ରେ ପ୍ରତିଷ୍ଠା ହୋଇଥିଲା। ତଦନ୍ତ ଏବଂ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ମାମଲା ଆରମ୍ଭ କରିବାକୁ ଏକ ସରକାରୀ ସଂସ୍ଥାକୁ ଆବଶ୍ୟକ ସ୍ୱାଧୀନତା ପ୍ରଦାନ କରି ସଶକ୍ତ କରିବାର କି ଲାଭ ମିଳେ ତାହାର ଏକ ପ୍ରକୃଷ୍ଟ ଦୃଷ୍ଟାନ୍ତ ହେଉଛି ସିପିଆଇବି। ତେବେ ସିଙ୍ଗାପୁରର ରାଜନୈତିକ ବ୍ୟବସ୍ଥାରେ ଅଧିକ ତ୍ରୁଟି ରହିଥିଲେ ବି ସିପିଆଇବି ଦୁର୍ନୀତି ମୁକାବିଲାରେ ଆଖିଦୃଶିଆ ପ୍ରଗତି ହାସଲ କରିଛି।

ପରସ୍ପର ସହ ସଂଯୋଜିତ ହୋଇ ରହିଥିବା ଏବକାର ବିଶ୍ୱରେ ପ୍ରତ୍ୟେକ ଦେଶ ପାଇଁ ତା' ସୀମା ଭିତରେ ଦୁର୍ନୀତି ବିରୋଧରେ ଲଢ଼ିବା ଯଥେଷ୍ଟ ହେବ ନାହିଁ। କୌଣସି ଦେଶରେ ବନ୍ଧୁତ୍ୱବାଦ ଓ ଦୁର୍ନୀତିର ଦୀର୍ଘମିଆଦୀ ଆର୍ଥିକ ପରିଣାମର ସମ୍ଭାବନା ଅଛି। ସେଥିପାଇଁ ଏହି ଆହ୍ୱାନର ସମାଧାନ କରିବା ଲାଗି ଏକମାତ୍ର ଉପାୟ ହେଉଛି ବହୁରାଷ୍ଟ୍ର ଭାଗୀଦାରି। ଏହା ନିଶ୍ଚିତ ଯେ, ବିଶ୍ୱ ସ୍ତରରେ ଦୁର୍ନୀତି ବିରୋଧୀ ଲଢ଼େଇ ପଥରେ ଅନେକ ବାଧା ଅଛି। ଏଣୁ କଠୋର ଅନ୍ତଃରାଷ୍ଟ୍ରୀୟ ନିୟମାବଳୀ ଉପରେ ଚୁକ୍ତି କରିବା ଏହା ଉତ୍ତମ ହେବ।

**ପୂର୍ବତନ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ**
**ପୂର୍ବତନ ମୁଖ୍ୟ ଆର୍ଥିକ ପରାମର୍ଶଦାତା,**
**ଭାରତ ସରକାର**

## ଏଇ ଭାରତରେ

ଫୁଟ୍‌ପାଥ ସ୍କୁଲ ବିଷୟରେ କେବେ ଶୁଣିଛନ୍ତି କି? ଏମିତିକା ସ୍କୁଲ ଏବେ ଚାଲିଛି ଗାଜିଆବାଦରେ। ଏନ୍‌ଟିପିସିରୁ ଅବସର ନେବା ପରେ ନିରଜା ସାକ୍‌ସେନା ଏହି ସ୍କୁଲ ଚଳାଉଛନ୍ତି। ଲକ୍‌ଡାଉନ ସମୟରେ ଏଭଳି ଫୁଟ୍‌ପାଥ ସ୍କୁଲ ଚଳାଇବା ଲାଗି ନିରଜା ନିଷ୍ପତ୍ତି ନେଇଥିଲେ ଓ ତାହା ଦୁଇ ବର୍ଷ ହେଲା ଚାଲିଛି। ଏଠାରେ କେବଳ ଅସହାୟ ପିଲାମାନେ ପଢୁଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ସେ ପିଲାମାନଙ୍କଠାରୁ ଫିସ୍ ଆକାରରେ ପ୍ଲାଷ୍ଟିକ୍ ବର୍ଜ୍ୟ ନେଉଛନ୍ତି। ଏବେ ଏହି ସ୍କୁଲରେ ୪୦ ଜଣ ପିଲା ପଢୁଛନ୍ତି। ପିଲାମାନଙ୍କ ପଢ଼ିବା ଖର୍ଚ୍ଚ ସହ ଖାଦ୍ୟ, ପୋଷାକ ଓ ପାଠ୍ୟ ଉପକରଣ ମାଗଣାରେ ଯୋଗାଇ ଦିଆଯାଉଛି। ଏହି ସ୍କୁଲରେ ନିରଜା ପିଲାମାନଙ୍କୁ ପରିବେଶ ସଂରକ୍ଷଣ ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ପ୍ଲାଷ୍ଟିକ୍ ବର୍ଜ୍ୟରୁ ଏହି ପିଲାମାନେ ବି ପରିବେଶ ଉପଯୋଗୀ ଇଟା ପ୍ରସ୍ତୁତ କରିପାରୁଛନ୍ତି। ବଡ଼ ପିଲା ମାସକୁ ୪ଟି ଓ ଛୋଟ ପିଲା ୨ଟି ଇଟା ତିଆରି କରି ନିରଜାଙ୍କୁ ଦେଉଛନ୍ତି। ଏବେ ସୁଦ୍ଧା ପିଲାମାନେ ୪୦୦୦ ଇଟା ତିଆରି କରି ପ୍ଲାଷ୍ଟିକ୍ ବର୍ଜ୍ୟରୁ ପରିବେଶକୁ ରକ୍ଷା କରିବାରେ ଲାଗିଛନ୍ତି। ପିଲାମାନେ ବି ବୃକ୍ଷରୋପଣ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ଜୁଲାଇ ୧୯୯୮

- ତୈଳ ସମୃଦ୍ଧ କାସ୍ପିଆନ ସାଗରର ଉତ୍ତରାଞ୍ଚଳ କ୍ଷେତ୍ରକୁ ଭାଗ ଭାଗ କରିବା ପାଇଁ ରୁଷିଆ ଓ କାଜାଖସ୍ଥାନ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ।
- ହଙ୍ଗେରୀର ନୂଆ ପ୍ରଧାନମନ୍ତ୍ରୀ ଭାବେ ଦକ୍ଷିଣପନ୍ଥୀ ନେତା ଭିକ୍ଟର ଓରବାନ ନିର୍ବାଚିତ।
- ଶିମ୍‌ଲାଠାରୁ ୭୫ କିମି ଦୂର ରାମପୁର ଅଞ୍ଚଳ ଅନ୍ତର୍ଗତ ସହରଣଠାରେ ଥିବା ଭୀମକାଳୀ ମନ୍ଦିରରୁ ଯାତ୍ରୀମାନଙ୍କୁ ଧରି ଫେରୁଥିବା ଏକ ଟ୍ରକ ୧୦୦ ମିଟର ଗଭୀରର ଏକ ନାଳ ମଧ୍ୟକୁ ଖସିପଡ଼ିବା ଫଳରେ ୨୭ ଜଣଙ୍କ ପ୍ରାଣହାନି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 4 | 7 | | |
| 5 | | | | 6 | 3 | 9 | | |
| 6 | | | 7 | | | | | |
| 9 | 4 | | | 3 | 1 | | | |
| | | | 4 | | | | | 3 |
| | 1 | | | | | | | |
| | | | | 2 | | | 4 | |
| | | 1 | | | | | 2 | 5 |
| 3 | | 9 | | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 1 | 5 | 6 | 8 | 3 | 2 | 4 |
| 5 | 2 | 3 | 4 | 1 | 9 | 6 | 8 | 7 |
| 8 | 6 | 4 | 2 | 7 | 3 | 5 | 9 | 1 |
| 4 | 1 | 7 | 9 | 3 | 6 | 8 | 5 | 2 |
| 6 | 5 | 2 | 1 | 8 | 4 | 9 | 7 | 3 |
| 3 | 8 | 9 | 7 | 2 | 5 | 4 | 1 | 6 |
| 1 | 9 | 8 | 3 | 4 | 2 | 7 | 6 | 5 |
| 2 | 4 | 6 | 8 | 5 | 7 | 1 | 3 | 9 |
| 7 | 3 | 5 | 6 | 9 | 1 | 2 | 4 | 8 |

ଗତକାଲିର ଉତ୍ତର

# ଖାଉଟିଙ୍କୁ ଲୁଟୁଛନ୍ତି ପରିବା ବେପାରୀ



ସୁମନ୍ତ କୁମାର ଭୂୟାଁ

ବର୍ତ୍ତମାନର ବଜାରକୁ ଦେଖିଲେ ପୂର୍ବପରି ପକେଟରେ ପଇସା ପୂରାଇ ବ୍ୟାଗ୍‌ରେ ଆଉ ପନିପରିବା କିଣିହେବ ନାହିଁ। ସର୍ବନିମ୍ନ ସାରୁଠାରୁ ଛଞ୍ଚିଣା, ଜହ୍ନିଠାରୁ ଲଙ୍କା, ବାଇଗଣଠାରୁ କଲରା ସବୁର ଅମୂଲ ମୂଲ ବଜାର ଚଢ଼ା ରେଟ୍। ବଜାର ଦରରେ ଏବେ ଯେମିତି ନିଆଁ ଲାଗି ପ୍ରତିଦିନ ପନିପରିବାର ଭାଉ ହୁ ହୁ ହୋଇ ଆକାଶଛୁଆଁ ଥିବାବେଳେ ଅନେକ କ୍ଷେତ୍ରରେ ଦେଖାଦେଉଛି ବାସ୍ତବରେ ଚାଷୀ ଯେତିକି ମୂଲ୍ୟରେ ପନିପରିବା ବିକୁଛି ତା'ଠାରୁ ୨ଗୁଣାରୁ ବେଶି ମୂଲ୍ୟରେ ବ୍ୟବସାୟୀମାନେ ବଜାରରେ ବିକ୍ରି କରୁଛନ୍ତି। ବର୍ଷାଦିନ, ସାମଗ୍ରୀ ସଙ୍କଟ, ପରିବହନ ବାଧାପ୍ରାପ୍ତ ଏହିଭଳି ଦୁନିଆ ବାହାନା ଦେଖାଇ ଦରଦାମକୁ କେତେଜଣ ମୁନାଫାଖୋର ବ୍ୟବସାୟୀ ବଢ଼ାଇ ଚାଲିଛନ୍ତି। ତେବେ ପ୍ରଶାସନର ନିୟନ୍ତ୍ରଣ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ସାଧାରଣରେ ଖାଉଟିଙ୍କ ମଧ୍ୟରେ ଏହି ଦର ବୃଦ୍ଧି ଚଡ଼କ ସଦୃଶ। ଚାଷୀ ବିକୁଥିବା ମୂଲ୍ୟ ଓ ଖାଉଟି କିଣୁଥିବା ମୂଲ୍ୟ ଭିତରେ ବିରାଟ ବ୍ୟବଧାନ ରହୁଛି। ବର୍ତ୍ତମାନ ବଜାରରେ କୌଣସି ପରିବା ୧୦୦ତଳକୁ ନାହିଁ। ଶ୍ରାବଣ ମାସ ଥିବାରୁ ଆଗକୁ ବଡ଼ ବର୍ଷାର ସମ୍ଭାବନା ଓ ମୌସୁମୀର ଲଗାଣବର୍ଷା ସମ୍ଭାବନା ଥିବାରୁ ପନିପରିବା ଦର ଶୀଘ୍ର ଖସିଲା ପରି ଲାଗୁନାହିଁ।

୨୦୧୩ରେ ରାଜ୍ୟରେ ୧୪ ଲକ୍ଷ ୨୫ ହଜାର ମେଟ୍ରିକ ଟନ୍ ପରିବା ଉତ୍ପାଦନ ହେଉଥିଲା। ୧୦ ବର୍ଷ ମଧ୍ୟରେ ଏହା ୪.୫୧% ବୃଦ୍ଧି ପାଇ ୯୮ ଲକ୍ଷ ୫୧ହଜାର ମେଟ୍ରିକ ଟନ୍‌ରେ ପହଞ୍ଚିଛି; ଯାହା ଗ୍ରାହକଙ୍କ ଚାହିଦା ପୂରଣ କରୁନାହିଁ। ଏହା ସତ୍ତ୍ୱେ ଓଡ଼ିଶା କନ୍ଦମୂଳ, ଛତୁ ଉତ୍ପାଦନରେ ପ୍ରଥମ, ବାଇଗଣ, ବନ୍ଧାକୋବି, ପଣସରେ ଦ୍ୱିତୀୟ, ଟମାଟୋରେ ପଞ୍ଚମ, ଫୁଲକୋବିରେ ଷଷ୍ଠ ସ୍ଥାନରେ ରହିଥିବା ନେଇ କୃଷି ବିଭାଗ ପକ୍ଷରୁ କୁହାଯାଏ। ତାହା ବି କେବେଳ ନିର୍ଦ୍ଦିଷ୍ଟ ସମୟରେ ଉତ୍ପାଦିତ ହେଉଛି। ଖରା ସହଣୀ, ବର୍ଷା ସହଣୀ ବିହନର ଲାଭ କିମ୍ବା ସଂରକ୍ଷଣ ସୁବିଧାର ଅଭାବ ଯୋଗୁ ବର୍ଷତମାମ ଓଡ଼ିଶା ବଜାରକୁ ଦେଶୀ ପରିବା ଆସୁପାରୁନାହିଁ। ବର୍ତ୍ତମାନ ଭଳି ବଜାରକୁ ବ୍ୟବସାୟୀ କବ୍‌ଜାକରି ଅଚାନକ ଦର ବଢ଼ିଯାଉଛି।

ଜଣେ ଚାଷୀଙ୍କ କହିବା ମୁତାବକ ରବିରେ ଅର୍ଥାତ୍ ସେପ୍ଟେମ୍ବର, ଡିସେମ୍ବର ମାସରେ ସେ ଟମାଟୋ, ଭେଣ୍ଡି, ବାଇଗଣ ଚାଷ କରନ୍ତି। ୩ ମାସ ମଧ୍ୟରେ ଫଳ ବିକ୍ରି ହୁଏ। ମାର୍ଚ୍ଚ ପରେ ଧାନ ଚାଷର ବ୍ୟସ୍ତତା ଯୋଗୁ ଅନ୍ୟ ଚାଷ କରିବା ସମ୍ଭବ ହୁଏନାହିଁ। ପାଣିର ଅଭାବ ମଧ୍ୟ ବାଧକ ହୁଏ। ଧାନ, ମାଣ୍ଡିଆ ଏବଂ କ୍ଷୀର ଉତ୍ପାଦନ ବିକ୍ରିରେ ଗ୍ୟାରେଣ୍ଟି ସହ ଏମ୍‌ଏସ୍‌ପି ରହିଛି। ମଣ୍ଡି ପର୍ଯ୍ୟନ୍ତ ପହଞ୍ଚି ନ ପାରିଲେ ମଧ୍ୟ ରାଇସ୍ ମିଲ୍, କ୍ଷୀର କମ୍ପାନୀ ଭଳି ପ୍ରୋସେସିଂ ୟୁନିଟ୍ ରହୁଥିବାରୁ ପ୍ରାପ୍ୟ କମ୍ ମିଳିଲେ ମଧ୍ୟ ବିକ୍ରିରେ କୌଣସି ଅସୁବିଧା ହୁଏ ନାହିଁ। ପରିବା ବିକ୍ରି ବେଳକୁ ଓଲଟା ସ୍ଥିତି ହୁଏ। ନିଜେ ବଜାରକୁ ବିକ୍ରି କରିବାକୁ ବାହାରିଲେ ପରିବହନ ଖର୍ଚ୍ଚ ଅଣ୍ଟା ଭାଙ୍ଗିଦିଏ। ବ୍ୟବସାୟୀ କିଣିଲେ କମ୍ ଟଙ୍କା ଦିଏ। ଏଠାରେ ଟମାଟୋ ଉତ୍ପାଦନ ପାଇଁ ପାଗ ଅନୁକୂଳ ଥିଲେ ମଧ୍ୟ ପ୍ରୋସେସିଂ ୟୁନିଟ୍ ନ ଥିବାରୁ ଲାଭ ମିଳେ ନାହିଁ।

ବର୍ଷା, ଖରାମାଡ଼ କିମ୍ବା କୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ହେଲେ ଇନ୍‌ପୁଟ ସବ୍‌ସିଡି କିମ୍ବା ବୀମାର ଲାଭ ମଧ୍ୟ ପରିବା କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳେନାହିଁ। ଏଭଳି ସ୍ଥିତିରେ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଓଡ଼ିଶା ପାଇଁ ବର୍ଷାକୁ ଆଖି ଆଗରେ ପରିବା ଚାଷ କରିବା କେତେ କଷ୍ଟକର ଅନୁମାନ କରାଯାଇପାରେ। ସେହିଭଳି ମାର୍ଚ୍ଚ,ଏପ୍ରିଲ ପରେ ପରିବା ଚାଷ ହେଉ ନ ଥିବାରୁ ମେ, ଜୁନ୍ ବେଳକୁ ଦେଶୀ ପରିବା ଓଡ଼ିଶା ବଜାରକୁ ଆସିପାରେ ନାହିଁ। ବାହାର ରାଜ୍ୟ ବ୍ୟବସାୟୀ ଏହାର ଲାଭ ନିଅନ୍ତି। କୋରାପୁଟ ଚାଷୀଙ୍କ କହିବା ଅନୁସାରେ ଏଠାରେ ଉତ୍ପାଦିତ ପରିବାକୁ ଅତି ଅଳ୍ପ ଦରରେ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନାର ବ୍ୟବସାୟୀମାନେ କିଣୁଛନ୍ତି। ବର୍ତ୍ତମାନ ଯେଉଁଠି ରାଜ୍ୟର ବିଭିନ୍ନ ସ୍ଥାନରେ ପୋଟଳ ୮୦ରୁ ୧୦୦ ଟଙ୍କା, ବାଇଗଣ ୬୦ରୁ ୮୦ ଟଙ୍କାରେ ବିକ୍ରି ହେଉଛି, କୋରାପୁଟ ଚାଷୀ ମାତ୍ର ୨୦ରୁ ୨୫ଟଙ୍କାରେ ବାଇଗଣ ଏବଂ ୩୫ରୁ ୪୦ ଟଙ୍କାରେ ପୋଟଳ ଆନ୍ଧ୍ରପ୍ରଦେଶ ବ୍ୟବସାୟୀଙ୍କୁ ବିକ୍ରିକରି ଦେଉଛନ୍ତି। ଚାଷୀଙ୍କ ଆର୍ଥିକ ସ୍ଥିତି ଅତି ଦୁର୍ବଳ ଥିବାରୁ ସେମାନେ ସଂରକ୍ଷଣ କରିପାରୁ ନାହାନ୍ତି। ଅନେକ ଚାଷୀ ରାତାରାତି ବିକ୍ରି କରିଦିଅନ୍ତି। କୋରାପୁଟ ଜିଲା ପଟ୍ଟାଙ୍ଗିର ରାତି ବଜାରର ବିଶେଷ ନାମ ରହିଛି। ପଲ୍ଲୀ ହାଉସ ଜରିଆରେ ସ୍ୱଚ୍ଛଳ ଚାଷୀ ପରିବା ଚାଷ କରୁଥିଲେ ମଧ୍ୟ ତାହା ମଧ୍ୟ ଲୋକଙ୍କ ଆବଶ୍ୟକତା ପୂରଣ କରିପାରୁନାହିଁ।

ଆଜି ପର୍ଯ୍ୟନ୍ତ ରାଜ୍ୟରେ ପରିବା ବିକ୍ରି ପାଇଁ ଭଲ ମଣ୍ଡି ତିଆରି ହୋଇପାରିଲା ନାହିଁ, ଯେଉଁଠି ଚାଷୀ ଓ ଗ୍ରାହକଙ୍କ ମଧ୍ୟରେ ସିଧାସଳଖ ସୁଲଭ ମୂଲ୍ୟରେ କ୍ରୟ ବିକ୍ରୟ ଚାଲିବ। ବିଶେଷଜ୍ଞଙ୍କ ଅନୁସାରେ ଚାଷୀଙ୍କ ଅସହାୟତାର ଫାଇଦା ବ୍ୟବସାୟୀ ଉଠାଉଛନ୍ତି। କୃତ୍ରିମ ଅଭାବ ସୃଷ୍ଟିକରି ଦର ବଢ଼ାଉଛନ୍ତି। ପରିବା ଅତ୍ୟାବଶ୍ୟକ ସାମଗ୍ରୀ ଅନ୍ତର୍ଭୁକ୍ତ ହେଉ ନ ଥିବାରୁ ବ୍ୟବସାୟୀଙ୍କ ପାଇଁ ଏହା ଲାଭପ୍ରଦ ହେଉଛି। ଓଡ଼ିଶାର ଉତ୍ପାଦନ ଓ ବଜାର ଦରଦାମର କ୍ଷେତ୍ର ଯାହା ଓଡ଼ିଶା ପନିପରିବା ପାଇଁ ପାଖାପାଖି ୮ମାସ ବାହାର ରାଜ୍ୟ ଉପରେ ନିର୍ଭରକରେ। ଓଡ଼ିଶାରେ ଖରିଫରେ ଧାନ ବେଶି ଉତ୍ପାଦନ ହେଉଥିବାବେଳେ ପରିବା ଉତ୍ପାଦନ ଡିପ ଜମିରେ ହୋଇଥାଏ। ଉତ୍ପାଦନ ବେଶି ନ ଥିବାରୁ ଚାହିଦା ଓ ଯୋଗାଣ ଭିତରେ ବଡ଼ ପାର୍ଥକ୍ୟ ରହିଥାଏ। ରାଜ୍ୟ ଅଧିକାଂଶ ସମୟ ବାହାର ରାଜ୍ୟର ପରିବାର ବଜାର ଉପରେ ନିର୍ଭରଶୀଳ ରହୁଥିବାରୁ ଓ ବର୍ତ୍ତମାନ ଉତ୍ପାଦନ ପ୍ରଭାବିତ ଥିବାରୁ କିଛି ସମୟ ଦର ଚଢ଼ା ରହିବ ଏବଂ ଆଗାମୀ କିଛି ସପ୍ତାହ ପରେ ନୂଆ ଫସଲ ଆସିବା ପର୍ଯ୍ୟନ୍ତ ଦର ଆହୁରି ବଢ଼ିବ। ସେହିପରି ଆମ୍ଭମାନଙ୍କ ଭିତରେ ବାଡ଼ିବଗିଚାରେ କିଛି ନିହାତି ଉତ୍ପାଦନ କରିପାରୁଥିବା କଞ୍ଚାଲଙ୍କାଟିଏ ହେଉ ବା ଜହ୍ନି ବୁଦାଏ, ବାଇଗଣ ହେଉ ବା ବିଲାତି ବାଇଗଣ ଏପରିକି ଶାଗ ପଟାଳିଟି କରିବାର ଆଗ୍ରହ ବା ଶ୍ରଦ୍ଧା କିଛି ମାନସିକତା ଆମମାନଙ୍କ ଭିତରେ ବି ନାହିଁ। ନିଜର ଜାଗା ଖଣ୍ଡେ ଥାଇ ମଧ୍ୟ ଯଦି ଆମେ ସର୍ବନିମ୍ନ ଜାଗାରେ ପରିବା ଗଛଟିଏ ଉଧାଇପାରିବା ନାହିଁ ତା'ହେଲେ ଆମେ ପରିବା ବେପାରୀଙ୍କ ଚଢ଼ା ମୂଲ୍ୟକୁ ମୁଣ୍ଡପାତି ସହିବାକୁ ବାଧ୍ୟ ହେବା ନିଶ୍ଚୟ। ପ୍ରଶାସନର ବଜାର ଦରକୁ ନିର୍ଦ୍ଦିଷ୍ଟ ଲଗାମ ଲଗାଇବା ପାଇଁ ଆଇନ ଥିଲେ ବି ସେମାନେ ହାତ ଟେକିଦେବା ପାଇଁ ବାଧ୍ୟ ହେଉଛନ୍ତି। ତେଣୁ ଏ କ୍ଷେତ୍ରରେ ଚିନ୍ତା କରିବାର ସମୟ ଆସିଛି, କାରଣ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଭାବେ ସର୍ବଭାରତୀୟ ସ୍ତରରେ ପରିଚିତ ଓ ଉତ୍କୃଷ୍ଟ ଚାଷ ପାଇଁ ଅନେକ ବର୍ଷ ଧରି କେନ୍ଦ୍ର ସରକାରଙ୍କଠାରୁ ଓଡ଼ିଶା ଶ୍ରେଷ୍ଠ କୃଷି କର୍ମଣ ପୁରସ୍କାର ମଧ୍ୟ ପାଉଛି। ତେବେ ବର୍ତ୍ତମାନର ବଜାରର ଚଢ଼ା ମୂଲ୍ୟ ଆମ ସମସ୍ତଙ୍କ ପାଇଁ କେବଳ ଅର୍ଥନୀତିର ବିଚାର ନୁହେଁ, ନିଜ ବାଡ଼ିଘରେ କିଛି ଗୋଟିଏ ପନିପରିବା ଗଛ ନ ଲଗାଇବା କ'ଣ ପାଇଁ? ଏହି ବିଚାରକୁ ଗ୍ରହଣ କଲେ ଅନେକ ଉତ୍ତର ଆମେ ପାଇଯିବା।



**ମୋ : ୯୯୩୭୪୭୦୯୮୦**

# ପରିଚୟ



ନିମାଇଁ ଚରଣ ଲେଙ୍କା

ନଦୀଟି ଯେତେବେଳେ ସାଗରର ନିକଟବର୍ତ୍ତୀ ହୋଇଯାଏ, ତା'ର ସେହି ବିସ୍ତୀର୍ଣ୍ଣ, ଉତ୍ତାଳ ନୀଳ ତରଙ୍ଗ ଦେଖି ଭୟଭୀତ ହୋଇଯାଏ। ଏବେ ସେ ସେହି ସୀମାହୀନ ମହାସାଗରରେ ମିଶି ସବୁଦିନ ପାଇଁ ନିଜର ପରିଚୟ ହରାଇଦେବାକୁ ଯାଉଛି। ପୁନର୍ବାର ପଛକୁ ଫେରିଯିବାକୁ ଚାହିଁଲେ ମଧ୍ୟ ଆଉ ଫେରିପାରୁନାହିଁ। ଯେପରି ବାର୍ଦ୍ଧକ୍ୟରେ ଉପନୀତ ହୋଇଥିବା ମନୁଷ୍ୟ ସମେତ ପ୍ରତ୍ୟେକ ପ୍ରାଣୀ ପୁନର୍ବାର ଯୌବନ ବା ଶୈଶବ ଅବସ୍ଥାକୁ ଫେରିବାକୁ ଚାହିଁଲେ ମଧ୍ୟ ଫେରିପାରନ୍ତି ନାହିଁ, ଏହା ଠିକ୍ ସେହିପରି। ନଦୀଟି ଜାଣେନା ତା'ର ପରିଚୟ ହରାଇବା ଆଶଙ୍କାଟି ସମ୍ପୂର୍ଣ୍ଣ ଅମୂଳକ। କାରଣ ନଦୀର ପରିଚୟ ହରାଇଲେ ମଧ୍ୟ ସେ ଏକ ନୂତନ ପରିଚୟ ପାଇବ। 'ନଦୀ' ପରିବର୍ତ୍ତେ 'ମହାସାଗର'ର ମାନ୍ୟତା ପାଇବ ବା ତା' 'ପରିଚିତି'ର ପରିବର୍ତ୍ତନ ଘଟିବ। ହୁଏତ ସେ ମହାସାଗରର ଅଂଶ ହୋଇରହିପାରେ କିମ୍ବା ପୁନର୍ବାର ଜଳୀୟବାଷ୍ପ ଆକାରରେ ଊର୍ଦ୍ଧ୍ୱଗାମୀ ହୋଇ ପର୍ବତ ଶିଖରରେ ବର୍ଷି ଆଉ ଏକ ନଦୀର ପରିଚୟ ପାଇପାରେ। କିନ୍ତୁ କୌଣସି ପରିସ୍ଥିତିରେ ନିଜ ପରିଚୟ ହରାଇବାର ପ୍ରଶ୍ନ ନାହିଁ। ଠିକ୍ ସେହିପରି ପ୍ରତ୍ୟେକ ପ୍ରାଣୀଙ୍କର ଜୀବନରୂପୀ ନଦୀର ସ୍ରୋତ ପରମାତ୍ମାରୂପୀ ମହାସାଗରରେ ମିଳିତ ହେବା ପାଇଁ ଧାବମାନ। ତାହା ମୃତ୍ୟୁ ନୁହେଁ,ଅମୃତର ସିନ୍ଧୁ ବା ମହାସାଗର।

ମୃତ୍ୟୁ ହେଉଛି ତା'ର ପ୍ରବେଶପଥ(ମୁହାଣ) ବା ସଂଯୋଗସ୍ଥଳ। ନଦୀଟି ଯେଉଁସ୍ଥଳରେ ସାଗର ସହ ମିଶିଥାଏ, ତାକୁ 'ମୁହାଣ' କୁହାଯାଏ। ସେହିପରି ଆତ୍ମା ଯେଉଁ ସ୍ଥଳରେ ପରମାତ୍ମାରୂପୀ ସାଗରରେ ମିଳିତ ହୁଏ, ସେହି ପ୍ରବେଶପଥ ବା ସଂଯୋଗସ୍ଥଳକୁ 'ମୃତ୍ୟୁ' କୁହାଯାଏ। ହୁଏତ ସେ ନିଜ ଶରୀରର ପରିଚୟ ହରାଇବ, କିନ୍ତୁ 'ଆତ୍ମା' ପରିଚୟ ପରିବର୍ତ୍ତେ 'ପରମାତ୍ମା'ଙ୍କ ପରିଚୟ ପାଇବ। ପରିଚୟ ହରାଇବାର କୌଣସି ସମ୍ଭାବନା ନାହିଁ। କାରଣ ବିଶୁଦ୍ଧ ଆତ୍ମା ଅବିନାଶୀ, ଅବିକାରୀ,ଈଶ୍ୱରୀୟ ସମୁଦ୍ରର ବିନ୍ଦୁ ଓ ପରମାତ୍ମାଙ୍କ କିରଣ। ସେହି ଚେତନା(ଆତ୍ମା) ନିର୍ବାଣମୁକ୍ତି ଲାଭକରି ମହାଚେତନା (ପରମାତ୍ମା)ଠାରେ ବିଲୀନ ହୋଇପାରେ କିମ୍ବା ନିଜ 'ପ୍ରାରବ୍ଧ' ଭୋଗକରିବା ପାଇଁ ପୁନର୍ବାର ପରମାତ୍ମାଙ୍କ ଠାରୁ ବିଚ୍ଛିନ୍ନହୋଇ ଆଉ ଏକ ନୂତନ ଶରୀର ଗ୍ରହଣ କରିପାରେ। ଏ ସମସ୍ତ ତା'ର କର୍ମଫଳ ଉପରେ ନିର୍ଭରକରେ।

'ନିର୍ବାଣମୁକ୍ତି' ବିଲୀନଭାବକୁ ହିଁ ବୁଝାଏ, 'ଲିଭିଯିବା'କୁ ନୁହେଁ। ଯେଉଁ ଆତ୍ମାର କ୍ଷୟ ନାହିଁ, ବିକାଶ ନାହିଁ, ଯେ ଅଜର, ଅମର, ସେ ଲିଭିଯିବ କିମ୍ବା ପରିଚୟ ହରାଇବ ବା କିପରି? କିନ୍ତୁ ଯେଉଁମାନେ ଜଡ଼ବାଦୀ, ଦେହାଭିମାନୀ, ସେମାନଙ୍କ ମତରେ, ମୃତ୍ୟୁରେ ହିଁ ସବୁର ଅନ୍ତ ହୁଏ। ଏହା ସେମାନଙ୍କର ଏକ ଭ୍ରାନ୍ତଧାରଣା। ଯେଉଁ ପ୍ରାଣୀର ଜନ୍ମ ଅଛି, ତା'ର ମୃତ୍ୟୁ ଅଛି। ସେହିପରି ଯାହାର ମୃତ୍ୟୁ ଅଛି, ତା'ର ଜନ୍ମ ନିଶ୍ଚିତ ରୂପେ ଅଛି। ମୃତ୍ୟୁ ଗୋଟିଏ ଦେହର, ଗୋଟିଏ ଜନ୍ମର ଶେଷଯାତ୍ରା ହୋଇପାରେ, ମାତ୍ର ଏ ଶେଷହୀନ ଜୀବନର ଅବିନାଶୀ ଆତ୍ମାର ଶେଷଯାତ୍ରା ହୋଇ ନ ପାରେ। 'ଆତ୍ମା'ର ଅସ୍ତିତ୍ୱକୁ କେବେ ଅସ୍ୱୀକାର କରାଯାଇ ନ ପାରେ।

ଆତ୍ମା ସ୍ଥୂଳଶରୀରରେ ପ୍ରବେଶ କରିବାର ନାମ 'ଜନ୍ମ' ଓ ସେହି ଶରୀରରୁ ବିଚ୍ଛିନ୍ନ ହୋଇଯିବାର ନାମ 'ମୃତ୍ୟୁ'। ଏହି ମୃତ୍ୟୁ ଆଉ କିଛି ନୁହେଁ, ଏହା 'ମହାନିଦ୍ରା'ର ଅନ୍ୟନାମ। ଜୀବନରେ ଆମର ଚେତନ ଆତ୍ମା ଯେପରି ରହିଥାଏ, ମୃତ୍ୟୁରେ ମଧ୍ୟ ଥାଏ। ମୃତ୍ୟୁ କାହାରି ବ୍ୟକ୍ତିତ୍ୱ ବା ଅନ୍ତର ଚେତନାର ସମାପ୍ତି ଘଟାଏ ନାହିଁ। ବରଂ ଏକ ଉଚ୍ଚସ୍ତରର ଜୀବନ ପାଇଁ ଦ୍ୱାର ଖୋଲିଦିଏ। ତେଣୁ ମୃତ୍ୟୁ ହେଉଛି ମନୁଷ୍ୟ ପାଇଁ ସର୍ବଶ୍ରେଷ୍ଠ ଆଶୀର୍ବାଦ। । ଗୀତା କହେ- ''ମୃତ୍ୟୁ ଏକ ଅବସ୍ଥାନ୍ତର। ମୃତ୍ୟୁ ପରେ ଆମେ ପୁରାତନ ଶରୀର ପରିତ୍ୟାଗକରି ନୂତନ ଶରୀର ଧାରଣକରୁ କିମ୍ବା ସମ୍ପୂର୍ଣ୍ଣ ମୋକ୍ଷ ଲାଭକରି ପରମାତ୍ମାଙ୍କ ସହ ମିଶିଯାଉ।'' ଭଗବାନ୍ ପୁନର୍ବାର ଅର୍ଜୁନଙ୍କୁ କହୁଛନ୍ତି -'' ଅତୀତରେ କୌଣସି ସମୟରେ ମୁଁ, ତୁମେ ବା ଏହି ରାଜାମାନେ ଯେ କେହି ନ ଥିଲେ, ପ୍ରକୃତରେ ସେପରି ନୁହେଁ। ପୁଣି ଏହା ପରେ ଯେ ଆମେ ନ ରହିବା ସେପରି ମଧ୍ୟ ଆଦୌ ନୁହେଁ।'' ଆତ୍ମା ଅତୀତ,ବର୍ତ୍ତମାନ ଓ ଭବିଷ୍ୟତ, ତ୍ରିକାଳରେ ସ୍ଥାୟୀହୋଇ ରହିଛି। ଦେହର ମୃତ୍ୟୁ ପରେ ମଧ୍ୟ ଆତ୍ମା ରହିଥିବ। ମୃତ୍ୟୁ ପରେ ମଧ୍ୟ ଜୀବନ ଅଛି। 'ଆତ୍ମା' କୌଣସି କାଳରେ ଜନ୍ମହୁଏ ନାହିଁ କି ମରେନାହିଁ। ଜୀବାତ୍ମା ଅମୃତର ସନ୍ତାନ। ତା'ର ମୃତ୍ୟୁ ନାହିଁ। ସେ ଦେହରେ 'ମର', ମାତ୍ର ଆତ୍ମାରେ 'ଅମର'। ଯେତେବେଳେ 'ମୁଁ ତ୍ୱ' ର ସମ୍ପୂର୍ଣ୍ଣ ବିନାଶ ଘଟେ, ସେତେବେଳେ ଆତ୍ମା ସ୍ୱତଃ ବିଭାସିତ ହୋଇଉଠେ। ସେହି ସ୍ଥିତିକୁ ହିଁ 'ସମ୍ପୂର୍ଣ୍ଣ ଶାନ୍ତି' ଓ 'ନୀରବତା' କୁହାଯାଏ। ଆଉ ସେହି ଶାନ୍ତି ଓ ନୀରବତା, ଯାହା ପ୍ରକୃତରେ ରହିଥାଏ, ତା' ଜରିଆରେ ହିଁ ଜୀବନର ସବୁଠୁ ବଳି ରହସ୍ୟମୟ 'ସତ୍ତା'ର ଭେଟ ମିଳିଥାଏ।

**ମୋ-୯୯୩୮୬୧୫୪୭୮**

## ଚିରନ୍ତନୀ

ଗ୍ରନ୍ଥ ପରେ ରଚିତ ହେଲା
ଗ୍ରନ୍ଥ ଅଗଣନ
ମାନବ-ଆଶା ବେଦନାରାଶି ବହି
ବନ୍ଦୀ କରି ପତ୍ରେ ତାର
ବିରାଟ କେତେ ମନ,
ଅତୀତ ଭାଷା ଯାଉଛି ଆଜି କହି!

(ଅମର ଆଶା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମଣିପୁର ହିଂସା ଏକ ଚେତାବନୀ

ମହାଶୟ,

ନିକଟରେ ମଣିପୁରରେ ଯେଭଳି ଅରାଜକତା, ଅଶାନ୍ତ, ହିଂସା, ଧନଜୀବନ ହାନି ଓ ଜାତୀୟ କ୍ଷତି ଘଟୁଛି ତାହା ଅତ୍ୟନ୍ତ ଦୁଃଖଦାୟକ । ଏହାର ପୁନରାବୃତ୍ତି ଯେପରି ନ ଘଟେ ଏଥିପାଇଁ ବହୁ ଆଗରୁ ସତର୍କତା ଅବଲମ୍ବନ କରିବା କଥା। ଶାସନଗତ ତ୍ରୁଟି ମଧ୍ୟ ହିଂସାର କାରଣ ହେଉଛି। ଏହାକୁ ସୁଧାରିବା ଦରକାର। ଦେଶରେ ଅରାଜକତା ସୃଷ୍ଟି ସହ ଶାନ୍ତି ପରିବେଶ ନଷ୍ଟ କରିବା ପାଇଁ ବହୁ ଚକ୍ରାନ୍ତକାରୀ, ଦେଶଦ୍ରୋହୀ ମଧ୍ୟ ଅଛନ୍ତି। ଏମାନଙ୍କୁ ଦୃଢ଼ହସ୍ତରେ ଦମନ କରାଯାଉ। ଏମାନଙ୍କର ସମସ୍ତ ବେଆଇନ କାର୍ଯ୍ୟକଳାପକୁ ପଣ୍ଡ କରାଯାଉ। ହିଂସା ଏବଂ ଜୀବନହାନି ଘଟିବା ଆଗରୁ କଠୋର ଆଇନ ବଳରେ ଏହାକୁ ଦମନ କରାଯାଉ। ଭାରତର ଐତିହ୍ୟ, ପରମ୍ପରାକୁ ପ୍ରଥମେ ଗୁରୁତ୍ୱ ଦିଆଯିବା ଜରୁରୀ। ଏ କ୍ଷେତ୍ରରେ ମଣିପୁର ହିଂସା ଏକ ଚେତାବନୀ।

**-ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଦରବୃଦ୍ଧି ପ୍ରସଙ୍ଗ: ରାଜ୍ୟପାଳଙ୍କୁ ଭେଟିଲା କଂଗ୍ରେସ

ଭୁବନେଶ୍ୱର, (ସୁନିତ୍ ମିଶ୍ର): ସମଗ୍ର ରାଜ୍ୟରେ ପନିପରିବାର ଆକାଶଛୁଆଁ ଦର ବୃଦ୍ଧି ଘଟିଛି। ବଜାର ଦର ନିୟନ୍ତ୍ରଣ କରିବାରେ ସରକାର ବିଫଳ। ଏହି ପ୍ରସଙ୍ଗରେ ଗୁରୁବାର ୧୫ ଦଫା ଦାବି ନେଇ ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ୧୧ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କ ନିକଟରେ ଫେରାଦ ହୋଇଛି। ଯଦି ଦାବି ପୂରଣ ନ ହୁଏ ତେବେ ସରକାର ବିରୋଧରେ ଜୋରଦାର ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ଗୁଆହାଟୀରେ ଓଡ଼ିଶା ଭାଜପା ସଙ୍ଗଠନ ନେଇ ରଣନୀତି



ଆସାମ ଗୁଆହାଟୀଠାରେ ଓଡ଼ିଶା ଭାଜପା ସଂଗଠନ ରଣନୀତି ପ୍ରସ୍ତୁତିରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

- କେନ୍ଦ୍ର ଯେଉଁ ନିଷ୍ପତ୍ତି ନେବ ତାକୁ କାର୍ଯ୍ୟକାରୀ କରାଯିବ: ମନମୋହନ
- ଓଡ଼ିଶାରେ ଭାଜପାର କୌଣସି ପ୍ରଭାବ ପଡ଼ିବ ନାହିଁ: ଶରତ

ଭୁବନେଶ୍ୱର, ୬।୭(ସୁନିତ୍ ମିଶ୍ର)

ଗୁଆହାଟୀରେ ଭାଜପା ଶୀର୍ଷ ନେତୃତ୍ୱଙ୍କ ପକ୍ଷରୁ ସବୁ ରାଜ୍ୟର ସାଙ୍ଗଠନିକ ସ୍ଥିତି ଏବଂ ପରବର୍ତ୍ତୀ ରାଜନୈତିକ କାର୍ଯ୍ୟକ୍ରମ ସମ୍ପର୍କରେ ହେବାକୁ ଥିବା ଆଲୋଚନା ନେଇ ୩ ଦିନିଆ ବୈଠକ ଗୁରୁବାରଠାରୁ ଆରମ୍ଭ ହୋଇଛି। ଦେଶକୁ ୩ଟି ଜୋନ୍‌ରେ ବିଭକ୍ତ କରାଯାଇଥିବା ବେଳେ ପ୍ରଥମେ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ବୈଠକ ଅନୁଷ୍ଠିତ ହୋଇଛି। ସେହିକ୍ରମରେ ଓଡ଼ିଶାର ନେତାମାନେ ଏଥିରେ ସାମିଲ ହୋଇଛନ୍ତି। ତେବେ ରାଜ୍ୟରେ ଭାଜପା ସରକାର ଏବଂ କେନ୍ଦ୍ରରେ ପୁନର୍ବାର ମୋଦି ସରକାରକୁ କ୍ଷମତାରେ ବସାଇବା ଲାଗି ମୁଖ୍ୟତଃ ଆଲୋଚନା ହୋଇଥିବା ଜଣାପଡ଼ିଛି। ରାଜ୍ୟରେ ସଙ୍ଗଠନ ମଜଭୁତ, ରାଜନୈତିକ ସ୍ଥିତି, କେନ୍ଦ୍ରର ୯ ବର୍ଷ ଶାସନ କାଳରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ପ୍ରଚାର ଏବଂ ମହାଜନସମ୍ପର୍କ ପଦଯାତ୍ରାର ପ୍ରଭାବ ସହିତ ଆଗକୁ କେଉଁ ରଣନୀତି ନେଇ ଦଳ ନିର୍ବାଚନ ଲଢ଼େଇକୁ ଓହ୍ଲାଇବ ସେନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ସେହିପରି ଆଗକୁ ଦଳର ରଣନୀତି କିପରି ରହିବ ସେନେଇ ରାଜ୍ୟ ନେତୃବୃନ୍ଦଙ୍କୁ ଦାୟିତ୍ୱ ବଣ୍ଟାଯାଇଥିବା ମଧ୍ୟ ଶୁଣିବାକୁ ମିଳିଛି। ଏହି ବୈଠକ ସମୟରେ ବିଭିନ୍ନ ରାଜ୍ୟର ନେତାମାନେ ନିଜ ରାଜ୍ୟରେ ଦଳର ସ୍ଥିତି ସମ୍ପର୍କରେ ତଥ୍ୟ ରଖିଥିଲେ। ଓଡ଼ିଶାରୁ ଦଳର ରାଜ୍ୟ ସଭାପତି ମନମୋହନ ସାମଲ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ସହ ପର୍ଯ୍ୟବେକ୍ଷକ ବିଜୟ ପାଲ୍ ସିଂ ତୋମାର, ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ଦଳର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ଜାତୀୟ ମୁଖପାତ୍ର ସମ୍ବିତ ପାତ୍ର ପ୍ରମୁଖ ଯୋଗଦେଇ ଓଡ଼ିଶା ସମ୍ପର୍କରେ ବିଶେଷ ଆଲୋଚନା କରିଛନ୍ତି।

ମନମୋହନ କହିଛନ୍ତି, ସାଙ୍ଗଠନିକ ଅବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ୨୦୨୪ ନିର୍ବାଚନ ଲାଗି ଯାହାସବୁ କରଣୀୟ କାର୍ଯ୍ୟକ୍ରମ ତା' ଉପରେ ନିଷ୍ପତ୍ତି ହୋଇଛି। କେନ୍ଦ୍ର ପକ୍ଷରୁ ଯାହାସବୁ ନିଷ୍ପତ୍ତି ଚୂଡ଼ାନ୍ତ ହେବ ତାକୁ ଏଠି କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ୨୦୨୪ ନିର୍ବାଚନ କିପରି ଲଢ଼ାଯିବ ଏବଂ ଯେଉଁ ଲୋକ ସଭା ଆସନଗୁଡ଼ିକ ଦଳ ହାରିଛି ସେଠାରେ କିପରି ଜିତିହେବ ସେଥିଲାଗି ସମ୍ପୂର୍ଣ୍ଣ ଖସଡ଼ା ପ୍ରସ୍ତୁତ ହେଉଛି। ସେହି ଆଧାରରେ ଆଗାମୀ ଦିନର ବ୍ଲୁପ୍ରିଣ୍ଟ ମଧ୍ୟ ପ୍ରସ୍ତୁତ ହେବ। ତେବେ ଏନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଗତ ଥର ସେମାନେ ୧୨୦ରୁ ଅଧିକ ଆସନ ଜିତିବେ ବୋଲି କହିଥିଲେ। ଏଥର ମଧ୍ୟ ସରକାର କରିବେ ବୋଲି କହୁଛନ୍ତି। ହେଲେ ଓଡ଼ିଶାରେ ଭାଜପାର କୌଣସି ପ୍ରଭାବ ପଡ଼ିବ ନାହିଁ। ସାଧାରଣ ଜନତା ପ୍ରଶ୍ନ କରୁଛନ୍ତି ବର୍ତ୍ତମାନ ପର୍ଯ୍ୟନ୍ତ ସେମାନେ ଓଡ଼ିଶା ପାଇଁ କ'ଣ କରିଛନ୍ତି ବୋଲି ଶରତ କହିଛନ୍ତି।

# ରାଜ୍ୟ ବିକାଶରେ ଯୁବଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ନବୀନ









ଶଙ୍ଖ ଭବନରେ ଅନୁଷ୍ଠିତ ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀରେ ଭର୍ଚୁଆଲରେ ଉଦ୍‌ବୋଧନ ଦେଉଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ବୈଠକରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର,୬।୭(ଅନିଲ ଦାସ)

ରାଜ୍ୟ କିମ୍ବା ଦେଶ ବିକାଶରେ ଯୁବ ଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ସମସ୍ତ ବିକାଶ କେବଳ ଯୁବଗୋଷ୍ଠୀ ଦ୍ୱାରା ସମ୍ଭବ ହୋଇପାରିବ ବୋଲି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଗୁରୁବାର ଶଙ୍ଖଭବନଠାରେ ଆୟୋଜିତ ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀରେ ଭର୍ଚୁଆଲରେ ଯୋଗଦେଇ ସେ କହିଛନ୍ତି, ବିଜୁବାବୁ ସବୁବେଳେ ଓଡ଼ିଶାର ଯୁବବର୍ଗଙ୍କ ଉପରେ ଭରସା କରୁଥିଲେ। ଯେଉଁମାନେ କି ଆମ ରାଜ୍ୟର ଭାଗ୍ୟ ବଦଳାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିପାରିବେ। ବିଜେଡି ସବୁବେଳେ ବିଜୁବାବୁଙ୍କ ଜୀବନୀ ଓ ଆଦର୍ଶ ଦ୍ୱାରା ଅନୁପ୍ରାଣିତ। ଦଳ ତାଙ୍କ ପଦାଙ୍କ ଅନୁସରଣ କରି ଚାଲିଛି।

୨୦୦୦ମସିହାରେ ବିଜେଡି ଦାୟିତ୍ୱ ନେବା ବେଳେ ଓଡ଼ିଶା କେଉଁଠି ଥିଲା ଓ ଆଜି କେଉଁଠି ଅଛି ସେ କଥା ଆପଣମାନେ ଜାଣନ୍ତି ବୋଲି ନବୀନ କହିଛନ୍ତି। ଖାଦ୍ୟ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା, ଆର୍ଥିକ ପରିଚାଳନା, ଦାରିଦ୍ର୍ୟ ଦୂରୀକରଣ, ମହିଳା ସଶକ୍ତୀକରଣ, କ୍ରୀଡ଼ା, ସୂଚନା ପ୍ରଯୁକ୍ତି, ସହରାଞ୍ଚଳ ବିକାଶ, ପର୍ଯ୍ୟଟନ ଶିଳ୍ପ ଓ ଭିତ୍ତିଭୂମି ବିକାଶ ସହିତ ସାମାଜିକ, ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶା ଆଖିଦୃଶିଆ ପ୍ରଗତି ହାସଲ କରିଛି। ଏହା ଯୁବଗୋଷ୍ଠୀଙ୍କ ଯୋଗଦାନ ବିନା ସମ୍ଭବ ହୋଇପାରି ନ ଥାଆନ୍ତା। ଏବେ ଓଡ଼ିଶା ବିକାଶର ଏକ ସ୍ୱତନ୍ତ୍ର ସ୍ତରରେ ପହଞ୍ଚି ପାରିଛି। ରାଜ୍ୟର ସମସ୍ତ ବିକାଶମୂଳକ କାର୍ଯ୍ୟ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସାମାଜିକ ଗଣମାଧ୍ୟମକୁ ଯୁବକର୍ମୀମାନେ ବହୁଳ ଭାବେ ବ୍ୟବହାର କରିବାକୁ ନବୀନ ପରାମର୍ଶ ଦେଇଛନ୍ତି। ସମଗ୍ର ଦେଶରେ ଓଡ଼ିଶାର ରୂପାନ୍ତରଣ କାର୍ଯ୍ୟକ୍ରମ ମୁଖ୍ୟ ଆଲୋଚ୍ୟ ବିଷୟ ହୋଇଛି। ରାଜ୍ୟ ସରକାରଙ୍କ କେତେକ କାର୍ଯ୍ୟକୁ ବିଶ୍ୱସ୍ତରରେ ମଧ୍ୟ ସ୍ୱୀକୃତି ପ୍ରଦାନ କରାଯାଇଛି। ଆମେ ସବୁବେଳେ ଲୋକଙ୍କ ପାଖରେ ସେମାନଙ୍କର ସୁଖ,ଦୁଃଖ ସମୟରେ ଛିଡ଼ା ହେବାକୁ ପଡ଼ିବ। ଲୋକମାନଙ୍କ ସହ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶ ଓ ଜନକଲ୍ୟାଣମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବାକୁ ନବୀନ ପରାମର୍ଶ ଦେଇଛନ୍ତି।

## ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ବ୍ୟୋମକେଶ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି, ବାହାନଗା ରେଳ ଦୁର୍ଘଟଣା ଏବଂ କୋଭିଡ୍ ସମୟରେ ଯୁବକମାନଙ୍କର ସେବା କାର୍ଯ୍ୟ ପ୍ରଶଂସନୀୟ। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏହିଭଳି ସେବାକାର୍ଯ୍ୟ ଜାରି ରଖିବା ପାଇଁ ସେ ଯୁବକର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ରାଜ୍ୟ ସାଧାରଣ ସମ୍ପାଦକ(ଯୁବ-ଛାତ୍ର ବ୍ୟାପାର) ପ୍ରଣବ ବଳବନ୍ତରାୟ ତୃଣମୂଳ ସ୍ତରରେ ବିରୋଧୀଙ୍କ ସମସ୍ତ ଅପପ୍ରଚାରକୁ ରୋକିବା ସହ ସରକାରଙ୍କ ଜନମଙ୍ଗଳ ଯୋଜନାର ପ୍ରଚାର ପାଇଁ ଯୁବ କର୍ମକର୍ତ୍ତାମାନଙ୍କୁ କହିଛନ୍ତି। ଯୁବ ଜନତା ଦଳର ରାଜ୍ୟ ସଭାପତି ବ୍ୟୋମକେଶ କହିଛନ୍ତି, ନବୀନ ଓଡ଼ିଶା ଗଠନରେ ଯୁବସମାଜ ନିଜର ଦାୟିତ୍ୱ ନିର୍ବାହ କରିବ। ନବୀନଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରୂପେ ଷଷ୍ଠ ଥର ନିର୍ବାଚିତ କରିବାରେ ଯୁବକମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ। ଏହି କାର୍ଯ୍ୟକାରିଣୀ ବୈଠକରେ ଯୁବ ବିଜେଡି ପକ୍ଷରୁ ରାଜନୈତିକ ପ୍ରସ୍ତାବ, ସାଙ୍ଗଠନିକ ପ୍ରସ୍ତାବ, ଧନ୍ୟବାଦ ପ୍ରସ୍ତାବ, ସଂକଳ୍ପ ପ୍ରସ୍ତାବ ପାରିତ କରାଯାଇଛି। ବୈଠକରେ ବିଜୁ ଯୁବ ଜନତା ଦଳର ସମସ୍ତ ରାଜ୍ୟ କର୍ମକର୍ତ୍ତା,ଜୋନ ସଭାପତି, ଜିଲା ସଭାପତି ଯୋଗ ଦେଇଥିଲେ।

# ଡି.ଏନ୍. ଗ୍ରୁପ୍‌ରେ ଆଇଟି ଚଢ଼ାଉ | ଜୋର୍ ଧରିଲା ରାଜନୀତି

- ଶାସକ ଦଳ ନେତାଙ୍କ ଗଚ୍ଛିତ ପାଣ୍ଠି ଭାବେ ରଖାଯାଉଥିଲା: ଭାଜପା
- ଭାଜପା ଡାର୍ଟି ପଲିଟିକ୍ସ କରୁଛି: ବିଜେଡି
- ଅଫିସର, ମନ୍ତ୍ରୀ, ବିଜେଡି ନେତା ଟଙ୍କା ଲଗାଉଥିଲେ: କଂଗ୍ରେସ

ଭୁବନେଶ୍ୱର, ୬।୭(ଅନିଲ ଦାସ, ସୁନିତ୍ ମିଶ୍ର)

ଡି.ଏନ୍. ଗ୍ରୁପ୍ ଉପରେ ଆଇଟି ଚଢ଼ାଉ କରି ନଗଦ ୩୦ କୋଟି ଟଙ୍କା ଧରିବା ପରେ ଶାସକ ଦଳ ଆଡ଼କୁ ବିରୋଧୀ ଅଙ୍ଗୁଳି ଉଠାଇବା ଆରମ୍ଭ କରିଦେଇଛନ୍ତି। ଡି.ଏନ୍. ଗ୍ରୁପ୍ ମାଲିକ ଜଗଦୀଶ ନାୟକଙ୍କର ବିଜେଡି ଲିଙ୍କ୍ ରହିଥିବା ଯୋଗୁ ଏହା ଶାସକ ଦଳର ନେତା, ମନ୍ତ୍ରୀ ଏବଂ ପ୍ରଶାସନିକ ଅଧିକାରୀଙ୍କ ଟଙ୍କା ବୋଲି ବିରୋଧୀ ଅଭିଯୋଗ ଆଣିଛନ୍ତି। ଅପରପକ୍ଷରେ ଶାସକ ବିଜେଡି ଏହାର ପାଲଟା ଜବାବ ଦେଇଛି।

ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଖବରଦାତା ସମ୍ମିଳନୀରେ କହିଛନ୍ତି, ଓଡ଼ିଶାରେ ଆଗରୁ ଏପରି କେବେ ହେଲାଭଳି ଜଣାପଡ଼ିନି। ଗୋଟେ କର୍ପୋରେଟ ହାଉସ୍‌ର କର୍ମଚାରୀଙ୍କ ଘରୁ ୩୦ କୋଟି ଭଳି ନଗଦ ଟଙ୍କା ମିଳିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହିତ ଏହି ଦୁର୍ନୀତିଖୋର କର୍ପୋରେଟ ଏବଂ ପ୍ରଶାସନିକ ଅଧିକାରୀଙ୍କ ସମ୍ପର୍କ କ'ଣ ଜଣାପଡୁ ନାହିଁ। ସିଏମ୍‌ଓର ଅର୍ଥ ଏବେ କରପସନ୍ ମୋବିଲାଇଜେଶନ୍ ଅଫିସ୍ ବୋଲି ସେ କହିଛନ୍ତି। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଯେଉଁ ଜାଗାରେ ଚଢ଼ାଉ ହେଉଥିଲା ସେଠି ଶାସକ ଦଳର ଗଚ୍ଛିତ ପାଣ୍ଠି ରଖାଯାଇଥିଲା।

ଏହି ପ୍ରସଙ୍ଗରେ ବିଜେଡି କଡ଼ା ଜବାବ ଦେଇଛି। ସ୍ୱର୍ଣ୍ଣକାତର ମାମଲାରେ ବିଜେଡି ବିରୋଧରେ ମିଥ୍ୟା ଅଭିଯୋଗ ଆଣିବା ଭାଜପାର ପୁରୁଣା ଅଭ୍ୟାସ। ଏବେ ଡିଏନ୍ ଗ୍ରୁପ୍ ଉପରେ ଆୟକର ଚଢ଼ାଉକୁ ନେଇ ଓଡ଼ିଶା ଭାଜପା ନେତାମାନେ ପୁଣିଥରେ ଡାର୍ଟି ପଲିଟିକ୍ସ କରିବା ଆରମ୍ଭ କରିଦେଇଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ଗୁରୁବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଈପ୍ସିତା ସାହୁ କହିଛନ୍ତି, ଓଡ଼ିଶାରେ କୌଣସି ସ୍ୱର୍ଣ୍ଣକାତର ଅପରାଧ ଘଟିଲେ ଅଥବା ଭିଜିଲାନ୍ସ କି ଆଇଟି ଚଢ଼ାଉ ହେଲେ, ଓଡ଼ିଶା ଭାଜପା ନେତାମାନେ ଏମିତି ବାଉଳାଚାଉଳା ହୁଅନ୍ତି। ବିଜେଡିକୁ ଏହା ଭିତରକୁ ଟାଣିବାକୁ ଅପଚେଷ୍ଟା କରନ୍ତି। ଏଭଳି ହୀନ ରାଜନୀତି ପାଇଁ ହିଁ ଭାଜପାକୁ ଓଡ଼ିଶାବାସୀ ବାରମ୍ବାର ପ୍ରତ୍ୟାଖ୍ୟାନ କରି ଆସୁଛନ୍ତି ବୋଲି ଈପ୍ସିତା କହିଛନ୍ତି।

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଏବେ ସାଧାରଣ ଲୋକମାନେ କହି ବୁଲୁଛନ୍ତି ବଡ଼ ବଡ଼ ଅଫିସର, ମନ୍ତ୍ରୀ, ବିଧାୟକ ଏବଂ ବିଜେଡି ନେତାମାନେ ଏଠାରେ ଟଙ୍କା ଖଟାଉଥିଲେ। ନିଜ ଟଙ୍କାକୁ ଶାସକ ଦଳ ନେତାମାନେ ଏହିପରି କାମରେ ଲଗାଉଥିଲେ ବୋଲି ସାଲୁଜା କହିଛନ୍ତି।

# କେନ୍ଦ୍ରର 'ଅମୃତ ସରୋବର' ଯୋଜନାକୁ ହାଇଜାକ୍ କରାଯାଇଛି: ଭାଜପା

ଭୁବନେଶ୍ୱର, ୬।୭(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ 'ଆମ ପୋଖରୀ' ଯୋଜନାର ଶୁଭାରମ୍ଭ ଗୁରୁବାର କରିଛନ୍ତି। କେନ୍ଦ୍ର ସରକାରଙ୍କ 'ଅମୃତ ସରୋବର' ଯୋଜନାକୁ ହାଇଜାକ୍ କରି ରାଜ୍ୟ ସରକାର ନୂଆ ନାଁ ଦେଇ 'ଆମ ପୋଖରୀ' ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ସମ୍ପୂର୍ଣ୍ଣଭାବେ କେନ୍ଦ୍ର ସରକାରଙ୍କ ଅର୍ଥରେ ହେବ। କେନ୍ଦ୍ର ସରକାରଙ୍କ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାର ଥିବା ଅର୍ଥ ରାଶିରେ ହିଁ 'ଆମ ପୋଖରୀ' ଯୋଜନା ରାଜ୍ୟ ସରକାର ଚଳାଇବେ। ଏହି ଯୋଜନା ପାଇଁ ରାଜ୍ୟ ସରକାର ଟଙ୍କାଟିଏ ବି ନିଜ ବଜେଟରୁ ଖର୍ଚ୍ଚ କରିବେ ନାହିଁ ବରଂ କେନ୍ଦ୍ର ସରକାରଙ୍କ ବଜେଟରୁ ଏହି ଅର୍ଥ ଖର୍ଚ୍ଚ ହେବ ବୋଲି ଭାଜପା ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲ୍ଲୀପ ମଲିକ କହିଛନ୍ତି।

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha
[Accredited with 'A' Grade by NAAC]

**QUOTATION CALL NOTICE FOR MULTIPLE SUPPLY WORKS FOR 10TH ANNUAL CONVOCATION AT NLUO CUTTACK**

Sealed quotations in prescribed format are invited for **Printing Works, Supply of High Tea, Supply of Lunch, Supply of Biryani Packets, Supply of Electrical Items, Supply of Furniture, and Supply of Tent House** Items for 10th Annual Convocation at NLUO, Cuttack. Last date & time of receipt is **14.07.2023 at 11.00AM**. For details please visit website- **www.nluo.ac.in**".

Sd/- Registrar

**पुलिस अधीक्षक का कार्यालय, रेल जमशेदपुर**

**आवश्यक सूचना**

सूचित किया जाता हैं कि रेल थाना हटिया काण्ड सं0–02/2022, दिनांक–13.01.2022, धारा–20(b)(ii)(c)/29 N.D.P.S. Act के प्राथमिकी अभियुक्त शनि कच्छी, पिता–अमर कच्छी, सा0–मालगोदाम बसन्ती रोड, राउरकेला, थाना–उदितनगर, जिला–सुन्दरगढ़ (उड़ीसा) के विरूद्ध माननीय न्यायालय ए0के0 राय, न्यायायुक्त–सह–विशेष न्यायाधीश, राँची द्वारा इश्तिहार निर्गत किया गया है।

अतः इस उद्घोषणा के द्वारा शनि कच्छी, पिता–अमर कच्छी, सा0–मालगोदाम बसन्ती रोड, राउरकेला, थाना–उदितनगर, जिला–सुन्दरगढ़ (उड़ीसा) को सूचित किया जाता हैं कि माननीय न्यायालय में उपस्थित होकर अपना पक्ष प्रस्तुत करें या निम्नलिखित दुरभाष नंबरो पर संपर्क स्थापित करें !

पुलिस अधीक्षक, रेल जमशेदपुर :– 9431303400
पुलिस उपाधीक्षक(मु0), रेल जमशेदपुर :– 8340185711
पु0नि0–सह–थाना प्रभारी, रेल थाना हटिया :– 8340296733

पुलिस अधीक्षक, रेल जमशेदपुर

PR301607 (Police)23-24*D

**NIMAPARA AUTONOMOUS COLLEGE**
**NIMAPARA, PURI - 752106**
**TENDER NOTICE**

Sealed quotations are invited from the interested registered Firms/Authorized Dealers having valid GST, PAN and GST Clearance Certificate for supply of **Laboratory Equipments, CBCS Books, Desktop Computers, Black & White Xerox Machine, Multifunction Black & White Laser Printer** under World Bank assisted project OHEPEE. Concerned suppliers should visit the College website **http//nimaparacollege.org.in** for detailed information. The quantity of the items will be mentioned at the time of placing the order. The sealed quotations should reach the office of the undersigned on or before 29.07.2023 by 5.00 P.M. through Registered/Speed Post. The undersigned reserves the right to cancel any or all the tenders without assigning any reason thereof.

Sd./- Principal
Nimapara Autonomous College

**कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल मनोहरपुर**

नेशनल कम्पीटिटिभ बिडींग
(अलपकालीन ई0–निविदा आमंत्रण सूचना)

ई– निविदा आमंत्रण सूचना संख्या –**RCD/MANOHARPUR/04/2023-24** दिनांक: 06.07.2023

| | | |
|---|---|---|
| 1. | कार्य का नाम :– | IRQP Work of Chakradharpur-Toklo-Kuchai Road Total Length (22.17 k.m.) |
| 2. | प्राक्कलित राशि (रूपये में) | रू0 13,23,94,018.00 (तेरह करोड़ तेईस लाख चौरानबे हजार अठारह रूपये) |
| 3. | कार्य समाप्ति की अवधि | 06 (छः) माह । |
| 4. | वेबसाईट पर निविदा प्रकाशन की तिथि एवं समय | 19.07.2023, 10.30 बजे पूर्वाह्न से। |
| 5. | बेवसाईट पर निविदा उपलब्धता की अंतिम तिथि एवं समय | 25.07.2023, 3.00 बजे अपराह्न तक। |
| 6. | निविदा खुलने की तिथि एवं समय | 27.07.2023, 12.30 बजे अपराह्न। |
| 7. | निविदा आमंत्रित करने वाले पदाधिकारी का पदनाम एवं कार्यालय का पता। | कार्यपालक अभियंता, पथ निर्माण विभाग, पथ प्रमण्डल, मनोहरपुर। |
| 8. | निविदा आमंत्रण करने वाले पदाधिकारी का सम्पर्क नम्बर । | 8809665333 |
| 9. | ई–निविदा आमंत्रण कोषांग का हेल्प लाईन नम्बर | 0651-2403007 |

नोट :– यूकैन निबंधित निविदाकार ही निविदा डाल सकते हैं। निविदा की राशि घट–बढ़ सकती है।
विस्तृत जानकारी हेतु वेवसाईट http://jharkhandtenders.gov.in पर देखें।

कार्यपालक अभियंता,
प0नि0वि0, पथ प्रमण्डल, मनोहरपुर

PR 301637 West Singhbhum(23-24).D

**Shailabala Women's Autonomous College, Cuttack**
Accredited with "A Grade' by N.A.A.C. (UGC) (2006, 2017)

**GRADUATE & POSTGRADUATE PROFESSIONAL COURSES**
**ADMISSION NOTICE 2023**

| MSW | M.Com (F&C) | MBA |
|---|---|---|
| Master in Social Work | Master in Commerce (Finance & Control) | Master in Business Administration |

Duration: 2 Years (4 Semesters)
Eligibility: Graduate in any stream with 40% in aggregate

Applications are invited for admission into the above self financing courses for the session 2023-24. The **Prospectus and Application Form** can be obtained directly by the applicants from the SFC Department on payment of Rs. 300/- OR may be downloaded through college site **www.shailabalawomenscollege.ac.in** and payment ensure through Payphone **(8337900578)**

Sd /- Principal

*For any query or Call for Admission:* 6371786698, 8917318528, 8249864218
E-mail: shailabalasfc@gmail.com

DSPL - 135

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

**ଆଖିଧରା ରୋଗର ପ୍ରତିରୋଧ ସମ୍ପର୍କରେ ମାର୍ଗଦର୍ଶିକା**

କିଛି ଦିନ ହେଲା ରାଜ୍ୟର କେତେକ ଅଞ୍ଚଳରେ ଆଖିଧରା ରୋଗ ବ୍ୟାପିବାର ନଜରକୁ ଆସୁଛି। ବିଶେଷଜ୍ଞଙ୍କ ମତରେ ଏହା ଏକ ସଂକ୍ରାମକ ରୋଗ ଏବଂ ମୁଖ୍ୟତ ସ୍ପର୍ଶ ମାଧ୍ୟମରେ ବ୍ୟାପିଥାଏ। ଏଥିପାଇଁ ନିମ୍ନଲିଖିତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

- ଆଖିଧରାରେ ଆକ୍ରାନ୍ତ ବ୍ୟକ୍ତିଙ୍କର ରୁମାଲ୍, ତଉଲିଆ, ତକିଆ କିମ୍ବା ସେ ବ୍ୟବହାର କରିଥିବା ଆଇ-ଡ୍ରପ୍ ଅନ୍ୟମାନେ ବ୍ୟବହାର କରନ୍ତୁ ନାହିଁ।
- ନିଜର ଚଷମାକୁ ନିୟମିତ ସଫା କରନ୍ତୁ।
- ସୁଇମିଂ ପୁଲ୍, ପୋଖରୀ ଆଦିରେ ମୁହଁ ବୁଡ଼ାନ୍ତୁ ନାହିଁ।
- କଣ୍ଟାକ୍ଟ ଲେନ୍ସ ବ୍ୟବହାରକାରୀ ନିଜର ଚକ୍ଷୁ ଚିକିତ୍ସକଙ୍କ ସହ ପରାମର୍ଶ କରି ସାବଧାନତା ଅବଲମ୍ବନ କରନ୍ତୁ।
- ଆଖିରେ କୌଣସି ପ୍ରସାଧନ ସାମଗ୍ରୀ ବ୍ୟବହାର କରନ୍ତୁ ନାହିଁ।
- ଆଖି ଧରିଲେ ପରିଷ୍କାର କପଡ଼ା ଉଷୁମପାଣିରେ ପକାଇ ଆଖିକୁ ପୋଛନ୍ତୁ।
- ଆଖି ପୋଛା କପଡ଼ାକୁ ଗରମ ପାଣି ଓ ଡିଟେରଜେଣ୍ଟ ପାଉଡରରେ ଭିଜାଇବା ପରେ ନଷ୍ଟ କରିଦିଅନ୍ତୁ।
- ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଆଖି ଔଷଧ ବ୍ୟବହାର କରନ୍ତୁ ନାହିଁ।
- ଆବଶ୍ୟକ ହେଲେ ନିକଟସ୍ଥ ଡାକ୍ତରଖାନକୁ ଯାଇ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

OIPR-10003/13/0078/2324

**ପୁଟୁପଡା ବନ ସୁରକ୍ଷା ସମିତିକୁ ଶ୍ରେଷ୍ଠ ବନ ସୁରକ୍ଷା ସମିତି**

ଖଡ଼ିଆଳ,(ସୁଜିତ୍ ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଲୋହରାପାଲି ଗ୍ରାମସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲାସ୍ତରୀୟ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁଟୁପଡା ବନ ସୁରକ୍ଷା ସମିତି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲାର ଶ୍ରେଷ୍ଠ ବନ ସୁରକ୍ଷା ସମିତି ଭାବେ ସମ୍ମାନିତ ହୋଇଛି। ଏହି ସମିତିକୁ ନଗଦ ୨୦ ହଜାର ଟଙ୍କା ଚେକ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଶୁଶୀଲ କୁମାର ତ୍ରିପାଠୀ ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ଖୁଣ୍ଟିଆଠାରୁ ମୋଟେର ପର୍ଯ୍ୟନ୍ତ ଭାଜପାର ଜନସମ୍ପର୍କ ଯାତ୍ରା

**କୋକସରା,୬।୭(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁଣ୍ଟିଆଠାରୁ ମୋଟେର ପର୍ଯ୍ୟନ୍ତ ଭାଜପାର ଜନସମ୍ପର୍କ ଯାତ୍ରା ବୁଧବାର ଅନୁଷ୍ଠିତ ହୋଇଛି। ମୋଟେର ମଣ୍ଡଳ ସଭାପତି ସ୍ୱୟଂବର ବାଗଙ୍କ ନେତୃତ୍ୱରେ ଜିଲା ଭାଜପା ଜିଲା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପାଙ୍ଗଯୋଷୀ, ମୋଟେର ମଣ୍ଡଳ ସମ୍ପାଦକ ମୁକୁନ୍ଦ ରାଉତ, ମୋଟେର ଯୁବମୋର୍ଚ୍ଚା ସଭାପତି ପୁରୁଷୋତ୍ତମ ସିଂ ରାଜପୁତ, ଜିଲା ସଭ୍ୟ ରାଧେଶ୍ୟାମ ଗୋପାଳ, ଉପ ସଭାପତି ଧନେଶ୍ୱର ନାଏକ, ହୃଦାନନ୍ଦ ସିଂ ରାଜପୁତ, ଅମିନ ରଣା, ପ୍ରସନ୍ନ ମେହେର ପ୍ରମୁଖ କର୍ମକର୍ତ୍ତା ଜନସମ୍ପର୍କ ଯାତ୍ରାରେ ସାମିଲ ହୋଇଥିଲେ। ଗାଁ ଗାଁ ବୁଲି ଲୋକଙ୍କୁ ଭେଟି କେନ୍ଦ୍ର ସରକାରଙ୍କ ଜନ କଲ୍ୟାଣ ଯୋଜନା ବିଷୟରେ ସଚେତନ କରିଛନ୍ତି। ବ୍ଲକର ଖୁଣ୍ଟିଆ ପଞ୍ଚାୟତରୁ ମୋଟେର ପଞ୍ଚାୟତ ପର୍ଯ୍ୟନ୍ତ ଦଳୀୟ କର୍ମକର୍ତ୍ତାମାନେ ଜନ ସମ୍ପର୍କ ଯାତ୍ରାରେ ସାମିଲ ହୋଇଥିଲେ।

### ମଦକୁ ଜବତ କରି ଥାନାକୁ ଆଣିଲେ ଗ୍ରାମବାସୀ

**ଜୁନାଗଡ଼,୬।୭(ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଙ୍ଗୁସଡର ଗ୍ରାମରେ ବେଆଇନ ମଦ କାରବାର ଜୋରସୋରରେ ଚାଲିଛି। ଏପରି କି ଏହାକୁ ନେଇ ଗତ କିଛି ମାସ ତଳେ ଗ୍ରାମବାସୀ ଜିଲାପାଳ, ଥାନାଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଗ୍ରାମରେ କିଛି ଦିନ ମଦ ବିକ୍ରି ବନ୍ଦ ରହିଥିଲା। ହେଲେ ଗତ କିଛି ଦିନ ହେବ ଗ୍ରାମରେ ପୁଣି ବେଆଇନ ମଦ ବିକ୍ରି କାରବାର ଆରମ୍ଭ ହୋଇଛି। ଗ୍ରାମର କିଛି ଅସାଧୁ ବ୍ୟକ୍ତି ପୁଣି ଥରେ ଗ୍ରାମକୁ ମଦ ଆଣି ବିକ୍ରି କରୁଥିବା ଅଭିଯୋଗ ହୋଇଛି। ବୁଧବାର ସନ୍ଧ୍ୟାରେ ଗ୍ରାମର ଜଣେ ବ୍ୟକ୍ତିଙ୍କଠାରୁ ଗ୍ରାମବାସୀ ମଦ ବସ୍ତା ଜବତ କରିଥିଲେ। ଗୁରୁବାର ଏହି ମଦ ବସ୍ତା ଧରି ଗ୍ରାମବାସୀ ଜୁନାଗଡ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏହି ମଦ ଜବତ କରିବା ସହ ଏହାର ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତଶ୍ରୁତି ଦେଇଥିବା ଜଣାପଡିଛି।

# କାମ କରୁନି ସିସିଟିଭି କ୍ୟାମେରା

ଭବାନୀପାଟଣା,୬।୭
(ଉତ୍ତମ କୁମାର ଦାଶ)


ସହରରେ ଲାଗିଥିବା ସିସିଟିଭି ଓହଳି ପଡିଛି।

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ଲାଗିଥିବା ସିସିଟିଭି କ୍ୟାମେରା ଅଚଳ ହୋଇ ପଡିରହିଛି। ସହରରେ ଅପରାଧକୁ ନିୟନ୍ତ୍ରଣ କରିବା ସହ ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖୁଥିବା ସିସିଟିଭି କ୍ୟାମେରା ଗତ ୨ ମାସ ହେଲା କାମ କରୁ ନ ଥିବା ଜଣାପଡିଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲାର ସଦର ମହକୁମା ଭବାନୀପାଟଣା ସହରର ଜିଲା ମୁଖ୍ୟାଳୟକୁ ପ୍ରତ୍ୟେକ ଦିନ ଜିଲା ତଥା ଜିଲା ବାହାରୁ ହଜାର ହଜାର ଲୋକ ଆସିଥାନ୍ତି। ଆଉ ଏହି ସହରରେ ଚୋରି ଡକାୟତି ରାହାଜାନି ଭଳି ଘଟଣା ଦିନକୁ ଦିନ ବୃଦ୍ଧି ପାଇବାକୁ ଲାଗିଥିବା ବେଳେ ଏହି ଅପରାଧ ଉପରେ ନିୟନ୍ତ୍ରଣ କରିବା ଓ ସହରର ଗତିବିଧି ଉପରେ ନଜର ରଖିବା ପାଇଁ ଜିଲା ପୋଲିସ ପକ୍ଷରୁ ପ୍ରତ୍ୟେକ ଛକରେ ସିସିଟିଭି କ୍ୟାମେରା ଲଗାଇଥିଲା। ଗତ ଦୁଇ ବର୍ଷ ତଳେ ସହରର କଲେଜ ଛକ, ମାଣିକେଶ୍ୱରୀ ଛକ, ଘୋଡ଼ାଘାଟ ଛକ, ଜେଲ ଛକ, ନକଟିଗୁଡା ଛକ ସମେତ ମେଡ଼ିକାଲ ଆଦି ଛକଗୁଡ଼ିକରେ ପ୍ରାୟ ୧୦୦ଟି ପିଟିଜେଡ ଓ ବୁଲେଟ ଆଦି

**ଭବାନୀପାଟଣା ସହର**

ସିସିଟିଭି କ୍ୟାମେରା ଲଗାଯାଇଥିଲା। ଏହା କମାଣ୍ଡ କଣ୍ଟ୍ରୋଲ ସଫ୍ଟୱେର ମାଧ୍ୟମରେ ସମସ୍ତ କ୍ୟାମେରାକୁ ସଂଯୋଗ କରିବା ସହ ଜିଲା ପୋଲିସ କାର୍ଯ୍ୟାଳୟରେ ଏହାର କଣ୍ଟ୍ରୋଲ ବ୍ୟବସ୍ଥା କରିଥିଲା କଳାହାଣ୍ଡି ପୋଲିସ। ହେଲେ ଗତ ୨ ମାସ ହେଲା ସମସ୍ତ କ୍ୟାମେରା ଅଚଳ ହୋଇ ପଡିଛି। କେଉଁଠି କ୍ୟାମେରା ଭାଙ୍ଗି ଯାଇ ତଳେ ଓହଳି ପଡିଛି ତ ଆଉ କେଉଁଠି ଫାଶୀ ଖୁଣ୍ଟରେ ଝୁଲିଲା ଭଳି ଓହଳି ପଡିଛି। ଏ ନେଇ କଳାହାଣ୍ଡି ଏସ୍‌ପି ଅଭିଲାଷ ଜିଙ୍କୁ ପ୍ରତିକ୍ରିୟା ନେବାରୁ ଖୁବଶୀଘ୍ର ସହରରେ ପୁଣି ଥରେ ସମସ୍ତ ସିସିଟିଭି କ୍ୟାମେରା କାର୍ଯ୍ୟକାରୀ ହେବା ନେଇ ପ୍ରକାଶ କରିଥିଲେ।

# ବେଆଇନ ମଦ ବିକ୍ରିକୁ ବିରୋଧ


ତରବୋଡ ଫାଣ୍ଡି ଘେରାଉ କରାଯାଇଛି।

ନୂଆପଡ଼ା,୬।୭(ମକାରୁ ବେମାଲ)

ନୂଆପଡା ଜିଲା କୋମନା ଥାନା ଜଟଗଡ ପଞ୍ଚାୟତ ଭରୁଆମୁଣ୍ଡା ଗାଁରେ ବେଆଇନ ଭାବେ ମଦ ବିକ୍ରିକୁ ବିରୋଧ କରିଛନ୍ତି ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ। ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ ପାଢୀଙ୍କ ନେତୃତ୍ୱରେ ଗ୍ରାମବାସୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ତରବୋଡ ଫାଣ୍ଡି ଘେରାଉ କରି ଫାଣ୍ଡି ଅଧିକାରୀ ସହଦେବ ଯୋଶୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆଦିବାସୀ ଅଧ୍ୟୁଷିତ ଭରୁଆମୁଣ୍ଡା ଗାଁରେ ଗତ କିଛି ବର୍ଷ ହେବ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି। ଏହାକୁ ନେଇ ଗାଁ ଲୋକେ ଅନେକ ଥର ବନ୍ଦ କରିବାକୁ କହିଥିଲେ ମଧ୍ୟ ମଦ କୋଚିଆମାନେ ବେଖାତିର କରି ଆସୁଥିଲେ। ଏ ନେଇ ଓକିଲ ସଂଘ ଜିଲା ସଭାପତି ପାଢୀଙ୍କ ନେତୃତ୍ୱରେ ଗାଁର ୧୨ଟି ସ୍ୱୟଂ ସହାୟକ ଗୋଷ୍ଠିର ଶତାଧିକ ମହିଳା ତରବୋଡ ଫାଣ୍ଡି ଘେରାଉ କରି ଗାଁରେ ବେଆଇନ ଭାବେ ଚାଲିଥିବା ମଦ କୋଠି ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଖୁବଶୀଘ୍ର ଗାଁରେ ପୋଲିସ ଚଢାଉ କରି ମଦ ବିକ୍ରି ବନ୍ଦ କରିବା ପାଇଁ ଫାଣ୍ଡି ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ୱାର୍ଡ ସଭ୍ୟା ପ୍ରେମ ମଞ୍ଜୁଳା ମାଝି, ରତନ ମାଝି, ମୋହନ ମାଝି, ମୋଟାରାମ ମାଝି, ସୋଭାରାମ ମାଝି, ଡୋଲା ବାରିକ, ଗୁଣବନ୍ତ ଗଡତିଆ, ଘନଶ୍ୟାମ ମାଝି, ଭଜମନ ବିଶି, କୈବଲ ମାଝି, ଦୁଷ୍ମନ୍ତ ମାଝି, ପଦୁ ମାଝି, ଚଞ୍ଚଳା ମାଝି, ଗୌରୀ ମାଝି, ସରାବନୀ ମାଝି, ଧନମତି ଗଡତିଆ, ଦେବକି ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ପ୍ରକଳ୍ପ ପରିଦର୍ଶନ, ସମୀକ୍ଷା କଲେ

ନୂଆପଡ଼ା,୬।୭(ମକାରୁ ବେମାଲ)


ଉତ୍ତରାଞ୍ଚଳ ରାଜସ୍ୱ କମିଶନର କାଫେ ପରିଦର୍ଶନ କରୁଛନ୍ତି।

**ନୂଆପଡା ଗସ୍ତରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର**

ନୂଆପଡା ଜିଲା ଦିନିକିଆ ଗସ୍ତ କରିଛନ୍ତି ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ.ସୁରେଶ ଚନ୍ଦ୍ର ଦଳେଇ। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାରେ ହୋଇଥିବା ବିଭିନ୍ନ ଉପନ୍ନୟନମୂଳକ ପ୍ରକଳ୍ପ ବୁଲି ଦେଖିଛନ୍ତି। ସଦର ମହକୁମାଠାରେ ନବନିର୍ମାଣାଧୀନ ବସଷ୍ଟାଣ୍ଡ ବୁଲି ଦେଖିବା ପରେ ପରସଖୋଲ ଗାଁର ତୋଷ ରଞ୍ଜନ ସାହୁ ଓ ଧୀରୁ ସାହୁଙ୍କ ଇଂଟିଗ୍ରେଟେଡ ଫାର୍ମିଂ ସିଷ୍ଟମ ଓ ଛତୁ ଉତ୍ପାଦନ ପରିଦର୍ଶନ କରିଥିଲେ। ଜିଲା ସଦର ମହକୁମାସ୍ଥିତ ମିଶନ ଶକ୍ତି ଦ୍ୱାରା ପରିଚାଳିତ ବିୟୁଟି ପାର୍ଲର ଓ ଟେଲରିଂ ୟୁନିଟ ବୁଲି ଦେଖିବା ପରେ କାଫେ ମିଲେଟ ଇନକ୍ୟୁବେଟିଓ ସେଣ୍ଟର ଯାଇଥିଲେ। ସେଠାରେ ମିଲେଟ ଦ୍ୱାରା ତିଆରି ଜଳଖିଆ ଖାଇ ସ୍ୱୟଂ ସହାୟକ ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ପରେ କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବେଲାରଦନା ଗାଁର ଉତ୍ରା ବିଶ୍ୱାଳଙ୍କ ମୋ ପୋଖରୀ ଯୋଜନା ଦେଖି ଇଛାପୁରଠାରେ ଥିବା ମିଲେଟ ପ୍ରକ୍ରିୟା କରଣ ୟୁନିଟ ପରିଦର୍ଶନ କରିଥିଲେ। ସେଠାରୁ ଟିଖାଲି ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ପରିଦର୍ଶନ କରି ଖରିଆର ଟାଉନହଲ, ତହସିଲ କାର୍ଯ୍ୟାଳୟ ଓ ନୂତନ ଭାବେ ନିର୍ମାଣ ହୋଇଥିବା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିଥିଲେ। କାଣ୍ଡେତରାଠାରେ ଥିବା ହରିକେଶ ଜାଲଙ୍କ ଏମକେୟୁୱାଇ ଯୋଜନାରେ ନିର୍ମିତ କୁକୁଡା ଫାର୍ମ ପରିଦର୍ଶନ କରି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ ଜିଲାର ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ଜିଲାପାଳ ହେମକାନ୍ତ ସାଏ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ ହିମାଂସୁ ମହାପାତ୍ର, ଓଡିଶା ଜୀବିକା ମିଶନ ଜିଲା ପ୍ରକଳ୍ପ ପରିଚାଳକ ଟିମନ ବାରା, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ରାମ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ଡେଙ୍ଗୁ ନିୟନ୍ତ୍ରଣ ଉପରେ ଟାସ୍କଫୋର୍ସ କର୍ମଶାଳା

କୋକସରା,୬।୭
(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ଡେଙ୍ଗୁ ନିୟନ୍ତ୍ରଣ ସଚେତନତା ଉପରେ ବିଭିନ୍ନ ବିଭାଗ ଅଧିକାରୀ ଓ ଜନପ୍ରତିନିଧିଙ୍କୁ ନେଇ ବ୍ଲକସ୍ତରୀୟ ଟାସ୍କଫୋର୍ସ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ତତ୍ତ୍ୱଦର୍ଶୀ ଦାସଙ୍କ ସଭାପତିତ୍ୱରେ ବିଡିଓ ଉତ୍ତମ କୁମାର ବାଗ, ତହସିଲଦାର ଦେବବ୍ରତ କରାଟି, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଲଡୁଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ରଜତ ସୌମ୍ୟ ଅନୁରାଗ, ସିଡିପିଇଓ ସରୋଜା ଲତା ଦେବୀ, ବିଆରସିସିସ ତୋଫାନ ମାଝି, ବ୍ଲକ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝି ଉପସ୍ଥିତ ରହିଥିବା ବେଳେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଟାସ୍କଫୋର୍ସର ଗଠନର ବିଭିନ୍ନ ଦିଗ ଉପରେ କହିଥିଲେ। କାର୍ଯ୍ୟକ୍ରମରେ ବିପିଏମ ସୁରଜିତ ସିଂ କୁମାର, ସ୍ୱାସ୍ଥ୍ୟ ପରିଦର୍ଶକ କେତନ ପାତ୍ର, ମେରି ହେମ୍ରମ, ବିଷ୍ଣୁପ୍ରିୟା କବିର ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜୁନାଗଡ଼ରେ ହେବ ସ୍ଥାୟୀ ସବ୍‌ରେଜିଷ୍ଟ୍ରାର ଅଫିସ

ଭବାନୀପାଟଣା,୬।୭
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ ସହରରେ ଏକ ସ୍ଥାୟୀ ସବରେଜିଷ୍ଟ୍ରାର ଅଫିସ ହେବା ପାଇଁ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅନୁମୋଦନ କରାଯାଇଛି। ଏହାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି। ପ୍ରକାଶ ଗତ, ୨୦୧୯ ଫେବୃୟାରୀ ୨୫ରୁ ଜୁନାଗଡରେ ଅସ୍ଥାୟୀ ଭାବେ ଏକ ସବରେଜିଷ୍ଟ୍ରାର ଅଫିସ ଚାଲୁଛି। ସପ୍ତାହକୁ ଦିନେ ଏଠାରେ ଜମି କିଣାବିକା ପାଇଁ ରେଜିଷ୍ଟ୍ରେଶନ(ପଞ୍ଜୀକରଣ) ହେଉଥିବାବେଳେ ଅନ୍ୟ ଦିନଗୁଡିକ ବନ୍ଦ ରହୁଥିଲା। ଏଥିପାଇଁ ଗୋଟିଏ ଦିନରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। ସେହିପରି ସବ ରେଜିଷ୍ଟ୍ରାର ଅଫିସର ଭାବେ ସ୍ଥାନୀୟ ତହସିଲଦାର ଏହାର ଦାୟିତ୍ୱ ତୁଲାଉଥିଲେ। ତେବେ ଗତ ଜୁନ ଶେଷ ସପ୍ତାହରେ ଜୁନାଗଡ ଓକିଲ ସଂଘ ପକ୍ଷରୁ କଳାହାଣ୍ଡି ଜିଲାପାଳଙ୍କୁ ସାକ୍ଷାତ କରି ଜୁନାଗଡରେ ସ୍ଥାୟୀ ସବ୍‌ରେଜିଷ୍ଟ୍ରାର ଅଫିସ କରିବା ପାଇଁ ଏକ ଦାବିପତ୍ର ଦେଇଥିଲେ। ସ୍ଥାୟୀ ସବରେଜିଷ୍ଟ୍ରାର ଅଫିସ କାର୍ଯ୍ୟକାରୀ ହେଲେ ନିୟମିତ ଅଫିସ ଚାଲିବା ସହ ସ୍ଥାୟୀ ସବରେଜିଷ୍ଟ୍ରର ଅଫିସର ନିଯୁକ୍ତି ପାଇବେ। ଜୁନାଗଡରେ ସ୍ଥାୟୀ ସବ୍‌ରେଜିଷ୍ଟ୍ରାର ଅଫିସ ଅନୁମୋଦନ ହୋଇଥିବାରୁ ଏଥିପାଇଁ ରାଜ୍ୟ ସରକାର ଓ କଳାହାଣ୍ଡି ଜିଲାପାଳଙ୍କୁ ଜୁନାଗଡ ଓକିଲ ସଂଘ ସଭାପତି ଅଶୋକ କୁମାର ପାତ୍ର ଓ ସମ୍ପାଦକ ହିମାଂଶୁ ଶେଖର ବରାଡ ଧନ୍ୟବାଦ ଜଣାଇଛନ୍ତି।

# କେରାପଦରଠାରେ ବନ ମହୋତ୍ସବ ପାଳିତ

ବୋଡେନ,୬।୭(ଟିକେଶ୍ୱର ନାଗ୍)

ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ କେରାପଦର ଦ୍ୱାରଶନୀ ହାଇସ୍କୁଲରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବୋଡେନ କୋର୍ଟ ମାଜିଷ୍ଟ୍ରେଟ ନରୋଜ ସାହୁ ଯୋଗଦାନ କରି ଚାରାରୋପଣର ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଡିଓ ପ୍ରିୟରଞ୍ଜନ କୁମାର ଅଂଶ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପ୍ରେମଶିଳା ନାଗ, ଖଡିଆଳ ରେଞ୍ଜର ସଂସ୍କୃତା ବଡନାୟକ, ବୋଡେନ ବନପାଳ ଦୁର୍ଯ୍ୟୋଧନ ଦିକ୍ଷିତ, ପାଟଦରା ବନପାଳ ମେଘନାଦ ମାଝି, ସ୍ଥାନୀୟ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅଁଳା, ପଣସ, କାଜୁ, କର, ନିମ୍ବ ଆଦି ଚାରାରୋପଣ କରାଯାଇଥିଲା। ହାଇସ୍କୁଲ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ଫରେଷ୍ଟ ଗାର୍ଡ ତରୁଣ ତେଜି, ପୁରୁସୋତମ ନାଗ, ସୁଦାମ କୁମାର ବାଗ, ନନ୍ଦିନି ସୁନାନୀ, ବିରେନ୍ଦ୍ର ମାଝି ପ୍ରମୁଖଙ୍କ ସହ ବିଦ୍ୟାଳୟ କର୍ମଚାରୀମାନେ ସହଯୋଗ କରିଥିଲ।

# ଜିଲାସ୍ତରୀୟ ବନ ମହୋତ୍ସବ ସପ୍ତାହ


ଜିଲାସ୍ତରୀୟ ବନ ମହୋତ୍ସବରେ ବୃକ୍ଷ ରୋପଣ କରାଯାଉଛି।

ଖଡ଼ିଆଳ,୬।୭(ସୁଜିତ୍ ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଲୋହାରପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ସଭା କକ୍ଷରେ ଜିଲାସ୍ତରୀୟ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ ବନଖଣ୍ଡ ଅଧିକାରୀ ଶୁଶୀଲ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ମୁଖ୍ୟବକ୍ତା ଭାବେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ଼. ଫଣିନ୍ଦ୍ରମ ସିଂ ଦେଓ, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଜିଲା କ୍ରୀଡ଼ା ନିରୀକ୍ଷକ ମହେଶ କୁମାର ଦଣ୍ଡସେନା, ସରକାରୀ ଉଚ୍ଚ ବିଦ୍ୟାଳୟ ଲୋହାରପାଲି ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ଦଣ୍ଡସେନା ମଞ୍ଚାସୀନ ଥିଲେ। ବର୍ତ୍ତମାନ ଜଙ୍ଗଲକୁ ଯେଉଁ ପରି ଭାବେ କଟାଯାଉଛି, ତାହା ପାଇଁ ପରିବେଶ ଅସନ୍ତୁଳିତ ହୋଇପଡୁଛି। ତେଣୁ ଆମେ ସମସ୍ତେ ଗଛ ଲଗାଇ ପରିବେଶକୁ ସନ୍ତୁଳିତ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଖଡ଼ିଆଳ ବନାଞ୍ଚଳ ଅଧିକାରୀ ସଂସ୍କୃତା ବଡ଼ନାୟକ, ଖରିଆରରୋଡ଼ ବନାଞ୍ଚଳ ଅଧିକାରୀ କେଶବ ଦଣ୍ଡସେନା ଯୋଗଦାନ କରିଥିବା ବେଳେ ଫରେଷ୍ଟର ଦୁର୍ଯ୍ୟୋଧନ ଦୀକ୍ଷିତ ମଞ୍ଚ ପରିଚାଳନା କରିଥିଲେ। ବନ ବିଭାଗ ପକ୍ଷରୁ ହୋଇଥିବା କୁଇଜ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଅତିଥିମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଫରେଷ୍ଟ କର୍ମଚାରୀ ଓ ପଞ୍ଚାୟତ ହାଇସ୍କୁଲ ଲୋହାରପାଲି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।


ଧର୍ମଗଡ ବିଧାୟକ ସ୍କୁଲ ପିଲାଙ୍କ ସହ ମିଶି ବୃକ୍ଷ ରୋପଣ କରୁଛନ୍ତି।



ଲାଞ୍ଜିଗଡ଼ ବନ ବିଭାଗ ପକ୍ଷରୁ ବୃକ୍ଷ ରୋପଣ କରାଯାଉଛି।

# ବୃକ୍ଷରୋପଣ କଲେ ପରିବେଶ ସନ୍ତୁଳନ ହେବ

ତୁଣ୍ଡଲା,୬।୭(ଫିରୋଜ ଦାଶ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ କେସିଙ୍ଗା ବନାଞ୍ଚଳ ଅଧିକାରୀମାନଙ୍କ ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ପାଳନ କରାଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ଦାଶ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଦୁର୍ଯ୍ୟୋଧନ ବିଶୋଇ, କେସିଙ୍ଗା ବନାଞ୍ଚଳ ଅଧିକାରୀ ବିସିକେଶନ କରୁଆଁ, ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ସଦାନନ୍ଦ ସତପଥୀ, କୈଳାଶ ଚନ୍ଦ୍ର ସାହୁ, ତନୁ ଶବର, ଏକାଦଶୀ ନାଏକ, ସସ୍ମିତା ନାଏକ, ରୁକ୍ମିଣୀ ମାଝି, ଇନ୍ଦ୍ରମଣି ମାଝି ଉପସ୍ଥିତ ଥିଲେ। ଅଧ୍ୟକ୍ଷ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ବୃକ୍ଷର ଉପଯୋଗୀତା ବିଷୟରେ ଶିକ୍ଷା ଦେଇଥିଲେ। ମହାବିଦ୍ୟାଳୟ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ମିଶି ବିଭିନ୍ନ ପ୍ରକାର ଉପଯୋଗୀ ବୃକ୍ଷ ମହାବିଦ୍ୟାଳୟ ପରିସରରେ ରୋପଣ କରିଥିଲେ।

**କୋକସରା,(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋତୋମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କୋକସରା ଡିଗ୍ରୀ ମହାବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଗୋତୋମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୋଷଧି ବାଗ ଯୋଗଦେଇ ପରିବେଶ ସୁରକ୍ଷା ଓ ମାନବ ସମାଜର ରକ୍ଷା ପାଇଁ ବୃକ୍ଷ ହିଁ ଜୀବନ, ଏଣୁ ଆମେ ଆଜିଠାରୁ ବୃକ୍ଷ ରୋପଣ କରି ପ୍ରକୃତିକୁ ଧ୍ୱଂସ ହେବାରୁ ବଞ୍ଚାଇବା ବୋଲି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଧର୍ମଗଡ ନିର୍ବାଚନ ମଣ୍ଡଳୀ ସଭାପତି ଯୁବନେତା ମାନସ ରଞ୍ଜନ ବାଗ, ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝିଙ୍କ ଗୋତୋମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ବନ ବିଭାଗ କର୍ମଚାରୀ ଓ ମିଶନ ଶକ୍ତି ମହିଳାମାନେ ଉପସ୍ଥିତ ଥିଲେ। ଡିଗ୍ରୀ ମହାବିଦ୍ୟାଳୟଠାରେ ଅଧ୍ୟକ୍ଷ ପୁଷ୍ପରାଜ ମେହେରଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ବାଗ, ସମ୍ମାନିତ ଅତିଥି ଭାବେ ବିଜେଡି ଜିଲା ସଭାପତି ସିଂଦେଓ, ଧର୍ମଗଡ ନିର୍ବାଚନ ମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା,ଏନସିସି, ଏନଏସଏସ, ୟୁଥ ରେଡ଼କ୍ରସ, ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। କୋକସରା ଜବାହାର ଉଚ୍ଚ ବିଦ୍ୟାଳୟଠାରେ ମଧ ବନ ମହୋତ୍ସବ ପାଳିତ ହୋଇଛି। କଲମପୁର ବିଇଓ ସୁଶ୍ରୀ ମଧୁସ୍ମିତା ନାୟକ, ବିଆରସିସି ତୋଫାନ ମାଝି, ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା, ଲଡୁଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ସହ ବୃକ୍ଷରୋପଣ କରିବା ସହ ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ।

**କେସିଙ୍ଗା,(ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା କଲେଜ ଜାତୀୟ ସେବା ଯୋଜନା ଏବଂ କେସିଙ୍ଗା ବନ ବିଭାଗ ମିଳିତ ସହଯୋଗରେ ବନମହୋତ୍ସବ କାର୍ଯ୍ୟକ୍ରମ ଗୁରୁବାର ପାଳନ କରାଯାଇଛି। ଏହି ଅବସରରେ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ି, ଜାତୀୟ ସେବା ଯୋଜନା ଅଧିକାରୀ ଭୁପେନ୍ଦ୍ର ମଙ୍ଗରାଜ, ଅଧ୍ୟାପକ ସୁରଥ ପ୍ରଧାନ, ବନ ବିଭାଗ ଅଧିକାରୀ ଦେବବ୍ରତ ମିଶ୍ର, ଶ୍ରୀମୁଖ ମେହେର, ଗ୍ରାମ୍ୟ ବିକାଶ ସଂଗଠନ ବିକାଶ ଅଧିକାରୀ ନବରଙ୍ଗପୁର ନୀରଜ କୁମାର ଦାସ ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣ ଗୁରୁତ୍ୱ ଏବଂ ମହତ୍ୱ ଉପରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ହେମନ୍ତ ମାଝି, ଗୀତାଞ୍ଜଳି ଦୋରା, ବୈଲୋଚନ ନାୟକ, ଅଧ୍ୟାପକ ରାକେଶ କୁମାର ବିଶି, ଅଧ୍ୟାପକ ମଣି ରଣା, କ୍ରୀଡ଼ା ଶିକ୍ଷକ ଅଶ୍ୱିନୀ ପାଇକରାଇ ଏବଂ ନରେନ୍ଦ୍ର ସିନ୍ଧୁର ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ମହାବିଦ୍ୟାଳୟ ପରିସରରେ ଶହ ଶହ ଗଛ ଲଗାଇବାକୁ ଅଧ୍ୟକ୍ଷ ଶ୍ର ପାଢ଼ି ଆହ୍ୱାନ ଦେଇଥିଲେ।

**ବେହେରା,(ଭୁପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରୁପେନ୍ଦ୍ର ବାଣ୍ଡୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରକୃତି ସୁରକ୍ଷା ପାଇଁ ଶପଥ ପାଠ କରାଯାଇଥିଲା। ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ପ୍ରକୃତି ଦେବୀ ପୂଜନ ପୂର୍ବକ ଚାରାରୋପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଇକୋ କ୍ଲବ, ରେଡ଼କ୍ରସ ଓ ଏନସିସି ସଦସ୍ୟମାନେ ସାମିଲ ହୋଇ ବୃକ୍ଷ ରୋପଣ କରିଥିଲେ। କାର୍ଯ୍ୟକ୍ରମ ଶିକ୍ଷକ ଶଚିଦାନନ୍ଦ ଗଉଡ଼,ଚକ୍ରଧର ବାରିକ, ଚନ୍ଦନ ରାଉତ, ମୋନାଲିସା ନାଏକ, ନରେନ୍ଦ୍ର ନାଏକ ପ୍ରମୁଖ ସହଯୋଗ କରିଥିଲେ।

**ଲାଞ୍ଜିଗଡ଼,(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ସେକ୍ସନ ଅଧୀନ ଲାଞ୍ଜିଗଡ଼ସ୍ଥିତ ଏସଏସଡି ଉଚ୍ଚ ବିଦ୍ୟାଳୟରେ ଲାଞ୍ଜିଗଡ଼ ବନ ବିଭାଗ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବନପାଳ ଜଗନ୍ନାଥ ନାଗଙ୍କ ପରିଚାଳନାରେ ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାଏ, ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ବିଶ୍ୱନାଥପୁର ବନାଞ୍ଚଳ ଅଧିକାରୀ ନରୋତ୍ତମ ମାଝି, ଲାଞ୍ଜିଗ ଏସଏସଡି ସ୍କୁଲ ପ୍ରଧାନ ଶିକ୍ଷକ ପାର୍ଥବ ତାଣ୍ଡି, ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଲାଞ୍ଜିଗଡ଼ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲାଞ୍ଜିଗଡ଼ ବନପାଳ ନାଗ ସହଯୋଗରେ ଲାଞ୍ଜିଗଡ଼ ଜିଲା ପରିଷଦ ସଦସ୍ୟ ନାଏକ, ବିଶ୍ୱନାଥପୁର ବନାଞ୍ଚଳ ଅଧିକାରୀ ନରୋତ୍ତମ ମାଝି, ଲାଞ୍ଜିଗଡ଼ ଥାନାଧିକାରୀ ଉତ୍ତମ କୁମାର ସାହୁ, ନୋଡାଲ ସ୍କୁଲ ପ୍ରଧାନ ଶିକ୍ଷକ ରାଧାଗୋବିନ୍ଦ ରଥ, ଶିକ୍ଷକ ମନୋଜ ମହାଖୁଡ଼, ଶିକ୍ଷକ ଉମ୍ବରୁ ସାହୁ, ଦୁର୍ଗାମାଧବ ମହାଖୁଡ଼ଙ୍କ ସମେତ ସ୍କୁଲ ଛାତ୍ରୀଛାତ୍ର ଉପସ୍ଥିତଥିଲେ। ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ୨ଟି ସ୍କୁଲରେ ୧୫୫ଟି ବିଭିନ୍ନ କିଶମର ବୃକ୍ଷ ରୋପଣ କରାଯାଇଥିଲା।

## ସଂକ୍ଷେପରେ

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ଭେଡ଼େନ,୬।୭(ସୁଦନ ମହାକୁର):** ବରଗଡ଼ ଜିଲା ଭେଡ଼େନ ଥାନା ରକ୍ଷୁଡ଼ା ଫାଣ୍ଡି ଅନ୍ତର୍ଗତ ଇନ୍ଦ୍ରଘୋଷ ନାଳାର ଉଠାସେଚ ପ୍ରକଳ୍ପରେ ଗୁରୁବାର ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ସେ ହେଲେ ଭୂତଲୋଡ଼ ଗ୍ରାମର ପ୍ରମୋଦ ଭୁଏ(୨୮)। ଏ ନେଇ ରକ୍ଷୁଡ଼ା ଫାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୧।୨୩) ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରକାଶ ଯେ, ଗୁରୁବାର ସକାଳେ ଇନ୍ଦ୍ରଘୋଷ ନାଳାରେ ସ୍ଥାପିତ ଉଠାସେଚ ପ୍ରକଳ୍ପ ସଫା କରିବା ପାଇଁ ପ୍ରମୋଦ ଅନ୍ୟ ଜଣେ ଯୁବକଙ୍କ ସହିତ ଯାଇଥିଲେ। ପ୍ରମୋଦ ପ୍ରକଳ୍ପର ତଳମୁଣ୍ଡ ସଫା କରୁଥିବା ବେଳେ ଅନ୍ୟ ଯୁବକ ଜଣଙ୍କ ବାହାରେ ଛିଡ଼ା ହୋଇଥିଲେ। କିଛି ସମୟ ପରେ ପ୍ରମୋଦଙ୍କ ପାଟି ନ ଶୁଭିବାରୁ ବାହାରେ ଛିଡା ହୋଇଥିବା ଯୁବକ ଜଣଙ୍କ ତଳକୁ ଓହ୍ଲାଇଥିଲେ। ପ୍ରମୋଦଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଦେଖି ତାଙ୍କୁ ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ରିର୍ପୋଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ଛାତ୍ରୀଛାତ୍ର କଲେ ଚାରାରୋପଣ

**ବରଗଡ଼,୬।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜର୍ଜ ହାଇସ୍କୁଲରେ ଗୁରୁବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଶାଶ୍ୱତୀ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ତଥା ପ୍ରକୃତିପ୍ରେମୀ ଡ. ଡୋଲାମଣି ଶତପଥୀ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବୃକ୍ଷରୋପଣ ଉପରେ ସଚେତନତା ବାର୍ତ୍ତା ଦେଇଥିଲେ। ସ୍କୁଲ ପରିସରରେ ନିମ୍ବ, ଦେବଦାରୁ, କରଞ୍ଜ, ବଉଳ ଆଦି କିସମର ଚାରାରୋପଣ କରାଯାଇଥିଲା। ଇକୋ କ୍ଲବର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ବୀଣାପାଣି ସାହୁ, ପଦ୍ମଜା ପତି, କୁମୁଦିନୀ ପାଣିଗ୍ରାହୀ, ଶିକ୍ଷକ ସଦାନନ୍ଦ ଜାଲ, ପ୍ରିୟବ୍ରତ ବିଶି, ସୁରେଶ ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ୨ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ

**ଦେଓଗାଁ, ୬।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ କରୁଆଁଝରେ ଓ ସାରସମାଲରେ ୨ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ସୁଶୀଲ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ କଳିକେଶ ନାରାୟଣ ସିଂହଦେଓ ଯୋଗଦେଇ କରୁଆଁଝରଠାରେ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ସାରସମାଲଠାରେ ୧୦ଲକ୍ଷ ଟଙ୍କା ବ୍ୟୟରେ ହେବାକୁଥିବା ସାଧାରଣ ସୁବିଧାକେନ୍ଦ୍ର କୋଠାର ଶିଳାନ୍ୟାସ ଦିଆଯାଇଥିଲା।

# ଦାବି ନ ମାନିଲେ ୨୦ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ

**୬୬୨ କଲେଜ ସଂଘର ଜିଲାସ୍ତରୀୟ ବୈଠକ**

- ଅଣଦେଖାକୁ ନେଇ ଅସନ୍ତୋଷ
- ୧୨ରେ ଜିଲାପାଳଙ୍କୁ ଭେଟିବେ

**ବରଗଡ଼,୬।୭(ପ୍ରେମାନନ୍ଦ ଖମାରୀ)**

ରାଜ୍ୟରେ ୬୬୨କଲେଜ ସଂଘର ଦାବି ସମୂହକୁ ସରକାର ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅସନ୍ତୋଷ ବଢ଼ି ଚାଲିଛି। ଏହି କ୍ରମରେ ଗୁରୁବାର ବରଗଡ଼ ଟ୍ରଷ୍ଟ ଫଣ୍ଡ କଲେଜରେ ସଂଘର ଏକ ବୈଠକ ହୋଇଥିଲା। ସଂଘର ଦାବି ନେଇ ଆସନ୍ତା ୧୨ତାରିଖରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ରାଜ୍ୟ ସରକାର ସଂଘର ଦାବି ପୂରଣ ଦିଗରେ ପଦକ୍ଷେପ ନ ନେଲେ ଆସନ୍ତା ୨୦ତାରିଖରୁ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।

ଟ୍ରଷ୍ଟ ଫଣ୍ଡ କଲେଜ ଅଧ୍ୟକ୍ଷ ସରୋଜ କୁମାର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ଦାବି ପ୍ରତି ରାଜ୍ୟ ସରକାରଙ୍କ ଅଣଦେଖା ମନୋଭାବକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ବୈଠକରେ ସଂଘର କର୍ମକର୍ତ୍ତା ସୂଚନା ଦେଇ କହିଥିଲେ, ରାଜ୍ୟ ସରକାର ଗତ ଜାନୁଆରୀରୁ ଅନୁଦାନପ୍ରାପ୍ତ ବେସରକାରୀ କଲେଜ



ବୈଠକରେ ଯୋଗ ଦେଇଥିବା ଅଧ୍ୟାପକବୃନ୍ଦ ।

କର୍ମଚାରୀଙ୍କ ଦରମା ବୃଦ୍ଧି କରିସାରିଛନ୍ତି। ସମାନ କାମ କରୁଥିବା କେତେକ ଅଧ୍ୟାପକ, କର୍ମଚାରୀଙ୍କୁ ସେଥିରୁ ବାଦ୍ ଦିଆଯାଇଛି । ସରକାର ଏଭଳି ୨ଭାଗ କରିଥିବା ଯୋଗୁ ତାକୁ ବିରୋଧ କରି ନିଖିଳ ଓଡ଼ିଶା ୬୬୨(ଯୁକ୍ତ ୨, ଯୁକ୍ତ ୩) ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଏହାସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ସଂଘ କର୍ମକର୍ତ୍ତା କହିଛନ୍ତି।

ସଂଘ ପକ୍ଷରୁ ସୂଚନା ଦିଆଯାଇଛି, ୨୦୨୧ ଡିସେମ୍ବର ୩୦ତାରିଖରେ କ୍ୟାବିନେଟ୍ ନିଷ୍ପତ୍ତି ମୁତାବକ ଉଭୟ ୪୮୮ ଏବଂ ୬୬୨ ବର୍ଗର ଅଧ୍ୟାପକମାନେ ସମାନ ଦରମା ପାଉଥିଲେ। କିନ୍ତୁ ଗତ ଜାନୁଆରୀ ୨୧ତାରିଖରେ ସରକାର ଆଉ ଏକ କ୍ୟାବିନେଟ ନିଷ୍ପତ୍ତି ପ୍ରକାଶ କରି ୬୬୨ ବର୍ଗର ଅଧ୍ୟାପକଙ୍କୁ ଛାଡ଼ି ଅନ୍ୟ ସମସ୍ତଙ୍କ ଦରମା ବୃଦ୍ଧି କରିଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରି ଅଧ୍ୟାପିକା, ଅଧ୍ୟାପକମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଥିଲେ। ସେହିପରି ନିଷ୍ପତ୍ତିର ପୁନର୍ବିଚାର ପାଇଁ ଗତ ଜାନୁଆରୀ ୨୫ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତଥାପି ସରକାର କର୍ଣ୍ଣପାତ ନ କରିବା ପ୍ରତିବାଦରେ ଗତ ଫେବୃଆରୀ ୧୩ତାରିଖରେ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା ଏବଂ ଆନ୍ଦୋଳନ ୧୪୬ଦିନ ଅତିକ୍ରମ କରିଛି। ଏହାସତ୍ତ୍ୱେ ରାଜ୍ୟ ସରକାର ସଂଘର ଦାବିକୁ ଅଣଦେଖା କରିଚାଲିଛନ୍ତି। ଫଳରେ ସଂଘ ଆନ୍ଦୋଳନକୁ ବ୍ୟାପକ କରିବାକୁ ନିଷ୍ପତ୍ତି ନେଇଛି ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ସଂଘର ସଭାପତି ଅଶୋକ କୁମାର ବେହେରା, ଉପସଭାପତି ଗୋପାଳକୃଷ୍ଣ ମିଶ୍ର, ସମ୍ପାଦକ ସୁଶାନ୍ତ କୁମାର ମିଶ୍ର, ସହ ସମ୍ପାଦକ ଜଗଦୀଶ ଦେବତା, କୋଷାଧ୍ୟକ୍ଷ ସୁରେଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲାର ୨୫ କଲେଜର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀବୃନ୍ଦ ବୈଠକରେ ଯୋଗଦାନ କରିଥିଲେ। ସେମାନଙ୍କ ମଧ୍ୟରେ ଅଧ୍ୟପିକା କଳ୍ପନା ମିଶ୍ର, ଜୁଲିନା ପତି, ନମିତା ବିଶି, ଦିପ୍ତୀମୟୀ ପାଣିଗ୍ରାହୀ, ବିଜୟ ମିଶ୍ର, ତାରିଣୀ ଦେବତା, ପଞ୍ଚାନନ ମିଶ୍ର, ମନୋଜ ଆଚାର୍ଯ୍ୟ, ଅରୁଣ ପଣ୍ଡା ପ୍ରମୁଖ ରହିଥିଲେ।

## ବନ ମହୋତ୍ସବରେ ଚାରା ରୋପଣ



**ଅତାବିରା,୬।୭(ହୃଷିକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା ବ୍ଲକ ଜହ୍ନାପଡ଼ା ପଞ୍ଚାୟତ ଅନ୍ତର୍ଗତ ବରାହମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଆର୍‌ସିସି ରଞ୍ଜନ ବାଗ ଅତିଥି ଭାବେ ଯୋଗଦାନ କରି ବନ ମହୋତ୍ସବ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହିତ ଚାରାରୋପଣ ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରେମାନନ୍ଦ ସାହୁ, ସୁରେନ୍ଦ୍ର ଭୋସାଗର, ତୃପ୍ତିମୟୀ ପ୍ରଧାନ, ଗୀତାରାଣୀ ଗଡ଼ତିଆ ପ୍ରମୁଖ ଉପସ୍ଥିତ ଥିବାବେଳେ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ଜଳାଶୟ ବିକ୍ରି ଉଦ୍ୟମ, ଗ୍ରାମବାସୀଙ୍କ ବିରୋଧ





ଜଳାଶୟ ବିକ୍ରି ଉଦ୍ୟମକୁ ବିରୋଧ କରି ଫେରାଦ ହୋଇଥିବା ଗ୍ରାମବାସୀ।

**ବରଗଡ଼,୬।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ତେନ୍ତଲା(ଖେଦାପାଲି) ମୌଜା ଅଧୀନ କଟାପାଲିରେ ରହିଥିବା ଏକ ଜଳାଶୟକୁ ବିକ୍ରି ପାଇଁ ଉଦ୍ୟମ କରାଯାଉଛି। ଏଭଳି ଅଭିଯୋଗ ନେଇ ଗ୍ରାମବାସୀ ଗୁରୁବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଏ ନେଇ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ବିହିତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି ।

ପ୍ରକାଶ ଯେ, କଟାପାଲି ଗ୍ରାମରେ କଂସାରୀ ବନ୍ଧ ନାମରେ ଏକ ଜଳାଶୟ ରହିଛି। ଜଳାଶୟଟି ଯାହାଙ୍କ ନାମରେ ରେକର୍ଡ଼ଭୁକ୍ତ ରହିଛି, ତାଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ମୃତକଙ୍କ କୌଣସି ଉତ୍ତରାଧିକାରୀ ନ ଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ ମୃତକଙ୍କ କିଛି ସମ୍ପର୍କୀୟ ସେହି ଜଳାଶୟକୁ ବିକ୍ରି କରିବାକୁ ଉଦ୍ୟମ କରୁଛନ୍ତି। ସେହି ଜଳାଶୟ ଖୋଳାଯିବା ସମୟରେ ଗ୍ରାମର ବହୁ ଲୋକ ଶ୍ରମଦାନ କରିଥିଲେ। ଏପରିକି ବିଭିନ୍ନ ସମୟରେ ଜଳାଶୟର ପଙ୍କୋଦ୍ଧାର, ରକ୍ଷଣାବେକ୍ଷଣ ମଧ୍ୟ ଗ୍ରାମବାସୀ କରିଆସୁଛନ୍ତି। ଏହା ଗ୍ରାମବାସୀଙ୍କ ଏକମାତ୍ର ନିର୍ଭରଯୋଗ୍ୟ ଜଳାଶୟ ହୋଇଥିବା ବେଳେ ବରଡ଼ୋଲ ଏବଂ ଭଟଲି ପଟକୁ ଯାଉଥିବା ପଥଚାରୀ ଏହା ଉପରେ ନିର୍ଭର କରିଥାନ୍ତି। ସେହିପରି ଜୀବିତ ଥିବାବେଳେ ଏହି ଜଳାଶୟକୁ ମୃତକ ତଥା ଜମି ମାଲିକ ଗ୍ରାମବାସୀଙ୍କୁ ଏକ ସଭାରେ ସମର୍ପଣ କରିଥିଲେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏହାସତ୍ତ୍ୱେ ମୃତକଙ୍କ ସମ୍ପର୍କୀୟ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ରହିଥିବା ଉକ୍ତ ଜଳାଶୟକୁ ବିକ୍ରି ପାଇଁ ଉଦ୍ୟମ କରୁଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ମଧୁସୂଦନ ପ୍ରଧାନ, ଆହାଲ୍ଲାଦ ପ୍ରଧାନ, ଧୀରେନ ପ୍ରଧାନ, ପ୍ରମୋଦ ପ୍ରଧାନ ପ୍ରମୁଖ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

# ନାମଲେଖା ଫି ନେଇ ଅସନ୍ତୋଷ



ଉପଜିଲାପାଳଙ୍କୁ ଫେରାଦ ହୋଇଥିବା ପୁରାତନ ଛାତ୍ର, ଅଭିଭାବକବୃନ୍ଦ।

**ବରଗଡ଼,୬।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଖୁଣ୍ଟପାଲିସ୍ଥିତ ବାବା ବାଲୁଙ୍କେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ନାମଲେଖା ପାଇଁ ନିର୍ଦ୍ଧାରଣ କରାଯାଇଥିବା ଫି ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ଉକ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପୁରାତନ ଛାତ୍ର ଏବଂ ଅଭିଭାବକମାନେ ଗୁରୁବାର ଉପଜିଲାପାଳ ତଥା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଲଲାଟ କୁମାର ଲୁହାଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ ଥିଲେ। ନିର୍ଦ୍ଧାରିତ ନାମଲେଖା ଫି ହ୍ରାସ କରି ସର୍ବନିମ୍ନ ଫି ନିର୍ଦ୍ଧାରଣ ଦିଗରେ ବିହିତ ପଦକ୍ଷେପ ନେବାକୁ ସେମାନେ ନିବେଦନ କରିଛନ୍ତି।

ଉକ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ନାମଲେଖା ପାଇଁ ଛାତ୍ର ପ୍ରତି ୧୨ହଜାର ୫ଶହ ଟଙ୍କା ଲେଖାଏଁ ଆଦାୟ କରାଯାଉଛି। ଅଞ୍ଚଳର ଲୋକେ କେବଳ ଚାଷକାର୍ଯ୍ୟ ଉପରେ ନିର୍ଭରଶୀଳ ଥିବାବେଳେ ଆର୍ଥିକ ସ୍ୱଚ୍ଛଳ ମଧ୍ୟ ନୁହଁନ୍ତି। ଫଳରେ ନିଜ ଝିଅପୁଅଙ୍କୁ ପଢ଼ାଇବା ପାଇଁ ସେହି ପରିମାଣର ଫି ଦେବା କଷ୍ଟକର ହୋଇଛି ବୋଲି ପୁରାତନ ଛାତ୍ର ତଥା ଅଭିଭାବକମାନେ କହିଛନ୍ତି। ଉକ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୧୫ଜଣ କର୍ମଚାରୀଙ୍କ ମଧ୍ୟରୁ ୧୧ଜଣ ସରକାରୀ ଦରମାପ୍ରାପ୍ତ ହୋଇଥିବା ବେଳେ ୪ଜଣ ପରିଚାଳନା ପରିଷଦରୁ ଦରମା ପାଉଛନ୍ତି ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସେହିପରି ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ସରକାର ନିୟମିତ ପାଣ୍ଠି ଯୋଗାଇ ଦେଉଛନ୍ତି। ଏଭଳି ସ୍ଥଳେ ନାମଲେଖା ଫି ନିର୍ଦ୍ଧାରଣର ପୁନର୍ବିଚାର କରିବା ପାଇଁ ଆଦିତ୍ୟ ମେହେର, ଆନନ୍ଦ ମେହେର, ପରମାନନ୍ଦ ମେହେର, ନିତ୍ୟାନନ୍ଦ ଭୋଇ, ଶରତ କୁମାର ସାହୁ, କୃପାସିନ୍ଧୁ ବେହେରା ପ୍ରମୁଖ ନିବେଦନ କରିଛନ୍ତି।



ପଦ୍ମପୁରରେ ନୂତନ ବିଇଓଙ୍କୁ ସ୍ୱାଗତ କରାଯାଉଛି।

## ପଦ୍ମପୁର ବିଇଓ ଲୋକନାଥ ଭୋଇଙ୍କ ଯୋଗଦାନ

**ପଦ୍ମପୁର, ୬।୭(ପ୍ରଦୀପ୍ତ ଦାଶ)**

ରାଜବୋଡାସମ୍ବର ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଲୋକନାଥ ଭୋଇ ଗୁରୁବାର ଯୋଗଦାନ କରିଛନ୍ତି। ସେ ଓଡିଶା ଶିକ୍ଷା ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିଇଓ ଭାବେ ନିଯୁକ୍ତି ପାଇଛନ୍ତି। ଦୀର୍ଘଦିନରୁ ଖାଲି ଥିବା ଗୋଷ୍ଠୀ ଶିକ୍ଷାଧିକାରୀ ପଦ ପୂରଣ ପରେ ଶିକ୍ଷକ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ନୂତନ ବିଇଓ ଭୋଇଙ୍କୁ ସ୍ୱାଗତ କରିଥିଲେ। ସମସ୍ତ କର୍ମଚାରୀ, ଶିକ୍ଷକ, ଶିକ୍ଷା ବିଭାଗ ଅଧିକାରୀ, ଶିକ୍ଷାପ୍ରେମୀ, ଶୁଭେଚ୍ଛୁମାନଙ୍କ ପରାମର୍ଶ ଓ ସହଯୋଗରେ ରାଜବୋଡାସମ୍ବର ବ୍ଲକରେ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି କରାଯିବ ବୋଲି ବିଇଓ ଭୋଇ କହିଥିଲେ।

# କବି ଭବନର ପୁନରୁଦ୍ଧାର ପାଇଁ ପ୍ରସ୍ତୁତି

**ବରପାଲି,୬।୭(ଚିତ୍ତରଞ୍ଜନ ସାହୁ)**

ବରପାଲି ସ୍ଥିତ କବି ଗଙ୍ଗାଧର ମେହେରଙ୍କ ନାମରେ ଏକ ଭବନ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବ ରହିଛି। ଏହି କ୍ରମରେ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଗୁରୁବାର ବରପାଲି ଏନ୍‌ଏସି ସଭାଗୃହରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରପାଲି ଏନ୍‌ଏସି ଅଧକ୍ଷ ଦିନେଶ ଗହୀର, ବ୍ଲକ ଅଧକ୍ଷା ରୀନା ଥଇତ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ, ବିଡ଼ିଓ ପ୍ରସନ୍ନ କୁମାର ପାଣ୍ଡେ, ତହସିଲଦାର ରକ୍ମଣ କୁମାର ମେହେର, ଏଇ ସରୋଜ କୁମାର ମହାପାତ୍ର, ପିଡବ୍ଲୁଡି ଏସ୍‌ଡ଼ିଓ, ଜେଇ ଉପସ୍ଥିତ ରହିଥିଲେ। କବିଙ୍କ ଜନ୍ମପୀଠର ଉନ୍ନତିକରଣ ସହ ଅଭ୍ୟର୍ଥନା କକ୍ଷ, ବାସଭବନରେ କବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ବରଗଡ଼-ବଲାଙ୍ଗୀର ଜାତୀୟ ରାଜପଥ ପ୍ରବେଶ ପଥରେ ଗଙ୍ଗାଧରଙ୍କ ନାମରେ ଏକ ତୋରଣ ନିର୍ମାଣ, ମହିଳା ମହାବିଦ୍ୟାଳୟ ସାମ୍ନା ପଡିଆ ନିକଟରେ କବିଙ୍କ ନାମରେ ଏକ ପାର୍କ, ମ୍ୟୁଜିୟମ, ରିସର୍ଚ୍ଚ ସେଣ୍ଟର ନିର୍ମାଣ, ଜାତୀୟ ରାଜପଥରୁ କବି ଭବନ ଯାଏ ରାସ୍ତାର ପ୍ରଶସ୍ତୀକରଣ, ଗଙ୍ଗାଧର ସ୍ମୃତିଭବନର ପୁନଃନିର୍ମାଣ ସହ ଜବରଦଖଲ ଉଚ୍ଛେଦ ପାଇଁ ବୈଠକରେ ଆଲୋଚନା ହୋଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପରେ ସ୍ଥାନ ନିରୂପଣ ପାଇଁ ସମସ୍ତେ ଜାଗା ପରିଦର୍ଶନ କରିଥିଲେ। ପରେ ଏନ୍‌ଏସି ପକ୍ଷରୁ ଖଜୁରକଟାକୁ ଆଦର୍ଶ ପୁଷ୍କରିଣୀ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ଭୁଲିଆ ସମାଜ ସଭାପତି ମେନ୍ଦ୍ର ମେହେର, ସଦସ୍ୟ ପ୍ରସନ୍ନ ମେହେର, ଗୁଣନିଧି ମେହେର, ମିନିକେତନ ମେହେର, ସୁଦାମ ମେହେର, ଗଙ୍ଗାଧର ସ୍ମୃତିଭବନ କମିଟି ପକ୍ଷରୁ ଡ. ଶୁକମୁନି ମେହେର, ଡ଼. ରବୀନ୍ଦ୍ର ଗଡ଼ତିଆ, ନିରଞ୍ଜନ ମେହେର, ହରି ଚରଣ ଖଟୁଆ, ପଦ୍ମଲୋଚନ ସାହୁ, ସୁନିତା ମୁଣ୍ଡ, ଘରଯୁଗୀ ଗଡ଼ତିଆ, ବିନୋଦିନୀ ଦେବତା, ବିଜୟାନନ୍ଦ ସାହୁ, ରୋହିତ ମହାରଣାଙ୍କ ସମେତ ବହୁ ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ସୂଚନାଯୋଗ୍ୟ, ଗତ ୨୬ତାରିଖରେ ଭି.କେ. ପଣ୍ଡିଆନ ବରପାଲି ଗସ୍ତ କରି କବି ଗଙ୍ଗାଧର ମେହେରଙ୍କ ଜନ୍ମସ୍ଥାନ ପରିଦର୍ଶନ କରିଥିଲେ। ସେ ସମୟରେ ବରପାଲି ଗଙ୍ଗାଧର ମେହେର ଭୁଲିଆ ସମାଜ ଓ ଗଙ୍ଗାଧର ସ୍ମୃତିକମିଟି ପକ୍ଷରୁ କବି ଭବନର ପୁନରୁଦ୍ଧାର ଓ ଗଙ୍ଗାଧର ସ୍ମୃତିଭବନର ପୁନଃ ନିର୍ମାଣ ସହ ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ ସକାଶେ ଆବେଦନ କରାଯାଇଥିଲା। ଏ ନେଇ ନିଖିଳ ଓଡ଼ଶା ଭୁଲିଆ ସମାଜ ପକ୍ଷରୁ ବରପାଲିଠାରେ ଗଙ୍ଗାଧରଙ୍କ ଶତବାର୍ଷିକୀ ତଥା ଭୁଲିଆ ସମାଜର ମହାସଭା ପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବାରୁ ବରପାଲି ଭୁଲିଆ ସମାଜର ଏକ ପ୍ରତିନିଧି ଦଳ ଗତ ବୁଧବାର ଜିଲାପାଳଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଥିଲେ ।



ବୈଠକରେ ଉପସ୍ଥିତ ସରକାରୀ ଅଧିକାରୀ ଏବଂ ଅନ୍ୟମାନେ।

# ଗ୍ରାମୀଣ ବଜାର ଶର୍ବାଣୀ ଉଦ୍‌ଘାଟିତ

**ବରଗଡ଼,୬।୭(ପ୍ରେମାନନ୍ଦ ଖମାରୀ)**

ଗ୍ରାମାଞ୍ଚଳ ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ ଅଭିଯାନ ପରିପ୍ରେକ୍ଷୀରେ ଗୁରୁବାର ବରଗଡ଼ ଶ୍ୟାମାକାଳୀ ମନ୍ଦିର ଛକ ହୋଟେଲ ମୀରା ନିକଟରେ ଗ୍ରାମୀଣ ବଜାର ଶର୍ବାଣୀ ଉଦ୍‌ଘାଟିତ ହୋଇଛି । ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀ, ଜିଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଆଦିତ୍ୟ ଗୋୟଲ, ବିଡ଼ିଓ ଯୁଧିଷ୍ଠିର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଓରମାସ୍, ମିଶନ ଶକ୍ତି ଏବଂ ବରଗଡ଼ ଜିଲା ପ୍ରଶାସନ ପୃଷ୍ଠପୋଷକତାରେ ଆରମ୍ଭ ହୋଇଥିବା ଶର୍ବାଣୀ ଗ୍ରାମୀଣ ବଜାରରେ ଜିଲାର ସମସ୍ତ ବ୍ଲକରୁ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦକାରୀ ଗୋଷ୍ଠୀଙ୍କ ଦ୍ୱାରା ପାରମ୍ପରିକ ଦେଶୀ ଦ୍ରବ୍ୟ ଉପଲବ୍ଧ ହେବ ବୋଲି ସୂଚନା ଦିଆଯାଇଥିଲା ।

ଏହି ବିକ୍ରୟ କେନ୍ଦ୍ରରେ ଲସ୍ତଲାର ଖୁଆମିଠା, ଆରିସା, ମୁଙ୍ଗିଆ ଖଜା, ବାରଗୁଲା, ଭଟଲି ତେଜାଗୁଲା ମହିଳାଙ୍କ ପ୍ରସ୍ତୁତ ବିଭିନ୍ନ ମସଲା ଜାତୀୟ ଆଚାର, ପାମ୍ପଡ଼, ଲରମ୍ବାର ହାତ ତିଆରି ବ୍ୟାଗ୍, ବରିହାପାଲି, ସୋହେଲା, ତାଲପଦର, ବିଜେପୁର ଓ ବରପାଲିର ମାଟି ତିଆରି ସାମଗ୍ରୀ, ବରଗଡ଼ ଓ ଭଟଲି ବ୍ଲକର ପନିପରିବା ମିଳିବ। ସେହିପରି ପାଇକମାଳର ମହୁ, ଅଁଳା, ତ୍ରିଫଳା ଚୂର୍ଣ୍ଣ, ବିଜେପୁର ବଡ଼ ବାଉଁଶେନର ଭଜା ମୁଗଫଳି, ଡିଙ୍କିକୁଟା ଚାଉଳ, ମାଣ୍ଡିଆ, ମକା, ବାଜରା ଓ ଚାଉଳ ଗୁଣ୍ଡ, ଗାଇସିଲେଟର ଜମେନ ଗୁଡ଼, ବରପାଲି ବନ୍ଧପାଲିର ହସ୍ତତନ୍ତ ପଦାର୍ଥ, ଝାରବନ୍ଧ ଚଣ୍ଡିଭଟାର କଳା ଚାଉଳ, ଭଟଲି କେଲେଣ୍ଡାପାଲିର ସ୍ୱଳ୍ପ ଶର୍କରାଯୁକ୍ତ ଚାଉଳ, ଅମ୍ବାଭୋନା ଓ ବରଗଡ଼ରେ ପ୍ରସ୍ତୁତ ହେଉଥିବା ଚିନାବାଦାମ ତେଲ ମଧ୍ୟ ଉପଲବ୍ଧ ହେବ ବୋଲି ସୂଚନା ଦିଆଯାଇଥିଲା ।

ଏହା ବ୍ୟତୀତ ଋତୁ ଅନୁଯାୟୀ ମିଳୁଥିବା ସମସ୍ତ ପ୍ରକାର ଫଳ ଯଥା ଆମ୍ବ, ଜାମୁକୋଳି, ସପୁରୀ ପଣସ, କଦଳୀ, ଡାଳିମ୍ବ, କେନ୍ଦୁ ଆଦି ସୁଲଭ ମୂଲ୍ୟରେ ଏଠାରେ ମିଳିପାରିବ। ଭଟଲି ଏବଂ ଅମ୍ବାଭୋନାରେ ମିଳୁଥିବା ଦେଶୀ ଝାଡ଼ୁ ମଧ୍ୟ ଏଠାରେ ମିଳିବ। ସେହିପରି ଓମ୍‌ଫେଡରୁ ପ୍ରସ୍ତୁତ ସାମଗ୍ରୀ ଯଥା କ୍ଷୀର, ଦହି, ରାବିଡ଼ି, ଘିଅ, ପନିର ଆଦି ଏଠାରେ ଉପଲବ୍ଧ ହେବ। ଉକ୍ତ ଗ୍ରାମୀଣ ବଜାର ସବୁଦିନ ସକାଳ ୭ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲାରହିବ। ଏହି ବିକ୍ରୟ କେନ୍ଦ୍ରରୁ ଦ୍ରବ୍ୟ କିଣି ଗ୍ରାମୀଣ ବିଶୁଦ୍ଧ ପଦାର୍ଥର ଲାଭ ନେବା ସହିତ ମହିଳା ସଶକ୍ତୀକରଣରେ ସାମିଲ ହେବା ପାଇଁ ବରଗଡ଼ର ସମସ୍ତ ଜନସାଧାରଣଙ୍କୁ ଓରମାସ୍‌ର ଡେପୁଟି ସିଇଓ ରାଜଗୋପାଳ ଦାଶ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ବରଗଡ଼ ସହରାଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମେତ ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ମିଶନ ଶକ୍ତିର ଡିପିସି ଅନିଲ ଦାହାଙ୍ଗା, ଜିଲା ପ୍ରକଳ୍ପ ସଂଯୋଜକ ଶଙ୍କର ଚଲାନ, ବରଗଡ଼ ହ୍ୟାଣ୍ଡଲୁମ ଆଣ୍ଡ୍ ଏଗ୍ରୀ ପ୍ରଡ୍ୟୁସର କମ୍ପାନୀର ସିଇଓ ଯୋଗେଶ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ ସମାରୋହରେ ବିଧାୟକ ଏବଂ ଅନ୍ୟ ଅତିଥିବୃନ୍ଦ ।

## ଆଜି କ'ଣ କେଉଁଠି

ରାଉରକେଲା

- ମହିଳା ହକି ଚାମ୍ପିୟନଶିପ୍, ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ସନ୍ଧ୍ୟା ୬ଟା ୩୦ ମିନିଟ୍।
- ବୃକ୍ଷରୋପଣ କାର୍ଯ୍ୟକ୍ରମ, ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ, ମଧ୍ୟାହ୍ନ ୧୨ଟା।

## ସଂକ୍ଷେପରେ

### ଭାଜପାର ଜନସମାବେଶ

**ରାଉରକେଲା, ୬।୭(ସଙ୍ଗୀତା ଜେନା):** ଭାଜପା ପାନପୋଷ ସାଙ୍ଗଠନିକ ଜିଲା କୋଏଲନଗର ମଣ୍ଡଳ ପକ୍ଷରୁ ବୁଧବାର ଜଗଦା କମ୍ୟୁନିଟି ସେଣ୍ଟରଠାରେ ଗୁରୁବାର ବିଶାଳ ଜନସମାବେଶ ଅନୁଷ୍ଠିତ ହୋଇଛି। ମଣ୍ଡଳ ସଭାପତି ଶକ୍ତେଶ୍ୱର ପାତ୍ରଙ୍କ ନେତୃତ୍ୱରେ ଭାଜପା ନେତା ନିହାର ରାୟ, ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ଧୀରେନ ସେନାପତି, ଡ. ଏଲ୍. ଏନ୍. ଆଚାର୍ଯ୍ୟ, ସରୋଜ ଦାସ, ଦିଲ୍ଲୀପ ଦାସଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦ୍ର ସରକାରଙ୍କ ୯ବର୍ଷ ଶାସନର ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ଅବଗତ କରାଯାଇଥିଲା।

### ସରଣା ଛକ-ଝିରପାଣି ରୋଡ୍ ନିର୍ମାଣ କାମ ବନ୍ଦ

**ରାଉରକେଲା,୬।୭(ସଙ୍ଗୀତା ଜେନା):** ସ୍ଥାନୀୟ ଲୋକଙ୍କ ପ୍ରତିବାଦ ଯୋଗୁ ଜଗଦାର ସରଣା ଛକରୁ ଝିରପାଣି ପ୍ରାୟ ୩୦ ଫୁଟ ରୋଡ୍ ନିର୍ମାଣ କାର୍ଯ୍ୟକୁ ପୁଣି ବନ୍ଦ କରାଯାଇଛି। ଏ ସମ୍ପର୍କରେ ପିଡବ୍ଲ୍ୟୁଡି ସୁପରିଣ୍ଟେଣ୍ଡେଣ୍ଟ ଇଂ. ମନୋଜ ମହାନନ୍ଦ ସୂଚନା ଦେଇ କହିଛନ୍ତି, ଦୀର୍ଘଦିନରୁ ଏହି ରାସ୍ତା ନିର୍ମାଣ କରାଯାଇଥିଲା। ସେତେବେଳେ ମଧ୍ୟ ସ୍ଥାନୀୟ ଲୋକ ବ୍ୟକ୍ତିଗତ ଜମି କହି ଏହାକୁ ବିରୋଧ କରିଥିଲେ। ପରେ ବିଶ୍ରା ବ୍ଲକ ପକ୍ଷରୁ ଉନ୍ନତୀକରଣ ଯୋଜନାରେ ଉକ୍ତ ରାସ୍ତା ନିର୍ମାଣ କରାଯାଇଥିଲା। ପ୍ରାୟ ୩୦ ଫୁଟ ରାସ୍ତା ଅଧାପନ୍ତରିଆ ରହିଯାଇଥିଲା। ଏବେ ମଧ୍ୟ ସମାନ ପରିସ୍ଥିତି ଉପୁଜିବାରୁ ଏହି ରାସ୍ତା ପାଇଁ ଆସିଥିବା ପାଣ୍ଠି ନୀଳଶୈଳ କଲେଜ ରାସ୍ତା ନିର୍ମାଣରେ ବିନିଯୋଗ କରାଯିବ ବୋଲି ସେ କହିଥିଲେ।

### ଡିଏଭି ସ୍କୁଲରେ ବନ ମହୋତ୍ସବ

**ରାଉରକେଲା,୬।୭(ଦିନେଶ ମିଶ୍ର):** ବାସନ୍ତୀ କଲୋନୀ ସ୍ଥିତ ଡଃ.ଏନ. ଖୋସଲା ଡିଏଭି ପବ୍ଲିକ ସ୍କୁଲ ପରିସରରେ ୭୪ତମ ବନ ମହୋତ୍ସବ ଅଧ୍ୟକ୍ଷ ଲୋକନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଛି। ଉତ୍ସବରେ ପାନପୋଷ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ସ୍କୁଲର ଇକୋ କ୍ଲବ, ଏନ୍‌ସିସି, ସ୍କାଉଟ୍ ଗାଇଡ୍‌ର ଛାତ୍ରୀଛାତ୍ର ସ୍କୁଲ ପରିସରରେ ବୃକ୍ଷଚାରା ରୋପଣ କରିଥିଲେ। ଏହି ଉତ୍ସବରେ ୧୫୦ରୁ ଊର୍ଦ୍ଧ୍ୱ ଆମ୍ବ, ନିମ୍ବ, ବଉଁଳ, କରଞ୍ଜ ଆଦି ଚାରା ରୋପଣ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବୃକ୍ଷ ସମ୍ବନ୍ଧୀୟ ଡ୍ରାମା, ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ବକ୍ତୃତା, ସଙ୍ଗୀତ ଓ କୁଇଜ ପ୍ରତିଯୋଗିତାର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲ ପରିଚାଳନା କମିଟି ସଦସ୍ୟ ରାଜେଶ ମାଲହୋତ୍ରା, ଏସ୍. କେ. ପଟେଲ, ସଲିଲ ପଟ୍ଟନାୟକ, ରେଞ୍ଜ ଅଫିସର ଜ୍ଞାନେନ୍ଦ୍ର ଲିମା, ବିଜୟଲକ୍ଷ୍ମୀ ପଟେଲ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଆଦିବାସୀମାନେ ପ୍ଲାକାର୍ଡ ଧରି ରାଉରକେଲା ଏଡିଏମ୍‌ଙ୍କ ଅଫିସ ସମ୍ମୁଖରେ ୟୁସିସିକୁ ବିରୋଧ କରୁଛନ୍ତି।

# ୟୁସିସିକୁ ବିରୋଧ, ଏଡିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ

**ରାଉରକେଲା,୬।୭(ବିପ୍ଳବ ରଞ୍ଜନ ଦାଶ)**

ସମାନ ନାଗରିକ ସଂହିତା (ୟୁସିସି)କୁ ବିରୋଧ କରି ରାଉରକେଲାର ବିଭିନ୍ନ ଆଦିବାସୀ ସଙ୍ଗଠନ ପକ୍ଷରୁ ଗୁରୁବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉକ୍ତ ସଙ୍ଗଠନ ପକ୍ଷରୁ କୁହାଯାଇଛି, ୟୁସିସି ଲାଗୁ ହେଲେ ସମ୍ବିଧାନ ଉଲ୍ଲଂଘନ ହେବ। ସମ୍ବିଧାନର ୫ ଓ ୬ ନଂ. ଅନୁଚ୍ଛେଦ ଅନୁସାରେ ଆଦିବାସୀ ସମ୍ପ୍ରଦାୟର ଆଦିମ ଭାଷା, ସଂସ୍କୃତି, ପରମ୍ପରା ସହ ବିବାହ ଆଦି ସ୍ୱତନ୍ତ୍ର ଅଧିକାର ଅଛି। ମାତ୍ର ଏହି ଆଇନ ଲାଗୁ ହେଲା ପରେ ଆଦିବାସୀ ସଭ୍ୟତା ସଂସ୍କୃତି ପରିଚୟ ଉପରେ ପ୍ରଭାବ ପକାଇବ। ଆଦିବାସୀମାନଙ୍କ ଜଳ, ଜଙ୍ଗଲ ଓ ଜମି ଚାଲିଯିବା ଆଶଙ୍କା ମଧ୍ୟ ରହିଛି। ଏଣୁ ଦେଶରେ ରହୁଥିବା ଆଦିବାସୀମାନଙ୍କ ସ୍ୱାଧୀନ ସଂସ୍କୃତି, ସଭ୍ୟତାକୁ ଦୃଷ୍ଟିରେ ରଖି ଆଦିବାସୀଙ୍କୁ ସ୍ୱତନ୍ତ୍ର ଅଧିକାର ଦେଉଥିବା ୫ ଓ ୬ ନଂ. ଅନୁସୂଚୀକୁ ସୁରକ୍ଷିତ ରଖିବାକୁ ଦାବି କରାଯାଇଛି। ରାଷ୍ଟ୍ରୀୟ ମୂଳନିବାସୀ ମହିଳା ସଂଘ, ରାଷ୍ଟ୍ରୀୟ ଆଦିବାସୀ ଛାତ୍ର ସଂଘ, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ଓ ସର୍ବଭାରତୀୟ କୁଡୁକ ପାହାଡା ୟୁବକ ସଙ୍ଗଠନର ସୁଷମା ଲାକ୍ରା, ଶଙ୍କର ଓରାମ ତିର୍କୀ, ଲୁଖାନୀ ଏକ୍କାଙ୍କ ସମେତ ବହୁ ଆଦିବାସୀ ମହିଳା ପୁରୁଷ ଏଥିରେ ସାମିଲ ହୋଇଥିଲେ।

## ବଢୁଛି ଜବରଦଖଲ

# ଲକ୍ଷ ଲକ୍ଷ ବୃକ୍ଷଚାରା ଉଭାନ

**ରାଉରକେଲା,୬।୭(ସଙ୍ଗୀତା ଜେନା)**

କିଛିବର୍ଷ ତଳେ ରାଉରକେଲା ସବୁଜିମାରେ ଭରପୂର ଥିଲା। ଇସ୍ପାତ ସହର ଜଙ୍ଗଲର ଭ୍ରମ ସୃଷ୍ଟି କରୁଥିଲା। ବନ ବିଭାଗ ଓ ରାଉରକେଲା ଇସ୍ପାତ କାରଖାନାର ମିଳିତ ଉଦ୍ୟମରେ ଉଭୟ ଶିଳ୍ପାଞ୍ଚଳ ଓ ମହାନଗର ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ କରାଯାଉଥିଲା। ଫଳରେ ନୂତନ ଜଙ୍ଗଲ ସୃଷ୍ଟି ହେବା ସହ ଗ୍ରୀଷ୍ମଋତୁରେ ତାପମାତ୍ରା କମ୍ ରହୁଥିଲା। ବର୍ତ୍ତମାନ ବ୍ୟାପକ ଜଙ୍ଗଲ ନଷ୍ଟ ଯୋଗୁ ଖରାମାସରେ ତାପମାତ୍ରା ବଢ଼ିବାରେ ଲାଗିଛି। ଇସ୍ପାତ ସହର ଚତୁଃପାର୍ଶ୍ୱରେ ଥିବା ପାହାଡ଼ ତଳି ଅଞ୍ଚଳରେ ପ୍ରବଳ ଗଛ କଟାଯାଇ ଜବରଦଖଲ ହେଉଛି। ସେହିପରି ବୃକ୍ଷରୋପଣ ଯୋଜନା ମଧ୍ୟ ବିଫଳ ହେଉଛି। ଶୀତଳପଡ଼ା ଓ ଗୁରିଆଟୋଲି ଅଞ୍ଚଳରେ ଏଭଳି ଦେଖିବାକୁ ମିଳିଛି। ଗତବର୍ଷ ଲଗାଯାଇଥିବା ଚାରା ଓ ବାଡ଼ ସେଠାରେ ନାହିଁ। ଏଭଳି ଭାବେ ପ୍ରତିବର୍ଷ ଲକ୍ଷ ଲକ୍ଷ ବୃକ୍ଷଚାରା ରୋପଣ କରାଯାଉଥିଲେ ମଧ ଜବରଦଖଲ ଯୋଗୁ ସେଗୁଡିକୁ ନଷ୍ଟ କରିଦିଆଯାଉଛି।



ଶୀତଳପଡ଼ା ଅଞ୍ଚଳରେ ଲଗାଯାଇଥିବା ଚାରା ସ୍ଥାନ ଖାଲି ପଡିଛି।

- ଚଳିତବର୍ଷ ଚାରାରୋପଣ ଟାର୍ଗେଟ କମିଲା
- ରୋପଣ ହେଉଛି, ରକ୍ଷଣାବେକ୍ଷଣ ହୋଇପାରୁନି
- ପାହାଡ଼ ତଳି ଅଞ୍ଚଳରେ ବ୍ୟାପକ ଗଛ କଟାଯାଉଛି

ସାମାଜିକ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଉଛି। ହେଲେ ଉଚିତ ରକ୍ଷଣାବେକ୍ଷଣ ଅଭାବରୁ ସେହି ଗଛଗୁଡିକ ନଷ୍ଟ ହୋଇଯାଉଛି। ସହରରେ ଜବରଦଖଲ ଯୋଗୁ ବୃକ୍ଷରାଜି ଓ ଛୋଟ ଛୋଟ ଗଛ ଗୁଡ଼ିକ ପଦା କରିଦିଆଯାଉଛି। ପ୍ରଶାସନ ପକ୍ଷରୁ ବୃକ୍ଷରୋପଣ କରାଯାଉଥିବା ସ୍ଥାନ ଗୁଡ଼ିକରେ ଗାଈଗୋରୁଙ୍କଠାରୁ ରକ୍ଷା ପାଇଁ ତାରବାଡ଼ ଓ ପାଚେରି ମଧ୍ୟ ଗାଏବ ହୋଇଯାଉଛି। ଗୁରିଆଟୋଲିର ତେଜରାତି ଦୋକାନୀ ରମେଶ ସାହୁ କହିଛନ୍ତି, ଗତବର୍ଷ ପ୍ରଶାସନ ଓ ଆର୍‌ଏସ୍‌ପି ପକ୍ଷରୁ ବ୍ୟାପକ ଚାରାରୋପଣ କରାଯାଇଥିଲା। ହେଲେ କିଛି ଲୋକ ଏହାକୁ ନଷ୍ଟ କରିବା ସହ ପାଚେରି ଓ ତାରବାଡ଼କୁ ମଧ୍ୟ ଚୋରି କରିନେଲେ। ଏ ସମ୍ପର୍କରେ ରାଉରକେଲା ବନଖଣ୍ଡ ଡିଏଫ୍‌ଓ ଯଶୋବନ୍ତ ସେଠୀ କୁହନ୍ତି, ପୂର୍ବବର୍ଷ ୯,୯୦,୦୦୦ ଚାରା ରୋପଣ କରାଯାଇଥିବା ବେଳେ ଚଳିତବର୍ଷ ଏହା ପ୍ରାୟ ୪,୧୭,୦୦୦କୁ ଖସି ଆସିଛି। ଶୀତଳପଡ଼ା ବସ୍ତି ନିକଟରେ ପ୍ରାୟ ୫୦ ହେକ୍ଟର ଜମିରେ ବୃକ୍ଷରୋପଣ କରାଯାଇଥିଲା। ହେଲେ ତାହା ପଦା ହୋଇଯାଇଛି। ସେହିପରି ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ପୂର୍ବବର୍ଷ ୪୦,୦୦୦ ଚାରା ଲଗାଇବାକୁ ବରାଦ କରିଥିଲେ। ଚଳିତ ବର୍ଷ ଜାଗା ଅଭାବରୁ ୧୦ ହଜାରରେ ସୀମିତ ରହିଛି। ଜବରଦଖଲ ଯୋଗୁ ଗଛଗୁଡିକୁ ସୁରକ୍ଷିତ ରଖିବା କଷ୍ଟକର ହୋଇପଡୁଛି। ଜୁଲାଇ ୧ରୁ ବନ ମହୋତ୍ସବ ଆରମ୍ଭ ହୋଇଛି। ସାମାଜିକ ଅନୁଷ୍ଠାନ ଓ ସ୍କୁଲ କଲେଜ ଆଦିଙ୍କୁ ବହୁଳ ଗଛ ଲଗାଇ ଏହାର ଯତ୍ନ ନେବାକୁ ଆମେ କହୁଛୁ। ଲୋକଙ୍କୁ ସୁବିଧାରେ ଚାରା ପ୍ରଦାନ ପାଇଁ ବିଶ୍ରା ଓ ଡିଏଭି ଛକରେ ଚାରା ପ୍ରଦାନ କେନ୍ଦ୍ର ଖୋଲାଯାଇଛି। ଏହାସହ ଅତ୍ୟାଧୁନିକ କୌଶଳରେ ଚାରାକୁ ବନ ବିଭାଗ ଦ୍ୱାରା ତିଆରି 'ଆପ୍' ସାହାଯ୍ୟରେ ବରାଦ କରିବା ବ୍ୟବସ୍ଥା କରାଯାଉଛି ବୋଲି ସେଠୀ ସୂଚନା ଦେଇଥିଲେ।

ସୂଚନାଯୋଗ୍ୟ, ଚଳିତବର୍ଷ ରାଉରକେଲା ବନଖଣ୍ଡ ପକ୍ଷରୁ ପାନପୋଷ ରେଞ୍ଜ୍ ଅନ୍ତର୍ଗତ ମୁଣ୍ଡାଜୋର, ସେକ୍ଟର-୮ ଗ୍ରୀନ୍‌ପାର୍କ, କୁଦରବାହାଲ, ଲାଠିକଟା, ହାତୀବନ୍ଧା ନର୍ସରୀ ସମେତ ଛେଣ୍ଡ ନିକଟ ବାଗବୁଡ଼ି ରେଞ୍ଜ୍ ଅଫିସ କ୍ୟାମ୍ପସରେ ଚଳିତ ବର୍ଷ ୩,୬୪୦୦୦ ବିଭିନ୍ନ ଫଳ ଫୁଲ, ଔଷଧୀୟ ଚାରା ଉପଲବ୍ଧ ରହିଛି। ସେହିପରି କୁଆଁରମୁଣ୍ଡା ରେଞ୍ଜ୍‌ରେ ୩,୪୨,୦୦୦, ବିରମିତ୍ରପୁର ୨,୮୨୦୦୦, ରାଜଗାଙ୍ଗପୁର ୨,୯୦୦୦୦, ବିଶ୍ରା ୨,୫୨,୦୦୦ ଓ ବାଙ୍କି ରେଞ୍ଜ୍‌ରେ ୧,୮୦,୦୦୦ ଚାରା ରହିଛି।

### ମୋବାଇଲ ଶୋ'ରୁମ୍‌ରୁ ଚୋରି, ୪ ଗିରଫ

**ରାଉରକେଲା,୬।୭(ଦିନେଶ ମିଶ୍ର)**

ରାଉରକେଲା ସିଭିଲଟାଉନଶିପ୍ ମେନ୍ ରୋଡ୍ ଅଞ୍ଚଳର ଏକ ମୋବାଇଲ ଶୋ'ରୁମରୁ ଚୋରି ଅଭିଯୋଗରେ ରଘୁନାଥପାଲି ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗଙ୍ଗାଧରପାଲିର ନିତିଶ ନନ୍ଦ(୧୮) ଏବଂ ୩ ଜଣ ନାବାଳକ। ଗିରଫ ଅଭିଯୁକ୍ତଙ୍କଠାରୁ ପୋଲିସ ୨୨ଟି ମୋବାଇଲ, ୩ଟି ଟାବ୍‌ଲେଟ୍, ୨ଟି ହାତଘଣ୍ଟା, ୩ଟି ପାୱାରବ୍ୟାଙ୍କ ଓ ୪ଟି ଫୋନ ଚାର୍ଜର ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ କରି (ନଂ.୨୦୦।୨୩) ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ବାସନ୍ତୀ କଲୋନୀର ଲଳିତ କୁମାର ପଟେଲ ସିଭିଲଟାଉନଶିପ୍‌ରେ ଏକ ମୋବାଇଲ ଶୋ'ରୁମ କରିଛନ୍ତି। ଗତ ଜୁନ ୨୯ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ଦୋକାନ ପଛପଟ ଭେଣ୍ଟିଲେଟର ଭାଙ୍ଗି ୭୦ ହଜାର ଟଙ୍କା ସହ ବିଭିନ୍ନ ଦାମୀ ମୋବାଇଲ, ଟାବଲେଟ, ଆସେସିରିଜ୍ ଚୋରି କରିନେଇଥିଲେ। ପରଦିନ ଲଳିତ ଏହା ଦେଖି ଥାନାରେ ଅଭିଯୋଗ କରିଥିଲେ।

# ନିଜ ଖର୍ଚ୍ଚରେ ନିର୍ମାଣ କରିବ ଠିକାସଂସ୍ଥା

**ରାଉରକେଲା,୫।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାରେ ୩୫ ଫୁଟ୍‌ର ହକି ସ୍ମାରକୀ ଟଳି ପଡିବାର ୨୪ଦିନ ନ ବିତୁଣୁ ହକି ଷ୍ଟାଡିମୟ ନିକଟରେ ନିର୍ମିତ ୫୦ଫୁଟ୍ ପାଚେରିକୁ ଭାଙ୍ଗି ଦିଆଯାଇଛି। ପାଚେରିରେ ଫାଟ ଯୋଗୁ ଆର୍‌ଏମ୍‌ସି ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ଜଣାପଡିଛି। ସେହିପରି ବିର୍ସା ମୁଣ୍ଡା ହକି ଷ୍ଟାଡିୟମର ୬ ନମ୍ବର ପ୍ରବେଶ ପଥରେ ନିର୍ମିତ କାନ୍ଥରେ ମଧ ଏକ ବଡଧରଣର ଫାଟ ସୃଷ୍ଟି ହୋଇଛି। ଏହା ମରାମତି ନ ହେଲେ ଭୁଶୁଡି ପଡିବା ଆଶଙ୍କା କରାଯାଉଛି। ଅନ୍ୟପକ୍ଷେ ପାଚେରି ଭଙ୍ଗାଯିବା ଘଟଣାକୁ ନେଇ ବିରୋଧୀ ଭାଜପା ଓ କଂଗ୍ରେସ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏ ନେଇ ରାଜ୍ୟ ଭାଜପା ମୁଖପାତ୍ର ଧୀରେନ ସେନାପତି କହିଛନ୍ତି, ହକି ସ୍ମାରକୀ ଟଳି ପଡିବା ମାମଲା ଶିଥିଳ ହୋଇନାହିଁ। ଆମେ ଯାହା କହୁଥିଲୁ ସତ ହେଲା। ପାଚେରି ବି ଧସିଲା। ଏଣୁ ଭାଜପା ଏହାର ସିବିଆଇ ତଦନ୍ତ ଦାବି କରୁଛି। ଆଗାମୀ ସମୟରେ ଏହା ଦଳର ମୂଳ ମୁଦ୍ଦା ରହିବ। ସେହିପରି କଂଗ୍ରେସ ନେତା କୈଳାସ ସାହୁ କହିଛନ୍ତି, ଘଟଣାଟି ବିଜେଡି ଓ ଭାଜପାର ମିଳିତ ଦୁର୍ନୀତିର ନମୁନା। ସ୍ମାରକୀ ଟଳି ପଡିବା ଦିନଠାରୁ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇଛି। ଆଗକୁ ଉଭୟ ବିଜେଡି, ଭାଜପା ଦଳକୁ ଅଞ୍ଚଳବାସୀ ଅସଲ ଜବାବ ଦେବେ। ଏ ନେଇ ରାଉରକେଲା ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ସେ କହିଲେ, ପାଚେରିରେ ଫାଟ ସୃଷ୍ଟି ହୋଇଥିଲା। ଏଣୁ ତାକୁ ଭାଙ୍ଗି ଦିଆଯାଇଛି। ବର୍ଷାରେ ପାଚେରି ଭାଙ୍ଗିନାହିଁ। ନିର୍ମାଣକାରୀ ଠିକାସଂସ୍ଥା ନିଜ ଖର୍ଚ୍ଚରେ ଖୁବଶୀଘ୍ର ପାଚେରିର ପୁନରଦ୍ଧାର ଏବଂ ନିର୍ମାଣ କାର୍ଯ୍ୟ କରିବ। ଏଥିପାଇଁ ଉକ୍ତ ସଂସ୍ଥାକୁ ନୋଟିସ ଜାରି କରାଯାଇଛି ବୋଲି ସେ କହିଥିଲେ।



ଷ୍ଟାଡିୟମ ୬ ନଂ. ଗେଟ୍ କାନ୍ଥରେ ଫାଟ ସୃଷ୍ଟି ହୋଇଛି।

**ଷ୍ଟାଡିୟମ ପାଚେରି ଭଙ୍ଗାଯିବା ଘଟଣା**

- ନୋଟିସ ଜାରିକଲା ଆର୍‌ଏମ୍‌ସି
- ୬ ନମ୍ବର ଗେଟ୍ କାନ୍ଥରେ ବି ଫାଟ

### ଏଡିଏମ୍‌ଙ୍କୁ ଭେଟିଲା କ୍ଷୁଦ୍ର ବିକ୍ରେତା ସଂଘ

**ରାଉରକେଲା,୬।୭(ବିପ୍ଳବ ରଞ୍ଜନ ଦାଶ)**

ନବନିର୍ମିତ ପାନପୋଷ ମାର୍କେଟ କମ୍ପ୍ଲେକ୍ସରେ ଥଇଥାନ ହୋଇଥିବା ଦୋକାନୀଙ୍କ ସମସ୍ୟା ନେଇ ପାନପୋଷ କ୍ଷୁଦ୍ର ବିକ୍ରେତା ସଂଘର କର୍ମକର୍ତ୍ତାମାନେ ଗୁରୁବାର ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କୁ ଭେଟିଛନ୍ତି। ସଂଘ କର୍ମକର୍ତ୍ତାଙ୍କ କହିବା ମୁତାବକ ୧୧୪ ଜଣ ଦୋକାନୀଙ୍କୁ ପାନପୋଷ ମାର୍କେଟ କମ୍ପ୍ଲେକ୍ସରେ ଦୋକାନ ଖୋଲିବା ପାଇଁ ଅନୁମତି ମିଳିଛି। ତେବେ ସେହି ଷ୍ଟଲ ଗୁଡିକ ଛୋଟ ହୋଇଥିବାରୁ ବ୍ୟବସାୟୀମାନେ ଦୋକାନରେ ଅଧିକ ଜିନିଷ ରଖିବା ମୁସ୍କିଲ ହୋଇପଡିବ। ଏଥିସହ ମାର୍କେଟ ମଝିରେ ୩୨ଟି ଦୋକାନ ରହିଥିବାରୁ ଯାତାୟାତ ରାସ୍ତା ସଙ୍କୁଚିତ ହେଉଛି। ଏଣୁ ଯାତାୟାତ ପାଇଁ ମାର୍କେଟ ମଝିରେ ବାଟ ଛଡାଗଲେ କ୍ରେତା ଓ ବିକ୍ରେତାମାନଙ୍କ କିଣାବିକା ସୁଗମ ହୋଇପାରନ୍ତା। ତେବେ ପ୍ରଥମେ ଦୋକାନ ଚଳାନ୍ତୁ। ପରେ ସବୁ ସମସ୍ୟା ଉପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏଡିଏମ୍ କହିବା ପରେ ବିକ୍ରେତା ସଂଘ କର୍ମକର୍ତ୍ତା ଅସନ୍ତୋଷ ପ୍ରକାଶ କରି ଆର୍‌ଏମ୍‌ସି କାର୍ଯ୍ୟାଳୟ ଓ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ନାରାବାଜି କରିଥିଲେ। ତେବେ ସଂଘ ଏ ନେଇ ନ୍ୟାୟାଳୟର ଦ୍ୱାରସ୍ଥ ହେବ ବୋଲି କହିଛି। ସଂଘ ସଭାପତି ରମାକାନ୍ତ ପାଣ୍ଡେ, ଉପ ସଭାପତି ସୁରେଶ ଚନ୍ଦ୍ର ଜେନା, ସମ୍ପାଦକ ପବନ ଜଲାଲ, ବ୍ୟବସାୟୀ ଜୋଶେଫ ସାନ୍ତରା, ରଜତ ସଦୁଆଲ, ରମେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଏକତ୍ରର ନାଟ୍ୟ ପଠନ କାର୍ଯ୍ୟକ୍ରମ

**ରାଉରକେଲା,୬।୭(ବିବେକ ମହାନ୍ତି)**

ଇସ୍ପାତ ନଗରୀର ୨୪ଟି ନାଟ୍ୟାନୁଷ୍ଠାନକୁ ନେଇ ଗଠିତ ଏକତ୍ର ରାଉରକେଲା ତରଫରୁ ଆୟୋଜିତ ନାଟ୍ୟପଠନ କାର୍ଯ୍ୟକ୍ରମ ଗୁରୁବାର ଆଦର୍ଶ ସାହିତ୍ୟ ଘରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ରାଜୀବ ପାଣି ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ସୁଦେଶ ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଦେଷ୍ଟା ଡାକ୍ତର କୃପାସିନ୍ଧୁ ନାୟକ, ଗାଳ୍ପିକ ସୁରେନ୍ଦ୍ର ନାଥ ଜେନା ଓ ନାଟ୍ୟକାର ତଥା ଅଭିନେତା କୈଳାଶ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନାଟ୍ୟ ପଠନ ନାଟ୍ୟକର୍ମୀଙ୍କ ପାଇଁ କିଭଳି ଆବଶ୍ୟକ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସଭାପତି ପାଣି ତାଙ୍କ ଅଭିଭାଷଣରେ ଅନୁଷ୍ଠାନ ତରଫରୁ ଏକ କର୍ମଶାଳା, ସ୍ମରଣିକା ଉନ୍ମୋଚନ ଓ ଡିସେମ୍ବର ୧ରୁ ୧୦ତାରିଖ ମଧ୍ୟରେ ନାଟକ ମହୋତ୍ସବ କରାଯିବ ବୋଲି ସୂଚନା ଦେଇଥିଲେ। ଯୁଗ୍ମ ସମ୍ପାଦିକା କନକଲତା ନାୟକ ଅନୁଷ୍ଠାନର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏହାପରେ ନାଟ୍ୟକାର ରତ୍ନାକର ଚଇନିଙ୍କ ନାଟକ ଶୂନ୍ୟ ପଞ୍ଜୁରୀକୁ ସଂକଳ୍ପ ପରିବାର ତରଫରୁ କୁଞ୍ଜନଲାଲ ବୋଷଙ୍କ ନିର୍ଦ୍ଦେଶନାରେ ବାସୁଦେବ ଷଡଙ୍ଗୀ, ମନୋଜ ନାୟକ, ଚିନ୍ମୟ ତ୍ରିପାଠୀ ପ୍ରମୁଖ ପଠନ କରିଥିଲେ। ନାଟ୍ୟପଠନ ପରେ ସମସ୍ତ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂକଳ୍ପ ପରିବାରର ମଞ୍ଜୁ ମୁଖାର୍ଜୀ, ଡ. କିଶୋରୀ ଦାଶ, ଅକ୍ଷୟ ଧଳ, ବସନ୍ତ କୁମାର ଦାସ, ପ୍ରବୀର କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ପ୍ରଜ୍ଞାନନ୍ଦ ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ରମେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସହରର ବିଭିନ୍ନ ନାଟ୍ୟାନୁଷ୍ଠାନର କର୍ମକର୍ତ୍ତା ଓ ନାଟ୍ୟପ୍ରେମୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ନାଟକକୁ ସଂକଳ୍ପ ପରିବାର ତରଫରୁ କଟକରେ ମଞ୍ଚସ୍ଥ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଭିତ୍ତିଭୂମି ଅଭାବ, ଶିକ୍ଷାଦାନ ବାଧାପ୍ରାପ୍ତ

**ରାଉରକେଲା,୬।୭(ବିପ୍ଳବ ରଞ୍ଜନ ଦାଶ)**

## ବେଦବ୍ୟାସ ସଂସ୍କୃତ ସ୍କୁଲ, କଲେଜ

ରାଉରକେଲା ବେଦବ୍ୟାସରେ ଥିବା ସଂସ୍କୃତ ବିଦ୍ୟାଳୟ ଓ ଗୁରୁକଳ ମାଧ୍ୟମିକ ସଂସ୍କୃତ ମହାବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ, ଅଧ୍ୟାପକ ନାହାନ୍ତି। ଫଳରେ ଉଭୟ ଶିକ୍ଷାନୁଷ୍ଠାନରେ ସଂସ୍କୃତ ଶିକ୍ଷା ପ୍ରଦାନରେ ଅସୁବିଧା ହେଉଛି।

ଗୁରୁକୁଳ ବେଦବ୍ୟାସ ସଂସ୍କୃତ ବିଦ୍ୟାଳୟ ୧୯୭୩ରେ ସ୍ଥାପିତ ହୋଇଥିଲା। ଏଠାରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବର୍ଗର ବାଳକ ବ୍ରହ୍ମଚାରୀଙ୍କୁ ବୈଦିକ ଶିକ୍ଷା ପ୍ରଦାନ ବ୍ୟବସ୍ଥା କରାଯାଇଛି। ସେହିପରି ଗୁରୁକୁଳ ସଂସ୍କୃତ ମାଧ୍ୟମିକ ମହାବିଦ୍ୟାଳୟ ୧୯୮୪ରେ ସ୍ଥାପିତ ହୋଇଥିବା ବେଳେ ଏଠାରେ ଯୁକ୍ତ ୨ ଓ ଯୁକ୍ତ ୩ ସଂସ୍କୃତ ସହ କଳା ବିଷୟ ପାଠ୍ୟକ୍ରମ ରହିଛି। ତେବେ ଗୁରୁକୁଳ ସଂସ୍କୃତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବାଳକ ବର୍ଗର ୧୦୦ରୁ ଊର୍ଦ୍ଧ୍ୱ ବ୍ରହ୍ମଚାରୀଙ୍କୁ ବୈଦିକ ସଂସ୍କୃତ ଶିକ୍ଷା ପ୍ରଦାନ ପାଇଁ ଜଣେ ମଧ ଶିକ୍ଷକ ନାହାନ୍ତି। ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ହାତରେ ସ୍କୁଲର ସମସ୍ତ ଦାୟିତ୍ୱ ରହିଛି।

ସେହିପରି ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମାଧ୍ୟମିକ ମହାବିଦ୍ୟାଳୟରେ ୧୨୮ ସିଟ୍ ରହିଛି। ମାତ୍ର ଏଠାରେ ବି ଜଣେ ହେଲେ ସରକାରୀ ଅଧ୍ୟାପକ/ଅଧ୍ୟାପିକା ନାହାନ୍ତି। କଲେଜର ଶିକ୍ଷାଦାନ ବ୍ୟବସ୍ଥା ୩ଜଣ ବେସରକାରୀ ଅଧ୍ୟାପିକା/ଅଧ୍ୟାପକଙ୍କ ଭରସାରେ ଚାଲିଛି। ଉଭୟ ହାଇସ୍କୁଲ ଓ କଲେଜର ଭିତ୍ତିଭୂମି ଉନ୍ନତମାନର ଏବଂ ସ୍ମାର୍ଟ କଲେଜ ଯୋଜନାରେ ନିକଟରେ କଲେଜକୁ ୫୦ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ସେହିପରି ଦେଢ କୋଟି ଟଙ୍କା ବ୍ୟୟରେ ହାଇସ୍କୁଲର ପୁରୁଣା କୋଠାଗୁଡିକର ନବୀକରଣ କାମ କରାଯାଉଛି। ମାତ୍ର ଉଭୟ ଶିକ୍ଷାନୁଷ୍ଠାନରେ ଶିକ୍ଷକ, ଅଧ୍ୟାପକ ପଦବୀ ପୂରଣ କରାଯାଉ ନ ଥିବାରୁ ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହେଉଛି। ଏ ନେଇ ଉଭୟ ଶିକ୍ଷାନୁଷ୍ଠାନ କମିଟି ଜିଲା ପ୍ରଶାସନକୁ ଅବଗତ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଉଭୟ ଶିକ୍ଷାନୁଷ୍ଠାନରେ ଶିକ୍ଷକ, ଅଧ୍ୟାପକ ପଦବୀ ପୂରଣ ନ ହେଲେ ଆଗାମୀ ଦିନରେ ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

ଏ ନେଇ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପଧାନଙ୍କୁ ପଚାରିବାରୁ ସେ କହିଲେ, ସଂସ୍କୃତ ବିଷୟ ପାଠ୍ୟକ୍ରମ ପାଇଁ ପୁରୀ ସଂସ୍କୃତ ଶିକ୍ଷା ପ୍ରତିଷ୍ଠାନ ମୁଖ୍ୟକେନ୍ଦ୍ରରୁ ହିଁ ଶିକ୍ଷକ ନିଯୋଜିତ ହୋଇଥାନ୍ତି। ଅତି ଆବଶ୍ୟକ ସ୍ଥଳରେ ଡେପୁଟେଶନରେ ସଂସ୍କୃତ ଶିକ୍ଷକ ନିଯୁକ୍ତି କରାଯାଏ। ଆଗାମୀ ସମୟରେ ବେଦବ୍ୟାସ ଗୁରୁକୁଳ ସଂସ୍କୃତ ସ୍କୁଲ ଓ କଲେଜ ପାଇଁ ଡେପୁଟେଶନରେ ସଂସ୍କୃତ ଶିକ୍ଷକ, ଅଧ୍ୟାପକ ବ୍ୟବସ୍ଥା କରାଯିବ ବୋଲି ପ୍ରଧାନ କହିଛନ୍ତି।



କଲେଜ ସମ୍ମୁଖରେ ଛାତ୍ରୀଙ୍କ ସହ ଅଧ୍ୟକ୍ଷ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ, ଅମୃତ ବିହାର ସ୍ଥିତ ଅଧାପନା ପ୍ରକୋଷ୍ଠ-୧, ପୂର୍ବାହ୍ନ ୧୧ଟା ।

## ସଂକ୍ଷେପରେ

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

କୁଚିଣ୍ଡା,୬।୭(ବିରଞ୍ଚି ଦର୍ଶୀ)-ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ପଞ୍ଚାୟତ ଲାଡ(କୁମୁରାଗୁଡା)ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରଭାନୁ ମିଶ୍ରଙ୍କର ଗୁରୁବାର ସନ୍ଧ୍ୟାରେ ୮୦ବର୍ଷ ବୟସରେ ପରଲୋକ ହୋଇଛି । ବାର୍ଦ୍ଧକଜନିତ ଅସୁସ୍ଥତା ଯୋଗୁ ସେ ଶଯ୍ୟାଶାୟୀ ଥିଲେ। ସ୍ୱର୍ଗତ ମିଶ୍ର ବୃତ୍ତିରେ ଶିକ୍ଷକ ଭାବେ କାର୍ଯ୍ୟ କରି ପତ୍ରାପାଲି ସ୍କୁଲରୁ ପ୍ରଧାନ ଶିକ୍ଷକ ଭାବେ ୨୦୦୦ ମସିହାରେ ଅବସର ଗ୍ରହଣ କରିଥିଲେ।ସେ ତାଙ୍କର ଚାକିରି ସମୟରେ ପ୍ରାଥମିକ ଶିକ୍ଷକ ସଂଘର ନେତୃତ୍ୱ ନେଇ ସମସ୍ତଙ୍କ ପ୍ରିୟ ପାତ୍ର ହୋଇଥିଲେ। ତାଙ୍କର ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶୁକ୍ରବାର ତାଙ୍କର ଅନ୍ତେଷ୍ଟି ସମାପନ ହେବ ବୋଲି ପରିବାର ସୂତ୍ରରୁ ଜଣାଯାଇଛି ।

# ଓଡ଼ିଆ ସ୍ନାତକ ପାଠ୍ୟକ୍ରମରେ ଫି' ସଂଗ୍ରହକୁ ବିରୋଧ

### ନିୟମ ସଙ୍ଗତ ଫି ଆଦାୟ ହେଉଛି-କର୍ତ୍ତୃପକ୍ଷ

ସମ୍ବଲପୁର, ୬।୭(ବି.ଶଙ୍କର)

ସମ୍ବଲପୁରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍ଏସ୍ସିବି) ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ପ୍ରଶାସନର ମନମୁଖୀ କାର୍ଯ୍ୟକୁ ଗୁରୁବାର ବିରୋଧ କରିଛନ୍ତି। ଓଡ଼ିଶା ସରକାରଙ୍କର ବିଜ୍ଞପ୍ତି ମୁତାବକ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷା ଓ ସାହିତ୍ୟରେ ସ୍ନାତକ ପାଠ ପଢୁଥିବା ବିଦ୍ୟାର୍ଥିଙ୍କର ହଷ୍ଟେଲ ଫି' ବ୍ୟତୀତ ଅନ୍ୟ ସମସ୍ତ ପ୍ରକାର ଫିସକୁ ଛାଡ଼ କରାଯାଇଛି। କିନ୍ତୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ପ୍ରଶାସନ ଜୋରଜବରଦସ୍ତ ଭାବରେ ଓଡ଼ିଆ ବିଭାଗର ଛାତ୍ରୀଛାତ୍ରଙ୍କ ଠାରୁ ଫି ଆଦାୟ କରୁଛନ୍ତି।ଏହାକୁଅଖିଳଭାରତୀୟବିଦ୍ୟାର୍ଥି ପରିଷଦ(ଏବିଭିପି)ର କାର୍ଯ୍ୟକର୍ତ୍ତା ଏବଂ ଛାତ୍ରୀଛାତ୍ରମାନେ ବିରୋଧ କରିଥିଲେ। ଏହି ବିଷୟକୁ ନେଇ ଯେତେବେଳେ ଓଡ଼ିଆ ବିଭାଗର ଛାତ୍ରୀଛାତ୍ର ଏବଂ ଏବିଭିପି କାର୍ଯ୍ୟକର୍ତ୍ତା ମହାବିଦ୍ୟାଳୟ ପ୍ରଶାସନକୁ ଭେଟି ଦରଖାସ୍ତ ପ୍ରଦାନ କରିବା ପାଇଁ ଯାଇଥିଲେ, ସେ ସମୟରେ ମହାବିଦ୍ୟାଳୟ ଅଧକ୍ଷ ତାଙ୍କ କଥାକୁ ଶୁଣି ନ ଥିଲେ। ଏପରିକି ଦରଖାସ୍ତ ମଧ୍ୟ ଗ୍ରହଣ କରି ନ ଥିଲେ। ଏହି ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ମହାବିଦ୍ୟାଳୟ ଓଡିଆ ବିଭାଗୀୟ ମୁଖ୍ୟ ଡ. ଶ୍ୟାମ ଭୋଇ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଗାଇଡ ଲାଇନ ଅନୁସାରେ ଛାତ୍ରୀଛାତ୍ରଙ୍କଠାରୁ ଫି' ସଂଗ୍ରହ କରାଯାଉଛି। ଏହା ସରକାରୀ ମହାବିଦ୍ୟାଳୟ ହୋଇଥିବାରୁ ନିୟମାନୁସାରେ ସମସ୍ତ କାର୍ଯ୍ୟ ହୋଇଥାଏ। ତେଣୁ କୌଣସି ଛାତ୍ରୀଛାତ୍ରଙ୍କଠାରୁ ବେଆଇନ ଭାବେ ଫି' ସଂଗ୍ରହ କରାଯାଉ ନାହିଁ ବୋଲି କହିଛନ୍ତି।



ସମ୍ବଲପୁରସ୍ଥିତ ଏନ୍ଏସସିବି ମହାବିଦ୍ୟାଳୟରେ ଛାତ୍ରୀଛାତ୍ର ଫି ସଂଗ୍ରହ ବିରୋଧ କରୁଛନ୍ତି ।

# ଏମ୍ସିଏଲ୍ ୫୦ ଦିବ୍ୟାଙ୍ଗଙ୍କୁ ଇ-ରିକ୍ସା ଦେବ

ସମ୍ବଲପୁର,୬।୭(ବି.ଶଙ୍କର)

ମହାନଦୀ କୋଇଲା କମ୍ପାନୀ (ଏମ୍ସିଏଲ) ସିଏସ୍ଆର୍ ପ୍ରକଳ୍ପ ସକ୍ଷମ ପକ୍ଷରୁ ୫୦ଜଣ ଦିବ୍ୟାଙ୍ଗଙ୍କୁ ଇ-ରିକ୍ସା ପ୍ରଦାନ କରିବାକୁ ସ୍ଥିର କରିଛି। ଗୁରୁବାର ଏନେଇ ସମ୍ବଲପୁର ଜିଲା ପ୍ରଶାସନ ଓ ଏମ୍ସିଏଲ୍ ସିଏସ୍ଆର ବିଭାଗ ମଧ୍ୟରେ ବୁଝାମଣାପତ୍ର(ଏମ୍ଓୟୁ) ସ୍ୱାକ୍ଷର ହୋଇଛି। ସମ୍ବଲପୁର ଜିଲାର ଗରିବ ଦିବ୍ୟାଙ୍ଗଙ୍କୁ ଚୟନ କରାଯାଇ ଇ-ରିକ୍ସା ଦିଆଯିବାକୁ ସ୍ଥିର କରାଯିବ। ୫୦ଟି ଇ-ରିକ୍ସା ସକାଶେ ଏମ୍ସିଏଲ ଆର୍ଥିକ ସହାୟତା ପ୍ରଦାନ କରିବ। ଅଭାବୀ ଦିବ୍ୟାଙ୍ଗ ପାଇଁ ନିରନ୍ତର ଆତ୍ମ-ନିଯୁକ୍ତି ସୃଷ୍ଟି କରିବା ବ୍ୟତୀତ, ବୈଦ୍ୟୁତିକ ପରିବହନକୁ ଉତ୍ସାହିତ କରି ସବୁଜ ଏବଂ ସ୍ୱଚ୍ଛ ପରିବେଶ କରିବାକୁ ପ୍ରୋତ୍ସାହିତ କରିଆସୁଛି। ଏମ୍ସିଏଲ ପକ୍ଷରୁ ଜେନେରାଲ ମ୍ୟାନେଜର (ସିଏସ୍ଆର) ରଜନୀକାନ୍ତ ପାଣିଗ୍ରାହୀ ଏବଂ ଜିଲା ପ୍ରଶାସନ ପକ୍ଷରୁ ସମ୍ବଲପୁର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ଏମଓୟୁରେ ସ୍ୱାକ୍ଷର କରିଛନ୍ତି।




ସମ୍ବଲପୁର ଜିଲା ପ୍ରଶାସନ ଓ ଏମ୍ସିଏଲ ସିଏସ୍ଆର ବିଭାଗ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷର କରାଯାଉଛି।

# ସଗରା ହାଇସ୍କୁଲରେ ବନ ମହୋତ୍ସବ କାର୍ଯ୍ୟକ୍ରମ

କୁଚିଣ୍ଡା,୬।୭(ବିରଞ୍ଚି ଦର୍ଶୀ)

ବାମରା ବନ୍ୟପ୍ରାଣୀ ବନଖଣ୍ଡ ଆନୁକୂଲ୍ୟରେ ବାମରା ବ୍ଲକର ସଗରା ପଞ୍ଚାୟତ ଜନତା ହାଇସ୍କୁଲ ପରିସରରେ ଦୁଇଦିନ ଧରି ବନ ମହୋତ୍ସବ ପାଳିତ ହୋଇଯାଇଛି। ହାଇସ୍କୁଲ ପ୍ରଧାନ ଶିକ୍ଷକ ଅମିତ୍ର କୁମାର ବିଶାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ଅବସରପ୍ରାପ୍ତ କଲେଜ ଅଧକ୍ଷ ତଥା ପ୍ରକୃତିବନ୍ଧୁ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଉଦ୍ୟାନବିତ ରବୀନ୍ଦ୍ର କୁମାର ଦାସ ମୁଖ୍ୟବକ୍ତା, ବୈଜ୍ଞାନିକ ସିବେଶ କୁମାର ପ୍ରଜାପତି, ସରପଞ୍ଚ ଗୋଲାପି ବାଘ, ସମିତି ସଭ୍ୟ ହାବିଲ ଏକ୍କା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉଦୟ ନାଥ ନାଏକ, ନାଗରିକ ମଞ୍ଚର ସମ୍ପାଦକ ସରୋଜ କୁମାର ସିହ୍ନା, ତୁଳସୀ ମଞ୍ଜରୀ ବହିଦାର, ପଣ୍ଡିତ ଅଲେଖ କୁମାର ପତି, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ, ବନ୍ୟପ୍ରାଣୀ ସୁରକ୍ଷା ଓ ପରିବାର କଲ୍ୟାଣ ମାଧ୍ୟମରେ ପ୍ରକୃତିର ଭାରସାମ୍ୟ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଗଡ଼ପୋଷ ବନପାଳ ତୁଳାରାମ ବରିହାଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ନେଇ ପରିବେଶ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଚିତ୍ରାଙ୍କନରେ ପ୍ରଦୀପ ନାଏକ, ପ୍ରବନ୍ଧରେ ସାଇ ପ୍ରସନ୍ନ ଦେଇ ଓ ବକ୍ତୃତାରେ ଶ୍ରାବଣୀ ପୋଢ଼ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସ୍କୁଲ ପରିସରରେ ଫଳ ଚାରା ରୋପଣ କରାଯାଇଥିଲା। ଶେଷରେ ପ୍ରଦୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଘର ଯୋଗାଇବା ପାଇଁ ବିଡିଓଙ୍କୁ ଦାବିପତ୍ର

### ଆବାସ ଯୋଜନା



ବିଡିଓଙ୍କ ନିକଟକୁ ଘର ପାଇଁ ଆସିଥିବା ହିତାଧିକାରୀ।

କୁଚିଣ୍ଡା,୬।୭(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲାର କୁଚିଣ୍ଡା ବ୍ଲକରେ ୧୭ଟି ପଞ୍ଚାୟତରେ ପ୍ରାୟ ୧୭ଶହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ଯୋଗାଇ ଦେବାକୁ ତାଲିକା ପ୍ରସ୍ତୁତ ହୋଇଛି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ୪୦ହଜାର ଟଙ୍କା ଲେଖାଏଁ ଯାଇଥିବା ଜଣାଯାଇଛି। ମାତ୍ର ଅଯୋଗ୍ୟଙ୍କୁ ଘର ଦିଆଯାଇ ତାଙ୍କ ଖାତାକୁ ଟଙ୍କା ଯାଇଥିବାବେଳେ ବହୁ ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ପ୍ରତିଦିନ କୁଚିଣ୍ଡା ବ୍ଲକକୁ ଶହଶହ ସଂଖ୍ୟକ ହିତାଧିକାରୀ ଆସି ଘର ପାଇଁ ଗୁହାରି କରୁଛନ୍ତି। ଗୁରୁବାର କୁଲେଇଗଡ ଓ ଗୋଛରା ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ହିତାଧିକାରୀ ବିଡିଓଙ୍କ ନିକଟକୁ ଆସି ଘର ପାଇଁ ଦାବିପତ୍ର ଦେଇଛନ୍ତି। ଏସିସିସି ତାଲିକାରେ ନାମ ଥିବାରୁ ଆବଶ୍ୟକୀୟ ଡକ୍ୟୁମେଣ୍ଟ ମଧ୍ୟ ପଞ୍ଚାୟତଠାରେ ଦାଖଲ କରାଯାଇଥିଲା। ପରବର୍ତ୍ତୀ ସମୟରେ ଯାଞ୍ଚବେଳେ ଜିଓ ଟ୍ୟାଗ ମଧ୍ୟ ହୋଇଥିଲା। ମାତ୍ର ପକ୍କା ଘର ଓ ଚାରିଚକିଆ ଯାନ ଥିବା ଧନୀ ଶ୍ରେଣୀର ଅଯୋଗ୍ୟ ଲୋକଙ୍କୁ ଘର ଦିଆଯାଇ ପ୍ରଥମ ପର୍ଯ୍ୟାୟ ଟଙ୍କା ତାଙ୍କ ବ୍ୟାଙ୍କ ଖାତାକୁ ଯାଇଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ତେଣୁ ଏହାର ପୁନଃ ଯାଞ୍ଚ କରାଯାଇ ଘର ଯୋଗାଇ ଦେବାକୁ ଦାବି କରିଛନ୍ତି। ଏ ବାବଦରେ ବିଡିଓ ନିରଞ୍ଜନ ସାଙ୍କୁ ପଚାରିବାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗାଇଡଲାଇନ ମୁତାବକ ହିତାଧିକାରୀ ଚୟନ ହୋଇ ତାଙ୍କ ଆକାଉଣ୍ଟକୁ ପ୍ରଥମ ପର୍ଯ୍ୟାୟ ଟଙ୍କା ଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିରେ ଅଯୋଗ୍ୟ ବ୍ୟକ୍ତି ଯଦି ସାମିଲ ଅଛନ୍ତି ତଦନ୍ତ କରି ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବାକୁ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ବୁଢ଼ାରଜା ପାହାଡ଼ରେ ବନ ମହୋତ୍ସବ



ବୁଢ଼ାରଜା ପାହାଡ଼ ଶୀର୍ଷରେ ଜାତୀୟ ବନ ମହୋତ୍ସବ ।

ସମ୍ବଲପୁର,୬।୭(ବି.ଶଙ୍କର)

ବୁଢ଼ାରଜା ବନ ସଂରକ୍ଷଣ ସମିତି ଏବଂ ସମ୍ବଲପୁର ବନାଞ୍ଚଳ ବିଭାଗର ମିଳିତ ଆନୁକୂଲ୍ୟରେ ଐତିହାସିକ ବୁଢ଼ାରଜା ପାହାଡ଼ ଶୀର୍ଷରେ ୭୪ ତମ ଜାତୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଶତାଧିକ ଔଷଧୀୟ ବୃକ୍ଷଚାରା ରୋପଣ କରାଯାଇଥିଲା। ସମ୍ବଲପୁର ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ବେହେରା ମୁଖ୍ୟ ଅତିଥି ଏବଂ ସାମାଜିକ କର୍ମୀ କାର୍ତ୍ତିକ ପ୍ରସାଦ ବହିଦାର ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାମକଲୀ ଦେବୀ ଟ୍ରଷ୍ଟ ଜୁନିୟର କଲେଜ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ବନ ସମିତିର ସଭ୍ୟାସଭ୍ୟ ଏବଂ ପ୍ରକୃତିପ୍ରେମୀ ଯୋଗଦେଇ ବୃକ୍ଷ ଚାରା ରୋପଣକୁ ନିଜ ଜୀବନର ବ୍ରତ ଭାବରେ ଗ୍ରହଣ କରିବାକୁ ସାମୂହିକ ଶପଥ କରିଥିଲେ। ବୁଢ଼ାରଜା ବନ ସଂରକ୍ଷଣ ସମିତିର ସଭାପତି ପ୍ରକୃତିବନ୍ଧୁ ମେଘୁ ମୁଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମିତିର ସମ୍ପାଦକ ତଥା ବନପାଳ ତପନ କୁମାର ପ୍ରଧାନ, ଅଧ୍ୟାପକ ପ୍ରସନ୍ନ କୁମାର ସରକାର, ନାରାୟଣ ଚକ୍ରବର୍ତ୍ତୀ, ପ୍ରକୃତି ବନ୍ଧୁ ତ୍ରିବିକ୍ରମ ପୋଢ଼, ପାର୍ବତୀ ଧନୁୱାର, ବାସନ୍ତି ପୋଢ଼, ଫୁଲକୀ ଜାଲ, ପଦ୍ମା ମହାନନ୍ଦ, ଦୟାନିଧି ଲାକ୍ରା, ଅନ୍ତର୍ଯ୍ୟାମୀ ତ୍ରିପାଠୀ, ହରିଶଙ୍କର ମିଶ୍ର, ରାଜେନ୍ଦ୍ର ସତନାମୀ, ସୁଧାଂଶୁ କୁମାର ପୂଜାରୀ, ଆଲୋକ କୁମାର ଦାସ, ଗୋପୀନାଥ ଷଡ଼ଙ୍ଗୀ ଯୋଗଦେଇ ଔଷଧୀୟ ବୃକ୍ଷ ଚାରା ରୋପଣ କରିଥିଲେ। ଆଗାମୀ ଦିନରେ ଆହୁରି ବ୍ୟାପକ ଭାବରେ ଛାୟା ପ୍ରଦାନକାରୀ ବୃକ୍ଷ, ଫଳ ବୃକ୍ଷ, ଔଷଧୀୟ ବୃକ୍ଷ ଚାରା ରୋପଣ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସମ୍ବଲପୁର ବନାଞ୍ଚଳ ଅଧିକାରୀ ସୂଚିତ କରିଛନ୍ତି।

## ଫଟୋରେ ଖବର



ଗୁରୁବାର ସମ୍ବଲପୁର ବାଲିବନ୍ଧା ସ୍ଥିତ ସ୍ଲୁଇସ ଗେଟ ଖୋଲିବା ପରେ ଯୁବକମାନେ ଜାଲ ପକାଇ ମାଛ ଧରୁଛନ୍ତି ।



ଗୁରୁବାର ସମ୍ବଲପୁର ଧନୁପାଲିସ୍ଥିତ ଶ୍ରୀଗଣେଶ ବାଳିକା ଉଚ୍ଚବିଦ୍ୟାଳୟଠାରେ ଚାରା ରୋପଣ କରାଯାଉଛି।

# ଜମନକିରା ଅଞ୍ଚଳରେ ଆଇନ ଶୃଙ୍ଖଳାକୁ ଜୋରଦାର କରାଯିବ

ଜମନକିରା,୬।୭
(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ଥାନାଧିକାରୀ ପ୍ରେମଜିତ ଦାସଙ୍କ ବଦଳି ପରେ ଏହି ଥାନାରେ ସବ୍-ଇନ୍ସପେକ୍ଟର ସୁଧାଂଶୁ ଶେଖର ପାତ୍ର କାର୍ଯ୍ୟଭାର ସମ୍ଭାଳି ଆସୁଥିଲେ। ଠିକ ଏକ ମାସ ପରେ ଗୁରୁବାର ସୁଶାନ୍ତ କୁମାର ଦାଶ ନୂତନ ଅଧିକାରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଦାଶ ଏହା ଆଗରୁ ମହୁଲପାଲି ଏବଂ ବୁର୍ଲା ଥାନାରେ ଆଇଆଇସି ରୂପେ କାର୍ଯ୍ୟ ତୁଲାଇ ଆସୁଥିଲେ। ଯୋଗଦାନ ପରେ ସେ ଜମନକିରା ଥାନା ଅଧୀନରେ ଥିବା ୧୧ଟି ପଞ୍ଚାୟତରେ ଆଇନଶୃଙ୍ଖଳାକୁ ଜୋରଦାର କରିବେ, ଏଥିସହ ପାଟ୍ରୋଲିଂ, ଚୋରି, ରାହାଜାନୀ, ଡକାୟତି, ଗଞ୍ଜେଇ କାରବାର, ଜୁଆ, ସଟ୍ଟା ଆଦି ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବେ ବୋଲି କହିଛନ୍ତି। ଆମ ପୋଲିସ ସମିତି ଏବଂ ସିନିୟର୍ ସିଟିଜେନମାନଙ୍କ ସହ ସମୟାନୁସାରେ ବୈଠକ କରାଯିବା ନେଇ ଗୁରୁତ୍ୱ ଦେବେ, ସାମ୍ବାଦିକମାନଙ୍କ ସହ ସୁସମ୍ପର୍କ ରଖି କାର୍ଯ୍ୟ କରିବେ ବୋଲି କହିଥିଲେ।

# ବାଟଗାଁରେ ବନ ମହୋତ୍ସବ ସପ୍ତାହ ପାଳିତ

ନାକଟିଦେଉଳ, ୬।୭(ବୈକୁଣ୍ଠ ନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ନାକଟିଦେଉଳ ବନ ବିଭାଗ ପକ୍ଷରୁ ମିଳିତ ଭାବେ ଗୁରୁବାର ୭୪ ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଚାରା ରୋପଣ ସହ ଏକ ସଚେତନତା କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ର, ଅଧ୍ୟାପକ,ଅଧ୍ୟାପିକା ଏବଂ ବନ ବିଭାଗର କର୍ମଚାରୀମାନେ ଯୋଗଦେଇ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ପ୍ରାୟ ଏକ ଶହରୁ ଊର୍ଦ୍ଧ୍ୱ ଚାରା ରୋପଣ କରିଥିଲେ। ଏହି ଅବସରରେ ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ବନ ବିଭାଗ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନୁଷ୍ଠାନର ଅଧକ୍ଷ ରମେଶ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ସହକାରୀ ବନ ସଂରକ୍ଷକ ଅଶ୍ୱିନୀ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ନାକଟିଦେଉଳ ବନାଞ୍ଚଳର ଟ୍ରେନିଂ ରେଞ୍ଜ ଅଫିସର ସାଗର ରାଜ ନାଏକ, ବାଟଗାଁ ପଞ୍ଚାୟତର ସରପଞ୍ଚ ସୌଦାମିନୀ ବେହେରା,ଯାମୁଯୋରୀର ପୂର୍ବତନ ସରପଞ୍ଚ ହରିହର ପ୍ରଧାନ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷ ଏବଂ ବନୀକରଣର ଆବଶ୍ୟକତା ଉପରେ ଆଲୋକପାତ କରି ଥିଲେ। ଏହି ଅବସରରେ ଦ୍ୱିତୀୟ ବର୍ଷ ଛାତ୍ରୀ ସ୍ୱାତୀ ଏସ.ପ୍ରଧାନ ଏବଂ ମେନକା ମାଝୀ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସନ୍ତୁଳନ ପାଇଁ ଗଛ ଓ ଜଙ୍ଗଲର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଇଂରାଜୀ ଅଧ୍ୟାପକ ପତିତ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ବାଟଗାଁ ବନପାଳ ଅନିଲ କୁମାର କିଷାନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବନ ମହୋତ୍ସବ କାର୍ଯ୍ୟକ୍ରମରେ ବିଭାଗୀୟ କର୍ମଚାରୀମାନଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।



ବନମହୋତ୍ସବ କାର୍ଯ୍ୟକ୍ରମରେ ବନ ବିଭାଗ କର୍ମଚାରୀ, ଛାତ୍ରୀଛାତ୍ର।

# ଜଳବାୟୁ ପରିବର୍ତ୍ତନ କୃଷି ପାଇଁ ସମସ୍ୟା ପାଲଟିଛି

### ନିରନ୍ତର କୃଷି କାର୍ଯ୍ୟକ୍ରମର ଅନୁଭୂତି କର୍ମଶାଳା

ସମ୍ବଲପୁର,୬।୭( ଶୁଭାଶିଷ ପାଢୀ)



ସମ୍ବଲପୁର ଯୁଯୁମୁରା ବ୍ଲକରେ ନିରନ୍ତର କୃଷି କାର୍ଯ୍ୟକ୍ରମର ଅନୁଭୂତି କର୍ମଶାଳା।

କୃଷିକ୍ଷେତ୍ରରେ କ୍ରମବର୍ଦ୍ଧିଷ୍ଣୁ ଅନିଶ୍ଚିତତା, କୃଷିରୁ ଆୟ କମିବା, କୃଷି ପରିସଂସ୍ଥାନର ଅବକ୍ଷୟ, ଗ୍ରାମାଞ୍ଚଳର ଦାରିଦ୍ର ଏବେ ବଡ ସଙ୍କଟ ହୋଇ ଦେଖାଦେଇଥିବାବେଳେ ଜଳବାୟୁ ପରିବର୍ତ୍ତନ ଅନ୍ୟ ଏକ ସମସ୍ୟା ହୋଇ ଠିଆ ହୋଇଛି। ଏହି ସବୁର ନିରାକରଣ ଓ କୃଷି କ୍ଷେତ୍ରରେ ପୁନଃସର୍ଜନାକୁ ପ୍ରୋତ୍ସାହିତ କରି କୃଷିକୁ ନିର୍ଭରଯୋଗ୍ୟ କରିବା ଓ ଏହି ବ୍ୟବସ୍ଥାକୁ ସାମଗ୍ରିକ ପରିବର୍ତ୍ତନ ଆବଶ୍ୟକତାକୁ ଆଖିଆଗରେ ରଖି ଗୁରୁବାର ଯୁଯୁମୁରା ବ୍ଲକ ସଭାକକ୍ଷରେ ନିରନ୍ତର କୃଷି କାର୍ଯ୍ୟକ୍ରମର ଅନୁଭୂତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଏଫ୍ଇଏସ୍ର ଜିଲା ସଂଯୋଜକ ସଞ୍ଜିବ ସାହୁ ବ୍ଲକର ସ୍ଥିତି ଓ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଫାଉଣ୍ଡେଶନ୍ ଫର ଇକୋଲଜିକାଲ ସିକ୍ୟୁରିଟି (ଏଫ୍ଇଏସ୍) ପକ୍ଷରୁ ଉଦ୍ଘାଟନୀ ଉତ୍ସବରେ ଯୁଯୁମୁରା ବ୍ଲକର ବିଡିଓ ନିଳାମ୍ବର ମହାନନ୍ଦ ମୁଖ୍ୟଅତିଥି, ଏଫ୍ଇଏସ୍ର ପ୍ରୋଗ୍ରାମ ମେନେଜର ହୃଷିକେଶ ମହାପାତ୍ର, ପରାମର୍ଶଦାତା ତପନ ପାଢୀ, ବିଏଓ ମନୋରଞ୍ଜନ ସେଠୀ ବ୍ଲକ ପ୍ରୋଗ୍ରାମ ଅଫିସର ଗୌତମ ବେହେରା, ବିଭିଓ ଡା.ହିମାଂଶୁ ଶେଖର ସାହୁ,ଏଏଫଓ ପିୟୁଷ ରଞ୍ଜନ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। କର୍ମଶାଳାରେ ଅଂଶଗ୍ରହଣ କରିଥିବା ଲିନାରାଣୀ ସାହୁ ଯୁଯୁମୁରା, ବାଇପନ୍ତିସାହୁରେଙ୍ଗାଲି ଓ ରେଢାଖୋଲର ତାଲିମଦାତା ଅକ୍ଷୟ କୁମାର ଶତପଥୀଙ୍କ ସହିତ ଯୁଯୁମୁରା ବ୍ଲକର କୃଷିମିତ୍ର, କୃଷକସାଥି, ଏମ୍ବିକେ, ଜିଆର୍ଏସ ଓ ସିଏଲ୍ଏଫ ଯୋଗଦେଇ ନିଜର ଅଭିଜ୍ଞତା ଓ ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ। କୃଷି ବିଜ୍ଞାନ ସମ୍ପର୍କିତ ତାଲିମ୍, ଉପକରଣ ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ, ଗାଇଡେଡ ମେଣ୍ଟରିଙ୍ଗ, ତାଲିମଦାତାଙ୍କ ମାଧ୍ୟମରେ କ୍ଷେତ୍ରସ୍ତରରେ ସହଯୋଗ, କୃଷି କାର୍ଯ୍ୟକୁ ସାବଳୀଳ କରିବା ନିମନ୍ତେ ସରକାରଙ୍କ କୃଷିଭିତ୍ତିକ ଯୋଜନାଗୁଡିକ ଗ୍ରାମ୍ୟ ଗୋଷ୍ଠୀ ମଧ୍ୟରେ ରହୁଥିବା ସମସ୍ୟା ଓ ସମାଧାନ କିପରି କରାଯାଇ କୃଷିକର୍ମୀମାନଙ୍କୁ ସୁଦୃଢ଼ କରାଯାଇପାରିବ ସେ ସମ୍ପର୍କରେ ତର୍ଜମା କରିଥିଲେ। ଏହି କର୍ମଶାଳାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡିଶା ଜୀବିକା ମିଶନ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମିଳିତ ସମନ୍ୱିତ ଓ ସହଯୋଗରେ କୃଷି କାର୍ଯ୍ୟକୁ ସମୃଦ୍ଧିଶାଳୀ କରାଯାଇପାରିବ ବୋଲି ଗୁରୁତ୍ୱ ଦିଆଯାଇଥିଲା।

# ଆମ ପୋଖରୀ କାର୍ଯ୍ୟକ୍ରମର ଶୁଭାରମ୍ଭ



ବଲାଙ୍ଗୀର ଓସ୍ୱାନ ଭବନଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭାସୀ କାର୍ଯ୍ୟକ୍ରମରେ ଜିଲାପାଳ, ପୌରାଧ୍ୟକ୍ଷା, ପୌରାଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀ ।

**ବଲାଙ୍ଗୀର, ୬।୭ (ବୀରେନ୍ଦ୍ର କୁମାର ଝାଙ୍କର)**

■ ମୁଖ୍ୟମନ୍ତ୍ରୀଙ୍କ ଆଭାସୀ କାର୍ଯ୍ୟକ୍ରମରେ ଯୋଗଦେଲେ ଜିଲାପାଳ, ପୌରାଧ୍ୟକ୍ଷା

■ ବଲାଙ୍ଗୀର ୧୭ଟି ବନ୍ଧ ନବୀକରଣ କରାଯିବ

ସହରାଞ୍ଚଳ ଜଳାଶୟ ନବୀକରଣ କାର୍ଯ୍ୟକ୍ରମ ଆମ ପୋଖରୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଶୁଭାରମ୍ଭ କରିଥିଲେ । ସମଗ୍ର ରାଜ୍ୟର ସମସ୍ତ ୧୧୫ଟି ପୌରାଞ୍ଚଳରେ ଥିବା ପ୍ରାୟ ୨ ହଜାର ବୃହତ୍ ଜଳାଶୟର ନବୀକରଣ କରାଯାଇଥିବା ସୂଚନା ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଆଭାସୀ ଜରିଆରେ ବିଭିନ୍ନ ଜିଲାର ପୌରାଞ୍ଚଳ ସହ ଯୋଡି ହୋଇଥିଲେ । ବଲାଙ୍ଗୀର ଓସ୍ୱାନ ହଲଠାରେ ଜିଲାପାଳ ଚଞ୍ଚଳ ରାଣା, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ତୁଷରା ନଗରପାଳ ଅଜୟ ଜୟସ୍ୱାଲ, ଜିଲା ସହରାଞ୍ଚଳ ପ୍ରକଳ୍ପ ନିର୍ଦ୍ଦେଶକ ସୁଦର୍ଶନ ସଏ ଓ ଅନ୍ୟ ପୌରାଧ୍ୟକ୍ଷା, ପୌରାଧ୍ୟକ୍ଷ ସହ ନିର୍ବାହୀ ଅଧିକାରୀମାନେମାନେ ଯୋଗଦାନ କରିଥିଲେ । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମ ବଲାଙ୍ଗୀର ସହରର ବିଭିନ୍ନ ୱାର୍ଡରେ ସିଧା ପ୍ରସାରଣ କରାଯାଇଥିଲା । ଇନ୍ଦିରାନଗରରେ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଯୋଗଦାନ କରିଥିଲେ । ମିଶନ ଶକ୍ତିର ସଦସ୍ୟା, କାଉନସିଲର ଏବଂ ପଡାବାସୀ ଉପସ୍ଥିତ ଥିଲେ ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ଲାଞ୍ଜିଗଡ଼,୬।୭(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ଉପର ଦମାଘାଟିଠାରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ସ୍ଥାନୀୟ ପୋଲିସ ଜବତ କରିଛି । ମୃତ ମହିଳାଙ୍କ ନାଁ ପାର୍ବତୀ ସିଂ ଓରଫ ହରିଜନ (୨୨) । ସୂଚନା ଅନୁସାରେ ବାଲେଶ୍ୱର ଜିଲାର ମୁନା ସିଂ ନାମକ ଯୁବକ ଉପର ଦମାଘାଟିଠାରେ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଚେମୁ ହରିଜନ ଘରେ ରହୁଥିଲେ । ସୂଚନାନୁସାରେ ମୁନା ସିଂଙ୍କୁ ଚେମୁ ପୋଷ୍ୟ ଭାଇ ଭାବେ ରଖିଥିଲେ । ୨୦୧୬ରେ ଚେମୁଙ୍କ ମୃତ୍ୟୁ ପରେ ମୁନା ମୃତ ଚେମୁ ଘରେ ମୃତ ଚେମୁଙ୍କ ସ୍ତ୍ରୀ ମଙ୍ଗଳବାରି ସହିତ ରହୁଥିଲେ । ମୁନା ସିଂ ବାଲେଶ୍ୱର ଏକ ଇଟା ଭାଟିରେ କାମ କରୁଥିବା ବେଳେ ସେହି ସ୍ଥାନରେ ପାର୍ବତୀ ସିଂଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ପରେ ମୁନା ପାର୍ବତୀଙ୍କୁ କେରଳ ନେଇ ୪ ମାସ କାମ କଲା ପରେ ଉପରଦମାଘାଟିକୁ ଆସି ପାର୍ବତୀ ସହିତ ରହିଥିଲେ । ପାର୍ବତୀ ବୁଧବାର ସନ୍ଧ୍ୟାରେ ଘରୁ ବାହାରି ଫେରି ନ ଥିଲେ । ଗୁରୁବାର ସକାଳୁ ନିକଟସ୍ଥ ପାହାଡ଼ ପାଖ ଗଛରେ ଝୁଲନ୍ତା ଅବସ୍ଥାରେ ମିଳିଥିଲା । ଲାଞ୍ଜିଗଡ଼ ପୋଲିସ ଓ ସାଇଣ୍ଟିଫିକ ଟିମ ମୃତଦେହ ଜବତ କରିଛି ।

# ଅଧାପନ୍ତରିଆ ଡ୍ରେନ୍, ଘରେ ପଶିଲା ବର୍ଷାପାଣି

**ଭବାନୀପାଟଣା,୬।୭(ଉତ୍ତମ କୁମାର ଦାଶ)**

ରାସ୍ତା ଭଲ ହେଲା ମାତ୍ର ନିର୍ମାଣାଧୀନ ଡ୍ରେନ ଲୋକଙ୍କ ପାଇଁ ଦୁର୍ଦ୍ଦଶା ପାଲଟିଛି । ଏଭଳି ସମସ୍ୟା ଦେଖା ଦେଇଛି କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ୧୩୦ସି ରାଜରାସ୍ତା କଡ଼ରେ ଥିବା ଛିଲପା ଗ୍ରାମରେ । ଅଧାପନ୍ତରିଆ ଡ୍ରେନ ନିର୍ମାଣ କାମ ଯୋଗୁ ରାସ୍ତା କଡ଼ରେ ଥିବା ଘରଗୁଡ଼ିକ ପାଣିରେ ବୁଡି ଯାଉଥିବା ନେଇ ଗ୍ରାମବାସୀ ଜାତୀୟ ରାଜପଥ ୧୩୦ସି ନିର୍ମାଣ କରୁଥିବା ଠିକା ସଂସ୍ଥା ଓ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଲିଖିତ ଭାବରେ ଜଣାଇଥିଲେ । ହେଲେ କୌଣସି ପ୍ରତିକାର ନ ହେବାରୁ ଗୁରୁବାର ଗ୍ରାମବାସୀ ଓଡ଼ିଶା ଛତିଶଗଡ ରାସ୍ତା ଜାତୀୟ ରାଜପଥ ୧୩୦ସି ଦୀର୍ଘ ୪ ଘଣ୍ଟା ଅବରୋଧ କରିଥିଲେ । ଫଳରେ ଉକ୍ତ ରାସ୍ତାରେ ଗମନାଗମନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥଲା । ଖବର ପାଇ ଧର୍ମଗଡ ତହସିଲଦାର ହରେକୃଷ୍ଣ ବରିହା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀମାନଙ୍କୁ ବୁଝାଶୁଝା କରିବା ସହ ସମାଧାନର ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ । ଏଠାରେ ପ୍ରକାଶ ଥାଉକି ଯେ, ଜାତୀୟ ରାଜପଥ ୧୩୦ସି ବଲଦିଆମାଲଠାରୁ ଛତିଶଗଡ଼ ସୀମାନ୍ତ ପର୍ଯ୍ୟନ୍ତ ରାସ୍ତା କାମ ରାଜଲକ୍ଷ୍ମୀ ଠିକା ସଂସ୍ଥା ନିର୍ମାଣ କରୁଥିବା ବେଳେ ଏହି ରାସ୍ତା ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ଅଧୀନରେ ରହିଛି । ରାସ୍ତା ନିର୍ମାଣ ଦିନଠାରୁ ରାସ୍ତା ତିଆରି ଶେଷ ହେଉ ଥିଲେ ବି ନିର୍ମାଣ ସ୍ଥଳରେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତି ରହୁ ନ ଥିବା ଯୋଗୁ ଠିକା ସଂସ୍ଥା ନିଜ କାମକୁ ମନମାନି କରୁଥିବା ଦେଖିବାକୁ ମିଳିଛି । ରାସ୍ତା ନିର୍ମାଣ ପୂର୍ବରୁ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ହେବା ପରେ ରାସ୍ତା ହେବା କଥା । କିନ୍ତୁ ଡ୍ରେନ କାର୍ଯ୍ୟ ପରେ ନିର୍ମାଣ ହେଉଥିବା ଯୋଗୁ ଗ୍ରାମବାସୀ ଏଭଳି ସମସ୍ୟା ଭୋଗୁଛନ୍ତି । ପ୍ରଶାସନ ଏହି ସମସ୍ୟା ପ୍ରତି ଯତ୍ନବାନ ନ ହେଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନ ତୀବ୍ରତର ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।



ଛିଲପା ଗ୍ରାମବାସୀଙ୍କ ରାସ୍ତାରୋକୋ ।

**ପ୍ରତିବାଦରେ ଗ୍ରାମବାସୀଙ୍କ ରାସ୍ତା ରୋକୋ**

# ଜିଲାସ୍ତରୀୟ ୭୪ ତମ ବନ ମହୋତ୍ସବ

**ବଲାଙ୍ଗୀର, ୬।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ବନବିଭାଗ ପକ୍ଷରୁ ଗୁରୁବାର ନୂଆ ଡିଏଫ୍‌ଓ ଅଫିସ ପରିସରରେ ୭୪ ତମ ଜିଲାସ୍ତରୀୟ ବନମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦୁଲିପ୍ ସିସିଏଫ୍ ହର୍ଷବର୍ଦ୍ଧନ ଉଦ୍‌ଗାତା, ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ପୋଲିସ ଅଧୀକ୍ଷକ ସୁରେଶ ନାଏକ, ବଲାଙ୍ଗୀର ବନଖଣ୍ଡ ଅଧିକାରୀ ନୀତିଶ କୁମାର, ଜିଲାର ବରିଷ୍ଠ ଜିଲାସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥିମାନଙ୍କ ସଂକ୍ଷିପ୍ତ ଭାଷଣ ପରେ ମିଆୱାକି ମଡେଲ ବ୍ୟବହାର କରି କ୍ୟାମ୍ପସରେ ଏକ ଆନୁଷ୍ଠାନିକ ବୃକ୍ଷରୋପଣ କରାଯାଇଥିଲା । ଗତ ୧ ଜୁଲାଇଠାରୁ ବନବିଭାଗ ୧୧ଟି ରେଞ୍ଜ ସହାୟତାରେ ଜିଲାର ବିଭିନ୍ନ ସ୍ଥାନରେ ୧ଲକ୍ଷରୁ ଅଧିକ ଚାରାରୋପଣ କରିଥିବା ସୂଚନା ଦିଆଯାଇଥିଲା । ଚାରାରୋପଣ ପରେ ଚଳିତ ବର୍ଷ ଜିଲାରେ ୧୩.୯୬ଲକ୍ଷ ବିହନ ବୁଣିବାର ଲକ୍ଷ୍ୟ ନିକଟତର ହୋଇଛି ବୋଲି ସୂଚନା ଦିଆଯାଇଥିଲା । ଡିଏଫ୍‌ଓ କୁମାର ତାଙ୍କ ବକ୍ତବ୍ୟରେ ଜିଲାର ପରିବେଶ ସୁରକ୍ଷା ଦିଗରେ ବନବିଭାଗ କିଭଳି କାର୍ଯ୍ୟ କରିଛି କହିଥିଲେ । ଜଙ୍ଗଲ ସୁରକ୍ଷା, ପରିବେଶ ଏବଂ ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ଭିଏସଏସ, ଶିକ୍ଷାନୁଷ୍ଠାନ ଏବଂ ବନ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ମିଆୱାକି ମଡେଲରେ ହେଲା ବୃକ୍ଷରୋପଣ

ସିସିଏଫ୍ ହର୍ଷବର୍ଦ୍ଧନ ଉଦ୍‌ଗାତା ନୂଆ ଡିଏଫ୍‌ଓ କ୍ୟାମ୍ପସରେ ବୃକ୍ଷରୋପଣ କରୁଛନ୍ତି ।



# ଟ୍ରକ୍ ଧକ୍କାରେ ଚାଲିଗଲା ଜୀବନ

**ନୂଆପଡା/କୋମନା,୬।୭(ମକାରୁ ବେମାଲ/ସୋବିନ ଛତ୍ରିଆ):**

**ଡାକ୍ତରଖାନାରୁ ସୁସ୍ଥ ହୋଇ ଫେରୁଥିଲେ**

ନୂଆପଡା ଜିଲା କୋମନା ଥାନା ଅନ୍ତର୍ଗତ ଉଦ୍ୟାନବନ୍ଧ ଦୁର୍ଗା ମଣ୍ଡପ ସମ୍ମୁଖରେ ୩୫୩ ନଂ. ଜାତୀୟ ରାଜପଥ ଉପରେ ବାଇକ୍ ପଛପଟେ ଟ୍ରକ୍ ଧକ୍କା ଦେବାରୁ ଜଣକର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ଗୁରେଶ୍ୱର ପଞ୍ଚାୟତ ରେଙ୍ଗଗାଁର ଚନ୍ଦ୍ରକାନ୍ତି ନାଗ (୫୪) । ମୃତକ ରାୟପୁରର ଏକ ଘରୋଇ ଡାକ୍ତରଖାନାରୁ ସୁସ୍ଥ ହୋଇ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି । ଆହତ ୨ଜଣ ସେହି ଗାଁର ଗୋକୁଲା ଶବର (୩୫) ଓ ଲିପି ନାଗ (୨୨) । ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୋକୁଲା ଚିକିତ୍ସିତ ହେଉଥିବା ବେଳେ ଲିପି ସୁସ୍ଥ ହୋଇ ଘରକୁ ଫେରି ଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁସାରେ ରେଙ୍ଗଗାଁର ଚନ୍ଦ୍ରକାନ୍ତି ଅସୁସ୍ଥ ଥିବାରୁ ରାୟପୁରର ଏକ ଘରୋଇ ଡାକ୍ତଖାନାରେ ଭର୍ତ୍ତି ହୋଇଥିଲେ । ସୁସ୍ଥ ହେବାରୁ ମା' ଚନ୍ଦ୍ରକାନ୍ତିଙ୍କୁ ନେଇ ଝିଅ ଲିପି ଏକ ବସ ଯୋଗେ ଗାଁକୁ ଫେରୁଥିଲେ । ଉଭୟଙ୍କୁ ନେବା ପାଇଁ ଚନ୍ଦ୍ରକାନ୍ତିଙ୍କ ୨ଜଣ ଭଣଜା ୨ଟି ବାଇକ୍‌ରେ ଉଦ୍ୟାନବନ୍ଧ ବସଷ୍ଟାଣ୍ଡକୁ ଆସଥିଲେ । ଗୋଟେ ବାଇକ୍‌ରେ ଜିନିଷପତ୍ର ନେଇ ଜଣେ ଯାଇଥିବା ବେଳେ ଅନ୍ୟ ଏକ ବାଇକ୍‌ରେ ଗୋକୁଳା ଚନ୍ଦ୍ରକାନ୍ତି ଓ ଲିପିଙ୍କୁ ବସାଇ ଗାଁକୁ ନେଉଥିଲେ । ଏହି ସମୟରେ କୋମନା ପଟୁ ଆସୁଥିବା ଏକ ମାଲବାହୀ ଟ୍ରକ୍ ବାଇକ୍‌ର ପଛପଟେ ଧକ୍କା ଦେବାରୁ ବାଇକ୍‌ରେ ବସିଥିବା ୩ଜଣ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ । ଉଦ୍ୟାନବନ୍ଧର ୨ଜଣ ବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚି କୋମନା ପୋଲିସକୁ ଖବର ଦେବା ସହ ଆମ୍ବୁଲାନ୍ସ ଡାକି କୋମନା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ଚନ୍ଦ୍ରକାନ୍ତିଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ କୋମନା ଥାନାରେ ଏକ ମାମଲା (ନଂ.୧୮୮/୨୩) ରୁଜୁ ହୋଇଛି ।


## GOVERNMENT OF ODISHA
## SCHOOL & MASS EDUCATION DEPARTMENT

Letter No. 15968/SME, Date: 03.07.2023

**QUOTATION/TENDER CALL NOTICE**

**No.n-117:-** Sealed quotations are invited from reputed firms/agencies/business partners through Courier Service/ Speed Post/ Registered Post/ by hand for procurement of WEP Printronix P8C500N Line Matrix Printer. **The Quotations complete in all respect should reach the undersigned on or before 14.07.2023 by 11.00 A.M.** For details please visit our Departmental website: sme.odisha.gov.in. The undersigned reserves the right to reject or cancel any or all the tenders without assigning any reason thereof.

**Sd./- Additional Secretary to Govt.**
**S&ME Department**

OIPR-27001/11/0007/2324

## "e"-PROCUREMENT NOTICE
### GOVERNMENT OF ODISHA
### WORKS DEPARTMENT

E-mail: eeqcctc@gmail.com

**Bid Identification No.01/QC, CTC/2023-24**

**No.B-429:**1.Superintending Engineer O/o Executive Engineer, Quality Control (R&B) Division, Cuttack, on behalf of Governor of Odisha, invites online bids/ tenders from eligible reputed/ISO Certified laboratory equipment manufacturers or their authorized distributors /dealers in double cover system for supply of various laboratory equipment/ machineries for Central laboratory of Quality Control (R&B) Division, Cuttack under Quality Control (R&B) Division, Cuttack including their installation, commissioning & operational training under terms and conditions contained in the bid document.

2. Cost of Tender Paper : Rs. 6000.00
3. Availability of bid document on in the website : From 10.00 A.M. of 10.07.2023 to 5.00 PM of 24.07.2023
4. Date of opening of Bid : Dt.25.07.2023 at 11.30 AM
5. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

Sd./- Superintending Engineer
OIPR-34119/11/0001/2324 Quality Control (R&B) Division, Cuttack

GOVERNMENT OF ODISHA
## ST & SC DEVELOPMENT, MINORITIES & BACKWARD CLASSES WELFARE DEPARTMENT, ODISHA
### OFFICE OF THE PROJECT ADMINISTRATOR
### INTEGRATED TRIBAL DEVELOPMENT AGENCY, RAIRANGPUR

**e-Procurement Notice**

**Bid Identification No. 02/ITDA (RRP) 2023-24**

**No. 927//2023-ITDA, RRP** **Dated: 05.07.2023**

No. CAD-1165: Bid documents consisting of works, Tender Value, Cost of Tender Paper, Bid Security, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. **"www.tendersodisha.gov.in"**.

| | | | |
|---|---|---|---|
| 01. | Name of the work | : | Civil works as mentioned in DTCN |
| 02. | No. of Works | : | 9 (Nine) Numbers only |
| 03. | Estimated Cost | : | Rs.5.00 Lakhs to Rs.56.00 Lakhs |
| 04. | Period of Completion | : | 4 (Four) Calendar Months to 9 (Nine) Calendar Months as per work category |
| 05. | Date & Time of availability of bid document in the portal | : | 07.07.2023 at 10.00 A.M. to 26.05.2023 05.30 hours |
| 06. | Last date for receipt of bids in the portal | : | 26.07.2023 till 5.30 hours |
| 07. | Bid received Online shall be opened on | : | 27.07.2023 at 11.00 hours onwards respectively |
| 08. | Name and address of the Officer Inviting Bid | : | Project Administrator, I.T.D.A., Rairangpur |

Further details can be seen from the **"www.tendersodisha.gov.in"**.

**Sd./- Project Administrator**
**OIPR-26041/11/0003/2324** **I.T.D.A., Rairangpur**

## OFFICE OF THE BALASORE BHADRAK URBAN TRANSPORT TRUST (BBUTT), BALASORE

**Tel & Fax No. 06782-251222, e-mail:-ceo.bbutt@gmail.com**
**No.105, Date:01.07.23**

**NOTICE INVITING TENDERS**

**No.C-748:**Request for Proposal (RfP) for engagement of operators for operation and maintenance of 06 (Six) no's of Electric Buses service in Balasore and periphery of Balasore district.

Balasore Bhadrak Urban Transport Trust (BBUTT) invites tender from reputed companies/firms for operation and maintenance of electric buses operation in Balasore Town and their periphery i.e. Remuna, Industrial area and BRIT.

The detailed terms and conditions are given in the RfP which can be downloaded from the website www.urbanodisha.gov.in and www.baleswar.nic.in from 05.07.2023 onwards. The RfP documents will be submitted to the office of the Chief Executive Officer(CEO), Balasore Bhadrak Urban Transport Trust (BBUTT) At- Balasore Municipality, Balasore, Odisha along with a non-refundable demand draft of Rs.10,000/- (Rupees Ten Thousand) only in favour of the Chief Executive Officer (CEO), Balasore Bhadrak Urban Transport Trust (BBUTT) payable at Balasore towards bid documents.

Schedule of bidding activities:-Bid applications along with other relevant documents should be submitted through **Registered Post/Speed Post/directly to Balasore Municipality** in sealed envelope on or before the due date mentioned below. Selected bidder to submit the route chart and bus stops.

| Activities | Date & Amount (In Rs.) |
|---|---|
| Minimum Quoted Price (Per Month for each e-Buses) excluding other charges | Rs.30,000/- |
| Security deposit for Ganeswarpur Bus Stand | Rs.5,00,000/- |
| Security deposit for Buses | Rs.15,00,000/- |
| Minimum Quoted price for Bus Stand (per month) | Rs. 50,000/- |
| Total cost of bid documents (Non refundable) | Rs.10,000/- |
| Issue of RfP documents | 05.07.2023 |
| Pre bid meeting at O/o the CEO, BBUTT | 15.07.2023 |
| Last date for receipt of bids | 04.08.2023 |
| Opening of Technical bid | 05.08.2023 |
| Opening of Financial bid | To be intimated later. |

**NB:- The undersigned has power to cancel the tender process at any time.**
Contact person for any clarification and detail Chief Executive Officer, BBUTT, E MAIL-ceo.bbutt@gmail.com

**Sd./- Chief Executive Officer, BBUTT-cum-**
**Cell-9439977799** **Executive Officer, Balasore Municipality**
**8861094181** **OIPR-13154/11/0017/2324**

## "e"-PROCUREMENT NOTICE
### GOVERNMENT OF ODISHA
### WORKS DEPARTMENT

E-mail: eeqcrandbbbsr@gmail.com

**Bid Identification No.DDR/RDQP-01/2023-24**

**No.B-427:**1.Deputy Director, Research, R.D.&Q.P. (R&B),Odisha, Bhubaneswar, on behalf of Governor of Odisha, invites online bids/ tenders from eligible reputed/ISO Certified laboratory equipment manufacturers or their authorized distributors /dealers in double cover system for supply of various laboratory equipment/ machineries for Central laboratory of R&B Division, Bhubaneswar under Deputy Director, Research, R.D.&Q.P(R&B), Odisha, Bhubaneswar during the financial year 2023-24 including their installation, commissioning & operational training under terms and conditions contained in the bid document.

2. Cost of Tender Paper : Rs. 6000.00
3. Availability of bid document on in the website : From 11.00 A.M. of 11.07.2023 to 5.30 PM of 18.07.2023
4. Date of opening of Bid : Dt.19.07.2023 at 11.00 AM
5. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

Sd./- Deputy Director, Research
OIPR-34167/11/0004/2324 RD&QP (R&B), Odisha

## OFFICE OF THE SUPERINTENDING ENGINEER
## BHUBANESWAR (R&B) DIVISION NO-III, BHUBANESWAR

bbsrrandb03@yahoo.com

**60Estg.No - 4550** **Date – 03.07.2023**

**Government of Odisha "e"-Procurement Notice No (7) of 2023-24**

No. B-432:- **Bid Identification No: - C.C. (R&B) 03**

| | | |
|---|---|---|
| 1 | Name of the Work | Road & Building Works |
| 2 | Total No of works | 4 Nos. work |
| 3 | Estimated Cost | i) Rs. 21,02,000.00, ii) Rs.38,20,500.00 iii) Rs.10,17,000.00, iv) Rs.33,00,000.00 |
| 4 | Class of Contractor | Sl. No. 1, 2, 4, - "C" & "B" & Sl. No. 3 - "D" & "C" |
| 5 | Period of Completion | Sl. No.1 &2 - 2 (Two) Calendar Months, Sl. No. 3 & 4 - 1 (One) Calendar Month |
| 6 | Type of Tender | Single Cover System (Online) |
| 7 | Date & time of availability of bid document in the portal | From **07/07/2023 at 1.30 P.M. to 17/07/2023 upto 5.30 P.M.** |
| 8 | Last Date & Time for Receipt of bids in the Portal | **17/07/2023, upto 5.30 P.M.** |
| 9 | Name & Address of the Officer inviting Bid | Er. Gayatri Patel, Superintending Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal **https://tendersorissa.gov.in**

**N.B: Subsequent corrigendum / addendum if required shall be available in the website as indicated above.**

**Sd./- Superintending Engineer, Bhubaneswar (R&B) Division No III, BBSR**
OIPR-34089/11/0008/2324

## DISTRICT PROJECT OFFICE
## SAMAGRA SHIKSHA
## SUNDARGARH, ODISHA

**In front of B.S.High School**
**At/Po/Dist.-Sundargarh, Pin-770001**
**Email:dpcsndgssa.opepa@nic.in, Phone No.06622-273718**
**No.1943/GE/Date 05.07.2023**

**EXPRESSION OF INTEREST (EoI) IS INVITED FOR PROCUREMENT AND SUPPLY OF SCHOOL UNIFORM FOR CLASS 9TH & 10TH FROM MSE (MANUFACTURING UNITS) / WSHGs UNITS OF SUNDARGARH DISTRICT**

Expression of Interest are invited in prescribed format from the registered MSE Manufacturing units / WSHGs unit for supply of school uniform for Class 9th and 10th. The detailed terms and conditions for supply of uniform can be downloaded from the official website **www.sundergarh.nic.in.**

**By the order of Collector & DM, Sundargarh**
**Sd./- DEO-cum-DPC, SS**
**Sundargarh**

## VINDHYA VASINI HIGHER SECONDARY SCHOOL, PAIKMAL, DIST.- BARGARH

**WALK-IN-INTERVIEW**

Candidates having 55% Mark in P.G. may attend interview on Dt.13.07.2023 at 10.30 A.M.
For the post of Lecturer in Education & Mathematics.

**Sd./- Principal I/c-cum-Secretary**
**Mob.: 9776625018**

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ,ପଥରଚେପା, ବଲାଙ୍ଗିର
## ODISHA ADARSHA VIDYALAYA, PATHARCHEPA, BALANGIR

**At-Dhumamara, Po-Rajendra College, Dist.-Balangir, Pin-767002 (Odisha)**
**E-mail IDs:oavpatharchepa@gmail.com & balangir@oav.edu.in**
**CBSE Affiliation No.1520019, Udise Code 21240209702 School Code 17102**

**Letter No.474/OAVP/2023** **Date:04.07.2023**

**WALK-IN-INTERVIEW**

A Walk-In-Interview will be conducted on dt-11.07.2023 (Tuesday) at-11 AM in the premises of OAV Patharchepa, Balangir to prepare a Panel for engagement of following post on purely temporarily basis for the academic session 2023-24 against the vacant/leave vacancy post till the joining of the regular staff or till date 31.03.2024 whichever is earlier. The interested candidates below 65 years of age can attend the interview with their complete Bio-data and all Original Certificate of Qualification along with photocopies of the same.

| SN | Name of The Post | Total No. of Post | Essential Qualification | Consolidated Pay |
|---|---|---|---|---|
| 1 | PGT Economics | 01 | Master Degree in Concerned subject with B.Ed Desirable-CTET/OTET | Rs 25000/- |
| 2 | PGT Commerce | 01 | Master Degree in Concerned subject with B.Ed Desirable-CTET/OTET | Rs 25000/- |
| 3 | Art Teacher | 01 | Bachelor Degree in Fine Art from any recognized Institution. | Rs 20000/- |

For details visit District Website www.balangir.nic.in
No TA/DA will be given for attending the interview.

**Sd./- Principal**
**OAV, Patharchepa, Balangir**

## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, BARIPADA

**E-mail Id:serwcbaripada@gmail.com, Ph.No.06792-261343/261344,Gangraj, Baripada**
**Office Order No.3111/Dt.04.07.2023**

**1st Corrigendum to National Competitive Bidding e_Procurement Notice No.2967/Bridge Works Dt.21.06.2023**

**No.O-309:-** The amount put to tender in the annexure of N.C.B. No.-284/Bridge works are read as (Sl. No.2) Rs.569.07 Lakhs instead of 587.15 Lakhs, (Sl No.-3 Rs.667.93 Lakhs instead of Rs.706.74 Lakhs and (Sl. No.-4) Rs.777.09 Lakhs instead of Rs.784.47 Lakhs due to technical reason.

Due to unavoidable technical reason the important dates of tendering porcess for Bridge works are being changed as follows.

| Procurement Officer | Bid Identification No. | Availability of tender online for bidding | | | | Last date & time of seeking tender clarification | | Date & Time of Opening of Tender in O/o C.C.E. R.W. Circle, Baripada | | |
|---|---|---|---|---|---|---|---|---|---|---|
| | | From | | To | | | | Technical Bid | | Financial Bid |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| Chief Construction Engineer, Rural Works Circle, Baripada | Bridge Online N.C.B. No.284 | Previously fixed on Dt.29.06.2023 at 11.00 AM | Presently changed to Dt.15.07.2023 at 11.00 AM | Previously fixed on Dt.14.07.2023 upto 5.00 PM | Presently changed to Dt.29.07.2023 upto 5.00 PM | Previously fixed on Dt.13.07.2023 upto 5.00 PM | Presently changed to Dt.27.07.2023 upto 5.00 PM | Previously fixed on Dt.15.07.2023 at 11.00 AM | Presently changed to Dt.31.07.2023 at 11.00 AM | Will be intimated later |

All other terms and conditions are remain unchanged.
**Sd./- Er. S.K. Raut**
OIPR-25130/11/0010/2324 **Chief Construction Engineer, R.W.CIRCLE, BARIPADA**

## GOVERNMENT OF ODISHA
**No.O-311:**
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR

**1st Corrigendum Notice No. 1199 dtd.01.07.2023**

| | | | |
|---|---|---|---|
| 1. | Type of Corrigendum | : | Revised Annexure uploaded with NIT & Revised Schedule Date & Time as tabulated below. |
| 2. | Approximate revised estimated cost varies from | : | Rs.134.67 lakhs to Rs.316.78 lakhs. |
| 3. | **Other details are as follow** | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-07/2023-24 | 06.07.2023 at 11.00 A.M. | 20.07.2023 upto 5.00 PM | 19.07.2023 upto 5.00 PM | 21.07.2023 at 11.00 A.M. | The date will be intimated to the technically qualified bidders later on |

• Further details can be seen from the website **www.tendersodisha.gov.in**
• Any Corrigendum/Addendum will be displayed in the above e-tender website only.

**Sd./-D.K.Seth**
**OIPR-25118/11/0015/2324** **Chief Construction Engineer, R.W.Circle, Bolangir**

## ସଂକ୍ଷେପରେ

### ବିଷ ଖାଇ ଚିକିତ୍ସାଧୀନ ବୃଦ୍ଧ ମୃତ

**ରାଉରକେଲା,୬।୭(ଦିନେଶ ମିଶ୍ର):** ବିଷ ଖାଇ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଜେପି ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବରଗଡ ଅଞ୍ଚଳର ଜଣେ ବୃଦ୍ଧଙ୍କ ଗୁରୁବାର ମୃତ୍ୟୁ ହୋଇଛି। ମୃତ ବୃଦ୍ଧ ଜଣଙ୍କ ବରଗଡ ଟାଙ୍ଗରପାଲି ଅଞ୍ଚଳର ଚତୁର୍ଭୁଜ ସାହୁ(୬୨)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫୫।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଚତୁର୍ଭୁଜ ଗତ ୨୯ ତାରିଖରେ ପାରିବାରିକ କହଳକୁ ନେଇ କୀଟନାଶକ ଖାଇ ଦେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବରଗଡ ସରକାରୀ ଡାକ୍ତରଖାନାରୁ ରାଉରକେଲା ଜେପି ହସ୍ପିଟାଲକୁ ସ୍ଥାନ୍ତର କରାଯାଇଥିଲା। ସେଠାରେ ବୃଦ୍ଧ ଜଣଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ।

### ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

**କୁତ୍ରା,୬।୭(ଦେବାଶିଷ ସାହୁ):** ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ପ୍ରତ୍ୟେକ ବ୍ଲକକୁ ଆବର୍ଜନା ପକାଇବା ଗାଡ଼ି ଯୋଗାଇ ଦିଆଯାଇଥିଲା। କୁତ୍ରା ବ୍ଲକକୁ ୩ଟି ଆବର୍ଜନାବୁହା ଟେମ୍ପୁ ପ୍ରଦାନ କରାଯାଇଥିଲା। କିଛି ମାସ ଟେମ୍ପୁ ଗାଁଗାଁ ବୁଲି ଅଳିଆ ସଂଗ୍ରହ କରିଥିଲା। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ଏହା ବ୍ୟବହାର ହେଉଥିଲା। କୌଣସି ବ୍ୟକ୍ତି ଯେମିତି ବାହାରେ ଅଳିଆ ନ ପକାନ୍ତି ସେଥିପାଇଁ ବିଭିନ୍ନ ମଧମରେ ସଚେତନତା ମଧ କରାଯାଇଥିଲା। ହେଲେ ବର୍ଷେ ଭିତରେ ହଠାତ୍ ଗାଡ଼ିଗୁଡ଼ିକ କୁଆଡେ ଉଭାନ ହୋଇଗଲା। ଫଳରେ ଏବେ ଯୁଆଡ଼େ ଦେଖିବ କୁଢ଼କୁଢ଼ ଅଳିଆ ଆବର୍ଜନା ପଡ଼ି ରହିଛି। ଦୁର୍ଗନ୍ଧରେ ଫାଟିପଡୁଛି ଅଞ୍ଚଳ। ଚାରିଆଡ଼େ ଅଳିଆ ଆବର୍ଜନା ପଡିରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରି ନାନାବିଧ ରୋଗକୁ ଆମନ୍ତ୍ରଣ କରୁଛି। ଏ ଦିଗରେ ଜିଲାପାଳ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ କୁତ୍ରା ବିଡିଓ ରବୀନ୍ଦ୍ର କୁମାର ସେଠୀଙ୍କୁ ପଚାରିବାରୁ, ଜିଲା ପ୍ରଶାସନ ପକ୍ଷରୁ ଗାଡ଼ି ଗୁଡ଼ିକୁ ନିଆଯାଇଛି। ଏହା ବଦଳରେ ଏବେ ଟ୍ରଲି ବ୍ୟବହାର କରାଯିବ ବୋଲି ସେ କହିଛନ୍ତି।

### ବରିଷ୍ଠ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କୁଆଁରମୁଣ୍ଡା,୬।୭(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କୁମଝରିଆ ବାଳିକା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ହିନ୍ଦୀ ଶିକ୍ଷକ ବ୍ରଜ କିଶୋର ଶୁକ୍ଲାଙ୍କୁ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ଏକ ସଭାରେ ପ୍ରଧାନଶିକ୍ଷୟିତ୍ରୀ ଭାରତୀ ମଞ୍ଜରୀ ରଥ ଅଧକ୍ଷତା କରିଥିଲେ। ଶୁକ୍ଲାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ପ୍ରଧାନ ଶିକ୍ଷୟିତ୍ରୀ ରଥ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମନୋଜ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଦର୍ଶ ବିଦ୍ୟାଳୟରେ ନାମ ଲେଖାକୁ ନେଇ ଅସନ୍ତୋଷ

**କୁତ୍ରା,୬।୭(ଦେବାଶିଷ ସାହୁ)**



ବୁଢ଼ାକଟାଠାରେ ନିର୍ମାଣାଧୀନ ବିଦ୍ୟାଳୟ।

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପିଲାଙ୍କ ନାମ ଲେଖାକୁ ନେଇ ବୁଢ଼ାକଟା ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଓ ଜିଲା ଶିକ୍ଷା ବିଭାଗ ତାଙ୍କ ପ୍ରତି ବାରମ୍ବାର ଛଳନା କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ବିଦ୍ୟାଳୟ ଝାନପାଲିଠାରେ ନିର୍ମାଣ ହେବାର ଥିଲା। ହେଲେ ସେଠାରେ ଗ୍ରାମବାସୀ ପ୍ରବଳ ବିରୋଧ କରିବାରୁ ବୁଢ଼ାକଟାଠାରେ ବିଦ୍ୟାଳୟ ନିର୍ମାଣ ପାଇଁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିଲା। ତେବେ ସେଠାରେ ମଧ୍ୟ ପ୍ରଥମେ ପ୍ରବଳ ବିରୋଧ କରାଯାଇଥିଲା। ପରେ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ଗ୍ରାମର ବୁଦ୍ଧିଜୀବୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗ୍ରାମବାସୀଙ୍କ ପକ୍ଷରୁ କିଛି ସର୍ତ୍ତ ରଖାଯାଇଥିଲା। ବିଦ୍ୟାଳୟରେ ବୁଢ଼ାକଟା ତଥା ବିରିଙ୍ଗାଟୋଲି ପଞ୍ଚାୟତର ୧୦ ପ୍ରତିଶତ ପିଲାଙ୍କୁ ଆଗ୍ରାଧିକାର, ଉକ୍ତ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ ବୁଢାକଟା ଗ୍ରାମର ଲୋକଙ୍କୁ ନିଯୁକ୍ତି ଦେବା ଏବଂ ଗ୍ରାମର ଖେଳ ପଡ଼ିଆର ଉନ୍ନତି କରଣ କରିବାକୁ ଗ୍ରାମବାସୀ ସର୍ତ୍ତ ରଖିଥିଲେ। ଜିଲା ପ୍ରଶାସନ ସର୍ତ୍ତରେ ରାଜି ହେବା ସହିତ ତତ୍କାଳୀନ ଉପଜିଲାପାଳ ଲିଖିତଭାବେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେବା ପରେ ବିଦ୍ୟାଳୟ ନିର୍ମାଣ ପାଇଁ ଗ୍ରାମବାସୀ ରାଜି ହୋଇଥିଲେ। ମାତ୍ର ବର୍ତ୍ତମାନ ସେମାନଙ୍କ ୩ଟି ସର୍ତ୍ତ ମଧ୍ୟରୁ କେବଳ ଗୋଟିଏ ସର୍ତ୍ତ ପୂରଣ ହୋଇଥିବା ବେଳେ ଆଉ ୨ଟି ସର୍ତ୍ତ ପୂରଣ ହୋଇ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତବର୍ଷଠାରୁ ଅସ୍ଥାୟୀଭାବେ କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହୋଇଛି। ପୂର୍ବ ସର୍ତ୍ତ ମୁତାବକ ୧୦ ପ୍ରତିଶତ ବଦଳରେ ବର୍ତ୍ତମାନ ମାତ୍ର ୪ ଟି ପିଲାଙ୍କ ନାମ ଲେଖାଇବା ପାଇଁ ଗ୍ରାମବାସୀ ସୁପାରିସ କରିଥିଲେ ମଧ୍ୟ କୌଣସି ସୁଫଳ ମିଳ ନ ଥିଲା। ଏନେଇ ଗ୍ରାମବାସୀ ବାରମ୍ବାର ଜିଲା ଶିକ୍ଷା ବିଭାଗକୁ ଦୌଡୁଛନ୍ତି। କିନ୍ତୁ ଶିକ୍ଷା ବିଭାଗ ତାଙ୍କୁ ଭୁଆଁବୁଲାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତବର୍ଷ ମଧ୍ୟ ବାରମ୍ବାର ଦୌଡ଼ିବା ପରେ ୪ ଜଣ ପିଲାଙ୍କ ନାମ ଲେଖାଯାଇଥିଲା। ତେବେ ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଲିଖିତ ପ୍ରତିଶ୍ରୁତି ଅନୁସାରେ ଏହାର ସ୍ଥାୟୀ ସମାଧାନ କରିବା ପାଇଁ ସରପଞ୍ଚ ମୁକ୍ତା ନାଏକ, ପୂର୍ବତନ ସରପଞ୍ଚ ଆଶାନିର୍ମଳା ଡାଙ୍ଗ, ବେଦପ୍ରକାଶ କାକ, ରମେଶ ସରଙ୍ଗି, ବାବଲୁ ବରିହା, ଗଣେଶ୍ୱର ବେହେରା, ସୁନୀଲ କିଡୋ, ମାଙ୍ଗରା ମିଞ୍ଜ, ଡିଲେଶ୍ୱର ନାଏକ, ଚନ୍ଦ୍ର ସାହୁ, ଲିଙ୍ଗ କୁମୁରା, ପାତ୍ର ମାଝି, ଗୁଲବଦନ ଲାକ୍ରା, ସନୁଆ କଲସେରଙ୍କ ସହିତ ଅନ୍ୟାନ୍ୟ ଗ୍ରାମବାସୀ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ବିନ୍ଦ କରିବେ ବୋଲି ଦାବିକାରୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନଙ୍କୁ ପଚାରିବାରୁ, ୪ ଜଣ ପିଲାଙ୍କୁ ନାମ ଲେଖାଇବା ଅସମ୍ଭବ। କିନ୍ତୁ ୨ଜଣଙ୍କ ନାମଲେଖା ପାଇଁ ଜିଲାପାଳଙ୍କୁ ଜଣାଇଛନ୍ତି। ତାଙ୍କ ପାଖରୁ ଖବର ଆସିଲେ ନାମଲେଖା ହେବ ବୋଲି ସେ କହିଛନ୍ତି।

# ରୋଟାରୀ କ୍ଲବର ପଦ ସ୍ଥାପନା ଦିବସ



ସ୍ଥାପନା ଦିବସରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

**ସୁନ୍ଦରଗଡ଼,୬।୭(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ରୋଟାରୀ କ୍ଲବର ପଦ ସ୍ଥାପନା ଦିବସ ଜିଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ୨୦୨୩-୨୪ବର୍ଷ ପାଇଁ ରୋଟାରିଆନ ବାଳଗୋପାଳ ମିଶ୍ର ସଭାପତି ଓ ବିଶ୍ୱରଞ୍ଜନ ପୁରୋହିତ ସମ୍ପାଦକଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରୋଟାରୀ ଜିଲା ୩୨୬୧ର ଜିଲା ପ୍ରାନ୍ତପାଳ ରୋଟାରିଆନ ମନଜୀତ ସିଂ ଆରୋରା ଓ ସହକାରୀ ଜିଲା ପ୍ରାନ୍ତପାଳ ବିକାଶ ଅଗ୍ରୱାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ନୂତନ ସଭାପତି ଓ ସମ୍ପାଦକଙ୍କୁ ଶପଥପାଠ କରାଇଥିଲେ। ଏହି ଉତ୍ସବରେ ଜିଲା ୩୨୬୧ର ଜିଲା ସେକ୍ରେଟାରୀ ଜେନେରାଲ ରୋଟାରିଆନ ମଳୟ ମଣ୍ଡଳ ଓ ରୋଟାରିଆନ ମୁକେଶ ଭାଜିକ ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇଥିଲେ। ଚୈତାଳୀ ଦତ୍ତ ଉପସଭାପତି ଓ ଗଣେଶ ରୋହିଲା କୋଷାଧ୍ୟକ୍ଷଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଆରୋରା ରୋଟାରୀର ୫ଟି ଦିଗ ଉପରେ କହିବା ସହ ସେମାନଙ୍କ ସହଭାଗୀତା ଉପରେ ଆଲୋଚନା କରିଥିଲେ। ଏଥିସହ ସମାଜରେ ରୋଟାରୀ ଛବି କିଭଳି ଉଜ୍ଜ୍ୱଳ ରହିବ ସେ ନେଇ ସେମାନେ ପରାମର୍ଶ ଦେଇଥିଲେ। ନବ ନିଯୁକ୍ତ ସଭାପତି ଜିଲା ରୋଟାରୀ କ୍ଲବ ତରଫରୁ ଜନହିତକର କାର୍ଯ୍ୟକ୍ରମ ଓ ସ୍ୱାସ୍ଥ୍ୟଭିତ୍ତିକ ଅନେକ ପ୍ରକଳ୍ପ ଆରମ୍ଭ ହେବ ବୋଲି କହିଥିଲେ। ରୋଟାରିଆନ ଡ.ଚିରବ୍ରତ ଦତ୍ତ ଓ ସୁସ୍ମିତା ହୋତା ମଞ୍ଚ ପରିଚାଳନା କରିଥିଲେ। ଅତିରିକ୍ତ ଜିଲାପାଳ ତଥା କ୍ଲବର ସଦସ୍ୟ ଅଭିମନ୍ୟୁ ବେହେରା, ରୋଟାରିଆନ ଫୟାଜ ଅଲୀ, ପ୍ରତାପ ବେହେରା, ସମୀର କର, ଡାକ୍ତର ଦିଲୀପ କୁମାର ଷଡ଼ଙ୍ଗୀ, ସ୍ମିତାରାଣୀ ମିଶ୍ରଙ୍କ ସମେତ କ୍ଲବର ସଦସ୍ୟ ,ସହରର ମାନ୍ୟଗଣ୍ୟ ବ୍ୟକ୍ତି, ରାଉରକେଲା ରୋଟାରୀ କ୍ଲବର ବହୁ ସଦସ୍ୟମାନେ ଯୋଗ ଦେଇଥିଲେ। ପରେ କ୍ଲବର କୁନି କୁନି ପିଲା ଓ ସଦସ୍ୟମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ପ୍ରଭାତ ପଟେଲ, ସୁନିମି ପଟେଲ ଓ ପ୍ରବୀଣା ନାଏକ କ୍ଲବର ନୂତନ ସଦସ୍ୟତା ଗ୍ରହଣ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବିପତ୍ର



ସମିତି ସଭ୍ୟାସଭ୍ୟ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

**ହେମଗିର,୬।୭(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ କାର୍ଯ୍ୟାଳୟରେ ବ୍ଲକର ୧୯ ପଞ୍ଚାୟତର ସମିତି ସଭ୍ୟାସଭ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଓ ଜିଲାପାଳଙ୍କ ଜରିଆରେ ୮ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ମାସିକ ଭତ୍ତା ୧୫ହଜାରକୁ ବୃଦ୍ଧି କରିବା, ଅବସରକାଳୀନ ଭତ୍ତା ୧୦ହଜାର ଟଙ୍କା ପ୍ରଦାନ କରିବା, କାର୍ଯ୍ୟକାଳ ସମୟରେ ମୃତ୍ୟୁ ଘଟିଲେ ୫ଲକ୍ଷ ଟଙ୍କାର ଜୀବନ ବିମା ପ୍ରଦାନ କରିବା, ପ୍ରତି ପଞ୍ଚାୟତ କାର୍ଯ୍ୟାଳୟରେ ସମିତି ସଭ୍ୟାସଭ୍ୟଙ୍କ ପାଇଁ ଅଫିସ୍ ନିର୍ମାଣ କରିବା, ଉନ୍ନୟନ ମୂଳକ କାର୍ଯ୍ୟର ଲେଆଉଟ ଦେବା ସମୟରେ ସମିତି ସଭ୍ୟାସଭ୍ୟଙ୍କୁ ସୂଚନା ପ୍ରଦାନ କରିବା, ଉନ୍ନୟନ ମୂଳକ କାର୍ଯ୍ୟର ନିଷ୍ପତ୍ତି ଗ୍ରହଣ କରିବା ସମୟରେ ସମିତି ସଭ୍ୟାସଭ୍ୟଙ୍କୁ ସାମିଲ କରିବା ଆଦି ବିଭିନ୍ନ ଦାବି ଏହି ପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଅବସରରେ ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସା, ଉପାଧ୍ୟକ୍ଷ ସୌଦାମିନୀ ଡିଲା, ମାନସି ଦର୍ଜି, ସନ୍ତୋଷୀନ ପଣ୍ଡା, ଡିସେମ୍ବର ବାଗ, ପୁଲିନୋ ଲାକ୍ରା, ଡୁରୁବଗା ଅନୁପମା ମଲ୍ଲିକ, ଚୁଡାଣି ମାଝି ଉପସ୍ଥିତ ଥିଲେ।

### ମିଟର ବାଇପାସ୍ କରି ବିଦ୍ୟୁତ୍ ବ୍ୟବହାର

**ସବ୍‌ଡେଗା,୬।୭(ଅନନ୍ତ ପଟେଲ)**

ସୁନ୍ଦରଗଡ଼ ଜିଲା ସବ୍‌ଡେଗାରେ ଅନେକ ଲୋକ ଘରେ ମିଟର ବାଇପାସ୍ କରି ବିଦ୍ୟୁତ୍ ବ୍ୟବହାର କରୁଛନ୍ତି। କିଛି ବିଦ୍ୟୁତ୍ ବିତରଣ କର୍ମଚାରୀ ଅନେକ ଲୋକଙ୍କ ଘରେ ମିଟର ବାଇପାସ୍ କରାଇ ମୋଟା ଅଙ୍କର ଟଙ୍କା ରୋଜଗାର କରୁଥିବା ଉପଭୋକ୍ତା ଅଭିଯୋଗ କରିଛନ୍ତି। ଏ ବିଷୟରେ ଉପର କର୍ମଚାରୀଙ୍କୁ ଉପଭୋକ୍ତାମାନେ ଅଭିଯୋଗକଲେ ତଳ କର୍ମଚାରୀଙ୍କୁ ଖବର ମିଳିଯାଉଛି। ସେମାନେ ତରବରିଆଭାବେ ସେଠାକୁ ଯାଇ ସବୁ ଠିକ କରି ଦେଉଛନ୍ତି। ଉପର କର୍ମଚାରୀ ପହଞ୍ଚିବା ବେଳକୁ ସେଠାରେ ସବୁ ଠିକ ଥିବା ଦେଖିବାକୁ ମିଳୁଛି। ପରେ ପୁଣି ଯେମିତି କି ସେମିତି ରହୁଛି। ତେଣୁ କର୍ମଚାରୀ ଏକ ସ୍ୱତନ୍ତ୍ର ଟିମ୍ କରି ଘଟଣାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି। ସେହିପରି କିଛି ବିଦ୍ୟୁତ୍ ବିତରଣ କମ୍ପାନୀର କର୍ମଚାରୀ ମଧ୍ୟ ନିଜ ଘରେ ବାଇପାସ କରି ବିଜୁଳି ଜାଳୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଜେଇ ଦେବାଶିଷ ଦାସଙ୍କୁ ପଚାରିବାର, ଖୁବ ଶୀଘ୍ର ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# କଂଗ୍ରେସ ଗଡ଼ ବଜାୟ ରଖିବାକୁ ପରାମର୍ଶ



କଂଗ୍ରେସ କର୍ମୀ ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

**ସବ୍‌ଡେଗା,୬।୭(ଅନନ୍ତ ପଟେଲ)**

ତଳସରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଶଙ୍କରା ବ୍ଲକର ପ୍ରସିଦ୍ଧ ଶୈବ ପୀଠ ଶୁଖା ମହାଦେବ ମନ୍ଦିର ପରିସରରେ କଂଗ୍ରେସ କର୍ମୀ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ସଭାପତି ସୁଧାଂଶୁ ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ରାଜ୍ୟ କଂଗ୍ରେସ ଉପସଭାପତି ତଥା ରାଜଗାଙ୍ଗପୁର ବିଧାୟକ ଡା. ରାଜେନ ଏକ୍କା ଯୋଗଦେଇ ଥିଲେ। ଜନସାଧାରଣଙ୍କ ସେବା କର, ଲୋକଙ୍କ ସମସ୍ୟାରେ ସାମିଲ ହୁଅ, ଏକତ୍ରିତଭାବେ କାର୍ଯ୍ୟ କରି ଦଳର ଗଡ଼କୁ ବଜାୟ ରଖିବା ପାଇଁ କର୍ମୀମାନେ କଠିନ ପରିଶ୍ରମ କରିବାକୁ ସମସ୍ତଙ୍କୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପିସିସି କାର୍ଯ୍ୟକାରୀ କମିଟିର ସଭ୍ୟ ରାଜକିଶୋର ଷଡ଼ଙ୍ଗୀ, ଜିଲା କଂଗ୍ରେସ କମିଟି ସଭାପତି ଜନାର୍ଦ୍ଦନ ଦେହୁରୀ, ପୂର୍ବତନ ଜିଲା ସଭାପତି ବେଣୁ ମାଧବ ତ୍ରିପାଠୀ, ପିସିସି ସାଧାରଣ ସମ୍ପାଦକ ନିର୍ମଳ ନାଏକ, ଅମିତା ବିଶ୍ୱାଳ, ବରିଷ୍ଠ କଂଗ୍ରେସ ନେତା ଇଲିଆସ ତିର୍କୀ, ଗୋବିନ୍ଦ ଚନ୍ଦ୍ର ଭୋଇ , ମେଘନାଥ ନାଏକ, ଅନ୍ତୋନି କୁଲୁ, ସବ୍‌ଡେଗା ବ୍ଲକ ସଭାପତି ଶୁଭେନ୍ଦୁ ନାଏକ, ଲେଫ୍ରିପଡା ବ୍ଲକ କଂଗ୍ରେସ ସଭାପତି ଦିଲୀପ ସାହ, ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ କୁମାର ସା , ଭୁଲକି ସେଠ, କଳ୍ପନା ଆପଟ ଯୋଗଦେଇଥିଲେ। ତଳସରା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଗଡକୁ କିପରି ରକ୍ଷା କରି ଆଗାମୀ ୨୦୨୪ ନିର୍ବାଚନରେ ଦଳ ବିଜୟୀ ଲାଭ କରିବ ସେ ନେଇ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ବ୍ଲକର ୧୯ ପଞ୍ଚାୟତର ସକ୍ରିୟ କର୍ମୀମାନେ ଉପସ୍ଥିତ ଥିଲେ। ଶେଷରେ ବ୍ଲକ କଂଗ୍ରେସ ସଭାପତି ସୁଧାଂଶୁ ପଶାୟତ ଧନ୍ୟବାଦ ଦେଇଥିଲେ।

# ଅତିଷ୍ଠ କରୁଛି କାରଖାନା ପ୍ରଦୂଷଣ

**କୁଆଁରମୁଣ୍ଡା,୬।୭(ମହେନ୍ଦ୍ର କୁମାର ସାହୁ)**

କୁଆଁରମୁଣ୍ଡା ବସ୍ତିକୁ ଲାଗିକି ଥିବା କେତେକ ସ୍ପଞ୍ଜ ଆଇରନ କାରଖାନାର ବର୍ଜ୍ୟବସ୍ତୁ କୃତ୍ରିମ ପାହାଡ ପରି ଗଦା ହୋଇଛି। କାରଖାନାରୁ ବାହାରୁଥିବା ଚାରକୋଲ, କୋଇଲାଗୁଣ୍ଡ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ନ ଥିବାରୁ ବସ୍ତିବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ପବନ ହେଲେ ଗୁଣ୍ଡ ଉଡ଼ି ଘର, ଅଫିସ, ପନିପରିବା ଫସଲରେ କଳା ଆସ୍ତରଣ ଜମି ଯାଉଛି। ଉକ୍ତ ପନିପରିବା ଖାଇ ଲୋକେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଗୃହପାଳିତ ପ୍ରାଣୀମାନେ ମଧ୍ୟ କଳାଗୁଣ୍ଡର ଆସ୍ତରଣ ଥିବା ଘାସ, ଡାଳପତ୍ର ଇତ୍ୟାଦି ଖାଇ ରୋଗାକ୍ରାନ୍ତ ହେଉଛନ୍ତି। ସେହିପରି ବର୍ଷାଦିନେ ଉକ୍ତ ଚାରକୋଲ ପାହାଡ଼ ଧସି ନିକଟ ଚାଷ ଜମିରେ ମାଡି ଯାଉଥିବାରୁ ବ୍ୟାପକ ଫସଲ ମଧ୍ୟ ନଷ୍ଟ ହେଉଛି । ତେଣୁ ଏହାର ତୁରନ୍ତ ସମାଧାନ ପାଇଁ ବସ୍ତିବାସୀନ୍ଦା ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ କୁଆଁରମୁଣ୍ଡା, ନାଇକେନବାହାଲ, ତୁଟିଆଟୋଲା, ଲାଞ୍ଜିବେର୍ଣ୍ଣା, ପଦମପୁର, ଜଗଦୀଶପୁର ଆଦି ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି କହିଛନ୍ତି।

### ଏସ୍‌ଏଲ୍‌ସି ହଜିଥିବା ନେଇ ଥାନାରେ ଅଭିଯୋଗ

**କୁତ୍ରା,୬।୭(ଦେବାଶିଷ ସାହୁ)**

କୁତ୍ରା ଥାନା କର୍ମାବାହାଲ ଗ୍ରାମର ଜଣେ ଯୁବତୀଙ୍କ ଏସ୍‌ଏଲ୍‌ସି ସାର୍ଟିଫିକେଟ ହଜିଥିବା ଥାନାରେ ଅଭିଯୋଗ ହୋଇଛି। ଅନିମା ଲାକ୍ରା(୨୩) ୨୦୧୫ରେ ବିରିଙ୍ଗାଟୋଲି ଉଚ୍ଚବିଦ୍ୟାଳୟରୁ ୧୦ ଶ୍ରେଣୀ ପାସ କରିଛନ୍ତି। ସେ କୌଣସି କାର୍ଯ୍ୟରେ ବିରିଙ୍ଗାଟୋଲିକୁ ଆସିଥିବା ବେଳେ ରାସ୍ତାରେ ତାଙ୍କ ସାର୍ଟିଫିକେଟ ହଜିଯାଇଛି। ବର୍ତ୍ତମାନ ତାଙ୍କୁ ଉଚ୍ଚ ଶିକ୍ଷା ପାଇଁ ବହୁ ହଇରାଣ ହେବାକୁ ପଡୁଛି।

# ବରଙ୍ଗାକଛାର ହାଇସ୍କୁଲରେ ବନ ମହୋତ୍ସବ

**ବଡ଼ଗାଁ,୬।୭(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଇକୋ କ୍ଲବ ଓ ବନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରାଜେଶ୍ୱରୀ କାଲୋ, ବନ ବିଭାଗର ଇତମା ଫରେଷ୍ଟର ପ୍ରଜ୍ଞା ପରୀମିତା ସାମଲ, ଫରେଷ୍ଟ ଗାର୍ଡ ଶୁଭ୍ରଭାତି ଆଇନ୍ଦ୍, ମନ୍ଦିରା ମୁଣ୍ଡା ଅତିଥିଭାବେ ଯୋଗଦେଇ ଥିଲେ। ବର୍ତ୍ତମାନ ସମୟରେ ବୃକ୍ଷ ହାନି ଯୋଗୁଁ ଦେଖାଦେଉଥିବା ସମସ୍ୟା ଓ ଏହାର ନିରାକରଣ ଉପରେ ସେମାନେ ଆଲୋଚନା କରିଥିଲେ। ଫରେଷ୍ଟର ସାମଲ ପରିବେଶର ସ୍ଥିତିକୁ ନେଇ ସମୀକ୍ଷା କରି ବୃକ୍ଷ ରୋପଣ ଓ ତାର ଯତ୍ନ କିପରି ନିଆଯିବ ପିଲାଙ୍କୁ ବୁଝାଇଥିଲେ। ପ୍ରଧାନ ଶିକ୍ଷକ ଦୁବରାଜ୍ ଗୋଖରା ସଭାପତିତ୍ୱ କରିଥିବା ବେଳେ ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ସୁବାସ ଚନ୍ଦ୍ର ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ସରପଞ୍ଚ, ସ୍କୁଲ୍ ପରିଚାଳନା କମିଟି ସଦସ୍ୟ, ଅତିଥି, ସ୍କାଉଟ ଗାଇଡ ଛାତ୍ରୀଛାତ୍ର ଓ କର୍ମଚାରୀମାନେ ସବୁଜ ଶପଥ ନେଇଥିଲେ। ଏହାପରେ ବୃକ୍ଷ ରୋପଣ କରାଯାଇଥିଲା। ଶେଷରେ ଶିକ୍ଷକ ରାଜ କୁମାର ଓରାମ ଧନ୍ୟବାଦ୍ ଦେଇଥିଲେ।



ବନ ମହୋତ୍ସବ ଅବସରରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରଛାତ୍ରୀ।

# ‘ଜଙ୍ଗଲ ସୁରକ୍ଷା ଉପରେ ଜନ ଜାଗରଣ ସୃଷ୍ଟି କରାଯିବ’

**ସୁନ୍ଦରଗଡ଼,୬।୭(ଜୟନାରାୟଣ ମେଣ୍ଡୁଲି)**



ବୈଠକରେ ଉପସ୍ଥିତ ଅତିଥିଗଣ।

ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବିଭିନ୍ନ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଉଜ୍ଜଳପୁର ବନାଞ୍ଚଳର କତ୍ରା-ବୁଡାବାହାଲ ବନ ସୁରକ୍ଷା ସମିତି ପକ୍ଷରୁ ଜଙ୍ଗଲ ଓ ପରିବେଶ ସୁରକ୍ଷା ଉପରେ ଏକ ମେଗା ସଚେତନତା କାର୍ଯ୍ୟକ୍ରମ ତଥା ଶ୍ରମଦାନ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ ଗୁରୁବାର ହୋଇଥିଲା। ଜିଲା ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ବନ ମହୋତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ବନଖଣ୍ଡ ତରଫରୁ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ କହିଥିଲେ। ଗାଁ ଗାଁରେ ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷା ଉପରେ ଜନ ଜାଗରଣ ସୃଷ୍ଟି କରିବାକୁ ବନଖଣ୍ଡର ନିରନ୍ତର ପ୍ରୟାସ ଜାରି ରହିବ ବୋଲି ମିରାସେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସାମୂହିକ ଏକତା ଓ ସହଭାଗିତା ଦ୍ୱାରା ଆମର ବହୁମୂଲ୍ୟ ଜଙ୍ଗଲ ସମ୍ପଦର ସୁରକ୍ଷା ହୋଇପାରିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ବିଧାୟିକା କୁସୁମ ଟେଟେ ଯୋଗଦେଇ ଜଙ୍ଗଲ ଓ ପରିବେଶ ସହିତ ମହିଳାମାନେ ଓତଃପ୍ରୋତଃ ଭାବେ ଜଡିତ ଥିବା ବେଳେ ବହୁମୂଲ୍ୟ ଜାତୀୟ ସମ୍ପତ୍ତିର ସୁରକ୍ଷା ନିମନ୍ତେ ଆଗେଇ ଆସିବାକୁ ମହିଳାଙ୍କୁ ସେ ଆହ୍ୱାନ ଦେଇଥିଲେ। ଜଗନ୍ନାଥଙ୍କ ବିଗ୍ରହ ନିର୍ମାଣ ନିମନ୍ତେ ବୃକ୍ଷର ଆବଶ୍ୟକତା ଥିବାରୁ ପ୍ରତ୍ୟେକ ବୃକ୍ଷରେ ଜଗନ୍ନାଥଙ୍କ ବାସସ୍ଥାନ ରହିଛି ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ସୁନ୍ଦରଗଡ ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ (ଅନୁସନ୍ଧାନ) ଇଂ.ଦାମୋଦର ଦେହୁରିଆ ଯୋଗଦାନ କରି ବୃକ୍ଷରୋପଣକୁ ଏକ ନିଶାଭାବେ ଗ୍ରହଣ କରି ଏହାର ଯତ୍ନ ନିମନ୍ତେ ନିରନ୍ତର ପ୍ରୟାସ ଜାରି ରଖିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ କତ୍ରା-ବୁଡାବାହାଲ ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟଙ୍କ ଦ୍ୱାରା ଗାଁ ଜଙ୍ଗଲକୁ ଲାଗିଥିବା ଏକ ଜମିରେ ୫୦୦ ଚାରା ରୋପଣ କରାଯାଇଥିଲା। ଆଗାମୀ ସପ୍ତାହେ ଭିତରେ ଆହୁରି ୫୦୦ ଚାରା ରୋପଣ କରାଯିବ ବୋଲି ବନ ସୁରକ୍ଷା ସମିତିର ସଭାପତି ବସନ୍ତ ପୃଷେଠ ସୂଚନା ଦେଇଛନ୍ତି। ଉଜ୍ଜଳପୁର କ୍ଷେତ୍ର ପରିଚାଳନା ଏକକର ଟିମ୍ ମୁଖ୍ୟ ଦିଗାମ୍ବର ଉପାଧ୍ୟାୟ କାର୍ଯ୍ୟକ୍ରମ ସଂଯୋଜନା କରି ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ଦ୍ୱାରା ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ଉପସ୍ଥାପନା କରିବା ସହ ଚଳିତ ବନ ମହୋତ୍ସବରୁ ଉଜ୍ଜଳପୁର ବନାଞ୍ଚଳର ପ୍ରତ୍ୟେକ ବନ ସୁରକ୍ଷା ସମିତିରେ ସ୍ମରଣୀୟ ବୃକ୍ଷରୋପଣ ଅଭିଜାନ ଆରମ୍ଭ କରାଯାଇଛି ବୋଲି କହିଥିଲେ। ଏହି ଅଭିଜାନରେ ପ୍ରତ୍ୟେକ ବନ ସୁରକ୍ଷା ସମିତି ସ୍ତରରେ ଜନ୍ମ, ମୃତ୍ୟୁ, ଜନ୍ମ ଦିବସ, ବିବାହ ବାର୍ଷିକୀ ତଥା ତିରୋଧାନ ଦିବସ ଆଦି ଗୁରୁତ୍ୱପୂର୍ଣ୍ଣ ଦିବସରେ ଗୋଟିଏ ଲେଖାଏଁ ବୃକ୍ଷରୋପଣ କରିବାକୁ ଗାଁ ଗାଁ ରେ ଘରେ ଘରେ ସଚେତନ କରାଯିବ ବୋଲି ଉପାଧ୍ୟାୟ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ପ୍ରେମସାଗର ନାଏକ, ବନପାଳ ହେମବତୀ ସିଂ ଓ ସନ୍ତୋଷିନୀ ସାହାଣୀ, ବନରକ୍ଷୀ ଚାନ୍ଦନୀ ଦେହୁରିଆ, ମେଘଡେଗା ସମିତି ସଭ୍ୟା କୁମୁଦିନୀ ମାଝି, ଯୁବନେତା ଓ ସାମାଜିକ କର୍ମୀ ସଞ୍ଜୀବ ସିଂ ଓ ମିତ୍ରଭାନୁ ସେଠ ଯୋଗଦେଇଥିଲେ। ଏହି ଅବସରରେ ସହଯୋଗୀ ଅନୁଷ୍ଠାନ ସେବକର ଟିମ୍ ମୁଖ୍ୟ ଦିଗାମ୍ବର ଉପାଧ୍ୟାୟ, ଉନ୍ନୟନ ଅଧିକାରୀ ହରିପ୍ରିୟା ନାଏକ ଓ ମନୋରଞ୍ଜନ ମଲ୍ଲିକଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ସେମାନଙ୍କ ନିରନ୍ତର ସହଯୋଗ ଓ ମାର୍ଗଦର୍ଶନ ନିମନ୍ତେ ବୁଡାବାହାଲ ବନ ସୁରକ୍ଷା ସମିତି ତରଫରୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବନ ସୁରକ୍ଷା ସମିତିର ବସନ୍ତ ପୃଷେଠ, ମଦନ ମୋହନ ଡେଲକି, ସୁଷମା ଭୋଇ, ଝିନା ବଡେକ, ଗଣେଷ ନାଏକ, ରବିରତ୍ନ ଭୋଇ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୨ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ

**ଦେଓଗାଁ,୬।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ କରୁଆଁଝର ଓ ସାରସମାଲରେ ୨ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ସୁଶୀଲ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ କଳିକେଶ ନାରାୟଣ ସିଂହଦେଓ ଯୋଗଦେଇ କରୁଆଁଝରଠାରେ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ସାରସମାଲଠାରେ ୧୦ଲକ୍ଷ ବ୍ୟୟରେ ହେବାକୁଥିବା ସାଧାରଣ ସୁବିଧାକେନ୍ଦ୍ର କୋଠାର ଶିଳାନ୍ୟାସ ଦିଆଯାଇଥିଲା । ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ମମତା କୁମୁରା, ସୁମତି ସେଠ, ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ, ସ୍ଥାନୀୟ ସମିତି ସଭ୍ୟା ସୁପ୍ରଭା ସିଂ, ସାରସମାଲ ସମିତି ସଭ୍ୟା ପଙ୍କଜିନି ଖମାରୀ ଯୋଗଦେଇଥିଲେ। ନିମନ୍ତ୍ରୀତ ଅତିଥିଭାବେ ରାଜପ୍ରତାପ ସିଂଦେଓ, ଅନ୍ତର୍ଯ୍ୟାମୀ ଭୋଇ, ଅଚ୍ୟୁତ ମିଶ୍ର, ସୁଧିର ବେହେରା, ଚିତ୍ରସେନ ପଧାନ, ଟୁନା ଚାନ୍ଦ ଉପସ୍ଥିତ ଥିଲେ ।

### ମହିଳା ଗୋଷ୍ଠୀ ଗୃହର ଶିଳାନ୍ୟାସ

**ଦେଓଗାଁ,୬।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ କଲେଜ ଛକ ନିକଟ ଷ୍ଟେଶନପଡାରେ ୭.୨୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ମହିଳା ଗୋଷ୍ଠୀ ଗୃହର ଶିଳାନ୍ୟାସ ଗୁରୁବାର ଅନୁଷ୍ଠିତ ହୋଇଛି । ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ଜିଲା ପରିଷଦ ସଭ୍ୟା ସୁମତି ସେଠ ଯୋଗଦେଇ ଶୁଭ ଦେଇଥିଲେ । ସ୍ଥାନୀୟ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ସମିତି ସଭ୍ୟା ମୀନା କୁମାରୀ ସା , ବ୍ଲକ ବିଜୁ ଯୁବଜନତା ଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଆଜି ଝାରଖଣ୍ଡ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଆସିବେ

**ବଲାଙ୍ଗୀର,୬।୭ (ବୀରେନ୍ଦ୍ର କୁମାର ଝାଙ୍କର):** ଝାରଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଶୁକ୍ରବାର ବଲାଙ୍ଗୀର ଆସିବା କାର୍ଯ୍ୟକ୍ରମ ରହିଛି। ସେ ବଲାଙ୍ଗୀର ସହରରେ ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡିଛି। ଝାରଖଣ୍ଡ ହାଇକୋର୍ଟ ମୁଖ୍ୟବିଚାରପତି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ରଙ୍କ ପିତା ମାର୍କଣ୍ଡ ମିଶ୍ର ଓ ମାତା ଜ୍ୟୋତିର୍ମୟୀ ମିଶ୍ରଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସୋରେନ୍ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇବା କାର୍ଯ୍ୟକ୍ରମ ରହିଛି। ମିଳିଥିବା ସୂଚନା ମୁତାବକ ମୁଖ୍ୟମନ୍ତ୍ରୀ ସୋରେନ୍ ରାଞ୍ଚି ସ୍ଥିତ ବିର୍ସାମୁଣ୍ଡା ଉଡାଜାହାଜ ପଡିଆରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ସେ ବଲାଙ୍ଗୀର ଜିଲା ତୁଷରା ସ୍ଥିତ ଉଡାଜାହାଜ ପଡିଆକୁ ଆସିବେ। ସେଠାରୁ ସେ ହୋଟେଲ ସେଲିବ୍ରେସନ୍‌କୁ ଆସି ଦ୍ୱାଦଶାହ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ସେ ପୁଣି ତୁଷରା ଫେରିଯାଇ ସେଠାରୁ ରାଞ୍ଚି ଅଭିମୁଖେ ଗସ୍ତ କରିବେ ବୋଲି ଜଣାପଡିଛି। ବଲାଙ୍ଗୀର ଟିକ୍ରାପଡା ସ୍ଥିତ ଘରେ ଗତ ଜୁନ୍ ୧୭ ତାରିଖରେ ଝାରଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ମିଶ୍ରଙ୍କ ମାତା ଜ୍ୟୋତିର୍ମୟୀଙ୍କ ବିୟୋଗ ଘଟିଥିଲା। ଏହାପରେ ଗତ ୨୬ ଜୁନ୍‌ରେ ତାଙ୍କ ପିତା ବିଶିଷ୍ଟ ଆଡଭୋକେଟ୍ ମାର୍କଣ୍ଡ ମିଶ୍ରଙ୍କ ପରଲୋକ ଘଟିଥିଲା।

# ବାଲି ଚାଲାଣ ବେଳେ ଆର.ଆଇ.ଙ୍କୁ ଆକ୍ରମଣ

ଲୋଇସିଂହା, ୬।୭(ସୁଶାନ୍ତ ବାରିକ)


ଆକ୍ରମଣର ଶିକାର ଆର.ଆଇ. ସୁଶାନ୍ତ ପଟେଲ।


ଗିରଫ ଟ୍ରାକ୍ଟର ମାଲିକ ସନ୍ତୋଷ ପଧାନ।


ଗିରଫ ଟ୍ରାକ୍ଟର ଡ୍ରାଇଭର ଶେଷ ରାଉତ।

ବଲାଙ୍ଗୀର ଜିଲା ଆଗଲପୁର ତହସିଲ ଅନ୍ତର୍ଗତ ମୁରସୁଣ୍ଡ ଗ୍ରାମରେ ରାଜସ୍ୱ ବିଭାଗ ପକ୍ଷରୁ ଧରପଗଡ ବେଳେ ଗୁରୁବାର ବାବୁଫାସଡ ରାଜସ୍ୱ ନିରୀକ୍ଷକ(ଆର.ଆଇ.) ସୁଶାନ୍ତ ପଟେଲ ବାଲି ମାଫିଆଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ଆର.ଆଇ.ପଟେଲଙ୍କ ଅଭିଯୋଗ ଆଧାରରେ ଲୋଇସିଂହା ପୋଲିସ ଅଭିଯୁକ୍ତ ତଥା ଟ୍ରାକ୍ଟର ମାଲିକ ସନ୍ତୋଷ ପଧାନ, ଟ୍ରାକ୍ଟର ଡ୍ରାଇଭର ଶେଷ ରାଉତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଥାନାରେ ଏକ ମାମଲା(୧୩୬/୨୩) ରୁଜୁ ହୋଇଛି ।

ପୋଲିସ ସୂଚନା ଅନୁଯାୟୀ, ଅଙ୍ଗନଦୀରୁ ବାଲି ଓ ବିଭିନ୍ନ ଉତ୍ସରୁ ପଥର ବେଆଇନ ଭାବେ ଚୋରାଚାଲାଣ ହେଉଛି। ଏହାକୁ ରୋକିବା ପାଇଁ ତହସିଲଦାର ସରୋଜା ବେହେରା ଏକ ସ୍ୱତନ୍ତ୍ର ଟିମ ଗଠନ କରିଛନ୍ତି। ଏଥିରେ ସାଲେଭଟା, ବାବୁଫାସଡ ଓ ବେନ୍ଦ୍ରା ରାଜସ୍ୱ ନିରୀକ୍ଷକ ଓ ଏଆରଆଇ ଅଛନ୍ତି। ଗୁରୁବାର ସାଲେଭଟା ରାଜସ୍ୱ ନିରୀକ୍ଷକ ମନୋଜ ଗହିର,ବାବୁଫାସଡ

### ଆକ୍ରମଣ ଅଭିଯୋଗରେ ଟ୍ରାକ୍ଟର ମାଲିକ, ଡ୍ରାଇଭର ଗିରଫ

ରାଜସ୍ୱ ନିରୀକ୍ଷକ ସୁଶାନ୍ତ ପଟେଲ, ଏଆରଆଇ ପ୍ରମୋଦ କୁମାର ମେହେର ଓ ସାଲେଭଟା ଫାଣ୍ଡିର ଦୁଇଜଣ ପୋଲିସ କର୍ମଚାରୀ କୁଟାସିଂହା ଅଞ୍ଚଳକୁ ପାଟ୍ରୋଲିଂରେ ଯାଇଥିଲେ। ବେଆଇନଭାବେ ଚାଲାଣ ହେଉଥିବା ୨ଟି ପଥର ବୋଝେଇ ଓ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ସେମାନେ ସାଲେଭଟା ଫାଣ୍ଡିକୁ ଆଣୁଥିଲେ। ମୁରୁସୁଣ୍ଡି ଗ୍ରାମ ବସ୍ତି ଦେଇ ରାଜସ୍ୱ କର୍ମଚାରୀ ଆସୁଥିବାବେଳେ ଅନ୍ୟ ଏକ ଟ୍ରାକ୍ଟର(ଓଡି୦୩ଏନ୍ ୪୪୨୩)ବାଲି ବୋଝେଇ ହୋଇ ଯାଉଥିବା ଦେଖିବାକୁ ପାଇଥିଲେ। ଏହାପରେ ଉକ୍ତ ଟ୍ରାକ୍ଟରକୁ ଅଟକାଇବା ପାଇଁ ରାଜସ୍ୱ ନିରୀକ୍ଷକ ପଟେଲ ଓ ଏଆରଆଇ ମେହେର ପିଛା କରିଥିଲେ। ସେହି ସମୟରେ ଟ୍ରାକ୍ଟର ଡ୍ରାଇଭର ରାଜସ୍ୱ କର୍ମଚାରୀଙ୍କ ଉପରେ ଗାଡି ଚଢାଉ ଦେବାକୁ ଉଦ୍ୟମ କରିଥିଲେ। ଏହାପରେ ଟ୍ରାକ୍ଟର ନେଇ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏହି ସମୟରେ ରାଜସ୍ୱ ନିରୀକ୍ଷକ ପଟେଲ ନିଜ ମୋବାଇଲରେ ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। ଏହା ଜାଣିବା ପରେ ଟ୍ରାକ୍ଟର ମାଲିକ ସନ୍ତୋଷ ପଧାନ ରାଜସ୍ୱ କର୍ମଚାରୀଙ୍କ ପାଖକୁ ଆସି ଯୁକ୍ତିତର୍କ କରିଥିଲେ। ରାଜସ୍ୱ ନିରୀକ୍ଷକ ପଟେଲଙ୍କ ହାତକୁ କାମୁଡି ମୋବାଇଲ ଛଡାଇ ନେଇଥିଲେ। ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ନିକଟରେ ଲାଗିଥିବା ଆବର୍ଜନା ନିଆଁରେ ମୋବାଇଲକୁ ଫୋପାଡି ଦେଇଥିବା ନେଇ ଏତାଲାରେ ଦର୍ଶାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ମଧ୍ୟ ଆଗଲପୁର ତହସିଲ କାର୍ଯ୍ୟାଳୟ ନିକଟରେ ରାଜସ୍ୱ ଅଧିକାରୀ ଓ କର୍ମଚାରୀ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ।

# ସ୍ୱତନ୍ତ୍ର ଅଲିମ୍ପିକ୍ସ ୱାର୍ଲ୍ଡ ଗେମ୍ସ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର, ୬।୭ (ବୀରେନ୍ଦ୍ର କୁମାର ଝାଙ୍କର)

ଜର୍ମାନୀର ବର୍ଲିନଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଅଲିମ୍ପିକ୍ସ ୱାର୍ଲ୍ଡ ଗେମ୍ସ ୨୦୨୩ରେ ଭାଗ ନେଇ ସଟ୍‌ପୁଟ୍‌ରେ ରୌପ୍ୟ ପଦକ ଜିତିଥିବା ବଲାଙ୍ଗୀର ସ୍ୱତନ୍ତ୍ର ବିଦ୍ୟାଳୟ ଛାତ୍ର ବୈଷ୍ଣବ ରାଜପଲିଆଙ୍କୁ ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ଜିଲାପାଳ ଚଞ୍ଚଳ ରାଣା ପୁଷ୍ପଗୁଚ୍ଛ, ଅର୍ଥ ପୁରସ୍କାର ସହ ମାନପତ୍ର ଦେଇ କ୍ରୀଡାବିତ୍ ରାଜପଲିଆଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଜିଲାପାଳ ରାଣା ପଦକ ବିଜେତା ବୈଷ୍ଣବଙ୍କ ଉଜ୍ଜ୍ୱଳ କ୍ରୀଡା ଭବିଷ୍ୟତ କାମନା କରି ଶୁଭେଚ୍ଛା ଜଣାଇଥିଲେ। ଗତ ଜୁନ ୧୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଜର୍ମାନୀର ବର୍ଲିନଠାରେ ଅନୁଷ୍ଠିତ କ୍ରୀଡା ମହାକୁମ୍ଭରେ ରାଜପଲିଆ ୪,୪୦୦ ରିଲେ ଦୌଡ ଏବଂ ଜାଭେଲିନରେ ମଧ୍ୟ ଚତୁର୍ଥ ସ୍ଥାନ ହାସଲ କରିଥିଲେ। ଜିଲାପାଳ ରାଣା ଜିଲାପାଳ କାର୍ଯ୍ୟାଳୟ ଅଫିସରେ ରାଜପଲିଆଙ୍କ ସହ ତାଙ୍କ କୋଚ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କୋଚ୍ ଉମାକାନ୍ତ ଷଡଙ୍ଗୀ, ଝସକେତନ ସାହୁ ମଧ୍ୟ ଉପରୋକ୍ତ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିଲେ। ଜିଲାପାଳ ରାଣା ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଏବଂ ଆର୍ଥିକ ପୁରସ୍କାର ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପଦକ ବିଜେତା ରାଜପାଲିଆଙ୍କୁ ୩୦ ହଜାର ଟଙ୍କା, କୋଚ୍ ଷଡଙ୍ଗୀଙ୍କୁ ୧୦ ହଜାର ତଥା ଝସକେତନ ସାହୁଙ୍କୁ ୫ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ସଇଁତଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦ୍ରମଣି ନାଗ, ସଇଁତଳା ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବାନନ୍ଦ ସାହୁଙ୍କୁ ମଧ୍ୟ ଏଥିପାଇଁ ଜିଲାପାଳ ରାଣା ପ୍ରଶଂସା କରିଥିଲେ। ଏହାପୂର୍ବରୁ ରାଜପଲିଆଙ୍କୁ ଓଡିଶାର ରାଜ୍ୟପାଳ ଓ କ୍ରୀଡା ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇସାରିଛି।


ଜିଲାପାଳ ଚଞ୍ଚଳ ରାଣା ରୌପ୍ୟ ପଦକ ବିଜେତା ବୈଷ୍ଣବ ରାଜପଲିଆଙ୍କ ସହ ତାଙ୍କ କୋଚ୍‌ଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ପ୍ରାକ୍ଟିକାଲ୍ ମାର୍କକୁ ନେଇ ଛାତ୍ରୀଛାତ୍ରଙ୍କ ଧାରଣା


କଲେଜ ଗେଟ୍ ସମ୍ମୁଖରେ ବିକ୍ଷୋଭରତ ଛାତ୍ରୀଛାତ୍ର।

କଣ୍ଟାବାଞ୍ଜି, ୬।୭(ଗୁରୁଦୟାଲ ହଂସ)

- ଟ୍ରେନିଙ୍ଗ ଅଫିସରଙ୍କ ବାଇକ ଭଙ୍ଗାରୁଜା
- ମୁଖ୍ୟଗେଟରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଧାରଣା

ପ୍ରାକ୍ଟିକାଲ ମାର୍କ ଦେବାରେ ପାତରଅନ୍ତର ଅଭିଯୋଗ କରି ଗୁରୁବାର ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଧାମନଡଙ୍ଗାସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ଛାତ୍ର ଅଶାନ୍ତି ଦେଖାଦେଇଥିଲା। ଛାତ୍ରୀଛାତୀମାନେ ତାଲିମ କେନ୍ଦ୍ରର ଟ୍ରେନିଙ୍ଗ ଅଫିସରଙ୍କ ବାଇକ୍ ଭଙ୍ଗାରୁଜା କରିବା ସହ ମୁଖ୍ୟଗେଟରେ ତାଲା ପକାଇ ଧାରଣା ଦେଇଥିଲେ ।

ସେମାନେ ଅଭିଯୋଗ ରିଥିଲେ ଯେ, କଣ୍ଟାବାଞ୍ଜି ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ଚଳିତବର୍ଷ ୯୭ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମ ଫିଲ୍‌ଅପ କରିଥିଲେ । ଥିଓରୀ ପରୀକ୍ଷା ହୋଇ ନ ଥିବା ବେଳେ ପ୍ରାକ୍ଟିକାଲ ପରୀକ୍ଷା ସରିଛି। ପ୍ରାକ୍ଟିକାଲ ପରୀକ୍ଷାର ମୂଲ୍ୟାୟନ ପାଇଁ ଅନ୍ୟ ସରକାରୀ ତାଲିମ କେନ୍ଦ୍ରରୁ ଏକ୍ସପର୍ଟ ଏକ୍ସଟରନାଲମାନେ ଆସି ପ୍ରାକ୍ଟିକାଲ ପରୀକ୍ଷାକୁ ଅନୁଧ୍ୟାନ କରି ମାର୍କ ମୂଲ୍ୟାଙ୍କନ କରିଛନ୍ତି। ହେଲେ ଏକ୍ସଟରନାଲମାନେ ଠିକ୍ ମୂଲ୍ୟାୟନ କରିଥିବା ବେଳେ ନିଜସ୍ୱ ତାଲିମ କେନ୍ଦ୍ରର ଅଧିକାରୀମାନେ ମାର୍କ ଏପଟସେପଟ କରିଛନ୍ତି। ଧାରଣାରତ ଛାତ୍ରୀଛାତ୍ରଙ୍କ ପାଖରେ ତାଲିମ କେନ୍ଦ୍ର ଅଧକ୍ଷ ମିଲନ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଛାତ୍ରୀଛାତ୍ରମାନେ ଧାରଣାରୁ ଓହରି ଥିଲେ। ଏ ନେଇ ଅଧକ୍ଷ ସାହୁଙ୍କୁ ପଚାରିବାରୁ କହିଛନ୍ତି ଯେ, ବର୍ତ୍ତମାନ କେବଳ ପ୍ରାକ୍ଟିକାଲ ପରୀକ୍ଷା ସରିଛି, ଥଓରୀ ପରୀକ୍ଷା ହୋଇ ନାହିଁ। ପ୍ରାକ୍ଟିକାଲ ପରୀକ୍ଷା ରେଜଲ୍ଟ ବାହାରି ନ ଥିବା ବେଳେ ଅନିୟମିତତା ହୋଇଥିବା ଅଭିଯୋଗର କୌଣସି ଭିତ୍ତିନାହିଁ। ତାଲିମ କେନ୍ଦ୍ରର ଟ୍ରେନିଙ୍ଗ ଅଫିସର ସୁଶାନ୍ତ କୁମାର ଡାକୁଆଙ୍କୁ ପଚାରିବାରୁ ପ୍ରାକ୍ଟିକାଲ ମାର୍କ ପ୍ରଦାନରେ ମୋର କୌଣସି ଭୂମିକା ନାହିଁ। କେତେକ ମୋ ବିରୋଧରେ ଛାତ୍ରୀଛାତ୍ରଙ୍କୁ ଉସୁକାଇ ଏଭଳି କାଣ୍ଡ ଭିଆଉଛନ୍ତି। ଏପରିକି ଭୁଲ ବୁଝାମଣାରୁ ମୋ ବାଇକକୁ ଭଙ୍ଗାରୁଜା କରାଯାଇଥିବା ସେ କହିଛନ୍ତି।

### ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କର

ଖପ୍ରାଖୋଲ, ୬।୭(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଭରୁଆମୁଣ୍ଡା ଗାଁ ଜଙ୍ଗଲରେ ପରିବେଶ ସଚେତନତା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ବନପାଳ ଘାସିରାମ ଦୀକ୍ଷିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ହରିଶଙ୍କର ରେଞ୍ଜ ଅଧିକାରୀ ଗିରିଧାରୀ ନାଗ, ମୁଖ୍ୟବକ୍ତା ପରିବେଶ କର୍ମୀ ଅଭୟ ତ୍ରିପାଠୀ, ସମ୍ମାନିତ ଅତିଥି ବନପାଳ ଅରବିନ୍ଦ ଧରୁଆ, ସୁଧୀର କୁମାର ଜେନା, ସନ୍ଧ୍ୟାରାଣୀ ସେଠ, ସରପଞ୍ଚ ଉମାକାନ୍ତ ମେହେର, ପୂର୍ବତନ ସରପଞ୍ଚ ନୃପ ନାଗ ପ୍ରମୁଖ ଯୋଗଦେଇଥିଲେ। ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ ଜରୁରୀ ବୋଲି ଅତିଥିମାନେ କହିଥିଲେ। ଗ୍ରାମବାସୀଙ୍କ ସହିତ ଅତିଥିମାନେ ବୃକ୍ଷରୋପଣ କରିଥିଲେ। ସେହିପରି ଧଣ୍ଡାମୁଣ୍ଡା ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅଜୟ କୁମାର ଭୋଇଙ୍କ ଅଧକ୍ଷତାରେ ପରିବେଶ ସଚେତନତା ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେଦେର୍ହ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ମହାପାତ୍ରଙ୍କ ଅଧକ୍ଷତାରେ ବୃକ୍ଷ ରୋପଣ ଅନୁଷ୍ଠିତ ହୋଇଥିଲା। ବିଙ୍ଗ ହ୍ୟୁମାନ ଫାଉଣ୍ଡେଶନ ତରଫରୁ ବିଶ୍ୱଜିତ ପ୍ରଧାନଙ୍କ ନେତୃତ୍ୱରେ ବ୍ରାହ୍ମଣୀ ଗାଁରେ ବୃକ୍ଷରୋପଣ କରାଯାଇଥିଲା।

# ବ୍ୟାଙ୍କ ଋଣ ଓ ରିହାତି ସଚେତନତା କର୍ମଶାଳା

ଲୋଇସିଂହା, ୬।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକା ସ୍ଥିତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସଭାଗୃହରେ ବ୍ୟାଙ୍କ ଋଣ ଓ ସୁଧ ଫେରସ୍ତ ସଚେତନତା କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ୧୧୨ ସ୍ୱୟଂ ସହାୟିକ ଗୋଷ୍ଠୀର ସଦସ୍ୟା ଅଂଶଗ୍ରହଣ କରିଥିଲେ। ମିଶନ ଶକ୍ତି ବ୍ଲକ ପ୍ରୋଗ୍ରାମ ସଂଯୋଜକ ସଚ୍ଚିଦାନନ୍ଦ ଷଡଙ୍ଗୀଙ୍କ ପରିଚାଳନାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୀତାଞ୍ଜଳି ଦାଶ ମୁଖ୍ୟ ଅତିଥି, ଉପାଧ୍ୟକ୍ଷା ନିରୂପମା ପଧାନ, ଜିଲା ପରିଷଦ ସଭ୍ୟା ବୀଣାପାଣି ଦାଶ, ସିଡିପିଓ ଜ୍ୟୋତିର୍ମୟୀ ନାଏକ, କ୍ଷେତ୍ର କର୍ମଚାରୀ ଅରବିନ୍ଦ ବେହେରା ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ହୋଇଥିଲେ। ମିଶନ ଶକ୍ତି ଋଣର ସୁବିନିଯୋଗ ଏବଂ କିପରି ନିର୍ଦ୍ଧାରିତ ସମୟରେ ଋଣ ସୁଧ ପରିଶୋଧ କରି ଲାଭାନ୍ୱିତ ହେବେ ସେ ଦିଗରେ ସ୍ୱୟଂସହାୟିକ ଗୋଷ୍ଠୀ ସଦସ୍ୟାଙ୍କୁ ବୁଝାଇଥିଲେ ଅତିଥି। ଏହାବ୍ୟତୀତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନ ଶକ୍ତି କୃଷି, ଉଦ୍ୟାନ ଏବଂ ମତ୍ସଚାଷ ଉପରେ ଆଲୋଚନା କରାଯାଇଥିଲା ।



କର୍ମଶାଳାରେ ମଞ୍ଚାସୀନ ଅତିଥି।

### ପରିବେଶ ସୁରକ୍ଷା ଲାଗି ଶପଥ ପାଠ

**ସଇଁତଳା, ୬।୭(ରାଖାଲ ପ୍ରସାଦ ଶତପଥୀ):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଅନ୍ତର୍ଗତ ଶିଶକେଲା ପଞ୍ଚାୟତ ହାଇସ୍କୁଲ ରାସ୍ତା କଡ଼ରେ ଡ଼. ବି. ଆର ଆମ୍ବେଦକର କ୍ଲବ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଟିଟିଲାଗଡ଼ ବନାଞ୍ଚଳ ଅଧିକାରୀ ଲିଙ୍ଗରାଜ ଭୋଇ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ଶିଶକେଲା ସରପଞ୍ଚ ମାଳତୀ ରଣା, ସମିତି ସଭ୍ୟ ଉମାକାନ୍ତ ରଣା ଯୋଗଦେଇଥିଲେ। ପରିବେଶ ସନ୍ତୁଳନ ରକ୍ଷା ପାଇଁ ବୃକ୍ଷର ଆବଶ୍ୟକତା ଉପରେ ଅତିଥିମାନେ ମତରଖିଥିଲ। ପ୍ରତ୍ୟେକ ଜନସାଧାରଣ ବର୍ଷକୁ ଗୋଟିଏ ବୃକ୍ଷ ଲଗାଇ ତାର ଯତ୍ନ ନେବା ପାଇଁ କହିଥିଲେ। ଜଙ୍ଗଲରେ ଅବାଧ ବୃକ୍ଷ କଟାଯାଉଥିବାରୁ ପରିବେଶ ସନ୍ତୁଳନ ବିଗିଡ଼ିବାରେ ଲାଗିଛି। ଏଣୁ ପରିବେଶ ସୁରକ୍ଷା ପାଇଁ ପ୍ରତ୍ୟେକ ଗଛଟିଏ ଲଗାଇବା ଜରୁରୀ ବୋଲି ପ୍ରକୃତି ବନ୍ଧୁ ବିକିଜି ନାଗ ଲୋକଙ୍କୁ ସଚେତନ କରିଥିଲେ । ଏହାସହ ଉପସ୍ଥିତ ସମସ୍ତ ଅତିଥି ଓ ଜନସାଧାରଣଙ୍କୁ ପରିବେଶ ସୁରକ୍ଷା ନେଇ ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଆମ ଜଙ୍ଗଲ ଯୋଜନାର ଦିବାକର ପଧାନ, ଶିଶକେଲା ପଞ୍ଚାୟତ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋଜ କୁମାର ବେହେରା, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ, ସାମାଜିକ କର୍ମୀ ଜୟସିଂ ରଣା, ଡ଼. ବିଆର ଆମ୍ବେଦକର କ୍ଲବର ଅଶୋକ ନାଗ, ରମେଶ ନାଗ, ଦରସିଂ ନାଗ, ଅଭି ନାଗ, ପ୍ରମୋଦ ନାଗ ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ ।

# ୧୪ ଦଫା ଦାବି, କେନ୍ଦୁପତ୍ର ଶ୍ରମିକଙ୍କ ବିକ୍ଷୋଭ

ଟିଟିଲାଗଡ଼, ୬।୭(ଶରତ ମିଶ୍ର)



କେନ୍ଦୁପତ୍ର ତୋଳାଳିମାନେ ସହର ପରିକ୍ରମା କରୁଛନ୍ତି।

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ୧୪ ଦଫା ଦାବି ନେଇ ଶୁକ୍ରବାର ଟିଟିଲାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏନେଇ ସାହସ୍ରାଧିକ କେନ୍ଦୁପତ୍ର ତୋଳାଳି ବିଭିନ୍ନ ନାରା ସହ ଟିଟିଲାଗଡ଼ ସହର ପରିକ୍ରମା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦୁପତ୍ର ଶ୍ରମିକଙ୍କୁ ବୋନସ, ସାମାଜିକ ନିରାପତ୍ତା ସହାୟତା, ତୋଳାଳିଙ୍କୁ ୬ଭାଗ କମିଶନ, ଶ୍ରମିକଙ୍କ କନ୍ୟା ବିବାହ ପାଇଁ ୫୦ହଜାର ଟଙ୍କା ସହାୟତା, ସିଜନାଲ କର୍ମଚାରୀଙ୍କ ମାସିକ ଦରମା ବୃଦ୍ଧି, ଟିଏ ଡିଏ, ଅବସରକାଳୀନ ବୟସ ୬୨କୁ ବୃଦ୍ଧି ଏବଂ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ସର୍ତ୍ତାବଳୀ ପୂରଣ, ମୁନସି ଏବଂ ଚପରାସିଙ୍କ କାର୍ଯ୍ୟକାଳ ୯୦ ଏବଂ ୬୦ଦିନ ଘୋଷଣା କାର୍ଯ୍ୟକାରୀ, ଛାତ୍ରବୃତ୍ତି, ଜଗୁଆଳିଙ୍କ ବାକିଆ ମଜୁରି ପ୍ରଦାନ, କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ଜିଏସଟି ପ୍ରତ୍ୟାହାର, ଶ୍ରମିକଙ୍କ ପାଇଁ ୫୦ କୋଟି ବଦଳରେ ୨ଶହ କୋଟି ଟଙ୍କା ବଜେଟରେ ବ୍ୟବସ୍ଥା କରିବାକୁ ସଂଘ ଦାବି ରଖିଛି । ସଂଘର ରାଜ୍ୟ ସମ୍ପାଦକ ଶିବାନନ୍ଦ ପରିଛା, ଟିଟିଲାଗଡ଼ ଡିଭିଜନ ସମ୍ପାଦକ ରାଜକୁମାର ବିଶି, ଶିବପ୍ରସାଦ ପଟ୍ଟନାୟକ, ଡିଙ୍ଗର ଠାକୁର, ଅଶୋକ ଷଡ଼ଙ୍ଗୀ, ମନବୋଧ ସାହୁ, ଡମନ ଦେଓ, ହାଡୁ ସିଂ ପାତ୍ର ପ୍ରମୁଖ ସଂଘର ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଟିଟିଲାଗଡ଼ ସହାୟକ ଜିଲାପାଳ ଚନ୍ଦ୍ରପ୍ରକାଶ ଦେହୁରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

# ଆଲୋଚନା ବିଫଳ, ଘନେଇଲା ବିବାଦ

ଲୋଇସିଂହା,୬।୭(ସୁଶାନ୍ତ ବାରିକ)

### କନ୍ଦାଜୁରୀ ଦେବୋତ୍ତର ଜମି ଚଞ୍ଚକତା ଘଟଣା

- ସୁରକ୍ଷା ମାଗିଲେ ପୂର୍ବ ସେବାୟତ ପରିବାର

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ କାନ୍ଦାଜୁରୀ ଗ୍ରାମର ଦଧିବାମନ ମହାପ୍ରଭୁଙ୍କ ଜମି ଚଞ୍ଚକତା ଘଟଣା ଦିନକୁ ଦିନ ବିବାଦୀୟ ହେବାରେ ଲାଗିଛି। ଜୁଲାଇ ୪ରେ ଦେବୋତ୍ତର ଜମିରେ ଗ୍ରାମର ରାଜ ପରିବାର ଓ କେତେକ ବ୍ୟକ୍ତିଙ୍କ ଜୋରଜବରଦସ୍ତି ହଳ କରୁଥିବା ନେଇ ପୂର୍ବ ସେବାୟତ ପରିବାର ଯୋଗେଶ୍ୱରି ପଣ୍ଡା ଲୋଇସିଂହା ଥାନରେ ଅଭିଯୋଗ କରିଥିଲେ। ବୁଧବାର ରାତିରେ ସେବାୟତ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା । ଢେଲାପଥର ମାଡରେ ଗ୍ରାମର ନରେଶ ପଧାନ ଆହତ ହୋଇଛନ୍ତି। ଗ୍ରାମର ଅନ୍ୟ କେତେକଙ୍କ ଆକ୍ରମଣରେ ସେବାୟତ ପରିବାର ଦେଢଲକ୍ଷ ଟଙ୍କାର ଆସବାବ ପତ୍ର ନଷ୍ଟ ହୋଇଥିବା ନେଇ ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ଗୁରୁବାର ଥାନା ଅଭ୍ୟର୍ଥନା ଗୃହରେ ଆଇଆଇସି ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ବିଫଳ ହୋଇଥିଲା। ଏହାକୁ ନେଇ ଗାଁରେ ପୁଣି ଉତ୍ତେଜନା ଲାଗି ରହିଛି। ଜୀବନ ପ୍ରତି ବିପଦ ଥିବା ଏବଂ ସୁରକ୍ଷା ଦାବିରେ ପୂର୍ବ ସେବାୟତ ପରିବାର ଲୋଇସିଂହା ଥାନା ଆଗରେ ବସି ରହିଛନ୍ତି। କନ୍ଦାଜୁରୀ ମୌଜାର ୯୭ ନଂ ଖାତାର ୨୪୬ ପ୍ଲଟନଂ ୩୨.୪୪ ଡେସିମିଲ ଜମି ଗ୍ରାମର ଚୌହାନ ଜାତିର ସିଂଦେଓ ପରିବାର ଗ୍ରାମର ଦଧିବାମନ ପ୍ରାଭୁଙ୍କୁ ଦାନ କରିଛନ୍ତି। ଦେବୋତ୍ତର ଜମି ମାଲିକାନ ସିଂଦେଓ ପରିବାର ଓ ମୁଖ୍ୟ ପୂଜକ କଳିକର ପାଢିଙ୍କ ନାମରେ ରହିଥିଲା। ଦୀର୍ଘବର୍ଷ ହେବ ଉକ୍ତ ଜମି ମନ୍ଦିର ପୂଜକ ପରିବାରର କଳିକର ପାଢିଙ୍କ ଝିଅ ଯୋଗେଶ୍ୱରୀ ପଣ୍ଡାଙ୍କ ନାମରେ ହୋଇଯାଇଛି। ମୂଳ ଖାତାରୁ ରାଜ ପରିବାରକୁ ଉଚ୍ଛେଦ କରି ନୂତନ ଖାତା ନଂ ୩୬୪/୧୭୬ ରେ ଯୋଗେଶ୍ୱରୀଙ୍କ ନାମରେ ସମସ୍ତ ଜମି ହାତେଇବାରେ ପୂଜକ ପରିବାର ସକ୍ଷମ ହୋଇଥିବା ସିଂଦେଓ ପରିବାର ଓ ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଏହା ଜଣାପଡିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା । ୨୧ ଜାନୁୟାରୀ ୨୦୨୩ରେ ରାଜସ୍ୱ ବିଭାଗର ପକ୍ଷରୁ ଗ୍ରାମରେ ଆୟୋଜିତ କୋର୍ଟକ୍ୟାମ୍ପ ବେଳେ ଏହି ଘଟଣାକୁ ନେଇ ତହସିଲଦାରଙ୍କୁ ଘେରି ପ୍ରତିବାଦ କରିଥିଲେ ସିଂଦେଓ ପରିବାର ଓ ଗ୍ରାମବାସୀ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ନ୍ୟାୟ ପ୍ରଦାନ ଦାବି କରି ଗ୍ରାମବାସୀ ସେବେଠାରୁ ବିଭିନ୍ନ ସମୟରେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଆସୁଛନ୍ତି। ଦୀର୍ଘ ୫ ମାସ ଧରି ଆଶ୍ୱାସନା ଦେଉଥିବା ଉପଜିଲାପାଳ ଗ୍ରାମବାସୀଙ୍କୁ ନିରାଶ କରି ସମ୍ବଲପୁର ଆରଡିସିଙ୍କ ଦ୍ୱାରସ୍ଥ ହେବାକୁ ପରାମର୍ଶ ଦେଇଥିଲେ । ଏହା ପରେ ଗ୍ରାମବାସୀ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଜମି ଚଞ୍ଚକତାରେ ଗ୍ରାମବାସୀ ମନ୍ଦିର ପୂଜକ ପରିବାରକୁ ଦାୟୀ କରିଛନ୍ତି। ଏହାବ୍ୟତୀତ ମନ୍ଦିର ପୂଜାବିଧିରେ ଅବହେଳା ଅଭିଯୋଗ କରି ପୂର୍ବ ସେବାୟତଙ୍କୁ ଅନ୍ତର କରି ନୂତନ ପୂଜକ ନିଯୁକ୍ତ କରିଛନ୍ତି ଗ୍ରାମବାସୀ। ଏହାପରଠାରୁ ବିବାଦ ଘନେଇବାରେ ଲାଗିଛି।

## ବରଗାଁ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ

ଘଣ୍ଟାପଡା,(ପ୍ରଭାତ କୁମାର ସାହୁ): କନ୍ଧମାଳ ବ୍ଲକ ବରଗାଁ ପଞ୍ଚାୟତର ବରଗାଁ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିଲୋଚନ ସାହୁଙ୍କ ଅଧ୍ୟକ୍ଷତାରେ ପରିବେଶ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ସହକାରୀ ଶିକ୍ଷକ କାଳୀପ୍ରସାଦ ମିଶ୍ର, ନାଗେଶ କୁମାର ବାରିକ, ପ୍ରଦୀପ କୁମାର ପ୍ରଧାନ ଯୋଗଦେଇ ବୃକ୍ଷର ଉପକାରିତା ବିଷୟରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିବା ସହ ଏହାର ସୁରକ୍ଷା ଦାୟିତ୍ୱ ନେବା ପାଇଁ ଶପଥ ନେଇଥିଲେ ।

**ସଂକ୍ଷେପରେ**

## ଧାନ ବିକ୍ରି ଟଙ୍କା ପାଇବା ପାଇଁ ଚାଷୀ ହଟହଟା



**ଡୁଙ୍ଗୁରିପାଲି,୬।୭(ଦୀନବନ୍ଧୁ ସୁନା):** ଗୁରୁବାର ଡୁଙ୍ଗୁରିପାଲି ବ୍ଲକର ସହଲା ପ୍ୟାକ୍ସ ଓ ସମଲେଇଚୁଆଁ ପ୍ୟାକ୍ସର ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ଚଳିତ ରବିଋତୁ ଧାନ ବିକ୍ରି ବାବଦ ଟଙ୍କା ବ୍ୟାଙ୍କରୁ ପାଇବା ପାଇଁ ହଟହଟା ହୋଇଥିବା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ, ସହଲା ପ୍ୟାକ୍ସ ଓ ସମଲେଇଚୁଆଁ ପ୍ୟାକ୍ସର ଚାଷୀମାନେ ଧାର୍ଯ୍ୟ ସମୟରେ ଧାନ ବିକ୍ରି କରିଥିଲେ । ଗୁରୁବାର ପୂର୍ବାହ୍ନରେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲି. ଡୁଙ୍ଗୁରିପାଲି ଶାଖାରେ ଟଙ୍କା ଉଠାଣ ପାଇଁ ଚାଷୀମାନେ ଧାଡି ବାନ୍ଧିଥିଲେ । କିନ୍ତୁ ବ୍ୟାଙ୍କରେ ପର୍ଯ୍ୟାପ୍ତ ଟଙ୍କା ନ ଥିବାରୁ ଚାଷୀମାନଙ୍କୁ ହଟହଟା ହେବାକୁ ପଡିଥିଲା । ଏନେଇ ଡୁଙ୍ଗୁରିପାଲି ବ୍ୟାଙ୍କର ଶାଖା ପରିଚାଳକ ଶାଶ୍ୱତ ପାଣିଗ୍ରାହୀଙ୍କୁ ପଚାରିବାରେ ବ୍ରାଞ୍ଚରେ ଚାଷୀମାନଙ୍କୁ ଟଙ୍କା ଦେବା ପାଇଁ ନ ଥିଲା । ଯାହା ଫଳରେ ଚାଷୀମାନେ ଟଙ୍କା ପାଇବାରେ ବିଳମ୍ବ ହୋଇଥିଲା । ଅପରାହ୍ନ ୩ଟା ପରେ ବ୍ୟାଙ୍କକୁ ଟଙ୍କା ଆସିଲା ଓ ପରେ ଚାଷୀମାନଙ୍କୁ ଦିଆଯାଇଥିବା ପ୍ରକାଶ କରିଥିଲେ । ବର୍ତ୍ତମାନ ଜମିରେ ତଳିପକା ଓ ଜୋଥା ବୁହା ଚାଲିଛି । କିନ୍ତୁ କେତେକ ଚାଷୀ ନିଜ ଧାନ ବିକ୍ରି ବାବଦ ଟଙ୍କା ପାଇ ନ ଥିବାରୁ ଉକ୍ତ ପ୍ୟାକ୍ସର ଚାଷୀମାନେ ଚାଷ କାମ କିପରି ଆଗେଇ ନେବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ୨ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ

**ଦେଓଗାଁ,୬।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ କରୁଆଁଝର ଓ ସାରସମାଲରେ ୨ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ସୁଶୀଲ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ ଯୋଗଦେଇ କରୁଆଁଝରଠାରେ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ପରେ ସାରସମାଲଠାରେ ୧୦ଲକ୍ଷ ବ୍ୟୟରେ ହେବାକୁଥିବା ସାଧାରଣ ସୁବିଧାକେନ୍ଦ୍ର କୋଠାର ଶିଳାନ୍ୟାସ ଦିଆଯାଇଥିଲା । ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ମମତା କୁମୁରା, ସୁମତି ସେଠ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ, ସ୍ଥାନୀୟ ସମିତି ସଭ୍ୟା ସୁପ୍ରଭା ସିଂ, ସାରସମାଲ ସମିତି ସଭ୍ୟା ପଙ୍କଜିନି ଖମାରୀ ଯୋଗଦେଇଥିଲେ । ନିମନ୍ତ୍ରିତ ଅତିଥିଭାବେ ରାଜପ୍ରତାପ ସିଂଦେଓ, ଅନ୍ତର୍ଯ୍ୟାମୀ ଭୋଇ, ଅଚ୍ୟୁତ ମିଶ୍ର, ସୁଧିର ବେହେରା, ଚିତ୍ରସେନ ପଧାନ, ଟୁନା ଚାନ୍ଦ ଉପସ୍ଥିତ ଥିଲେ ।

# ଅବହେଳାରୁ ଖର୍ଚ୍ଚ ହୋଇପାରୁନି କେନ୍ଦ୍ରୀୟ ଅନୁଦାନ

**ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି(ଦିଶା) ବୈଠକ**

- ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ନିର୍ମାଣରେ ବିଳମ୍ବ
- ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ସମନ୍ୱୟ ଉପରେ ଗୁରୁତ୍ୱ
- ବୈଠକରେ ଅନୁପସ୍ଥିତ ରହିଲେ ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷା

**ସୋନପୁର,୬।୭(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି(ଦିଶା) ବୈଠକ କମିଟି ଅଧ୍ୟକ୍ଷା ତଥା ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ବିମଳେନ୍ଦୁ ରାୟ ପ୍ରାରମ୍ଭିକ ସୂଚନା ଦେଇଥିଲେ । ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର ଆଲୋଚ୍ୟ ବିଷୟ ଉପସ୍ଥାପନା କରିଥିଲେ । ପ୍ରାରମ୍ଭରେ ୨୦୧୯-୨୦ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ଏମ୍‌ପି ଲ୍ୟାଡ୍‌ରେ ୧୩୬ଟି ପ୍ରକଳ୍ପ ନିର୍ମାଣ ଓ ଖର୍ଚ୍ଚ ସମ୍ପର୍କରେ ଆଲୋଚନା ହୋଇଥିଲା । ଇଣ୍ଟିଗ୍ରେଟେଡ ଏକ୍ସନ ପ୍ଲାନ(ଆଇଏପି) ସମ୍ପର୍କରେ ଏମ୍‌ପି ଆଲୋଚନା କରିଥିଲେ । ତେବେ କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରିବାରେ ବନ ବିଭାଗର ପ୍ରଦର୍ଶନ ନୈରାଶ୍ୟଜନକ ଥିବା ସମୀକ୍ଷାରୁ ଜଣାପଡିଥିଲା । ଅଧିକାରୀଙ୍କ ଅବହେଳାରୁ ଜିଲାକୁ ମିଳିଥିବା କୋଟି କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ



ଦିଶା ବୈଠକରେ ଏମ୍‌ପି, ଜିଲାପାଳ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ ।

ହୋଇପାରିନି । କାମ୍ପା, ଜାତୀୟ ବାମ୍ବୋ ମିଶନ ଓ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବନୀକରଣ ଓ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ପର୍ଯ୍ୟାପ୍ତ ଅନୁଦାନ ମିଳିଥିଲା । ତେବେ ସିଂହଭାଗ କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ ନ ହୋଇ ଫେରିଯାଇଛି । ସୁବର୍ଣ୍ଣପୁର ଏକ ଉତ୍ତପ୍ତ ଜିଲା ଭାବେ ପରିଗଣିତ ହେଉଥିବା ବେଳେ ବନୀକରଣ କ୍ଷେତ୍ରରେ ଅଧିକାରୀଙ୍କ ଅବହେଳା ପାଇଁ ଅନୁଦାନ ଫେରି ଯାଇଥିବା ଅଭିଯୋଗ ହୋଇଥିଲା । ସେହିପରି ଜିଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ପର୍ଯ୍ୟାପ୍ତ ଅନୁଦାନ ମିଳିଛି । ମାତ୍ର ନିର୍ମାଣ କାର୍ଯ୍ୟରେ ମନ୍ଥରତା ଯୋଗୁ ଜନସାଧାରଣ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । କାର୍ଯ୍ୟ ଶୀଘ୍ର ସାରିବାକୁ ଏମ୍‌ପି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ କାର୍ଯ୍ୟର ମାନ ଠିକ୍ ରଖିବା ଓ ନିର୍ଦ୍ଧାରିତ ସମୟରେ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରଖିବାକୁ ଏମ୍‌ପି ପରାମର୍ଶ ଦେଇଥିଲେ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଓ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା । ସମଗ୍ର ଶିକ୍ଷା ଅଭିଯାନ, ମଧ୍ୟାହ୍ନ ଭୋଜନ ଯୋଜନା, ସମନ୍ୱିତ ଶିଶୁ ଉନ୍ନୟନ ଯୋଜନା, ଜାତୀୟ ସାମାଜିକ ସୁରକ୍ଷା ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, କ୍ଷୁଦ୍ର ଜଳସେଚନ, ମେଗା ଉଠା ଜଳସେଚନ, କେନାଲ ଡିଭିଜନ, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଓ ସହରାଞ୍ଚଳ, ତେଲ ଜଳସେଚନ, ବୟନ ଶିଳ୍ପ, ମତ୍ସ୍ୟ, ପ୍ରାଣୀସମ୍ପଦ, ଜନସ୍ୱାସ୍ଥ୍ୟ, ଶ୍ରମ ଓ ଜାତୀୟ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ସମ୍ପର୍କରେ ଏମ୍‌ପି ସମୀକ୍ଷା କରିଥିଲେ । ସୋନପୁର ଓ ବୀରମହାରାଜପୁର ବିଧାୟକ ଏବଂ ଜିଲା ପରିଷଦ ଅଧ୍ୟକ୍ଷା ପୂର୍ବ ବୈଠକଗୁଡିକ ଭଳି ଅନୁପସ୍ଥିତ ଥିଲେ । ଜିଲାସ୍ତରୀୟ ଅଧିକାରୀ ବୃନ୍ଦ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବୃକ୍ଷର ଉପକାରିତା ଉପରେ ଗୁରୁତ୍ୱ

**ବନ ମହୋତ୍ସବ ପାଳିତ**

**ତଳଗାଁ,୬।୭(କୁନା ବେହେରା)**

ବୌଦ୍ଧ ବନଖଣ୍ଡ ମାଧପୁର ବନାଞ୍ଚଳର ଗୋଛାସାହିରେ ୭୪ତମ ବନମହୋତ୍ସବ ଗୁରୁବାର ପାଳିତ ହୋଇଯାଇଛି । ଏଥିରେ ଅତିଥି ଭାବେ ଏସିଏଫ ଆଶିଷ କୁମାର କହଁର, ରେଞ୍ଜର ଆଶିଷ ଦିଗାଲ,ଫରେଷ୍ଟର ଶୁଶିଲ କୁମାର ହୋତା, ଗାର୍ଡ ସୁଶାନ୍ତ ସାହୁ, ଦୀପକ ପ୍ରଧାନ, ସୀତାରମ ମେହେର, ଜିତୁ ବେହେରା, ସନ୍ତୋଷ କହଁର ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ କହିଥିଲେ ବୃକ୍ଷ ହିଁ ଜୀବନ । ପରିବେଶ ସୁରକ୍ଷା ଜୀବନ ରକ୍ଷା । ଏହି ଅବସରରେ ବୃକ୍ଷରୋପଣ କରିବା ସହ ବୃକ୍ଷର ଉପକାରିତା ଉପରେ ଆଲୋକପାତ କରିଥିଲ । ଅତିଥିମାନଙ୍କ ସହ ଗ୍ରାମବାସୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ସାମିଲ ହୋଇ ବୃକ୍ଷରୋପଣ କରିଥିଲେ । ଏଥିରେ ଆମ୍ବ, ଅଁଳା, ବାଉଁଶ, ପଣସ, ଜାମୁ , ପିଜୁଳି, କରଞ୍ଜ ଓ ଫାଶୀ ଆଦି ବୃକ୍ଷ ଲଗାଯାଇଥିଲା ।

## ବନ ମହୋତ୍ସବ ପାଳିତ

**ବିନିକା,୬।୭(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବନବିଭାଗ ଓ ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟର ମିଳିତ ସହଯୋଗରେ ଗୁରୁବାର ବନମହୋତ୍ସବ ପାଳିତ ହୋଇଯାଇଛି । ପ୍ରଥମେ କଲେଜ ଅଧ୍ୟକ୍ଷ ଧୀରେନ୍ଦ୍ର ନାୟକ ବୃକ୍ଷରୋପଣ କରିଥିଲେ । ପରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ସହ ରେଞ୍ଜର ଡମ୍ବରୁଧର ପ୍ରଧାନ, ସ୍ୱପ୍ନିଳ କୁମାର ହୋତା, ସୁମନ୍ତ ମହାକୁର, ଅମୀୟ କୁମାର ରଣା, ଅଚ୍ୟୁତ ସାହୁ, ଜାତୀୟ ସେବା ସଞ୍ଚାଳକ ହରିଶ୍ଚନ୍ଦ୍ର ହୋତା, ଅଧ୍ୟାପକ ବିଶ୍ୱନାଥ ମିଶ୍ର, ସାଧୁରାମ ସାହୁ, ଗୋପାଳକୃଷ୍ଣ ଦାସ, ରୁଦ୍ର ନାରାୟଣ ଦାସ, ବାଣୀ ପ୍ରସାଦ ବିଶ୍ୱାଳ, ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ୧୦୦ରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରିଥିଲେ ।



ବୃକ୍ଷରୋପଣ ଅବସରରେ କଲେଜ ଛାତ୍ରୀଛାତ୍ର ।

## ଆଜି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଆସିବେ

**ବଲାଙ୍ଗୀର,୬।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ଝାରଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଶୁକ୍ରବାର ବଲାଙ୍ଗୀର ଆସିବା କାର୍ଯ୍ୟକ୍ରମ ରହିଛି । ସେ ବଲାଙ୍ଗୀର ସହରରେ ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡିଛି । ଝାରଖଣ୍ଡ ହାଇକୋର୍ଟ ମୁଖ୍ୟବିଚାରପତି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ରଙ୍କ ପିତା ମାର୍କଣ୍ଡ ମିଶ୍ର ଓ ମାତା ଜ୍ୟୋତିର୍ମୟୀ ମିଶ୍ରଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସୋରେନ୍ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇବା କାର୍ଯ୍ୟକ୍ରମ ରହିଛି । ମିଳିଥିବା ସୂଚନା ମୁତାବକ ମୁଖ୍ୟମନ୍ତ୍ରୀ ସୋରେନ୍ ରାଞ୍ଚି ସ୍ଥିତ ବିର୍ସାମୁଣ୍ଡା ଉଡାଜାହାଜ ପଡିଆରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ସେ ବଲାଙ୍ଗୀର ଜିଲା ତୁଷରା ସ୍ଥିତ ଉଡାଜାହାଜ ପଡିଆକୁ ଆସିବେ । ସେଠାରୁ ସେ ହୋଟେଲ ସେଲିବ୍ରେସନ୍‌କୁ ଆସି ଦ୍ୱାଦଶାହ କାର୍ଯ୍ୟକ୍ରମରେ ଯୋଗଦେବେ । ଏହାପରେ ସେ ପୁଣି ତୁଷରା ଫେରିଯାଇ ସେଠାରୁ ରାଞ୍ଚି ଅଭିମୁଖେ ଗସ୍ତ କରିବେ ବୋଲି ଜଣାପଡିଛି । ବଲାଙ୍ଗୀର ଟିକ୍ରାପଡା ସ୍ଥିତ ଘରେ ଗତ ଜୁନ୍ ୧୭ ତାରିଖରେ ଝାରଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ମିଶ୍ରଙ୍କ ମାତା ଜ୍ୟୋତିର୍ମୟୀଙ୍କ ବିୟୋଗ ଘଟିଥିଲା । ଏହାପରେ ଗତ ୨୬ ଜୁନ୍‌ରେ ତାଙ୍କ ପିତା ବିଶିଷ୍ଟ ଆଡଭୋକେଟ୍ ମାର୍କଣ୍ଡ ମିଶ୍ରଙ୍କ ପରଲୋକ ଘଟିଥିଲା ।

## ଗୁରୁଜୀମୁଣ୍ଡାରେ ୮ ହଜାର ଗଛ ଲଗାଇଲା ବନ ବିଭାଗ


ଅତିଥିଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଉଛି ।

**ବଘିଆପଡା,୬।୭(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ବନଖଣ୍ଡର ବଘିଆପଡା ସେକ୍ସନର ଗୁରୁଜୀମୁଣ୍ଡାଠାରେ ବନବିଭାଗ ପକ୍ଷରୁ ଗୁରୁବାର ଦିନ ବନ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଟିକରପଡା ସରପଞ୍ଚ ଝରଣା ଜାନି ଯୋଗଦେଇ ବୃକ୍ଷରୋପଣ ଦ୍ୱାରା ପରିବେଶ ସୁରକ୍ଷା ହେବା ସହ ଏହାର ଉପକାରିତା ଉପରେ ବୁଝାଇଥିଲେ । ଫରେଷ୍ଟର ଏମ.କେ. ରାଓଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବ ଅବସରରେ ଗୁରୁଜୀମୁଣ୍ଡାଠାରେ ୫ ଏକର ପରିମିତ ଜାଗାରେ ୮ ହଜାର ଫାଶି ଗଛ ଲଗାଯାଇଥିଲା । ବୃକ୍ଷରୋପଣ ସମୟରେ ବନରକ୍ଷୀ ସନ୍ତୋଷ ମଲିକ, ଚିଦାନନ୍ଦ ବେହେରା, ମୀରା ଦାସ ଓ ଗ୍ରାମବାସୀ ସାମିଲ ହୋଇ ବୃକ୍ଷରୋପଣ କରିଥିଲେ ।

## ୭ ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ

**ବୌଦ୍ଧ,୬।୭(ଅଜିତ କୁମାର ବାରିକ)**

ଗତ ବୁଧବାର ଦିନ ୫-ଟି ସଚିବ ବୌଦ୍ଧ ଗସ୍ତ କରିବା ସମୟରେ ଜିଲାର ସମସ୍ତ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନେଇ କହିଥିଲେ । କିନ୍ତୁ ହରଭଙ୍ଗା ବ୍ଲକର ଚାରିଛକ ବଜାରସ୍ଥିତ ବ୍ଲକ ଅଫିସ ସମ୍ମୁଖରେ ଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇପଡିଛି । ଏବେ ବି ଜିଲାରେ ପ୍ରବଳ ଗରମ ଅନୁଭୂତ ହେଉଥିବା ବେଳେ ପାଣି ପାଇଁ ଲୋକେ ତହଳ ବିକଳ ହେଉଛନ୍ତି । ହରଭଙ୍ଗା ବ୍ଲକର ଚାରିଛକ ଏକ ପ୍ରମୁଖ ସ୍ଥାନ । ଚାରିଛକଠାରେ ବ୍ଲକ କାର୍ଯ୍ୟାଳୟ, ତହସିଲ, ଦମକଳ କେନ୍ଦ୍ର, କୋର୍ଟ କାର୍ଯ୍ୟ କରୁଛି । ପଞ୍ଚାୟତ ସମିତି ପକ୍ଷରୁ ଗତ ଏପ୍ରିଲ ମାସରେ ଏହି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି । କିନ୍ତୁ ପ୍ରକଳ୍ପ ନିର୍ମାଣର ଏକ ମାସ ପରେ ପାଣି ଆସି ନ ଥିଲା । ମରାମତି କାମ କରାଯିବା ପରେ ଲୋକଙ୍କୁ ପାଣି ମିଳିଥିଲା । ପୁଣି ଏବେ ୭ ଦିନ ହେଲା ପ୍ରକଳ୍ପ ଅଚଳ ହେଇପଡିଛି । ପ୍ରକଳ୍ପ କାର୍ଯ୍ୟରେ ନିମ୍ନମାନର ଯନ୍ତ୍ରାଂଶ ଲଗାଯାଇଥିବାରୁ ଏହା ବାରମ୍ବାର ଖରାପ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି । ଏହି ପ୍ରକଳ୍ପ ବ୍ଲକ ସମ୍ମୁଖରେ ଥିବା ବେଳେ କୌଣସି ସରକାରୀ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ । ଫଳରେ ପ୍ରତିଦିନ ବିଭିନ୍ନ କାର୍ଯ୍ୟରେ ଚାରିଛକ ଆସୁଥିବା ଲୋକେ ପାଣି ମୁନ୍ଦେ ନ ପାଇ ହଇରାଣ ହେଉଛନ୍ତି । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



ବ୍ଲକ ସମ୍ମୁଖରେ ଥିବା ପାନୀୟ ଜଳ ପ୍ରକଳ୍ପ ।

## ହାଇସ୍କୁଲରେ ବନମହୋତ୍ସବ ପାଳିତ



ହାଇସ୍କୁଲରେ ବନ ମହୋତ୍ସବ ପାଳନ ଅବସରରେ ଅତିଥି, ଶିକ୍ଷକ ଓ ଛାତ୍ରୀଛାତ୍ର ।

**ଅମରପାଲି,୬।୭(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲିସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠ ପରିସରରେ ଗୁରୁବାର ବନ ମହୋତ୍ସବ ପାଳିତ ହୋଇଯାଇଛି । ଏନେଇ ସ୍କୁଲ ପରିସରରେ ଏକ ସାଧାରଣ ସଭା ହୋଇଥିଲା । ସ୍କୁଲର ପ୍ରଧାନଶିକ୍ଷକ ବ୍ରଜମୋହନ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ହାତିଲିମୁଣ୍ଡା ବନପାଳ ଅଜୟ ବାରା ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ପ୍ରତ୍ୟେକ ଅତିକମ୍‌ରେ ଗୋଟିଏ ଲେଖାଏ ବୃକ୍ଷରୋପଣ କରିବାକୁ ଅନୁରୋଧ କରିଥିଲେ । ବିଦ୍ୟାଳୟର ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ଗୌରୀଶଙ୍କର ପୂଜାହାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜଙ୍ଗଲ ସୁରକ୍ଷା ସମ୍ବନ୍ଧରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା । ସଭା ପରେ ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କୁ ନେଇ ଏକ ଶୋଭାଯାତ୍ରା କରାଯାଇ ଲୋକଙ୍କୁ ଜଙ୍ଗଲ ସୁରକ୍ଷା ଓ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେବାକୁ ସଚେତନ କରାଯାଇଥିଲା । ପରେ ସ୍କୁଲ ପରିସରରେ ଆମ୍ବ, ପଣସ, ଅଁଳା, କରଞ୍ଜ, ନିମ୍ବ ଆଦି ବୃକ୍ଷରୋପଣ କରାଯାଇଥିଲା । ଏହି ଅବସରରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ମିଳିଲା ପ୍ରତିଶ୍ରୁତି: ପୂର୍ତ୍ତ ବିଭାଗ ରାସ୍ତା ସୁବଳୟା ଦେଇ ଯିବ

**କ୍ରିୟାନୁଷ୍ଠାନ କମିଟିର ସୁବଳୟା ବନ୍ଦ ଡାକରା**

**ଅମରପାଲି,୬।୭(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଉନ୍ନୟନ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ପୂର୍ତ୍ତବିଭାଗ ରାସ୍ତା ସୁବଳୟା ଗ୍ରାମ ଦେଇ କରାଯିବା ଦାବିରେ ଗୁରୁବାର ୧୨ ଘଣ୍ଟିଆ ସୁବଳୟା ବନ୍ଦ ଡାକରା ଦିଆଯାଇଥିଲା । ଏହାଛଡା ଟିକ୍ରାପଡା ସୁରବାଲି ଯୋର ବ୍ରିଜ ଓ ଗୋବିନ୍ଦପୁର ଛକଠାରେ ରାସ୍ତାରୋକୋ କରାଯାଇଥିଲା । ମାତ୍ର ପୂର୍ତ୍ତ ବିଭାଗ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ପୂର୍ବାହ୍ନ ସାଢେ ୧୧ଟା ସମୟରେ ରାସ୍ତାରୋକୋ ହଟିବା ସହିତ ସୁବଳୟା ବନ୍ଦ ପାଳନ ପ୍ରତ୍ୟାହାର ହୋଇଥିଲା । ଫଳରେ ରାସ୍ତାରେ ଗାଡିମୋଟର ଚଳାଚଳ ସ୍ୱାଭାବିକ ହେବା ସହିତ ଦୋକନବଜାର ପୁଣି ଖୋଲିଥିଲା ।

ସୂଚନାଯୋଗ୍ୟ, ସୁବର୍ଣ୍ଣପୁର ଜିଲାର ଧର୍ମଶାଳାଠାରୁ ଗରିଆମୁଣ୍ଡା ପର୍ଯ୍ୟନ୍ତ ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଛି । ଏବେ ଉକ୍ତ ରାସ୍ତାର ସଂପ୍ରସାରଣ ସହିତ ଉନ୍ନତୀକରଣ ପାଇଁ ଚୂଡାନ୍ତ ହୋଇଥିବା ବେଳେ କାର୍ଯ୍ୟାଦେଶ ମଧ୍ୟ ଦିଆଯାଇଛି । କାର୍ଯ୍ୟାଦେଶରେ ଉକ୍ତ ରାସ୍ତା ଧର୍ମଶାଳା ଭାୟା ସୁବଳୟା ଦେଇ ଗରିଆମୁଣ୍ଡା ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ ଓ ସଂପ୍ରସାରଣ ପାଇଁ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ରହିଛି । ତେବେ ପରବର୍ତ୍ତୀ ସମୟରେ ଏହି ରାସ୍ତା ଗୋବିନ୍ଦପୁର ଗ୍ରାମ ଦେଇ କରାଯିବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ଉଦ୍ୟମ କରାଯାଇଥିଲା । ଏହା ଜଣାପଡିବା ପରେ ସୁବଳୟା ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ସୁବଳୟା ଅଞ୍ଚଳର ଏକ ପ୍ରମୁଖ ବ୍ୟବସାୟ କେନ୍ଦ୍ର । ସୁବର୍ଣ୍ଣପୁର ସମେତ ସମ୍ବଲପୁର, ବୌଦ୍ଧ ଓ ଅନୁଗୁଳ ଜିଲାର ଲୋକେ ବ୍ୟବସାୟ ପାଇଁ ପ୍ରତ୍ୟହ ସୁବଳୟା ଆସିଥାନ୍ତି । ସ୍କୁଲ ଓ କଲେଜକୁ ଛାତ୍ରୀଛାତ୍ର ଆସିଥାନ୍ତି । ଏଣୁ ସୁବଳୟା ଦେଇ ରାସ୍ତା କରାଯିବାକୁ ଅଞ୍ଚଳବାସୀ ଦାବି କରିଥିଲେ । ତେବେ କୌଣସି ସୁଫଳ ମିଳି ନ ଥିଲା । ତେଣୁ ଗତ ସୋମବାର ଦିନ ସୁବଳୟା, କେଲଗାଁ, ସାଲେପଦର, ଟିକ୍ରାପଡା, ନୂଆପଡା ଆଦି ଗ୍ରାମର ଲୋକଙ୍କୁ ନେଇ ସୁବଳୟା ଉନ୍ନୟନ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ଗୁରୁବାର ଦିନ ୧୨ ଘଣ୍ଟା ବନ୍ଦ ଡାକରା ଦିଆଯାଇଥିଲା । ସକାଳୁ ସୁବଳୟାର ସମସ୍ତ ଦୋକାନ ବନ୍ଦ କରାଯିବା ସହିତ ଦୁଇଟି ସ୍ଥାନରେ ରାସ୍ତାରୋକୋ କରାଯାଇଥିଲା । ରାସ୍ତାରୋକୋ ଓ ବନ୍ଦ ପାଳନ ସମୟରେ ସୁବଳୟା ଗ୍ରାମବାସୀଙ୍କ ସମେତ ବିଭିନ୍ନ କ୍ଲବ, ବଜରଙ୍ଗ ଦଳ, ପିତାମହୁଲ, ଆମ୍ବସରଭଟା, ସଂଗ୍ରାମପୁର ଆଦି ଗ୍ରାମର ଲୋକେ ସାମିଲ ଥିଲେ । ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ତଥା ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲା ବିଜେଡି ଉପସଭାପତି ରଞ୍ଜିତ ରଥ, ସୁବଳୟା ସରପଞ୍ଚ ପ୍ରମୋଦ ମହାପାତ୍ର, ସମିତିସଭ୍ୟା ଲିଲି ମେହେର, ଚମ୍ପାମାଳ ସମିତିସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, କମିରା ସରପଞ୍ଚ ଅନୁସୂୟା ପଧାନ, ପିତାମହୁଲ ସରପଞ୍ଚ ଆକଶ୍ମିତା ବଡିଆ, ହୃଷୀକେଶ ମେହେର, ହାର ସାହୁ, ଅଶୋକ ଦାଶ, ସପନ ପଧାନ, ଯଦୁମଣି ମେହେର, ମଙ୍ଗୁଲୁ ରଣା, ସଦାନନ୍ଦ ମହାନନ୍ଦ, ସଞ୍ଜୀବ ମେହେର, ଭାଜପା ମଣ୍ଡଳ ସଭାପତି ଶରତ ମିଶ୍ର, ଧମ୍ବରୁଧର ମେହେର, ଜୟାନନ୍ଦ ରଥଙ୍କ ସମେତ ଶତାଧିକ ଲୋକ ରାସ୍ତାରୋକୋ କରିବା ସହ ବନ୍ଦ ପାଳନରେ ସାମିଲ ଥିଲେ । ବନ୍ଦ ପାଳନ ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ବୀରମହାରାଜପୁର ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା,ବୀରମହାରାଜପୁର ଉପଖଣ୍ଡୀୟ ପୋଲିସ ଅଧିକାରୀ ଡୋଳାମଣି ଭୋଇ, ସୁବଳୟା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନଙ୍କ ସହିତ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଦାମୋଦର କୈବର୍ତ୍ତ ଘଟଣାସ୍ଥଳକୁ ଆସି ଅନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ । ଆନ୍ଦୋଳନକାରୀ ସୁବଳୟା ଦେଇ ରାସ୍ତା କରିବାକୁ ଅଡ଼ି ବସିଥିଲେ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଗାଡିମୋଟର ଅଟକି ରହିଥିଲା । ପରେ ଉକ୍ତ ରାସ୍ତା ସୁବଳୟା ଦେଇ କରାଯିବ ବୋଲି ପୂର୍ତ୍ତବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଦାମୋଦର କୈବର୍ତ୍ତ୍ୟ ଲିଖିତ ପ୍ରତିଶ୍ରୁତି ଦେବା ପରେ ପୂର୍ବାହ୍ନ ସାଢେ ୧୧ଟା ସମୟରେ ରାସ୍ତାରୋକୋ ହଟିବା ସହିତ ବନ୍ଦ ପାଳନ ପ୍ରତ୍ୟାହାର ହୋଇଥିଲା । ଆନ୍ଦୋଳନ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା ।


ଆନ୍ଦୋଳନକାରୀମାନେ ଗୋବିନ୍ଦପୁର ଛକ ଓ ଟିକ୍ରାପଡା ଛକ ନିକଟରେ ରାସ୍ତାରୋକୋ କରିଛନ୍ତି ।

## ଶ୍ମଶାନ ଘାଟ ସଫେଇ କାର୍ଯ୍ୟକ୍ରମ


ବଜରଙ୍ଗ ଦଳ ପକ୍ଷରୁ ଶ୍ମଶାନଘାଟ ସଫେଇ ।

**ଡୁଙ୍ଗୁରିପାଲି,୬।୭(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିସ୍ଥିତ ରାମପୁର ରୋଡ଼ ପାର୍ଶ୍ୱରେ ଥିବା ଶ୍ମଶାନଘାଟରେ ଗୁରୁବାର ଡୁଙ୍ଗୁରିପାଲି ବଜରଙ୍ଗ ଦଳର ଯୁବଗୋଷ୍ଠୀଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶ୍ମଶାନଘାଟରେ ଶବଦାହ କରାଯିବା ପରେ ପାଉଁଶ ସବୁ ଦୀର୍ଘଦିନ ହେବ ପଡି ରହିଥିଲା । ଏହାକୁ କେହି ପରିଷ୍କାର କରୁ ନ ଥିଲେ । ଡୁଙ୍ଗୁରିପାଲି ବଜରଙ୍ଗ ଦଳର ଯଦୁମଣି କୁଦେଇଙ୍କ ନେତୃତ୍ୱରେ ବଜରଙ୍ଗ ଦଳର ଏକ ଯୁବଗୋଷ୍ଠୀ ଶ୍ମଶାନଘାଟକୁ ଯାଇ ପାଉଁଶ ସଫା କରିବା ସହ ଚାରିପଟ ପରିଷ୍କାର, ପରିଚ୍ଛନ୍ନ କରିଥିଲେ । ଆଗକୁ ମଧ୍ୟ ଏପରି ସଫେଇ କାର୍ଯ୍ୟକ୍ରମ ଜାରି ରହିବ ବୋଲି ପ୍ରକାଶ କରିଛନ୍ତି । ସଫେଇ ସମୟରେ ନଗର ସଂଯୋଜକ ଶୁଭମ ବରିହା, ପ୍ରଭାତ ବେହେଲା, ଶଙ୍କର୍ଷଣ ବୁଡେକ, ବସନ୍ତ ସାହୁ, ସଚିନ ପାଣ୍ଡେ,କାର୍ତ୍ତିକ ଗୁରୁ, ପ୍ରମୋଦ ଗୁରୁ, ବୁଧୁ କୁଦେଇ, ଅନିଲ ସେଟ, ପ୍ରଶାନ୍ତ କୁଦେଇ, କୁନା ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ୬ ମାସ ବିତିଲା, ବିଲ୍ ମିଳିଲାନି

**ଟ୍ରଫି ସହିତ ସମ୍ମାନୀତ ହେଇ ପ୍ରଶାସନ ଚୁପ**

**ଦେବଗଡ଼, ୬।୭(ଶଶାଙ୍କ ଶେଖର ଝାଙ୍କର):** ହକି ବିଶ୍ୱକପ ଟ୍ରଫି ଦେବଗଡ ଆସିବା ପୂର୍ବରୁ ସହରର ଚର୍ଚ୍ଚଛକ, ହକି ଛକ ଓ ଅନ୍ୟାନ୍ୟ ସ୍ଥାନରେ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ଠିକାଦାରଙ୍କୁ ଯୁଦ୍ଧକାଳୀନଭିତ୍ତିରେ କାମ କରିବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ବନଖଣ୍ଡ ଅଧିକାରୀ ମଗର ଧନାଜି ରାଓସୋ, ପୌର ପରିଷଦ ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ରଙ୍କ ସମେତ ଅନେକ ପ୍ରଶାସନିକ ଅଧିକାରୀମାନେ ଉକ୍ତ ସ୍ଥାନକୁ ଯାଇ ତଦାରଖ କରି କାର୍ଯ୍ୟ ଶେଷ କରାଇଥିଲେ। ହକି ବିଶ୍ୱକପ ଟ୍ରଫିକୁ ଦେବଗଡ଼ ଜିଲାରେ ଜାନୁଆରି ୫ ତାରିଖରେ ସ୍ୱାଗତ କରାଯାଇଥିଲା। ଏହି ସ୍ୱାଗତ ସମାରୋହରେ ସବୁ ବର୍ଗର ଜନତା ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଅତିସୁନ୍ଦର ଓ ସଫଳତାର ଆୟୋଜନ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ଟ୍ରଫି ସହିତ ସମ୍ମାନୀତ କରିଛନ୍ତି। ଏହା ଦେବଗଡ଼ ଜିଲା ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଥିବାରୁ ଜିଲାପାଳ ଜିଲା ପ୍ରଶାସନ ଓ ଜିଲାବାସୀଙ୍କୁ କୃତଜ୍ଞତା ଜଣାଇଥିଲେ। କିନ୍ତୁ ଏସବୁ ମଧ୍ୟରେ ସୌନ୍ଦର୍ଯ୍ୟକରଣ କାମ କରିଥିବା ଠିକାଦାର ସେମାନଙ୍କ ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ ହୋଇଛି। ୪୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୫ଜଣ ଠିକାଦାର ଏହି କାମ କରିଥିଲେ। ଇତିମଧ୍ୟରେ ୬ମାସ ବିତିଯାଇଥିଲେ ସୁଦ୍ଧା ସେମାନଙ୍କ କଥା କେହି ଶୁଣୁନାହାନ୍ତି। ତେଣୁ ସେମାନେ ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହୋଇଥବା କହିଛନ୍ତି। ଏ ସମ୍ପର୍କରେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ରଙ୍କୁ ତାଙ୍କ ମୋବାଇଲ ନମ୍ବର ୯୮୫୩୨୩୯୭୮୪ରେ ଯୋଗାଯୋଗ କରାଯାଇଥିଲା। ଏପରିକି ହ୍ୱାଟସଅପରେ ମ୍ୟାସେଜ କରାଯାଇଥିଲା। ହେଲେ ସେ କୌଣସିଉତ୍ତର ଦେଇ ନାହାନ୍ତି।

# ଏପଟେ ବନମହୋତ୍ସବ, ସେପଟେ ଜଙ୍ଗଲ ନଷ୍ଟ



ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ କଂକ୍ରିଟ ପିଲର ଚେକ୍‌ଡ୍ୟାମ ନିର୍ମାଣ କରାଯାଉଛି।

**ଦେବଗଡ଼, ୬।୭(ଶଶାଙ୍କ ଶେଖର ଝାଙ୍କର)**

- ■କୋରଡ଼କୋଟ ଜଳପ୍ରପାତରୁ ଜଳ ଅନ୍ୟତ୍ର ନେବାକୁ ଉଦ୍ୟମ
- ■ଜଙ୍ଗଲ ନଷ୍ଟ କରି କଂକ୍ରିଟ ପିଲର ଚେକ୍‌ଡ୍ୟାମ ନିର୍ମାଣ
- ■ସଂରକ୍ଷିତ ଜଙ୍ଗଲରେ ବେଆଇନ କାମକୁ ବନ୍ଦ କରାଯାଉ

ଏପଟେ ଚାଲିଛି ବନମହୋତ୍ସବ ସପ୍ତାହ ପାଳନ, ସେପଟେ ଚାଲିଛି ସଂରକ୍ଷିତ ଜଙ୍ଗଲ ନଷ୍ଟ। ଦେବଗଡ଼ ନିକଟସ୍ଥ ପ୍ରଧାନପାଟ(କୋରଡ଼କୋଟ) ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ କଂକ୍ରିଟ ପିଲର ଚେକ୍‌ଡ୍ୟାମ ନିର୍ମାଣ କରି ଜଳପ୍ରପାତରୁ ପାଣି ନେବା ପାଇଁ ପ୍ରସ୍ତୁତି ଚାଲିଛି। ବେଆଇନ ଭାବେ ଜେଶିବି ମେଶିନ ବ୍ୟବହାର କରି ଜଙ୍ଗଲ ନଷ୍ଟ କରାଯାଉଛି। ସରକାରୀ ନିୟମ ଅନୁସାରେ ସଂରକ୍ଷିତ ଜଙ୍ଗଲ ମଧ୍ୟରେ କୌଣସି ପ୍ରକାର ସ୍ଥାୟୀ ନିର୍ମାଣ କାର୍ଯ୍ୟ ହେବା କଥା ନୁହେଁ। କିନ୍ତୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ହସ୍‌ପିଟାଲକୁ ପାଣି ନେବା ପାଇଁ ସ୍ଥାୟୀ ଭାବେ ଯୋଜନା ପ୍ରସ୍ତୁତ କରାଯାଉଛି। ଦେବଗଡ଼ର ପ୍ରଧାନପାଟ କୋରଡକୋଟ ସଂରକ୍ଷିତ ଜଙ୍ଗଲ ଏକ ଐତିହାସିକ ପର୍ଯ୍ୟଟନସ୍ଥଳୀ। ଅତୀତରେ ବାମଣ୍ଡା ରାଜା ସଚ୍ଚିଦାନନ୍ଦଙ୍କ ସମୟରେ କୋରଡକୋଟ ଜଳପ୍ରପାତ ପାଣିକୁ ବ୍ୟବହାର କରି ଏକ ଜଳବିଦ୍ୟୁତ କେନ୍ଦ୍ର ସ୍ଥାପନ ହୋଇ ଦେବଗଡ଼ ସହରକୁ ବିଜୁଳି ଯୋଗାଣ ହେଉଥିଲା। ଯାହାକି ଏସିଆ ମହାଦେଶର ଦ୍ୱିତୀୟ ଜଳବିଦ୍ୟୁତ୍ କେନ୍ଦ୍ର ଭାବରେ ଗଣାଯାଏ। ଏବେ ତାହା ଅଚଳ। ୨୦୧୬ ମସିହାରେ ତତ୍କାଳୀନ ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କ ଉଦ୍ୟମରେ କୋରଡକୋଟରେ ଉକ୍ତ ବିଦ୍ୟୁତ୍ ପ୍ରକଳ୍ପର ଶତବାର୍ଷିକ ଧୁମଧାମ୍‌ରେ ପାଳନ କରାଯାଇଥିଲା। ଉକ୍ତ ପ୍ରକଳ୍ପର ପୁନରୁଦ୍ଧାର ନ କରି ଏପଟେ ଜଙ୍ଗଲ ଓ ପରିବେଶକୁ ନଷ୍ଟ କରି ଚେକ୍‌ଡ୍ୟାମ ନିର୍ମାଣ କରିବା କେତେ ଦୂର ଠିକ ସେଇଟା ଜନସାଧାରଣ ଚିନ୍ତା କରିବା ସମୟ ଆସିଛି। ବର୍ତ୍ତମାନ କୋରଡ଼କୋଟ ଜଳପ୍ରପାତର ପାଣିକୁ ନିକଟବର୍ତ୍ତୀ ଅଞ୍ଚଳର ଚାଷୀମାନେ ଚାଷ କାର୍ଯ୍ୟରେ ବ୍ୟବହାର କରି ଉପକୃତ ହେଉଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଚାଲିଥିବା ପ୍ରକଳ୍ପ ହେଲେ ଗରିବ ଚାଷୀମାନଙ୍କ ଚାଷ କାର୍ଯ୍ୟ ଉଜୁଡି ଯିବ। ସେହି ପାଣିକୁ ଅନ୍ୟଥା ବ୍ୟବହାର କଲେ ପଶୁପକ୍ଷୀ ଜୀବଜନ୍ତୁ ପାନୀୟ ଜଳ ଟିକେ ପାଇପାରିବେ ନାହିଁ। ପାଣି ଅଭାବରୁ ଜଙ୍ଗଲ ଭିତରେ ଥିବା ବୃକ୍ଷଲତା ଔଷଧୀୟ ଗୁଳ୍ମ ଆଦି ବଞ୍ଚିବା କଷ୍ଟକର ହେବ।

ରାଜ୍ୟ ସରକାର ଉକ୍ତ ଐତିହାସିକ ସ୍ଥଳୀ କୋରଡକୋଟ ଜଳପ୍ରପାତକୁ ପର୍ଯ୍ୟଟନ ସ୍ଥଳୀ ଭାବେ ଚିହ୍ନଟ କରିଥିବାରୁ ଏଠାକୁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ପର୍ଯ୍ୟଟକ ଜଳପ୍ରପାତର ମନୋରମ ଦୃଶ୍ୟ ଉପଭୋଗ କରିବା ପାଇଁ ଆସିଥାନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରକଳ୍ପ ହେଲେ ଜଳପ୍ରପାତର ଶୋଭା ନଷ୍ଟ ହେବ। ସୂଚନା ଥାଉକି, ବ୍ରାହ୍ମଣୀ ନଦୀ ରେଙ୍ଗାଲିଡ୍ୟାମର ଗଚ୍ଛିତ ପାଣି ଦେବଗଡ଼ ସହରରୁ ମାତ୍ର ୧୫ ରୁ ୨୦ କିଲୋମିଟର ଦୂରରେ ରହିଛି। ସେଠାରୁ ପାଣି ଆଣି ଦେବଗଡ଼ ପାଇଁ ଉପଯୋଗରେ ଲଗେଇ ପାରୁନାହାନ୍ତି ସରକାର। ଏପଟେ ସଂରକ୍ଷିତ ଜଙ୍ଗଲ ଓ ପରିବେଶକୁ ନଷ୍ଟ କରି ଜଳପ୍ରପାତ ପାଣିକୁ ଅନ୍ୟତ୍ର ଦେବାର ମସୁଧା ଚଲାଇଛନ୍ତି। ଜଳପ୍ରପାତର ଜଳ ଅନ୍ୟତ୍ର ବ୍ୟବହାର ନ କରିବା ପାଇଁ ଦେବଗଡ଼ ଜନସାଧାରଣ ଦୃଢ ଦାବି କରିଛନ୍ତି। ଉକ୍ତ କାମ ତୁରନ୍ତ ବନ୍ଦ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ବନ ବିଭାଗ ରେଞ୍ଜର ଦେବଦତ୍ତ ନନ୍ଦଙ୍କୁ ପଚାରିବାରୁ ଅନୁମତି ଡିଏଫ୍‌ଓ ଦେଇଛନ୍ତି। ଆର୍‌ଟିଆଇ ମାଗିଲେ ଅନୁମତି କପି ପାଇପାରିବେ ବୋଲି କହିଥିଲେ।

### ସେମାନେ ଯାହା କହନ୍ତି...



"ପ୍ରଧାନପାଟ ଜଳପ୍ରପାତ ପ୍ରଧାନପାଟ ସଂରକ୍ଷିତ ସଂଲଗ୍ନ ହୋଇଥିବାରୁ ଏହି ସ୍ଥାନରୁ ଗଛ କାଟିବା, ମାଟି ଖୋଳିବା, ପଥର କାଢ଼ିବା ନିଷେଧ ହୋଇଛି। ସରକାରଙ୍କ ବନ ବିଭାଗ ନିୟମ ଅନୁସାରେ ସେଠାରେ କୌଣସି ସ୍ଥାୟୀ ସିମେଣ୍ଟ କାମ କରିବା କଥା ନୁହେଁ, ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଚାଲିଥିବା କାମ ଅତି ଶୀଘ୍ର ବନ୍ଦ କରାଯାଉ।

**-ମାର୍କଣ୍ଡେଶ୍ୱର ଶତପଥୀ**
**ବରିଷ୍ଠ ନାଗରିକ, ଦେବଗଡ଼**



"ସଂରକ୍ଷିତ ଜଙ୍ଗଲରେ କଂକ୍ରିଟ ନିର୍ମାଣ, ବେଆଇନ କାର୍ଯ୍ୟ କରିବାକୁ ଯଦି ବନବିଭାଗ ଅନୁମତି ଦେଇଛନ୍ତି,ଏହା ତାଙ୍କ କ୍ଷମତା ବହିର୍ଭୂତ କାର୍ଯ୍ୟ। ଦ୍ୱିତୀୟରେ କୋରଡ଼କୋଟ ଜଳକୁ କୃଷିରେ ବ୍ୟବହାର କରିବା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ରହିଛି। ତେଣୁ ଏଠାରୁ ଅନ୍ୟତ୍ର ଜଳ ନେବା ଉଚିତ ନୁହେଁ।

**-ସୁଧୀର କୁମାର କପରଦାର**
**ବରିଷ୍ଠ ନାଗରିକ, ଦେବଗଡ଼**



"କୋରଡ଼କୋଟ ଏକ ଐତିହାସିକ ସ୍ଥାନ। କିନ୍ତୁ ବର୍ତ୍ତମାନ ଦେବଗଡ଼ ପ୍ରଶାସନ ଉକ୍ତ ସଂରକ୍ଷିତ ଜଙ୍ଗଲରୁ ଝରିଆସୁଥିବା ଝରଣା ପାଣିକୁ ବେଆଇନ ଭାବେ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ଯୋଜନା ଚଳାଇଛନ୍ତି। ଏହାକୁ ବିରୋଧ କରୁଛି। ତୁରନ୍ତ କାମକୁ ବନ୍ଦ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ହେବ।

**-ଦୟାଶଙ୍କର ଦ୍ୱିବେଦୀ**
**ଯୁବନେତା, ଦେବଗଡ଼**



"କୋରଡ଼କୋଟ ଜଳପ୍ରପାତକୁ ଅନ୍ୟତ୍ର ପ୍ରାୟ ୫ କିଲୋମିଟର ପର୍ଯ୍ୟନ୍ତ କୃତ୍ରିମ ଉପାୟରେ ଉପଯୋଗୀ ପାଇଁ ପଠାଇବା ବ୍ୟବସ୍ଥା କରାଯାଉ ଥିବାକୁ ବିରୋଧ କରୁଛି। ପ୍ରକୃତି ଉପରେ ଅତ୍ୟାଚାରକୁ ତୁରନ୍ତ ବନ୍ଦ କରାଯାଉ। ପ୍ରାକୃତିକ ପରିବେଶକୁ ଧ୍ୱଂସ ନ କରି ନୂତନ ନିର୍ମିତ ଡାକ୍ତରଖାନାର ଆବଶ୍ୟକ ଜଳ ପାଇଁ ନିକଟସ୍ଥ ଜଳସ୍ରୋତକୁ ଚେକ ଡ୍ୟାମ କରାଯାଉ।

**-ପ୍ରଭାସ ଚନ୍ଦ୍ର ମିଶ୍ର**
**ବରିଷ୍ଠ ଆଇନଜୀବୀ, ଦେବଗଡ଼**



"୬ ମାସ ପୂର୍ବରୁ ଜଳସ୍ୱାସ୍ଥ୍ୟ ବିଭାଗ ଆମର ୬ ନମ୍ବର ୱାର୍ଡରେ ଏକ ଗ୍ରାମ ସଭା କରିଥିଲେ ଆଉ ଆମକୁ କହିଥିଲେ ଯେ କୋରଡ଼କୋଟ ଜଳପ୍ରପାତରୁ ପାଣି ଆଣିଲେ ଏହି ୱାର୍ଡରେ ଲୋକମାନେ ଉପକୃତ ହେବେ। ସେଥିପାଇଁ ମୁଁ ଏବଂ ଆମ ୱାର୍ଡବାସୀ ରାଜି ହୋଇଥିଲୁ। କିନ୍ତୁ ପରେ ଶୁଣିବାକୁ ପାଉଛୁ ଯେ ଏହି ପାଣି ୫ କିଲୋମିଟର ଦୂରରେ ନୂତନ ଭାବେ ହେଉଥିବା ଡାକ୍ତରଖାନାକୁ ନିଆଯାଉଛି। ତେଣୁ ଏହି କାମକୁ ତୁରନ୍ତ ବନ୍ଦ କରାଯାଉ।

**-ଧର୍ମେନ୍ଦ୍ର କୁମାର ଦେବତା**
**୬ ନମ୍ବର ୱାର୍ଡ କାଉନସିଲର, ଦେବଗଡ଼।**

## ତେଲିତିଲେଇମାଲ ସ୍କୁଲରେ ବନମହୋତ୍ସବ

**କୁଚିଣ୍ଡା,୬।୭(ବିରଞ୍ଚି ଦର୍ଚ୍ଚା):** କୁଚିଣ୍ଡା ବ୍ଲକ ଅନ୍ତର୍ଗତ ତେଲିତିଲେଇମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ରୋପ ଚାଇଲ୍ଡ ଲାଇନ ପକ୍ଷରୁ ଗୁରୁବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ସାହୁଙ୍କ ଅଧକ୍ଷତାରେ ହୋଇଥିବା ସଚେତନତା ସଭାରେ ବିଷ୍ଣୁଚରଣ ଉଦାବର, ସୁଷମା ପୃଷ୍ଟି, ରମେଶ ଚନ୍ଦ୍ର କୁଆ ଏବଂ ଆଦିତ୍ୟ ରଞ୍ଜନ ମିଶ୍ର, ଚାଇଲ୍ଡଲାଇନ କର୍ମୀ ଭୂମିଶ୍ୱେତା ଧୂରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବନ ମହୋତ୍ସବର ମହତ୍ତ୍ୱ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ନେଇ ବୃକ୍ଷରୋପଣ କରାଯାଇଥିଲା। ଏଥିରେ ଚାଇଲ୍ଡଲାଇନ କର୍ମୀ ମିଳି ବାଦୀ ସହଯୋଗ କରିଥିଲେ।




ଛାତ୍ରୀଛାତ୍ର ବୃକ୍ଷରୋପଣ କରୁଛନ୍ତି।

## ସରକାରୀ ଖୁଚୁରା ବିକ୍ରେତା ସଂଘ ପକ୍ଷରୁ ଦାବିପତ୍ର

**ଦେବଗଡ଼, ୬।୭**
**(ଶଶାଙ୍କ ଶେଖର ଝାଙ୍କର)**



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଦେବଗଡ଼ ଜିଲା ସରକାରୀ ଖୁଚୁରା ବିକ୍ରେତା ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ୫ ଦଫା ଦାବିପତ୍ର ଗୁରୁବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଦାବିପତ୍ର ଗ୍ରହଣ କରିଥିଲେ। ସେମାନଙ୍କର ଦାବି ଅନୁଯାୟୀ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାର ପାରିଶ୍ରମିକ ବାବଦରେ ୨୮ମାସର ବକେୟା ଅର୍ଥ ରାଶି ପ୍ରଦାନ କରାଯାଉ। ଏହା ସହ ଇପିଓଏସ ମେଶିନ ବାବଦରେ ୩ ବର୍ଷର ବକେୟା ଅର୍ଥ ରାଶି ଓ ମଧ୍ୟାହ୍ନଭୋଜନ ଚାଉଳ ବାବଦରେ ବକେୟା ଅର୍ଥ ପ୍ରଦାନ, ମୃତ୍ୟୁବରଣ କରିଥିବା ଡିଲର ପରିବାରକୁ ପୁନଃନିଯୁକ୍ତି, ପୌରାଞ୍ଚଳରେ କାର୍ଯ୍ୟ କରୁଥିବା ସମସ୍ତ ଡିଲରଙ୍କ ପରିବାରକୁ ବିଜୁ ସ୍ୱାସ୍ଥ୍ୟକାର୍ଡ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଉକ୍ତ ଦାବିପତ୍ର ପ୍ରଦାନବେଳେ ସଂଘର ସଭାପତି ଶଙ୍କର୍ଷଣ ମହାପାତ୍ର, ରଘୁନାଥ ଝାଙ୍କର, ପୂର୍ଣ୍ଣିମା ପାତ୍ର, ଲଦ୍ଦେଶ ଭଞ୍ଜ, ଅମୂଲ୍ୟକାନ୍ତ କପରଦାର, ତ୍ରିଲୋଚନ ନାୟକ, ସୁରେଖା ବେହେରା, ସତ୍ୟନାରାୟଣ ସାହୁ, ଟଙ୍କଧର ପାତ୍ର, ରାଜେନ୍ଦ୍ର ଗୋଏଲ ପ୍ରମୁଖ ଉପସ୍ଥିତ ଥିଲେ।

## ତ୍ରୁଟିପୂର୍ଣ୍ଣ ବିଦ୍ୟୁତ୍ ବିଲ, ସଂଶୋଧନ କରୁନି ବିଭାଗ

**ଦେବଗଡ, ୬।୭**
**(ଶଶାଙ୍କ ଶେଖର ଝାଙ୍କର)**

**ଉପଭୋକ୍ତା ସଂଘର ଦୃଷ୍ଟି ଆକର୍ଷଣ କଲେ ଉପଭୋକ୍ତା ଚାଷୀ**

ଦେବଗଡ ଜିଲାରେ ବିଦ୍ୟୁତ ବିଭ୍ରାଟ ଉପଭୋକ୍ତାଙ୍କୁ ଅତିଷ୍ଠ କଲାଣି। ଅଘୋଷିତ ବିଦ୍ୟୁତ୍ କାଟରେ ପେଶି ହେଉଥିବା ଉପଭୋକ୍ତା ତ୍ରୁଟିପୂର୍ଣ୍ଣ ବିଲ୍ ପ୍ରସ୍ତୁତ, ଜୋର ଜୁଲୁମ କରି ବିଲ ଆଦାୟ ଏବଂ ସଂଯୋଗ ଛିନ୍ନ ପରି ପରିସ୍ଥିତିର ସମ୍ମୁଖୀନ ହେଉଛି। ତିଲେଇବଣି ବ୍ଲକ ବୁଢିବିଲ ଗ୍ରାମର ଚାଷୀ ସିଦ୍ଧାର୍ଥ ଗୁରୁ ନାମକ ଜଣେ ଚାଷୀ ତାଙ୍କ ଆମ୍ବ ବଗିଚାରେ ସଂଯୋଗ ହୋଇଥିବା ବିଦ୍ୟୁତ୍ ବି ନିୟମିତ ଭାବେ ଦେଇ ଆସୁଥିଲେ । ଅଦୌ ଏରିଅର ନଥିବା ବିଭାଗ ପକ୍ଷରୁ ପ୍ରଦତ ବିଲ୍‌ରେ ମଧ୍ୟ ଦର୍ଶାଯାଇଥିଲା । ମାତ୍ର ବିଡମ୍ବନାର ବିଷୟ ଏହା ଯେ, ବିଭାଗ ପକ୍ଷରୁ ଗତ ମେ ମାସ ୨୮ ତାରିଖରେ ପ୍ରସ୍ତୁତ ବିଲରେ ୧୦,୧୯୮ ଟଙ୍କା(ସମସ୍ତ କର ମିଶାଇ) ଥିବା ବିଲ୍‌ରେ ଦର୍ଶାଯାଇଥିଲା। ଏ ନେଇ ଗୁରୁ ଜୁନ ୧୩ ତାରିଖରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ସାହୁଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଲ୍ ସଂଶୋଧନ କରି ନୂତନ ବିଲ ପ୍ରଦାନ କରିବାକୁ ନିବେଦନ କରିଥିଲେ । କନିଷ୍ଠ ଯନ୍ତ୍ରୀ ସାହୁ ମଧ୍ୟ ବିଭାଗ ପକ୍ଷରୁ ଏଭଳି ତ୍ରୁଟି ହୋଇଥିବା ସ୍ୱୀକାର କରିବାସହ 'ମିଟର୍ ରିଡର୍ ଘରେ ବସି ବିଲ ପ୍ରସ୍ତୁତ କରିଥିବାରୁ ଏଭଳି ତ୍ରୁଟି ହୋଇଛି ବୋଲି କହିଥିଲେ। ଦୁଇ ଦିନ ମଧ୍ୟରେ ସଂଶୋଧିତ ବିଲ ପ୍ରଦାନ କରିବ ବୋଲି ଚାଷୀ ଗୁରୁଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲା ନାହିଁ। ଫଳରେ ଗୁରୁ ଅନନ୍ୟୋପାୟ ହୋଇ ବୁଧବାର ଜିଲା ବିଦ୍ୟୁତ ଉପଭୋକ୍ତା ସଂଘର ଦୃଷ୍ଟି ଆକର୍ଷଣ କରିଛନ୍ତି। ଅବିଳମ୍ବେ ବିଲ ସଂଶୋଧନ କରା ନ ଗଲେ ସେ ଖାଉଟି ଅଦାଲତର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି । କେବଳ ଚାଷୀ ଗୁରୁ ନୁହନ୍ତି, ଜିଲାର ଶହଶହ ଗ୍ରାହକଙ୍କୁ ଦୈନନ୍ଦିନ ଏଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଉପଭୋକ୍ତାଙ୍କୁ ଉଚିତ ନ୍ୟାୟ ପ୍ରଦାନ ଦିଗରେ ବିଦ୍ୟୁତ୍ ବିତରଣ କମ୍ପାନୀକୁ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦାବି ହେଉଛି ।

## ପୌର ନିର୍ବାହୀ ଅଧିକାରୀଙ୍କ ଗିରଫ ଦାବି କଲେ ବିଧାୟକ

**ଦେବଗଡ଼, ୬।୭**
**(ଶଶାଙ୍କ ଶେଖର ଝାଙ୍କର)**



ଖବରଦାତା ସମ୍ମିଳନୀରେ ଭାଜପା ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ଅନ୍ୟମାନେ।

ଦେବଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ରଙ୍କୁ ଆକ୍ରମଣ ଘଟଣାର ଆପୋଷ ମିଳାମିଶା ହୋଇଥିବା ସମ୍ପର୍କରେ ବୁଧବାର ଦେବଗଡ଼ ଆଦର୍ଶ ଥାନାରେ ସତ୍ୟପାଠ ଦାଖଲ କରାଯାଇଥିବାବେଳେ ଏହାକୁ ନେଇ ରାଜନୀତି ଜୋର ଧରିଛି। ନିର୍ବାହୀ ଅଧିକାରୀ ମହାପାତ୍ର କାହା ଚାପରେ ଆପୋଷ ମିଳାମିଶା ହୋଇଥିବା ସତ୍ୟପାଠ ଦାଖଲ କଲେ ବୋଲି ଦେବଗଡ଼ର ଭାଜପା ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ପ୍ରଶ୍ନ ଉଠାଇଛନ୍ତି। ଏଥିସହ ନିର୍ବାହୀ ଅଧିକାରୀ ମହାପାତ୍ର ଜଣେ ସରକାରୀ ଅଧିକାରୀ ହୋଇଥିଲେ ହେଁ ବାରମ୍ବାର ମତ ବଦଳାଇବା ସହ ଦୋଷୀଙ୍କୁ ଘଣ୍ଟ ଘୋଡାଉଥିବାରୁ ଆଇପିସିର ଧାରା ୨୨୧ ଅନୁଯାୟୀ ନିର୍ବାହୀ ଅଧିକାରୀ ମହାପାତ୍ରଙ୍କୁ ଗିରଫ କରିବାକୁ ଗୁରୁବାର ବିଧାୟକ ପାଣିଗ୍ରାହୀଙ୍କ ବାସଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦାବି ଜଣାଇଛନ୍ତି। ଏହି ଅବସରରେ ସେମାନେ ବିନା କାଉନଶିଲ ରିଜ୍ୟୋଲୁସନରେ ବହୁ କୋଟି ଟଙ୍କାର ନିର୍ମାଣ କାର୍ଯ୍ୟ ଏବଂ ମିଥ୍ୟା ବିଲ କରି ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ କରିବା ସହ ଏହାର ଭିଜିଲାନ୍ସ ତଦନ୍ତ ମଧ୍ୟ ଦାବି କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, ଆଗାମୀ ଦିନରେ ୫ଟି ସଚିବଙ୍କ ଦେବଗଡ଼ ଗସ୍ତ କାର୍ଯ୍ୟକ୍ରମ ରହିଥିବାବେଳେ କିଛିଦିନ ପୂର୍ବେ ଦେବଗଡ଼ ଗସ୍ତରେ ଆସିଥିବା ବିଜେଡି ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଆପୋଷ ବୁଝାମଣା ନେଇ ସତ୍ୟପାଠ କରିବାକୁ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ବାଧ କରିଥିବା ମଧ୍ୟ ବିଧାୟକ ପାଣିଗ୍ରାହୀ ଏହି ସମ୍ମିଳନୀରେ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସମ୍ମୁଖରେ ଅଭିଯୋଗ କରିଥିଲେ। ଖବରଦାତା ସମ୍ମିଳନୀରେ ବିଧାୟକ ପାଣିଗ୍ରାହୀ ଓ ଉପାଧ୍ୟକ୍ଷ ଭୋଜଙ୍କ ସମେତ ୯ନମ୍ବର ୱାର୍ଡର କାଉନସିଲର ସରୋଜିନୀ ମୁଣ୍ଡା, ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୟାଶଙ୍କର ଦ୍ୱିବେଦୀ, ସୁଧିର କୁମାର ବ୍ରହ୍ମା, ରାଜେନ୍ଦ୍ର ଆଚାର୍ଯ୍ୟ ଓ ପ୍ରତାପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ଗତ ଜୁନ ୨୧ରେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଈଙ୍କ ପୁଅ ରାଜକିଶୋର ଦାଶ ତାଙ୍କର ସହଯୋଗୀ ଦୀପନ ନାୟକ, କାଉନସିଲର ଜତିନ ନାୟକ, ଧର୍ମେନ୍ଦ୍ର ଦେବତା ଓ ଅନ୍ୟ ୮/୧୦ ଜଣ ନିର୍ବାହୀ ଅଧିକାରୀ ମହାପାତ୍ରଙ୍କ ଚ୍ୟାମ୍ବରରେ ପଶି ଗାଳିଗୁଲଜ କରିବାସହ ତାଙ୍କୁ ମାଡ ମାରିଥିବା ମହାପାତ୍ର ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ଼ ଆଦର୍ଶ ଥାନା ପୋଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିବାବେଳେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ମଙ୍ଗଳବାର ଦେବଗଡ଼ ଜିଲା ଭାଜପା ପକ୍ଷରୁ ଦାବି କରାଯିବା ସହ ଜିଲାପାଳ ଏବଂ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତେବେ ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ନିର୍ବାହୀ ଅଧିକାରୀ ମହାପାତ୍ର ବୁଧବାର ନୋଟାରୀ ପବ୍ଲିକଙ୍କ ସମ୍ମୁଖରେ ସତ୍ୟପାଠ କରିବା ସହ ଦେବଗଡ଼ ଆଦର୍ଶ ଥାନାରେ ଦାଖଲ କରିଥିଲେ। ଅଦାଲତ ବାହାରେ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଯାଇଥିବାରୁ ସେ ଏହି ମାମଲାକୁ ଆଗକୁ ବଢାଇବାକୁ ଚାହୁଁ ନ ଥିବା ଉକ୍ତ ସତ୍ୟପାଠରେ ଉଲ୍ଲେଖ କରିଥିଲେ।

**ଆପୋସ ମିଳାମିଶା ନେଇ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ସତ୍ୟପାଠ ଦାଖଲ ଘଟଣା**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜେଭରେଭ୍, ଆଜାରେଙ୍କା ବିଜୟୀ

**ୱିମ୍ବଲଡନ୍, ୬।୭**

ଟେନିସ୍ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲଡନ୍‌ର ତୃତୀୟ ଦିବସରେ ଏକାଧିକ ସିଡେଡ୍ ଖେଳାଳି ବିଜୟ ହାସଲ କରିଛନ୍ତି। ବର୍ଷା ବାଧାପ୍ରାପ୍ତ ଏହି ଟୁର୍ନାମେଣ୍ଟର ଅନେକ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିବା ବେଳେ ପ୍ରଥମ ରାଉଣ୍ଡ ମ୍ୟାଚରେ ବିଜୟୀ ହୋଇଛନ୍ତି ଜର୍ମାନୀର ଆଲେକଜାଣ୍ଡାର ଜେଭରେଭ୍। ଅନ୍ୟ

## ୱିମ୍ବଲଡନ୍ ଟେନିସ

ପୁରୁଷ ସିଡେଡ ଖେଳାଳିଙ୍କ ମଧ୍ୟରେ ଲରେଞ୍ଜୋ ମୁସେଟ୍ଟି, ହୋବାର୍ଟ ହୁରକାଜ ଓ ଷ୍ଟାନ ୱାରିଙ୍କା ବିଜୟୀ ହୋଇଛନ୍ତି। ମହିଳା ଖେଳାଳିଙ୍କ ମଧ୍ୟରେ ଭିକ୍ଟୋରିଆ ଆଜାରେଙ୍କା ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିବା ବେଳେ ବିୟାଙ୍କା ଆଣ୍ଡ୍ରିସ୍କ୍ୟୁ, ମେରୀ ବୁଜୋକୋଭା, ସୋଫିଆ କେନିନ୍ ପ୍ରମୁଖ ବିଜୟୀ ହୋଇଛନ୍ତି।

ପ୍ରଥମ ରାଉଣ୍ଡ ମ୍ୟାଚ୍ ଖେଳୁଥିବା ଜର୍ମାନୀର ଜେଭରେଭ୍ ୬-୪, ୭-୬(୭-୪) ଓ ୭-୬(୭-୫) ସେଟରେ ନେଦରଲାଣ୍ଡ୍ସର ଗିଜ୍ସ ବ୍ରାଉଓରଙ୍କୁ ପରାସ୍ତ କରିଥିଲେ। ପ୍ରଥମ ସେଟ୍‌ରେ ସହଜ ବିଜୟ ହାସଲ କରିବା ପରେ ଜେଭରେଭ୍ ପରବର୍ତ୍ତୀ ଦୁଇ ସେଟ୍‌କୁ ଟାଇବ୍ରେକରରେ ଜିତିଥିଲେ। ଇଟାଲୀର ଲରେଞ୍ଜୋ ମୁସେଟ୍ଟି ୬-୪, ୬-୩ ଓ ୬-୧ ସେଟ୍‌ରେ ସ୍ପେନ୍‌ର ଜାଉମେ ମୁନାରଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିଶ୍ୱ ମାନ୍ୟତାର ୧୭ତମ ସ୍ଥାନରେ ଥିବା ପୋଲାଣ୍ଡର ହ୍ୟୁବର୍ଟ ହୁରକାଜ ୬-୪, ୬-୪ ଓ ୭-୬(୭-୩) ସେଟ୍‌ରେ ବ୍ରିଟେନ୍ ଖେଳାଳି ଜାନ୍ ଚୋଇନସ୍କିଙ୍କୁ ପରାସ୍ତ କରିଥିଲେ। ଦୀର୍ଘ ଦିନ ପରେ ଗ୍ରାଣ୍ଡସ୍ଲାମ ଖେଳିଥିବା ସ୍ୱିଜରଲାଣ୍ଡର ଷ୍ଟାନ ୱାରିଙ୍କା ୬-୩, ୪-୬, ୬-୪ ଓ ୬-୨ ସେଟ୍‌ରେ ଗ୍ରୀସ୍‌ର ଥୋମାସ ମାର୍ଟିନ୍ ଏଚେଭରୀଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କାଜାଖସ୍ତାନର ୨୩ ନମ୍ବର ଖେଳାଳି ଆଲେକଜାଣ୍ଡାର ବୁବଲିକ୍ ୬-୩, ୭-୬(୭-୫), ୬-୦ ରେ ଆମେରିକାର ଜେଜେ ଓଲ୍ଫଙ୍କୁ ପରାସ୍ତ କରିଛନ୍ତି। ୭ ନମ୍ବର ସିଡ୍ ରୁଷିଆର ଆଣ୍ଡି ରୁବଲେଭ୍ ନିଜ ଦେଶର ଆସ୍ଲାନ କାରାଟସେଭ୍‌ଙ୍କୁ ୬-୭(୪-୭), ୬-୩, ୬-୪ ଓ ୭-୫ରେ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ।

ମହିଳା ସିଙ୍ଗଲ୍ସରେ ଭିକ୍ଟୋରିଆ ଆଜାରେଙ୍କା ୬-୩ ଓ ୬-୦ ସେଟ୍‌ରେ ଗ୍ରୀସ୍‌ର ନାଦିଆ ପୋଡୋରୋସ୍କିଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପରାସ୍ତ କରିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ୩୨ ନମ୍ବର ସିଡ୍ ଚେକ୍ ରିପବ୍ଲିକ୍‌ର ମେରୀ ବୁଜୋକୋଭା ୬-୧, ୬-୨ ରେ ଇଷ୍ଟୋନିଆର ଆନା କୋଣ୍ଟାଭେଟଙ୍କୁ ପରାସ୍ତ କରିଛନ୍ତି। ଆମେରିକାର ସୋଫିଆ କେନିନ ୬-୪, ୬-୩ ସେଟ୍‌ରେ ଚାଇନାର ୱାଙ୍ଗ ଜିନ୍ୟୁଙ୍କୁ ପରାସ୍ତ କରି ପ୍ରଥମ ଥର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିୟାଙ୍କା ଆଣ୍ଡ୍ରିସ୍କ୍ୟୁ ୬-୩, ୩-୬ ଓ ୬-୨ ସେଟରେ ଆନା ବୋଣ୍ଡାରଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୟୁକ୍ରେନ୍‌ର ଏଲିନା ସ୍ୱିତୋଲିନା ୬-୧, ୧-୬ ଓ ୬-୧ରେ ବେଲଜିୟମର ଏଲିସ ମର୍ଟେନ୍ସଙ୍କୁ ପରାସ୍ତ କରିଛନ୍ତି।


ସୋଫିଆ କେନିନ୍

# କୋର୍ଟକୁ ରଙ୍ଗିନ କାଗଜ ଫୋପାଡ଼ି ୨ ଗିରଫ

**ୱିମ୍ବଲଡନ୍, ୬।୭(ପି.ଟି.)**

ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ମ୍ୟାଚ୍ ଚାଲିଥିବା ବେଳେ ଦେଖିବାକୁ ମିଳିଥିଲା ପ୍ରତିବାଦ। ପରିବେଶ ସୁରକ୍ଷାକାରୀ ସଂସ୍ଥା 'ଜଷ୍ଟ ଫର୍ ଅଏଲ୍' ପକ୍ଷରୁ ଏହି ବିରୋଧ କରାଯାଇଥିଲା। କୋର୍ଟ ନମ୍ବର ୧୮ରେ ମ୍ୟାଚ୍ ଖେଳାଯାଉଥିବା ସମୟରେ ଏହି ଘଟଣା ଘଟିଥିଲା। ଗ୍ରିଗୋର ଦିମିତ୍ରୋଭ୍ ସର୍ଭ କରିବାକୁ ଯାଉଥିବା ବେଳେ କୋର୍ଟ ମଧ୍ୟକୁ ପ୍ରବେଶ କରିବାକୁ ପ୍ରୟାସ କରିଥିଲେ ଜଣେ ପୁରୁଷ ଓ ମହିଳା। ଉଭୟ କମଳା ରଙ୍ଗର କାଗଜ କୋର୍ଟ ମଧ୍ୟକୁ ଫିଙ୍ଗିଥିଲେ। ତେବେ କୋର୍ଟ ପର୍ଯ୍ୟନ୍ତ ପହଞ୍ଚିବା ପୂର୍ବରୁ ଉଭୟଙ୍କୁ ଆୟତ୍ତ କରି ନେଇଥିଲେ ସୁରକ୍ଷା କର୍ମୀ। ପରେ ଉଭୟଙ୍କୁ ଗିରଫ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ଆଶେସ ଟେଷ୍ଟ ସିରିଜର ଦ୍ୱିତୀୟ ମ୍ୟାଚ୍‌ରେ ସମାନ ସଂସ୍ଥା ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଇଥିଲା।

# ୨୦ସୁଦ୍ଧା ହୋଇପାରେ ରେସ୍‌ଲିଂ ଟ୍ରାଏଲ୍ସ



**ନୂଆଦିଲ୍ଲୀ, ୬।୭ (ପି.ଟି.)**

ଏସିଆନ ଗେମ୍ସ ପାଇଁ କୁସ୍ତିଯୋଦ୍ଧାମାନଙ୍କ ଶର୍ଟଲିଷ୍ଟ ତାଲିକା ପାଇଁ ଟ୍ରାଏଲ୍ସ ଯଥାସମ୍ଭବ ଜୁଲାଇ ୨୦ ପାଖାପାଖି ହୋଇପାରେ। ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆ(ଓସିଏ) ତରଫରୁ ଏ ନେଇ ଅଣାନୁଷ୍ଠାନିକ ପ୍ରତିଶ୍ରୁତି ମିଳିଛି। ଏସିଆନ ଗେମ୍ସ ଲାଗି ଖେଳାଳିମାନଙ୍କର ନାମ ତାଲିକା ସମୟସୀମା ଜୁଲାଇ ୧୫ ରଖାଯାଇଥିଲା। କିନ୍ତୁ ଭାରତୀୟ କୁସ୍ତିଯୋଦ୍ଧା ମହାସଂଘର ପରିଚାଳନା ପାଇଁ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଦ୍ୱାରା ଗଠିତ ଆଡ୍‌ହକ କମିଟି ସମୟସୀମାକୁ ବୃଦ୍ଧି କରିବା ଲାଗି ଓସିଏକୁ ଅନୁରୋଧ କରିଥିଲା। ପ୍ରତିଶ୍ରୁତି ମିଳିଥିଲେ ହେଁ ଏଣ୍ଟ୍ରି ଲିଷ୍ଟ ପଠାଇବା ଲାଗି କେତେଦିନ ରିହାତି ମିଳିବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ଆଡ୍‌ହକ୍ ପ୍ୟାନେଲର ଜଣେ ସଦସ୍ୟ ଜିଆନ ସିଂ କହିଛନ୍ତି, ଆଥ୍‌ଲେଟଙ୍କ ତାଲିକା ପଠାଇବା ସମୟସୀମା ବୃଦ୍ଧି ସମ୍ପର୍କରେ କୌଣସି ମେଲ୍ ଏପର୍ଯ୍ୟନ୍ତ ଓସିଏରୁ ଆସିନାହିଁ। ସେମାନେ କୋହଳ କରିବା ଲାଗି ରାଜି ହୋଇଥିଲେ ମଧ୍ୟ ତାହା ୧୦,୧୨, ୧୫ ଦିନ କିମ୍ବା ତା'ଠାରୁ ଅଧିକ ଲାଗିବ ଆମେ କହିପାରିବୁ ନାହିଁ। ଏସିଆନ ଗେମ୍ସ ଟ୍ରାଏଲ୍ସ ପାଇଁ ଦିନ ଘୋଷଣା ସୋମବାର ହେବ। ତାହା ଯଥା ସମ୍ଭବ ଜୁଲାଇ ୨୦ ପାଖାପାଖି ହେବ। ଆନ୍ଦୋଳନକାରୀ କୁସ୍ତିଯୋଦ୍ଧାଙ୍କୁ ପ୍ରସ୍ତୁତି ଲାଗି ଯଥେଷ୍ଟ ସମୟ ଦେବା ପରିପ୍ରେକ୍ଷୀରେ ଆଇଓଏ ଆଥଲେଟଙ୍କ ତାଲିକା ପଠାଇବାର ଶେଷ ତାରିଖ ଅଗଷ୍ଟ ୧୦ ପର୍ଯ୍ୟନ୍ତ ଘୁଞ୍ଚାଇ ଦେବାଲାଗି ଓସିଏକୁ ଅନୁରୋଧ କରିଥିଲା। ସୂଚନାଯୋଗ୍ୟ, ଏସିଆନ ଗେମ୍ସ ଲାଗି ପ୍ରସ୍ତୁତି ସକାଶେ ଅତିରିକ୍ତ ସମୟ ଦେବା ଲାଗି ଅଲିମ୍ପିକ ପଦକ ବିଜେତା ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ ଓ ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜୟୀ ଭିନେଶ ଫୋଗତଙ୍କ ସମେତ ୬ଜଣ କୁସ୍ତି ଯୋଦ୍ଧା କ୍ରୀଡ଼ା ମନ୍ତ୍ରଣାଳୟକୁ ଅନୁରୋଧ କରିଥିଲେ। ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ)ର ବିଦାୟୀ ସଭାପତି ବ୍ରିଜ୍ ଭୂଷଣ ଶରଣ ସିଂଙ୍କ ବିରୋଧରେ ଦୀର୍ଘ ୩୮ ଦିନ ଆନ୍ଦୋଳନ କରିଥିବା ଦୃଷ୍ଟିରୁ ସେମାନେ ବର୍ତ୍ତମାନ ଶାରୀରିକ ଦୃଷ୍ଟିରୁ ଫିଟ୍ ନାହାନ୍ତି। ଆଡହକ୍ ପ୍ୟାନେଲ ସେମାନଙ୍କୁ ଏସିଆନ ଗେମ୍ସ ଓ ବିଶ୍ୱ ଚାମ୍ପିୟନଶିପ୍ ଟ୍ରାଏଲ୍ସରୁ ଛାଡ଼ କରି ଏକମାତ୍ର ବାଉଟ୍ ବ୍ୟବସ୍ଥା କରିଥିଲା। ହେଲେ ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା। ଜିଆନ ସିଂ କହିଛନ୍ତି, ପ୍ରସ୍ତୁତି ପାଇଁ କୁସ୍ତିଯୋଦ୍ଧାମାନଙ୍କୁ ଯଥେଷ୍ଟ ସମୟ ଦିଆଯିବ। ସେମାନଙ୍କୁ ଅତିକମ୍‌ରେ ୧୦ ଦିନ ସମୟ ଦିଆଯିବ।

# ଟ୍ରଫି ଟୁର୍‌କୁ ସ୍ୱାଗତ କଲେ ଝୁଲଣ

**କୋଲକାତା, ୬।୭ (ପି.ଟି.):** ଭାରତୀୟ ମହିଳା କ୍ରିକେଟ ଦଳର କିମ୍ବଦନ୍ତୀ ଝୁଲଣ ଗୋସ୍ୱାମୀ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଟ୍ରଫି ଟୁର୍‌କୁ ସ୍ୱାଗତ କରିଛନ୍ତି। ଗୁରୁବାର ଟ୍ରଫି ଟୁର୍ କୋଲକାତାରେ ପହଞ୍ଚିଥିବା ବେଳେ ଝୁଲଣ ଏହାକୁ ସ୍ୱାଗତ କରିଥିଲେ। ଏହା ସହ ଭାରତୀୟ ଦଳ ୨୦୧୧ ମସିହାର ସଫଳତା ଦୋହରାଇବା ନେଇ ଝୁଲଣ କହିଥିଲେ। କୋଲକାତାସ୍ଥିତ ମଡର୍ନ ହାଇସ୍କୁଲରେ ଟ୍ରଫି ରହିଥିବା ବେଳେ ଏହାକୁ ଦେଖିବା ପାଇଁ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ବିଶ୍ୱକପ୍ ଜିତିବା ସମସ୍ତ କ୍ରିକେଟରଙ୍କ ପାଇଁ ସ୍ୱପ୍ନ। ଜଣେ ଆଥ୍‌ଲେଟ ପାଇଁ ଅଲିମ୍ପିକ୍ସ ଯାହା, ଜଣେ କ୍ରିକେଟର ପାଇଁ ବିଶ୍ୱକପ୍ ସମାନ ଗୁରୁତ୍ୱ ବହନ କରିଥାଏ। ପ୍ରତି ୪ ବର୍ଷରେ ଏହା ଆୟୋଜିତ ହେଉଥିବାରୁ ଭାରତ ଘରୋଇ ଦର୍ଶକଙ୍କ ସମ୍ମୁଖରେ ସଫଳ ହେବ ବୋଲି ସେ ଆଶା ରଖିଛନ୍ତି। ୨୦୧୧ ବିଶ୍ୱକପ୍‌ରେ ମହେନ୍ଦ୍ର ସିଂ ଧୋନୀ ଯେଉଁଭଳି ଭାବରେ ଛକା ମାରି ୨୮ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇଥିଲେ ଚଳିତ ବର୍ଷ ସେମିତି କିଛି ଦୃଶ୍ୟ ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଦେଖିବାକୁ ମିଳିବ ବୋଲି ସେ ଅନୁମାନ କରିଛନ୍ତି। ଫ୍ୟାନ୍‌ମାନେ ବହୁ ସଂଖ୍ୟାରେ ଆସି ଭାରତୀୟ କ୍ରିକେଟ ଦଳ ପ୍ରତି ନିଜର ସମର୍ଥନ ଦେଖାନ୍ତୁ ବୋଲି କହିଥିଲେ ଝୁଲଣ। କ୍ରିକେଟରେ ବିଜୟ ଓ ପରାଜୟ ଏକ ଅଂଶ, ତେଣୁ ଆମକୁ ଭାରତକୁ ସମର୍ଥନ କରିବାକୁ ହେବ ବୋଲି ସେ କହିଥିଲେ। ଆଇସିସି ବିଶ୍ୱକପ୍ ଟ୍ରଫି ଟୁର୍ ଜୁନ୍ ୨୭ରୁ ଆରମ୍ଭ ହୋଇଛି। ଜୁଲାଇ ୧୪ ପର୍ଯ୍ୟନ୍ତ ଏହା ବିଭିନ୍ନ ଭାରତୀୟ ସହର ଦେଇ ଗସ୍ତ କରିବ। ପଶ୍ଚିମବଙ୍ଗ ପରେ ବିଶ୍ୱକପ୍ ଟ୍ରଫି କେରଳର ତ୍ରିଭେନ୍ଦ୍ରମ ଓ କୋଚି ଗସ୍ତ କରିବ। ଭାରତରେ ଟୁର୍ ସମାପ୍ତ ହେବା ପରେ କୁଏତ୍, ବାହାରିନ୍, ମାଲେସିଆ, ଆମେରିକା, ନାଇଜେରିଆ, ଉଗାଣ୍ଡା, ଫ୍ରାନ୍ସ, ଇଟାଲୀ ପରି ୧୮ଟି ଦେଶରେ ଏହି ଟ୍ରଫି ଟୁର୍ ଅନୁଷ୍ଠିତ ହେବ।

# ପୂଜାରା, ସୂର୍ଯ୍ୟକୁମାରଙ୍କ ଅର୍ଦ୍ଧଶତକ

**ବେଙ୍ଗାଲୁରୁ,୬।୭(ପି.ଟି.)**

ଦୁଲୀପ୍ ଟ୍ରଫି ସେମିଫାଇନାଲରେ ବୋଲରଙ୍କ ପ୍ରାଧାନ୍ୟ ଜାରି ରହିଥିବା ବେଳେ ଅର୍ଦ୍ଧଶତକ ହାସଲ କରିଛନ୍ତି ଚେତେଶ୍ୱର ପୂଜାରା ଓ ସୂର୍ଯ୍ୟକୁମାର ଯାଦବ। ଉଭୟଙ୍କ ଅର୍ଦ୍ଧଶତକ ବଳରେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ପଶ୍ଚିମାଞ୍ଚଳ ୩ ଉଇକେଟରେ ୧୪୯ ରନ୍ କରିବା ସହିତ ୨୪୧ ରନ୍‌ରେ ଆଗୁଆ ରହିଛି। ଅନ୍ୟପକ୍ଷରେ ଉତ୍ତରାଞ୍ଚଳ ପ୍ରଥମ ଇନିଂସରେ ୩ ରନ୍‌ର ଅଗ୍ରଣୀ ହାସଲ କରିଛି।

**ନାଗ୍ୱାସ୍ୱାଲାଙ୍କୁ ୫ ଉଇକେଟ:** ପଶ୍ଚିମାଞ୍ଚଳ ଓ କେନ୍ଦ୍ରାଞ୍ଚଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ପଶ୍ଚିମାଞ୍ଚଳ ୨୨୦ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଅତୀତ ସେଠ୍ ସର୍ବାଧିକ ୭୪ ରନ୍ କରିଥିବା ବେଳେ କେନ୍ଦ୍ରାଞ୍ଚଳ ପକ୍ଷରୁ ଶିବମ ମାଭି ୬ ଉଇକେଟ ନେଇଥିଲେ। ଜବାବରେ ଅର୍ଜନ ନାଗ୍ୱାସ୍ୱାଲାଙ୍କ ୫ ଉଇକେଟ ସଫଳତା ବଳରେ କେନ୍ଦ୍ରାଞ୍ଚଳ ୧୨୮ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ରିଙ୍କୁ ସିଂ ସର୍ବାଧିକ ୪୮ ରନ୍ କରିଥିବା ବେଳେ ଧ୍ରୁବ୍ ଜୁରେଲ ୪୬ ରନ୍ କରିଥିଲେ। ଦଳର ୮ ଖେଳାଳି ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ଅର୍ଜନ ୭୪ ରନ୍‌ରେ ୫ ଉଇକେଟ ନେଇଥିବା ବେଳେ ଅତୀତ ସେଠ୍ ୩ ଓ ଚିନ୍ତନ ଗଜା ୨ ଉଇକେଟ ନେଇଥିଲେ। ୯୨ ରନ୍‌ର ଅଗ୍ରଣୀ ହାସଲ କରିଥିବା ପଶ୍ଚିମାଞ୍ଚଳ ଦ୍ୱିତୀୟ ଇନିଂସରେ ଦୃଢତାର ସହିତ ବ୍ୟାଟିଂ କରିଥିଲା। ପୃଥ୍ୱୀ ଶ(୨୫) ଓ ପ୍ରିୟଙ୍କ ପାଞ୍ଚାଲ(୧୫) ପ୍ରଥମ ଉଇକେଟରେ ୩୬ ରନ୍ ଯୋଡିଥିଲେ। ଉଭୟ ଓପନର ମାତ୍ର ୪ ରନ୍ ବ୍ୟବଧାନରେ ପ୍ୟାଭିଲିୟନ୍ ଫେରିଥିବା ବେଳେ ଚେତେଶ୍ୱର ପୂଜାରା(୫୦*) ଓ ସୂର୍ଯ୍ୟକୁମାର ଯାଦବ(୫୨) ଚତୁର୍ଥ ଉଇକେଟରେ ୯୫ ରନ୍ ଯୋଡିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଚେତେଶ୍ୱର ପୂଜାରା ୧୦୩ ବଲ୍ ଖେଳି ୫୦ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଅନ୍ୟତମ ବ୍ୟାଟର ସର୍ଫରାଜ ଖାଁ ୬ରନ୍ କରି ବ୍ୟାଟିଂ କରୁଛନ୍ତି। କେନ୍ଦ୍ରାଞ୍ଚଳ ପକ୍ଷରୁ ସୌରଭ କୁମାର ଦୁଇଟି ଓ ଯଶ ଠାକୁର ଗୋଟିଏ ଉଇକେଟ ନେଇଛନ୍ତି।


ତିଳକ ବର୍ମା

**ଉତ୍ତରାଞ୍ଚଳ ୩ ରନ୍‌ରେ ଆଗୁଆ:** ଦକ୍ଷିଣାଞ୍ଚଳ ବିପକ୍ଷ ଲୋ ସ୍କୋରିଂ ମ୍ୟାଚ୍‌ରେ ୩ ରନ୍‌ର ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି ଉତ୍ତରାଞ୍ଚଳ। ଉତ୍ତରାଞ୍ଚଳର ୧୯୮ ରନ୍ ଜବାବରେ ମୟଙ୍କ ଅଗ୍ରୱାଲଙ୍କ ୭୬ ଓ ତିଳକ ବର୍ମାଙ୍କ ୪୬ ରନ୍ ସତ୍ତ୍ୱେ ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ମାତ୍ର ୧୯୫ ରନ୍‌ରେ ଅଲଆଉଟ ହୋଇ ୩ ରନ୍ ପଛରେ ରହିଥିଲା। ଦ୍ୱିତୀୟ ଇନିଂସରେ ଜୟନ୍ତ ଯାଦବ ଓ

## ଦୁଲୀପ୍ ଟ୍ରଫି

ବୈଭବ ଅରୋରା ୩ଟି ଲେଖାଏ ଉଇକେଟ ନେଇ ଦଳକୁ ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ପ୍ରଦାନ କରିଥିଲେ। ମୟଙ୍କ ୧୧୫ ବଲ୍ ଖେଳି ୧୦ ଚୌକା ସହିତ ୭୬ ରନ୍ କରିଥିଲେ। ସେ ତିଳକ ବର୍ମାଙ୍କ ସହିତ ୧୧୦ ରନ୍ ଯୋଡିଥିବା ବେଳେ ୫୦ ରନରେ ଦଳର ଶେଷ ୫ ଉଇକେଟର ପତନ ଘଟିଥିଲା।

ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଉତ୍ତରାଞ୍ଚଳ ଦୁଇ ଉଇକେଟ ହରାଇ ୫୧ ରନ୍ ସଂଗ୍ରହ କରିଛି। ଧ୍ରୁବ ସୋରେ ୫ ଓ ପ୍ରଶାନ୍ତ ଚୋପ୍ରା ୧୯ ରନ୍ କରି ପ୍ୟାଭିଲିୟନ ଫେରିଥିବା ବେଳେ ଅଙ୍କିତ କାଲସି ୨୧ ଓ ପ୍ରଭସିମରନ୍ ସିଂ ୬ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଦକ୍ଷିଣାଞ୍ଚଳ ପକ୍ଷରୁ ବିଜୟ କୁମାର ବୈଶାକ ଓ ବିଦ୍ୱାଥ କଭେରପ୍ପା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।


## ଚବିଶତମ ବିବାହ ବାର୍ଷିକୀ



**ବିଜୟ ଓ ମିଲି**

ଉଭୟଙ୍କ ଦାମ୍ପତ୍ୟ ଜୀବନକୁ ଜଗତରନାଥ ଜଗନ୍ନାଥ ଘଣ୍ଟ ଘୋଡ଼େଇ ରଖନ୍ତୁ ଏହା ହିଁ ପରିବାରସଦସ୍ୟଙ୍କ ପ୍ରାର୍ଥନା।

ଶୁଭେଚ୍ଛାରେ ବଡ଼ଭାଇ: ରବି, ଭାଉଜ: ପିଲି, ପ୍ରଶାନ୍ତ, କାନ୍ତି, ଅଜ୍ଜୁ, ରାଲି, ସୋନୁ, ମୁନୁ, ଲିକୁ, କାହ୍ନୁ ମାମା, ଶୁଭ୍ରା, ରଚୁନୁ ଓ ବରାଡ଼ ପରିବାରବର୍ଗ ।

ଧ-୦୭୬୫


# ଚେନ୍ନାଇନ୍ ଏଫ୍‌ସିରେ ପ୍ରତୀକ, ସାଚୁ

**ଚେନ୍ନାଇ, ୬।୭ (ପି.ଟି.):** ଚେନ୍ନାଇନ ଏଫ୍‌ସି ଗୁରୁବାର ପ୍ରତିଭାସମ୍ପନ୍ନ ଗୋଲ୍‌କିପର ପ୍ରତୀକ କୁମାର ସିଂ ଓ ଡିଫେଣ୍ଡର ସାଚୁ ସିବିଙ୍କ ସହ ଚୁକ୍ତି କରିଛି। ସାଚୁଙ୍କ ଯୋଗଦାନ ଫଳରେ ଦଳର ଡିଫେନ୍ସ ଅଧିକ ଶକ୍ତିଶାଳୀ ହୋଇଛି। ଉଭୟ ଯୁବ ଖେଳାଳି ପ୍ରଥମ ଥର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଖେଳିବେ। ଚଣ୍ଡିଗଡ଼ରେ ଜନ୍ମଗ୍ରହଣ କରିଥିବା ପ୍ରତୀକ ରମଣ ବିଜୟନ ସକ୍କର ସ୍କୁଲର ସୃଷ୍ଟି। ୟୁଥ୍ ଲେଭଲରେ ସେ ଏଟିକେରୁ ପ୍ରତିନିଧିତ୍ୱ କରିଛନ୍ତି। ୨୩ ବର୍ଷୀୟ ଖେଳାଳି ତାଙ୍କ ପ୍ରଫେସନାଲ କ୍ୟାରିୟର ୨୦୧୯ରେ ଚେନ୍ନାଇ ସିଟି ଏଫ୍‌ସି ସହ ଆରମ୍ଭ କରିଥିଲେ।

# ଭାରତର ଟପ୍ ଭାରୋତ୍ତୋଳକ ଭାଗ ନେବେ ନାହିଁ

**ନୂଆଦିଲ୍ଲୀ, ୬।୭ (ପି.ଟି)**

ଗ୍ରେଟର ନଏଡାରେ ଜୁଲାଇ ୧୨ରୁ ଆରମ୍ଭ ହେବାକୁଥିବା ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ଭାରତର ଟପ୍ କୁସ୍ତିଯୋଦ୍ଧାମାନେ ଅଂଶଗ୍ରହଣ କରୁନାହାନ୍ତି। ଦୁଇଥର ସ୍ୱର୍ଣ୍ଣ ବିଜେତା ଅଜୟ ସିଂ ଆୟୋଜକ ଭାରତର ନେତୃତ୍ୱ ନେବେ। ଭାରତ ଦ୍ୱିତୀୟ ଥର ପାଇଁ ଟୁର୍ନାମେଣ୍ଟ ଆୟୋଜନ କରୁଛି। ପୂର୍ବରୁ ୨୦୧୫ରେ ପୁଣେଠାରେ ସଫଳତାର ସହ ଆୟୋଜନ କରିଥିଲା। ଏଥର ମୀରାବାଈ ଚାନୁ ଓ ଅନ୍ୟ ଷ୍ଟାର ଭାରୋତ୍ତୋଳକମାନେ ଚାମ୍ପିୟନଶିପ୍‌ରୁ ଓହରିଯାଇଛନ୍ତି। ଆମେରିକାରେ ଜଙ୍ଘରେ ଆଘାତପ୍ରାପ୍ତ ଯୋଗୁ ଟୋକିଓ ଅଲିମ୍ପିକ୍ସ ରୌପ୍ୟ ବିଜେତା ମୀରାବାଈ ବର୍ତ୍ତମାନ ରିହାବିଲିଟେଶନରେ ଅଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତା ଜେରେମି ଲାଲ୍‌ରିନୁଙ୍ଗା, ଅଚିନ୍ତ୍ୟ ଶିଉଲି ଓ ବିନ୍ଧ୍ୟାରାଣୀ ଦେବୀ ପ୍ରମୁଖ ବିଭିନ୍ନ କାରଣରୁ ଇଭେଣ୍ଟରେ ଭାଗ ନେଉନାହାନ୍ତି। ସେମାନଙ୍କ ଅନୁପସ୍ଥିତିରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକ ବିଜେତା ଲଭ୍‌ପ୍ରୀତ ସିଂ, ପୂର୍ବତନ ଏସିଆନ ଚାମ୍ପିୟନ ଝିଲି ଦଲବେହେରା ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ବିଜେତା ହାଜିନ୍ଦର କୌରଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ଭାରତୀୟ ଭାରୋତ୍ତୋଳକମାନେ ଭଲ ପ୍ରଦର୍ଶନ କରିଥାନ୍ତି। ଏଥର ପାରମ୍ପରିକ ପାୱାର ହାଉସ୍ ଚାଇନା ଓ ଉତ୍ତର କୋରିଆର ଅନୁପସ୍ଥିତିରେ ଭାରତର ଅଧିକ ପଦକ ଜିତିବା ସମ୍ଭାବନା ରହିଛି।


## Classified Everyday 0674-2580101, 2549949




**SALE**

Litigation free plot for sale near KIIT University or near Ashok Leyland, Chandaka Road side. Anyone to purchase please Contact: 8249742867 or 9853821712. D-0732

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛତାବର 1200sqft., 3,00,000/-, ନଖରା- 300/-. 7978663279. D-74883

3BHK Duplex for sale near East Engineering College Nakhara with gated society. Contact: 9437581914. D-0648

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-75003

Bhubaneswar ସୁନ୍ଦରପଦା ଜଟଣୀ-ପିପିଲି-ପୁରୀ ରୋଡ୍‌ରେ ପ୍ଲଟ୍ କିଣି ଘର କରନ୍ତୁ। sqft.-800/-, 550/-. 9938016295. D-74880

Duplex sale at Bhubaneswar @ 57 Lakhs only. Contact: 9777433701. D-74881




Newly open Spa positively health benefits with expert therapist. 9040286886. D-75127

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74700

**Relax, Refresh your Body, Mind at Saikrupa Spa with best therapies. 8984068077.** D-0725

Newly open Salon /Spa with expert therapist (Health Benefits). 9090400507. D-75126

Herbal full body massage by smart/expert therapist. Contact: 9124139069. D-75005

**Body massage by experience, good looking therapist @999/-. (Bhubaneswar) 9078484455.** D-0759

Spa Kerala Body Massage only best Therapist @699/- Bhubaneswar, 9337672475. D-0750

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**AFFIDAVIT**

By virtue of an affidavit near Executive Magistrate, Talcher, I Ila Nanda, W/o Pradeep Kumar Nanda, R/o-Flat No. 111, Block-O, Ghatikia, Trident Galaxy Apartment, Bhubaneswar, Khorda, Odisha-751003, declare by this affidavit No-2015, Dated 16.07.2022 that now onwards, I shall be known as Ila Dash for all future purpose. D-0763

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଏକ୍‌ଜିକ୍ୟୁଟିଭ୍ ମ୍ୟାଜିଷ୍ଟ୍ରେଟ୍‌ଙ୍କ ଇଜିଲାସ, ପୁରୀ। ମୁଁ ରାଜଶ୍ରୀ ସାମନ୍ତରା, ସ୍ୱା- ରାଜଚନ୍ଦନ ସାମନ୍ତରା, ସାକିନ ମଣିକର୍ଣ୍ଣିକା ସାହି, ପୋଷ୍ଟ/ଜିଲ୍ଲା/ଥାନା- ପୁରୀ ଟାଉନ ତା।୨୧।୦୬।୨୦୨୩ରିଖ ସମ୍ପାଦିତ ସତ୍ୟପାଠ ଦ୍ୱାରା ଜଣାଉଛି କି ମୋର ବିବାହ ରାଜଚନ୍ଦନ ସାମନ୍ତରାଙ୍କ ସହିତ ହୋଇଥିବାରୁ ହିନ୍ଦୁପ୍ରଥା ଅନୁଯାୟୀ ମୋର ପୂର୍ବୋକ୍ତ ନାମ ଲିଜା ବେହେରା ବଦଳରେ ରାଜଶ୍ରୀ ସାମନ୍ତରା ରୂପେ ନାମିତ ରହିଲି। ଏଣୁ ଆଜ ଦିନଠାରୁ ମୁଁ ରାଜଶ୍ରୀ ସାମନ୍ତରା ନାମରେ ସମସ୍ତ କାର୍ଯ୍ୟ ସମ୍ପାଦନରେ ଉଲ୍ଲେଖ ରହିବି। ଧ-୭୩୫୪୫

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit before the Notary Public, Bhograi, Balasore, I, Ramratan Mohapatra, S/o Late- Kruttibas Mohapatra, Vill/PO-Putina, PS-Kamarda, Dist-Balasore, Odisha-756035, do hereby solemnly affirm that in my Son Rajan Kumar Mohapatra passport No. F2341382 my name mentioned as RAMA RATAN MOHAPATRA instead of RAMRATAN MOHAPATRA. Hence RAMA RATAN MOHAPATRA & RAMRATAN MOHAPATRA is one and same person. I want to change my son passport my name from RAMA RATAN MOHAPATRA to RAMRATAN MOHAPATRA. D-0762


ଅଶୋକ ମହାନ୍ତି

# ପ୍ରସିଦ୍ଧ କ୍ରୀଡ଼ାବିତ୍ ଭାଇ ଓ ଭଉଣୀ

**ଓଡ଼ିଶାର ପ୍ରସିଦ୍ଧ କ୍ରୀଡ଼ାବିତ୍ ଭାଇ ଓ ଭଉଣୀଙ୍କୁ ନେଇ ଆଲେଖ୍ୟର ପ୍ରଥମ ଭାଗ ଗତ କ୍ରୀଡ଼ା ଜଗତ ପୃଷ୍ଠାରେ ପ୍ରକାଶ ପାଇ ସାରିଛି। ଏଥିରେ ହକି, ଆଥ୍‌ଲେଟିକ୍ସ, କ୍ରିକେଟ ଆଦି ଇଭେଣ୍ଟରେ ସୁନାମ ଅର୍ଜନ କରିଥିବା ଭାଇ ଓ ଭଉଣୀଙ୍କ ସମ୍ପର୍କରେ ସ୍ଥାନ ପାଇଥିଲା। ଏହାର ଦ୍ୱିତୀୟ ତଥା ଅନ୍ତିମ ଭାଗକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା...**

## (ଭାଗ-୨)

ଓଡ଼ିଶାର ପ୍ରସିଦ୍ଧ କ୍ରୀଡ଼ାବିତ୍ ଭାଇ ଓ ଭଉଣୀଙ୍କୁ ନେଇ ଆଲେଖ୍ୟର ପ୍ରଥମ ଭାଗ ଗତ କ୍ରୀଡ଼ା ଜଗତ ପୃଷ୍ଠାରେ ପ୍ରକାଶ ପାଇସାରିଛି। ଏଥିରେ ହକି, ଆଥ୍‌ଲେଟିକ୍ସ, କ୍ରିକେଟ ଆଦି ଇଭେଣ୍ଟରେ ସୁନାମ ଅର୍ଜନ କରିଥିବା ଭାଇ ଓ ଭଉଣୀଙ୍କ ସମ୍ପର୍କରେ ସ୍ଥାନ ପାଇଥିଲା। ଏହାର ଦ୍ୱିତୀୟ ତଥା ଅନ୍ତିମ ଭାଗରେ ଫୁଟ୍‌ବଲ, ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ, ଭଲିବଲ ଆଦି ଇଭେଣ୍ଟରେ ଲୋକପ୍ରିୟତା ଅର୍ଜନ କରିଥିବା କ୍ରୀଡ଼ାବିତ୍ ଭାଇ ଓ ଭଉଣୀଙ୍କୁ ସ୍ଥାନିତ କରାଯାଇଛି। ଏହା ମଧ୍ୟରେ ଅଛନ୍ତି ୩ ଲୋକପ୍ରିୟ ଭ୍ରାତା ବିଜୁ ପଟ୍ଟନାୟକ, ଡ. ଜର୍ଜ ପଟ୍ଟନାୟକ ଓ ସିଦ୍ଧୁ ପଟ୍ଟନାୟକ। ଏହି ମହାନ୍ କ୍ରୀଡ଼ାବିତ୍‌ମାନେ ୧୯୩୦ ଦଶକରେ ଓଡ଼ିଶା ଫୁଟ୍‌ବଲ ଓ ଆଥ୍‌ଲେଟିକ୍ସରେ ପ୍ରସିଦ୍ଧି ଲାଭ କରିଥିଲେ।


ଅମରେନ୍ଦ୍ର ପାତ୍ର


ଶୁଭେନ୍ଦୁ ପାତ୍ର

### ଫୁଟ୍‌ବଲ

**ଦେବେନ୍ଦ୍ର ସିଂ ଓ ନରେନ୍ଦ୍ର ସିଂ**

**ଦେବେନ୍ଦ୍ର ସିଂ** (୧୯୪୩-ଜନ୍ମ)- ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିରେ ଦେବେନ୍ଦ୍ର ସିଂ ଜଣେ ପ୍ରବୀଣ ଡିଫେଣ୍ଡର ଭାବେ ବହୁବର୍ଷ ଧରି ରାଜ୍ୟକୁ ପ୍ରତିନିଧିତ୍ୱ କରିବା ସହ ରାଜ୍ୟ ଦଳର ସଫଳ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ସାନଭାଇ ନରେନ୍ଦ୍ର ସିଂ ମଧ୍ୟ ୧୯୬୭ରେ ବଡ଼ଭାଇ ଦେବ ସିଂଙ୍କ ସହ ରାଜ୍ୟ ଦଳର ସଦସ୍ୟ ଭାବେ ଓଡ଼ିଶାକୁ ସେମିଫାଇନାଲ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

**ଅମରେନ୍ଦ୍ର ପାତ୍ର ଓ ଶୁଭେନ୍ଦୁ ପାତ୍ର**

**ଅମରେନ୍ଦ୍ର ପାତ୍ର** (୧୯୩୦-୨୦୧୫) ଓଡ଼ିଶା ଫୁଟ୍‌ବଲର ଜଣେ ଦକ୍ଷ ପୁରୋଭାଗ ଖେଳାଳି ଭାବେ ୧୯୫୨ରୁ ୧୯୬୪ ମଧ୍ୟରେ ରାଜ୍ୟକୁ ସନ୍ତୋଷ ଟ୍ରଫିରେ ପ୍ରତିନିଧିତ୍ୱ କରିଥିଲେ। ସାନଭାଇ ଶୁଭେନ୍ଦୁ ପାତ୍ର ମଧ୍ୟ ୧୯୬୭ ସନ୍ତୋଷ ଟ୍ରଫିରେ ଓଡ଼ିଶା ପକ୍ଷରୁ ଖେଳିଥିଲେ।

**ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ଗୀତାଞ୍ଜଳି ସାମନ୍ତରାୟ**

**ଶ୍ରଦ୍ଧାଞ୍ଜଳି-** ଭାରତୀୟ ମହିଳା ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ଭାରତୀୟ ଦଳ ପକ୍ଷରୁ ଏସିଆନ ଚାମ୍ପିୟନଶିପ୍, ଏଏଫ୍‌ସି, ଏସୀୟ କ୍ରୀଡ଼ା, ଅଲିମ୍ପିକ୍ସ କ୍ୱାଲିଫାଇଂ ଟୁର୍ନାମେଣ୍ଟରେ ଏକାଧିକ ଥର ଖେଳିବା ସହ ତାଙ୍କ ନେତୃତ୍ୱରେ ଓଡ଼ିଶାକୁ ଜାତୀୟ କ୍ରୀଡ଼ା ଓ ଚାମ୍ପିୟନଶିପ୍‌ରେ ଚାମ୍ପିୟନ କରିବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ବଡ଼ଭଉଣୀ ଗୀତାଞ୍ଜଳି ରାଜ୍ୟ ଦଳର ପ୍ରଥମ ଅଧିନାୟିକା ଭାବେ ରାଜ୍ୟକୁ ଏକାଧିକ ଥର ଜାତୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଥିଲେ।

### ବ୍ୟାଡ୍‌ମିଣ୍ଟନ

**ଅସୀମ ଦାସ ଓ ସୁସୀମ ଦାସ**

**ଅସୀମ ଦାସ** (ଜ-୧୯୪୧) ୧୯୬୨ରୁ ୧୯୬୪ ମଧ୍ୟରେ ବ୍ୟାଡ୍‌ମିଣ୍ଟନରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ସହ ବହୁବର୍ଷ ଧରି ଟ୍ରିପଲଜମ୍ପ (ଆଥଲେଟିକ୍)ରେ ରାଜ୍ୟ ରେକର୍ଡର ଅଧିକାରୀ ଥିଲେ। ସାନଭାଇ ଡ. ସୁସୀମ ଦାସ ୧୯୭୫ ଏବଂ ୧୯୭୬ରେ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ଖେଳିଥିଲେ। ୨ଭାଇଙ୍କ ଯୋଡ଼ି ଏକାଧିକ ଥର ରାଜ୍ୟ 'ଡବଲ୍ସ ଚାମ୍ପିୟନ' ଟାଇଟଲ ହାସଲ କରିଥିଲା।

**ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା**

ବିଗତ କିଛିବର୍ଷ ଧରି ୨ ପଣ୍ଡା ଭଉଣୀ ରାଜ୍ୟ ତଥା ଦେଶର ବ୍ୟାଡ୍‌ମିଣ୍ଟନ ସେନ୍‌ସେଶନ ଭାବେ ଉଭାହୋଇ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି।

**ରତପର୍ଣ୍ଣା** (ଜନ୍ମ-୧୯୯୯) ସାନଭଉଣୀ ଶ୍ୱେତପର୍ଣ୍ଣା (ଜ-୨୦୦୫)ଙ୍କୁ ପାର୍ଟନର କରି ଏକାଧିକ ଜାତୀୟ ଟାଇଟଲ ଜିତିବା ସହ ଭାରତକୁ ଉବର କପ୍ (୨୦୨୧) ଓ ସୁଦିରମାନ କପ୍ (କିଡାମ୍ବି ଶ୍ରୀକାନ୍ତଙ୍କର ପାର୍ଟନର ଭାବେ) ସଫଳତାର ସହ ଭାଗ ନେଇଛନ୍ତି। ଶ୍ୱେତପର୍ଣ୍ଣା ବଡ଼ଭଉଣୀଙ୍କ ସହ ପାର୍ଟନର ହୋଇ ଏକାଧିକ ଜାତୀୟ ଓ ଅନ୍ତର୍ଜାତୀୟ ଟାଇଟଲ ହାସଲ କରିଛନ୍ତି।


ଅରୂପାନନ୍ଦ ରାଉତରାୟ



ରତପର୍ଣ୍ଣା ପଣ୍ଡା
ଶ୍ୱେତପର୍ଣ୍ଣା ପଣ୍ଡା


ଶ୍ରଦ୍ଧାଞ୍ଜଳି ସାମନ୍ତରାୟ


ଗୀତାଞ୍ଜଳି ସାମନ୍ତରାୟ

**ଅରୂପାନନ୍ଦ/ଅଭିନ୍ନ ରାଉତରାୟ**

ଓଡ଼ିଶା କ୍ରୀଡ଼ାରେ ଅରୂପାନନ୍ଦ ରାଉତରାୟ ଏକ ବହୁ ପରିଚିତ ନାମ। ସେ ୬୦ ଓ ୭୦ ଦଶକରେ ଓଡ଼ିଶା ଓ ସର୍ଭିସେସ୍ ପକ୍ଷରୁ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରତିନିଧିତ୍ୱ କରିଥିଲେ। କେବଳ ସେତିକି ନୁହେଁ, ୬୦ ଦଶକର ମଧ୍ୟଭାଗରେ ସେ ଏକମାତ୍ର ଓଡ଼ିଶା ଖେଳାଳିଭାବେ ଭାରତୀୟ ସିନିୟର ବାସ୍କେଟ୍‌ବଲ ଦଳ ପକ୍ଷରୁ ଖେଳିବାର ଗୌରବ ଅର୍ଜନ କରିଥିଲେ। ତାଙ୍କ ସାନଭାଇ ଅଭିନ୍ନ ରାଉତରାୟ ଓଡ଼ିଶା ପକ୍ଷରୁ ଜାତୀୟ ସିନିୟର ଟୁର୍ନାମେଣ୍ଟରେ ଖେଳିଥିଲେ।

**ଗଗନେନ୍ଦୁ/ଲୋତକବିନ୍ଦୁ**

ଜଗତ୍‌ସିଂହପୁରର ଗଗନେନ୍ଦୁ ଦାଶ ଓ ଲୋତକବିନ୍ଦୁ ଦାଶ ଓଡ଼ିଶା ଭଲିବଲରେ ପରିଚିତ ନାମ। ସାନଭାଇ ଲୋତକ ୧୯୯୦ରେ ଭାରତୀୟ ଜୁନିୟର ଦଳ ପକ୍ଷରୁ ଖେଳିଥିଲେ। ସମ୍ପ୍ରତି କିଟ୍ କ୍ରୀଡ଼ା ବିଭାଗ ଏବଂ ଓଡ଼ିଶା ଭଲିବଲ ଆସୋସିଏଶନର ମୁଖ୍ୟ ଥିବା ଗଗନେନ୍ଦୁ ମଧ୍ୟ ଜଣେ ଭଲିବଲ ଖେଳାଳିଭାବେ ବେଶ୍ ପରିଚିତ।

ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁରର ଖାଲ୍‌କୋ ଭ୍ରାତା (ପରମାନନ୍ଦ ଓ ନିତି ଖାଲ୍‌କୋ) ୬୦ ଦଶକରେ ଫୁଟ୍‌ବଲରେ, ପଟେଲ ଭ୍ରାତା (ଅରୁନ ପଟେଲ, କନକ ପଟେଲ ଏବଂ ମୁକୁନ୍ଦ ପଟେଲ (ସମ୍ପର୍କୀୟ ଭାଇ) ୭୦ ଦଶକରେ କ୍ରିକେଟରେ, କଟକର ସାମଲ ଭ୍ରାତା (ମାନସ ଓ ସୁରେଶ ସାମଲ) ଫୁଟ୍‌ବଲରେ, ପଢ଼ିଆରୀ ଭ୍ରାତା (ବିକାଶ ଓ ଭାବଗ୍ରାହୀ) ଫୁଟ୍‌ବଲରେ ଏବଂ ବର୍ତ୍ତମାନର ଓରାମ ଭ୍ରାତା ରାକେଶ ଓ ବିକି ଓରାମ (ରାକେଶ ଓଡ଼ିଶାକୁ ଓ ବିକି କର୍ଣ୍ଣାଟକ ଦଳର ସଦସ୍ୟ) ଫୁଟ୍‌ବଲରେ ଜାତୀୟ ପ୍ରତିଯୋଗିତାରେ ଖେଳି ରାଜ୍ୟ ପାଇଁ ଗୌରବ ଆଣିପାରିଛନ୍ତି।

## ଏଲିମ୍‌ନେଟ୍

ବିଶ୍ୱକପ କ୍ୱାଲିଫାୟର୍ସରେ ହାରି
ଡାଉନ୍ ଜିମ୍ବାୱେ ମୁଣ୍ଡ
ବିପକ୍ଷକୁ ଏଲିମ୍‌ନେଟ୍‌କରି ହସେ
ରିଚି ଟିମ୍ ସ୍କଟଲାଣ୍ଡ
ମାତି କ୍ରିସ୍ ସୋଲ୍ ଷଣ୍ଢ
ଜିମ୍ବାୱେ ଟପ୍ ଅର୍ଡର ବ୍ୟାଟରଙ୍କୁ ମାରି
ଭାଙ୍ଗିଦେଲା ମେରୁଦଣ୍ଡ।

ୱାନ୍‌ଡେ ବିଶ୍ୱକପରୁ ଏଲିମ୍‌ନେଟ୍
ୱେଷ୍ଟଇଣ୍ଡିଜ ଦଳ
ଅଠଚାଳିଶ ବର୍ଷ ହିଷ୍ଟ୍ରିରେ ଘଟଣା
କାରିବିୟାନ୍‌ଙ୍କୁ କାଳ
ସମୟ ଚକ୍ରରେ ଭୋଳ
ଦୁର୍ଦ୍ଧର୍ଷରୁ ଦୟନୀୟ ଷ୍ଟେଜରେ
ଇଣ୍ଡିଜ କ୍ରିକେଟ ଖେଳ।

ପେନାଲ୍ଟି ଶୁଟ୍ ଆଉଟ ଗୋଲରେ
ଗତଥର ପରି ନାତି
କୁଏଟ୍‌କୁ ଟାଇଟଲରୁ ଏଲିମନେଟ୍
କରି ଛେତ୍ରୀ ଏଣ୍ଡ ସାଥୀ
ବଢ଼ାଇଛେ ଦେଶ ଖ୍ୟାତି
ମୋଷ୍ଟ ସକ୍ସେସ୍‌ଫୁଲ୍ ମୋ ଟିମ୍
ଇଣ୍ଡିଆ
ନଅ ଥର ସାଫ୍ ଜିତି।

**-ସୁବାସ ଚନ୍ଦ୍ର ପ୍ରଧାନ**




ନିର୍ମଳ କୁମାର ମିଶ୍ର

# କାରିବିୟାନ୍ ଟୁର୍

**ଭାରତୀୟ କ୍ରିକେଟ ଦଳର କାରିବିୟାନ୍ ଟୁର୍ ଆରମ୍ଭ ହୋଇଯାଇଛି। ଏହି ଗସ୍ତରେ ଟିମ୍ ଇଣ୍ଡିଆ ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ୨ଟି ଟେଷ୍ଟ, ୩ଟି ଦିନିକିଆ ଓ ୫ଟି ଟି୨୦ ମ୍ୟାଚ ଖେଳିବ। ଏହି ଟୁର୍ ପାଇଁ ପୂର୍ବରୁ ଭାରତୀୟ ଟେଷ୍ଟ ଓ ଦିନିକିଆ ଦଳ ଏବଂ ବୁଧବାର ଟି୨୦ ଦଳ ଘୋଷିତ ହୋଇଛି। ରୋହିତ ଶର୍ମା ଟେଷ୍ଟ ଓ ଦିନିକିଆ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଟି୨୦ ଦଳର ନେତୃତ୍ୱ ନେବେ...**

ଅଷ୍ଟ୍ରେଲିଆଠାରୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପରାଜିତ ହେବା ପରେ ଭାରତୀୟ ଦଳକୁ ବିଭିନ୍ନ ମହଲରୁ ସମାଲୋଚିତ ହେବାକୁ ପଡ଼ିଛି। କ୍ରିକେଟ ବିଶେଷଜ୍ଞମାନେ ବିଭିନ୍ନ କାରଣ ଦର୍ଶାଇ ଟିମ୍ ଇଣ୍ଡିଆରେ ସଂସ୍କାର ଆବଶ୍ୟକ ବୋଲି ଖୋଲାଖୋଲି ମନ୍ତବ୍ୟ ଦେଇଛନ୍ତି। ଦଳରେ ସଂସ୍କାର ଆଣିବା ପାଇଁ ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍‌ରୁ ହିଁ ପଦକ୍ଷେପ ନେବାକୁ ହେବ ବୋଲି ଚୟନ କମିଟି ଅନୁଭବ କରିଛି। କାରଣ ଏହି ଗସ୍ତରୁ ହିଁ ଭାରତର ୨୦୨୩-୨୫ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଅଭିଯାନ ଆରମ୍ଭ ହେବ। ଦଳରେ କିପରି ସମନ୍ୱୟ ରକ୍ଷା କରିହେବ, ଭବିଷ୍ୟତକୁ ଆଖି ଆଗରେ ରଖି ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ଯୁବ ଖେଳାଳିଙ୍କୁ କିପରି ସୁଯୋଗ ମିଳିବ ଏହା ଉପରେ ମନ୍ତବ୍ୟ ଦେଇ ଅନେକ ପୂର୍ବତନ ଖେଳାଳି ଚର୍ଚ୍ଚାରେ ରହିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏବେ ଭାରତୀୟ ଦଳରେ କେତେଜଣ ଖେଳାଳି ୩୫ ବର୍ଷ ବୟସ ଅତିକ୍ରମ କରିଛନ୍ତି। ତେଣୁ ୩ ଫର୍ମାଟ ପାଇଁ ଯୁବଖେଳାଳିଙ୍କୁ ସୁଯୋଗ ଦେବା ସହ ଏବେଠାରୁ ସେମାନଙ୍କୁ ସିନିୟର ଖେଳାଳିଙ୍କ ସହିତ ସୁଯୋଗ ଦେଇ ଅଭିଜ୍ଞତା ହାସଲ କରିବାର ସମୟ ଆସିଛି। ଆଗାମୀ ୱେଷ୍ଟଇଣ୍ଡିଜ ଗସ୍ତ ପାଇଁ ସିନିୟର ଖେଳାଳିଙ୍କୁ ବିଶ୍ରାମ ଦେବା ସହ ଯୁବ ନେତୃତ୍ୱକୁ ନେଇ ୱେଷ୍ଟଇଣ୍ଡିଜ ଗସ୍ତ କରିବାକୁ ପୂର୍ବତନ ଖେଳାଳି ସୁନୀଲ ଗାଭାସ୍କର, ରବି ଶାସ୍ତ୍ରୀ, ବୀରେନ୍ଦ୍ର ସେହ୍ୱାଗ ଏବଂ ଦିଲୀପ ଭେଙ୍ଗସରକାର ନିଜର ମତାମତ ରଖିଥିଲେ। ଜାତୀୟ ଚୟନ କମିଟି ଘୋଷଣା କରିଥିବା ଟେଷ୍ଟ ଏବଂ ଏକଦିବସୀୟ ଦଳ ପାଇଁ ରୋହିତ ଶର୍ମାଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯାଇଥିବାବେଳେ ଅନେକ ଯୁବଖେଳାଳିଙ୍କୁ ସାମିଲ କରାଯାଇଛି। ହାର୍ଦ୍ଦିକ ପାଣ୍ଡ୍ୟା ଟି୨୦ ଦଳର ନେତୃତ୍ୱ ନେବେ।

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଭାରତର ପରାଜୟ ପାଇଁ ଅନେକେ ରୋହିତ ଶର୍ମାଙ୍କ ଦୁର୍ବଳ ନେତୃତ୍ୱକୁ ଦାୟୀ କରିଥିଲେ। ଇତିମଧ୍ୟରେ ୱେଷ୍ଟଇଣ୍ଡିଜ ଗସ୍ତରେ ଟିମ୍ ଇଣ୍ଡିଆ ୩ଟି ଫର୍ମାଟ୍‌ରେ ୨ଟି ଟେଷ୍ଟମ୍ୟାଚ୍, ୩ଟି ଏକଦିବସୀୟ ସହ ୫ଟି ଟି୨୦ ମ୍ୟାଚ ଖେଳିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ଜୁଲାଇ ୧ରୁ ଭାରତୀୟ ଦଳର ୱେଷ୍ଟଇଣ୍ଡିଜ ଗସ୍ତ ଆରମ୍ଭ ହୋଇଯାଇଛି। ଡୋମିନିକାରେ ଜୁଲାଇ ୧୨ରୁ ୧୬ ମଧ୍ୟରେ ପ୍ରଥମ ଟେଷ୍ଟ ଖେଳାଯିବ। ପୋର୍ଟ ଅଫ୍ ସ୍ପେନ୍‌ରେ ଜୁଲାଇ ୨୦ରୁ ୨୪ ପର୍ଯ୍ୟନ୍ତ ୨ୟ ଟେଷ୍ଟ ଖେଳାଯିବ। ବର୍ତ୍ତମାନ ସୁଦ୍ଧା ଉଭୟ ଦେଶ ୯୮ଟି ଟେଷ୍ଟରେ ପରସ୍ପରକୁ ଭେଟିଛନ୍ତି। ଏଥିରୁ ଭାରତ ୨୨ଟି ଏବଂ ୱେଷ୍ଟଇଣ୍ଡିଜ ୩୦ଟି ମ୍ୟାଚ ବିଜୟୀ ହୋଇଛି। ୪୬ଟି ମ୍ୟାଚ ଡ୍ର ରହିଛି। ଭାରତ ମାଟିରେ ଟିମ୍ ଇଣ୍ଡିଆ ୧୩ଟି ଏବଂ ୱେଷ୍ଟଇଣ୍ଡିଜ ୯ଟି ମ୍ୟାଚ ଜିତିଛି। ସେହିପରି ୱେଷ୍ଟଇଣ୍ଡିଜ ୧୬ଟି ମ୍ୟାଚ୍ ନିଜ ମାଟିରେ ଜିତିଥିବା ବେଳେ ୧୪ଟି ମ୍ୟାଚରେ ଭାରତ ବିଜୟୀ ହୋଇଛି। ଉଭୟ ଦେଶ ନିରପେକ୍ଷ ଭେନ୍ୟୁରେ କୌଣସି ଟେଷ୍ଟ ଖେଳିନାହାନ୍ତି। ଉଭୟ ଦେଶ ମଧ୍ୟରେ ପୋର୍ଟ ଅଫ୍ ସ୍ପେନ୍‌ରେ ଖେଳାଯିବାକୁ ଥିବା ୧୦୦ତମ ଟେଷ୍ଟ ମ୍ୟାଚ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଏ।

ଟେଷ୍ଟ ସିରିଜ ପାଇଁ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରାଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଏହା ଏବେ ଚର୍ଚ୍ଚାର କେନ୍ଦ୍ରରେ ରହିଛି। ସୁନୀଲ ଗାଭାସ୍କରଙ୍କ ମତରେ ଯଦି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପରେ ଖରାପ ପ୍ରଦର୍ଶନ ଯୋଗୁ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି ତେବେ ରୋହିତ ଶର୍ମା, ବିରାଟ କୋହଲି, କେ.ଏସ୍. ଭରତ ମଧ୍ୟ ଖରାପ ପ୍ରଦର୍ଶନ କରିଥିଲେ। ସମସ୍ତଙ୍କ ପାଇଁ ସମାନ ନିୟମ ପୋଷଣ କରାଯାଇନାହିଁ କାହିଁକି। ଏହି ସିରିଜ ପାଇଁ ଭେଟେରାନ୍ ମହମ୍ମଦ ଶାମିଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଅନ୍‌ଫିଟ୍ ଉମେଶ ଯାଦବଙ୍କୁ ବାଦ୍ ଦିଆଯାଇଛି। ୪ଜଣ ଓପନର ରୋହିତ ଶର୍ମା, ଶୁବମନ ଗିଲ୍, ଋତୁରାଜ ଗାଏକ୍ୱାଡ୍, ଯଶସ୍ୱୀ ଜୟସ୍ୱାଲ ରହିଥିବା ବେଳେ ଡବ୍ଲ୍ୟୁଟିସିରେ ଭଲ ଖେଳିଥିବା ଅଜିଙ୍କ୍ୟ ରାହାନେଙ୍କୁ ଦଳର ଉପ ଅଧିନାୟକ କରାଯାଇଛି। ପେସ୍ ବୋଲିଂ ଦାୟିତ୍ୱ ମୁକେଶ କୁମାର, ମହମ୍ମଦ ସିରାଜ, ଶାର୍ଦ୍ଦୂଳ ଠାକୁର, ଜୟଦେବ ଉନାଡକଟ୍ ଏବଂ ନବଦୀପ ସଇନୀଙ୍କ ଉପରେ ନ୍ୟସ୍ତ ରହିଛି। କିପର କେ.ଏସ୍. ଭରତଙ୍କ ଉପରେ ଆସ୍ଥା ସ୍ଥାପନ କରାଯାଇଛି। ଇଶାନ କିଶନ ମଧ୍ୟ ଆବଶ୍ୟକ ହେଲେ ଉଇକେଟ କିପିଂ କରିବେ। ରିଷଭ ପନ୍ତ, ଲୋକେଶ ରାହୁଲ, ଯଶପ୍ରୀତ୍ ବୁମ୍‌ରା ଏବଂ ଶ୍ରେୟସ ଆୟରଙ୍କ ପରି ଖେଳାଳିଙ୍କ ଅନୁପସ୍ଥିତି ଟିମ୍ ଇଣ୍ଡିଆ ପାଇଁ କିଛିଟା ସମସ୍ୟା ସୃଷ୍ଟି କରିଛି।

ଚେତେଶ୍ୱର ପୂଜାରା ଯେହେତୁ ଗୋଟିଏ ଫର୍ମାଟ (ଟେଷ୍ଟ ମ୍ୟାଚ)ରେ ଖେଳୁଛନ୍ତି ତାଙ୍କୁ ଆଉ ଥରେ ସୁଯୋଗ ମିଳିବା କଥା। ମାତ୍ର ବିସିସିଆଇ ତାଙ୍କୁ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନକରି ପ୍ରତ୍ୟାବର୍ତ୍ତନ କରିବା ପାଇଁ ପରାମର୍ଶ ଦେଇଛି। ଅନ୍ୟପକ୍ଷରେ ସର୍ଫରାଜ ଖାଁ, ରିଙ୍କୁ ସିଂ, ପ୍ରଭସିମରନ ସିଂ, ତିଲକ ବର୍ମା, ଜିତେଶ ଶର୍ମା, ହର୍ଷିତ ରାଣା, କାର୍ତ୍ତିକ ତ୍ୟାଗୀଙ୍କ ପରି ଯୁବ ଖେଳାଳିମାନଙ୍କୁ ସୁଯୋଗ ନ ଦେବା ମଧ୍ୟ ଆଲୋଚନାରେ ରହିଛି। ଲଗାତର ରଣଜୀ ଟ୍ରଫିରେ ସଫଳତା ହାସଲ କରିଥିବା ସର୍ଫରାଜ ଖାଁଙ୍କୁ ଚୟନ ନ କରିବା ଉପରେ ସୁନୀଲ ଗାଭାସ୍କର ପ୍ରଶ୍ନ ଉଠାଇଛନ୍ତି। ତେବେ ତାଙ୍କ ଫିଟ୍‌ନେସ୍‌କୁ ନେଇ ସମସ୍ୟା ଥିବା ବିସିସିଆଇ ସ୍ପଷ୍ଟ କରିଛି। ସର୍ଫରାଜ ଲଗାତର ୩ଟି ଘରୋଇ ସିଜନରେ ୨୫୬୬ ରନ୍ ସଂଗ୍ରହ କରିଛନ୍ତି। ତାଙ୍କର କ୍ୟାରିୟର ଆଭରେଜ ୩୭ଟି ମ୍ୟାଚରେ ପାଖାପାଖି ୮୦ ରହିଛି। ଅନ୍ୟପକ୍ଷରେ ଟେଷ୍ଟ ମ୍ୟାଚ୍ ପାଇଁ ବିଶ୍ୱର ୨ଶ୍ରେଷ୍ଠ ସ୍ପିନ୍ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ଏବଂ ରବୀନ୍ଦ୍ର ଜାଡେଜା ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଆବଶ୍ୟକ ହେଲେ ଅକ୍ଷର ପଟେଲ ମଧ୍ୟ ସ୍ପିନ୍ ଚ୍ୟାଲେଞ୍ଜ ସମ୍ଭାଳିବେ। ଏକଦିବସୀୟ ମ୍ୟାଚ୍ ପାଇଁ ହାର୍ଦ୍ଦିକ ପାଣ୍ଡ୍ୟା ଉପ ଅଧିନାୟକ ମନୋନୀତ ହେବାକୁ ମଧ୍ୟ କ୍ରିକେଟ ସମୀକ୍ଷକ, ପୂର୍ବତନ ଖେଳାଳି ଏବଂ ଭାଷ୍ୟକାରମାନେ କଡ଼ା ସମାଲୋଚନା କରିଛନ୍ତି। ଏଥିପାଇଁ ଶୁବମନ ଗିଲ୍‌ଙ୍କ ପରି ଦକ୍ଷତାସମ୍ପନ୍ନ ଖେଳାଳିଙ୍କୁ ଏବେଠାରୁ ସୁଯୋଗ ଦେବା ଆବଶ୍ୟକ ବୋଲି କହିଛନ୍ତି।

ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ ମଧ୍ୟ ବେଶ୍ ଶକ୍ତିଶାଳୀ। ନିକୋଲସ୍ ପୁରନ, ସାଇ ହୋପ୍, କାଇଲ ମେୟର, ସିମ୍‌ରନ ହେଟମେର, ଶେଲ୍‌ଡ୍ରନ କଟ୍ରେଲ, ଏଭିନ୍ ଲୁଇସ, ଡାରେନ ବ୍ରାଭୋ, କେମୋ ରୋଚ, ରୋଭମାନ ପାୱେଲଙ୍କ ପରି ବ୍ୟାଟର ଏବଂ ବୋଲର ଅଛନ୍ତି। ଭାରତ ଯଦିଓ ୨୦୧୯ରୁ ୱେଷ୍ଟଇଣ୍ଡିଜ ପରି ଏକ ଶକ୍ତିଶାଳୀ ଦଳକୁ ସବୁ ଫର୍ମାଟରେ ବଡ଼ ବ୍ୟବଧାନରେ ପରାସ୍ତ କରିଛି ତଥାପି ଟି୨୦ରେ ୱେଷ୍ଟଇଣ୍ଡିଜକୁ ହରାଇବା କଷ୍ଟକର। ୨୦୧୯ରେ ଟିମ୍ ଇଣ୍ଡିଆ ୱେଷ୍ଟଇଣ୍ଡିଜକୁ ଟେଷ୍ଟ ସିରିଜରେ ୨-୦ ଏବଂ ଏକଦିବସୀୟ ସିରିଜରେ ୩-୦ରେ ଏବଂ ଟି୨୦ରେ ୪-୧ରେ ପରାସ୍ତ କରିଥିଲା। ଏହାସତ୍ତ୍ୱେ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ ଏଥର କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି।



ରୋହିତ ଶର୍ମା



ହାର୍ଦ୍ଦିକ ପାଣ୍ଡ୍ୟା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୭/୨୦୨୩ Bhubaneswar, Friday, July 7/ 2023

# ନେଦରଲାଣ୍ଡସ୍‌କୁ ବିଶ୍ୱକପ୍ ଯୋଗ୍ୟତା

**ବୁଲାୱାୟୋ, ୬।୭**

ସ୍କଟଲାଣ୍ଡକୁ ପରାସ୍ତ କରିବା ସହ ଦିନିକିଆ ବିଶ୍ୱକପରେ ନିଜର ସ୍ଥାନ ସୁରକ୍ଷିତ କରି ନେଇଛି ନେଦରଲାଣ୍ଡସ୍। ବାସ ଡି ଲିଡ୍‌ଙ୍କ ଅଲରାଉଣ୍ଡ ପ୍ରଦର୍ଶନ (୧୨୩ ରନ୍ ଓ ୫ ଉଇକେଟ) ବଳରେ ଦଳ ୪ ଉଇକେଟରେ ସ୍କଟଲାଣ୍ଡକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ସ୍କଟଲାଣ୍ଡ

**ଲିଡ୍‌ଙ୍କ ଅଲରାଉଣ୍ଡ ସଫଳତା**

୨୭୭ ରନ୍ କରିଥିଲା। ବିଶ୍ୱକପ ପାଇଁ ଯୋଗ୍ୟତା ହାସଲ କରିବାକୁ ହେଲେ ନେଦରଲାଣ୍ଡସ୍‌କୁ ୪୪ ଓଭର ମଧ୍ୟରେ ଲକ୍ଷ୍ୟ ହାସଲ କରିବାର ଥିଲା। ୪୧ ଓ ୪୨ ତମ ଓଭରରୁ ବାସ ଡେ ଲିଡ୍ ଆକ୍ରମଣାତ୍ମକ ବ୍ୟାଟିଂ କରି ଯଥାକ୍ରମେ ୨୨ ଓ ୨୦ ରନ୍ ସ୍କୋର କରିବାରୁ ଦଳ ବିଜୟ ହାସଲ ସହିତ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା।



ଶତକୀୟ ଇନିଂସ୍ ଅବସରରେ ବାସ ଡି ଲିଡ୍।

ଟସ୍ ଜିତି ନେଦରଲାଣ୍ଡସ୍ ପ୍ରଥମେ ବୋଲିଂ କରିଥିଲା। ସ୍କଟଲାଣ୍ଡ ୬୪ ରନ୍‌ରେ ୩ ଉଇକେଟ ହରାଇଥିବା ବେଳେ ବ୍ରେଣ୍ଡନ ମ୍ୟାକ୍‌ମୁଲେନ୍‌ଙ୍କ ୧୦୬ ଓ ରିକି ବାରିଙ୍ଗଟନ୍‌ଙ୍କ ୬୪ ରନ୍ ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲା। ଉଭୟ ଚତୁର୍ଥ ଉଇକେଟରେ ୧୪୬ ରନ୍ ଯୋଡିଥିଲେ। ମ୍ୟାକ୍‌ମୁଲେନ୍ ୧୧୦ ବଲ୍ ଖେଳି ୧୧ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟ ପକ୍ଷରେ ୮୪ ବଲ୍ ଖେଳି ରିକି ୩ ଚୌକା ଓ ୨ ଛକା ମାରିଥିଲେ। ଶେଷ ଆଡକୁ ଥୋମାସ ମ୍ୟାକିଣ୍ଟୋସ୍ ୩୮ ଓ କ୍ରିସ୍ ଗ୍ରିଭ୍‌ସ ୧୮ ରନ୍ କରିବାରୁ ଦଳ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୨୭୭ ରନ୍ କରିଥିଲା। ନେଦରଲାଣ୍ଡସ୍ ପକ୍ଷରୁ ବାସ୍ ଡେ ଲିଡ୍ ୫ ଉଇକେଟ ନେଇଥିବା ବେଳେ ର୍‌ୟାନ୍ କ୍ଲେନ୍ ଦୁଇଟି ଉଇକେଟ ଅକ୍ତିଆର କରିଥିଲେ।

ରନ୍‌ରେଟ୍‌ରେ ପଛୁଆ ଥିବା ନେଦରଲାଣ୍ଡସ୍ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ୪୪ ଓଭରରେ ୨୭୮ ରନ୍ କରିବା ଆବଶ୍ୟକ ଥିଲା। ମ୍ୟାଚ୍‌ର ୪୦ତମ ଓଭର ପର୍ଯ୍ୟନ୍ତ ସ୍କଟଲାଣ୍ଡ ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲା। ତେବେ ୪୧ ଓ ୪୨ ନମ୍ବର ଓଭରରୁ ୪୨ ରନ ସଂଗ୍ରହ କରିଥିଲେ ଲିଡ୍। ନେଦରଲାଣ୍ଡସ୍ ଦଳ ୩୧ ଓଭର ସୁଦ୍ଧା ୫ ଉଇକେଟରେ ୧୬୩ ରନ୍ ସ୍କୋର କରିଥିଲା। ତେବେ ପରବର୍ତ୍ତୀ ବ୍ୟାଟର ସାକିବ ଜୁଲଫିକର (୩୩*)ଙ୍କୁ ସାଥୀ କରି ୧୧୩ ରନ୍ ଯୋଡିଥିଲେ ଲିଡ୍। ସେ ୯୨ ବଲ୍ ଖେଳି ୧୨୩ ରନ୍ କରି ରନ୍‌ଆଉଟ ହେବା ବେଳକୁ ବିଜୟ ପାଇଁ ମାତ୍ର ୨ ରନ୍ ଆବଶ୍ୟକ ଥିଲା। ଲିଡ୍‌ଙ୍କ ଏହି ଇନିଂସରେ ୭ ଚୌକା ଓ ୫ ଛକା ସାମିଲ ଥିଲା। ସ୍କଟଲାଣ୍ଡ ପକ୍ଷରୁ ମାଇକେଲ ଲିସ୍କ ଦୁଇ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଲିଡ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ସ୍କଟଲାଣ୍ଡ ୫୦ ଓଭରରେ ୨୭୭/୯ (ବ୍ରେଣ୍ଡନ ମ୍ୟାକ୍‌ମୁଲେନ୍-୧୦୬, ରିକି ବାରିଙ୍ଗଟନ୍-୬୪, ଥୋମାସ ମ୍ୟାକିନ୍‌ଟୋସ-୩୮*, ବାସ୍ ଡି ଲିଡ୍-୫/୫୨, ର୍‌ୟାନ୍ କ୍ଲେନ୍-୨/୫୯, ଲୋଗାନ୍ ଭାନ୍ ବିକ୍-୧/୪୯)। ନେଦରଲାଣ୍ଡସ୍ ୪୨.୫ ଓଭରରେ ୨୭୮/୬ (ବାସ୍ ଡି ଲିଡ୍-୧୨୩, ବିକ୍ରମଜିତସିଂ-୪୦, ସାକିବ ଜୁଲଫିକର-୩୩*, ମାଇକେଲ ଲିସ୍କ-୨/୪୨, କ୍ରିସ୍ ଗ୍ରିଭ୍‌ସ-୧/୧୮, ମାର୍କ ୱାଟ-୧/୬୩)।




# ଓଡ଼ିଶା ମଡର୍ନ ପେଣ୍ଟାଥଲନ ଦଳ ଘୋଷିତ



ଓଡ଼ିଶା ପେଣ୍ଟାଥଲନ ଦଳ।

**ଭୁବନେଶ୍ୱର, ୬।୭ (ତପନ ସ୍ୱାଇଁ)**

ଚଳିତ ମାସ ୮ ଓ ୯ ତାରିଖ ଦୁଇଦିନଧରି ମହାରାଷ୍ଟ୍ରର ଅହମଦନଗରଠାରେ ୬ଷ୍ଠ ଜାତୀୟ ଲେଜର ରନ୍ (ମଡର୍ନ ପେଣ୍ଟାଥଲନ) ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଦଳ ଅଂଶଗ୍ରହଣ କରିବ। ଏଥିପାଇଁ ଗୁରୁବାର ଓଡ଼ିଶା ଦଳ ଘୋଷିତ ହୋଇଛି। ବିକାଶ ଜେନା ଅଧିନାୟକ ହୋଇଥିବାବେଳେ ମହମ୍ମଦ ଅମନ୍, ଟି.କେ. ସିଂ, ରାମକୃଷ୍ଣ ଜେନା, ଅନୁରାଗ ହେମ୍ବ୍ରମ ଦଳରେ ସ୍ଥାନ ପାଇଛନ୍ତି। ଏହି ଖେଳାଳିଙ୍କ ସହ ମଡର୍ନ ପେଣ୍ଟାଥଲନ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ ମହମ୍ମଦ ଆଜମ କୋଚ୍‌ଭାବେ ଅହମଦନଗର ଯାତ୍ରା କରିଛନ୍ତି। ସଂଘର ସଭାପତି ରଞ୍ଜନ କୁମାର ନନ୍ଦ, ପୂର୍ବତନ ବିଧାୟକ ପ୍ରୀୟଦର୍ଶୀ ମିଶ୍ର, କୁନାଲ ବିଶ୍ୱାଳ, ବାସୁଦେବ ଓଝା, ଦୁର୍ଗା ସାମନ୍ତରାୟ ପ୍ରମୁଖ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ମାର୍ଶଙ୍କ ଶତକ, ଉଡ୍‌ଙ୍କୁ ୫ ଉଇକେଟ

**ଲିଡ୍ସ, ୬।୭**

ଲିଡ୍ସର ହେଡିଙ୍ଗଲିରେ ଅନୁଷ୍ଠିତ ତୃତୀୟ ଆଶେସ୍ ଟେଷ୍ଟରେ ଅଷ୍ଟ୍ରେଲିଆ ୨୬୩ ରନ୍‌ରେ ଅଲଆଉଟ ହୋଇଛି। ମିଚେଲ୍ ମାର୍ଶ ଚମତ୍କାର ୧୧୮ ରନ୍ କରିଥିବା ବେଳେ ଇଂଲଣ୍ଡର ଦ୍ରୁତ ବୋଲର ୧୦ଟି ଯାକ ଉଇକେଟ ଅକ୍ତିଆର କରିଥିଲେ। ଆଣ୍ଡରସନ୍ ଓ ଜୋଶ ଟଙ୍ଗଙ୍କୁ ବାଦ ଦେଇ ଇଂଲଣ୍ଡ ମାର୍କ ଉଡ୍ ଓ କ୍ରିସ୍ ଓକ୍ସଙ୍କୁ ଖେଳାଇଥିବା ବେଳେ ସିରିଜ୍‌ରେ ପ୍ରଥମ ଥର ପାଇଁ ଏହାର ବୋଲିଂ ପ୍ରଭାବୀ ସାବ୍ୟସ୍ତ ହୋଇଥିଲା।

ଇଂଲଣ୍ଡ ଟସ୍ ଜିତି ପ୍ରଥମେ

**ଆଶେସ୍ ଟେଷ୍ଟ**

ବୋଲିଂ ନେଇଥିବା ବେଳେ ଷ୍ଟୁଆର୍ଟ ବ୍ରଡ୍ ଘାତକ ବୋଲିଂ କରିଥିଲେ। ପ୍ରଥମ ସେସନରେ ବ୍ରଡ ଦୁଇ ଉଇକେଟ ନେଇଥିବା ବେଳେ ଅଷ୍ଟ୍ରେଲିଆ ୮୫ ରନ୍‌ରେ ୪ ଉଇକେଟ ହରାଇଥିଲା। ଡେଭିଡ୍ ୱାର୍ନର(୪), ଉସ୍‌ମାନ ଖ୍ୱାଜା(୧୩), ମାର୍ନସ ଲାବୁଶେନ୍(୨୧) ଓ ଷ୍ଟିଭ୍ ସ୍ମିଥ୍(୨୨) ରନ୍ କରି ଆଉଟ ହୋଇଥିଲେ। ଶତକୀୟ ଟେଷ୍ଟ ଖେଳୁଥିବା ସ୍ମିଥ୍‌ଙ୍କୁ ଆଉଟ କରିଥିଲେ ବ୍ରଡ୍।

ମାର୍ଶଙ୍କ ଶତକ: କାମେରନ୍ ଗ୍ରୀନଙ୍କ ସ୍ଥାନରେ ଖେଳୁଥିବା ମିଚେଲ୍ ମାର୍ଶ ଶତକ ହାସଲ କରିବା ସହିତ ଅଷ୍ଟ୍ରେଲିଆକୁ ବିପଦରୁ ଉଦ୍ଧାର



ମିଚେଲ ମାର୍ଶ

କରିଥିଲେ। ୮୫ ରନ୍‌ରେ ୪ ଉଇକେଟର ପତନ ପରେ କାଉଣ୍ଟର ଆଟାକ କରିବା ସହ ସେ ୧୧୮ ବଲ୍‌ରୁ ୧୧୮ ରନ୍ କରିଥିଲେ। ଏହି ଇନିଂସରେ ୧୭ ଚୌକା ଓ ୪ ଛକା ସାମିଲ ଥିଲା। ଟ୍ରାଭିସ୍ ହେଡ୍ ୩୯ଙ୍କୁ ସାଥୀ କରି ସେ ପଞ୍ଚମ ଉଇକେଟରେ ୧୫୫ ରନ୍ ଯୋଡିଥିଲେ।

ମାର୍ଶ ଓ ହେଡ୍ ୧୫୫ ରନ୍ ଯୋଡି ଦଳକୁ ଏକ ବୃହତ ସ୍କୋର ଆଡକୁ ନେଉଥିବା ବେଳେ କ୍ରିସ୍ ଓକ୍ସଙ୍କ ବଲ୍‌ରେ ଆଉଟ ହୋଇଥିଲେ ମିଚେଲ୍ ମାର୍ଶ। ମାର୍ଶଙ୍କ ଉଇକେଟ ପତନ ପରେ ନିଜ ପେସ୍ ବୋଲିଂ ଜରିଆରେ ଅଷ୍ଟ୍ରେଲିଆ ଟେଲ ଏଣ୍ଡରକୁ ଶେଷ କରି ଦେଇଥିଲେ ମାର୍କ ଉଡ୍। ୨୯ ତମ ଟେଷ୍ଟରେ ୪ର୍ଥ ଥର ପାଇଁ ୫ ଉଇକେଟ ସଫଳତା ଅର୍ଜନ କରିଥିଲେ ଉଡ୍। ସେ ମାତ୍ର ୩୪ ରନ୍ ବ୍ୟୟ କରି ୫ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କ୍ରିସ୍ ଓକ୍ସ ୩ ଓ ଷ୍ଟୁଆର୍ଟ ବ୍ରଡ୍ ୨ ଉଇକେଟ ନେଇଥିଲେ। ଜବାବରେ ଖବର ପ୍ରସ୍ତୁତି ସୁଦ୍ଧା ଇଂଲଣ୍ଡ ୯ ଓଭରରେ ୨ ଉଇକେଟ ହରାଇ ୫୧ ରନ୍ ସଂଗ୍ରହ କରିଛି। ବେନ୍ ଡକେଟ୍ (୨) ଓ ହ୍ୟାରୀ ବ୍ରୁକ୍(୩) ସହଜରେ ଆଉଟ ହୋଇଥିବା ବେଳେ ଜ୍ୟାକ୍ କ୍ରଲି ୨୬ ଓ ଜୋ ରୁଟ୍ ୧୩ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ପ୍ୟାଟ୍ କମିନ୍ସ ଦୁଇଟି ଯାକ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୬୦.୪ ଓଭରରେ ୨୬୩/୧୦(ମିଚେଲ୍ ମାର୍ଶ-୧୧୮, ଟ୍ରାଭିସ୍ ହେଡ୍-୩୯, ଷ୍ଟିଭେନ୍ ସ୍ମିଥ୍-୨୨, ମାର୍କ ଉଡ୍-୫/୩୪, କ୍ରିସ୍ ଓକ୍ସ-୩/୭୩, ଷ୍ଟୁଆର୍ଟ ବ୍ରଡ୍-୨/୫୮)। ଇଂଲଣ୍ଡ ପ୍ରଥମ ଇନିଂସ ୯ ଓଭରରେ ୫୧/୨ (ଜ୍ୟାକ୍ କ୍ରଲି-୨୬*, ପ୍ୟାଟ କମିନ୍ସ-୨/୨୭)।

# କ୍ରିକେଟରୁ ତମିମ ଇକ୍‌ବାଲଙ୍କ ଅବସର

**ଚଟ୍ଟଗ୍ରାମ (ବାଂଲାଦେଶ),୬।୭**

ବାଂଲାଦେଶ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଅଧିନାୟକ ତମିମ ଇକ୍‌ବାଲ ଗୁରୁବାର ତାଙ୍କର ଅବସର ଘୋଷଣା କରିଛନ୍ତି। କ୍ରିକେଟର ସମସ୍ତ ଫର୍ମାଟରେ ଭଲ ପ୍ରଦର୍ଶନ କରିପାରୁଥିବା ଜଣେ ଅନ୍ୟତମ ପରିଚିତ ଖେଳାଳି। ଏଠାରେ ଆଫଗାନିସ୍ତାନ ବିପକ୍ଷ ଓପନିଂ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚରେ ତାଙ୍କ ଦଳର ପରାଜୟ ପରେ ଏହି ୩୪ବର୍ଷୀୟ ବାମହାତୀ ଖେଳାଳି ଆକସ୍ମିକ ଖେଳରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ତମିମ ତାଙ୍କ ୧୬ବର୍ଷର କ୍ୟାରିୟରରେ ୭୦ଟେଷ୍ଟ ମ୍ୟାଚ ଖେଳି ୫,୧୩୪ ରନ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ତାଙ୍କର ୧୦ଟି ଶତକ ଓ ଗୋଟିଏ ଦ୍ୱିଶତକ ରହିଛି। ଜଣେ ଟପ୍ ଅର୍ଡର ବ୍ୟାଟର ଭାବେ ସେ ୨୪୧ ଅନ୍ତର୍ଜାତୀୟ ଦିନିକିଆ ଖେଳି ୧୪ ଶତକ ସହ ୮,୩୧୩ ରନ ସଂଗ୍ରହ କରିଛନ୍ତି। ବର୍ତ୍ତମାନର କ୍ରିକେଟରଙ୍କ



ମଧ୍ୟରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପଛକୁ ସେ ତୃତୀୟ ସର୍ବାଧିକ ରନ ସ୍କୋରର। ତମିମ କହିଛନ୍ତି, ତାଙ୍କ ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟରର ଅନ୍ତ ଘଟିଛି। ସେ ସବୁବେଳେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ କରିବା ଲାଗି ପ୍ରୟାସ କରିଛନ୍ତି। ତାଙ୍କ ଲମ୍ବା କ୍ୟାରିୟରରେ ଯେଉଁ ସାଥୀ ଖେଳାଳି, କୋଚ୍, ବିସିବି ଅଫିସିଆଲ, ପରିବାର ସଦସ୍ୟଙ୍କ ସମେତ ଯେଉଁମାନେ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଆସିଥିଲେ, ସେମାନଙ୍କୁ ସେ ଧନ୍ୟବାଦ ଦେଉଛନ୍ତି।

# ଡବଲ୍ସ କ୍ୱାର୍ଟରରେ ଶୁଭ୍ରଜିତ

**ଭୁବନେଶ୍ୱର, ୬।୭ (ତପନ ସ୍ୱାଇଁ)**

**ଉଗାଣ୍ଡା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ**

ଉଗାଣ୍ଡାର କାମ୍ପାଲାଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ର ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଶୁଭ୍ରଜିତ ମହାରଣା। ପ୍ରସନ୍ନ କୁମାର ସିହ୍ନାଙ୍କୁ ସାଥିକରି ଖେଳୁଥିବା ଶୁଭ୍ରଜିତ ପ୍ରଥମ ମ୍ୟାଚରେ ପ୍ରତିପକ୍ଷ ୟାଓ ଆନ୍ଦ୍ରେ ଅମନି ଓ ଡିଡା ଜନ୍ ୟାଭେସ ୟାଓଙ୍କୁ ୨୧-୧୩, ୨୧-୧୪ରେ ପରାସ୍ତ କରିଥିଲେ। ପରେ ଦ୍ୱିତୀୟ ମ୍ୟାଚରେ ନ୍ୟୁଜିଲାଣ୍ଡର ୱଜଟେକ୍ ସିଜିକ୍ ଓ ଭାରତର ଅଭିଜିତ ସାକୁଜାଙ୍କଠାରୁ ୭-୨୧, ୧୦-୨୧ରେ ପରାଜିତ ହୋଇଥିଲେ ହେଁ ଗ୍ରୁପ୍‌ରେ ଗୋଟିଏ ମ୍ୟାଚ୍ ଜିତି ଥିବାରୁ ଦ୍ୱିତୀୟ ସ୍ଥାନୀୟ ଦଳ ଭାବରେ ନକ୍‌ଆଉଟରେ ପ୍ରବେଶ କରିଛନ୍ତି।

# ଶ୍ରଦ୍ଧାଞ୍ଜଳି ପୁଣି ଜାତୀୟ ଦଳର ସହକାରୀ କୋଚ୍

**ଭୁବନେଶ୍ୱର, ୬।୭ (ତପନ ସ୍ୱାଇଁ)**

ଖେଳାଳି ଜୀବନରେ ବେଶ୍ ସୁନାମ ଅର୍ଜନ କରିଥିବା ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଫୁଟବଲ ତାରକା ତଥା ଜାତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ କୋଚ୍ ଭାବେ ମଧ୍ୟ ପ୍ରତିଷ୍ଠା ଅର୍ଜନ କରିବାରେ ଲାଗିଛନ୍ତି। ଗତ ମାର୍ଚ୍ଚରୁ ମେ’ ୨୩ ମଧ୍ୟରେ ଅନୁଷ୍ଠିତ ଏଏଫ୍‌ସି ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ସେ ସଫଳତାର ସହ ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳର ସହକାରୀ କୋଚ୍ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ପ୍ରଶିକ୍ଷଣରେ ଭାରତୀୟ ଦଳର ପ୍ରଦର୍ଶନ ମଧ୍ୟ ଉଚ୍ଚକୋଟୀର ରହିଥିଲା। ଏହାର ପୁରସ୍କାର ସ୍ୱରୂପ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ତାଙ୍କୁ ପୁଣି ୧୭ ବର୍ଷରୁ କମ୍



ଭାରତୀୟ ମହିଳା ଫୁଟବଲ ଦଳର ସହକାରୀ କୋଚ୍ ଭାବେ ନିଯୁକ୍ତି ଦେଇଛନ୍ତି। ଶୁକ୍ରବାରଠାରୁ ମଧ୍ୟପ୍ରଦେଶର ଇନ୍ଦୋରଠାରେ ଆରମ୍ଭ ହେଉଥିବା ଜାତୀୟ ଶିବିରର ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ପାଇ ସେ ଗୁରୁବାର ଭୁବନେଶ୍ୱରରୁ ସେଠାକୁ ଯାତ୍ରା କରିଛନ୍ତି। ଏଆଇଏଫ୍‌ଏଫ୍ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେଉଥିବାରୁ ଦଳ ଶିବିର ପରେ ହେବାକୁଥିବା ପ୍ରତିଯୋଗିତାରେ ମଧ୍ୟ ଭଲ ପ୍ରଦର୍ଶନ କରିବ ବୋଲି ଶ୍ରଦ୍ଧାଞ୍ଜଳି ଆଶା ପ୍ରକାଶ କରିଛନ୍ତି।

# ଫୋକସ୍‌ରେ ଜୟସ୍ୱାଲଙ୍କ ବ୍ୟାଟିଂ ସ୍ଲଟ୍

**ବ୍ରିଜ୍‌ଟାଉନ୍ (ବାର୍ବାଡୋସ୍), ୬।୭(ପି.ଟି.)**

ୱେଷ୍ଟଇଣ୍ଡିଜ୍ ଗସ୍ତ ଆରମ୍ଭ ହେବା ପୂର୍ବରୁ ଭାରତୀୟ ଦଳ ଏହାର ଅଭ୍ୟାସ ଆରମ୍ଭ କରିଛି। ଦୁଇଟି ଦଳରେ ବିଭକ୍ତ ହୋଇ ଭାରତୀୟ ଖେଳାଳି ପରସ୍ପର ସହିତ ଏକ ଦୁଇଦିନିଆ ଅଭ୍ୟାସ ମ୍ୟାଚ୍ ଖେଳିଥିଲେ। ଭାରତୀୟ ଷ୍ଟାର ବ୍ୟାଟର ତଥା ପୂର୍ବତନ ଅଧିନାୟକ ବିରାଟ କୋହଲି ଅଫ୍‌ଷ୍ଟମ୍ପ ବାହାର ବଲ୍ ଖେଳିବାରେ ଅସହଜ ମନେହୋଇଥିବା ବେଳେ ଯଶସ୍ୱୀ ଜୟସ୍ୱାଲଙ୍କ ବ୍ୟାଟିଂ ସ୍ଲଟ୍ ଭାରତୀୟ ମ୍ୟାନେଜମେଣ୍ଟ ଫୋକସ୍‌ରେ ରହିଛି। ଚେତେଶ୍ୱର ପୂଜାରାଙ୍କ ଅନୁପସ୍ଥିତିରେ ୩ ନମ୍ବରରେ କିଏ ବ୍ୟାଟିଂ କରିବ ତାକୁ ନେଇ ଆଲୋଚନା ଜାରି ରହିଛି। ଅଭିଜ୍ଞ ଅଜିଙ୍କ୍ୟ ରାହାନେ କିମ୍ବା ଯଶସ୍ୱୀ ଜୟସ୍ୱାଲଙ୍କ ମଧ୍ୟରୁ ଜଣେ ଖେଳିପାରନ୍ତି। ଭାରତୀୟ ଦଳର ୧୬ ଖେଳାଳି ଓ କିଛି ସ୍ଥାନୀୟ ଖେଳାଳିଙ୍କୁ ନେଇ ଦୁଇଟି ଟିମ୍ ଗଠନ କରାଯାଇ ଅଭ୍ୟାସ ମ୍ୟାଚ ଖେଳା ଯାଇଥିଲା। ଅଫ୍ ଷ୍ଟମ୍ପ ବାହାର ବଲ୍‌ରେ ବିରାଟ କୋହଲି ଅସହଜ ମନେ ହୋଇଥିଲେ। ଜୟଦେବ ଉନାଡକଟଙ୍କ ବଲ୍‌ରେ ସେ ପ୍ରଥମ ସ୍ଲିପ୍‌ରେ କ୍ୟାଚ୍ ଆଉଟ ହୋଇଥିଲେ। ବିଗତ କିଛି ମ୍ୟାଚ୍ ଧରି କୋହଲିଙ୍କର ଏହି ସମସ୍ୟା ରହିଥିବା ବେଳେ ଉନାଡକଟ ନିଜ ସ୍ପେଲ୍‌ରେ ସମାନ ଲାଇନରେ ବୋଲିଂ କରିଥିଲେ। କୋହଲିଙ୍କ ଫୁଟ୍‌ୱାର୍କରେ ସମସ୍ୟା ରହିଥିବା ବେଳେ ସେ ପ୍ରଥମ ସ୍ଲିପ୍‌କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ଦୁଇଟି ଟିମ୍ ମଧ୍ୟରୁ ଗୋଟିଏରେ ସମସ୍ତ ବୋଲରଙ୍କୁ ରଖାଯାଇଥିବା ବେଳେ ଅନ୍ୟ ଦଳରେ ସମସ୍ତ ବ୍ୟାଟର ରହିଥିଲେ। ୫୦-୭୫ ବଲ୍ ଖେଳିବା ପରେ ସମସ୍ତ ବ୍ୟାଟର ରିଟାୟର୍ଡ ହର୍ଟ ହୋଇଥିଲେ। ଜୟସ୍ୱାଲ ୭୬ ବଲ୍ ଖେଳି ୫୪ ରନ୍ କରିଥିବା ବେଳେ ରୋହିତ ଶର୍ମା ୬୭ ରନ ସ୍କୋର କରିଥିଲେ।

୩ ନମ୍ବରରେ ଜୟସ୍ୱାଲ: ଅଭିଜ୍ଞ ଚେତେଶ୍ୱର ପୂଜାରାଙ୍କୁ ଦଳରୁ ବାଦ୍ ଦିଆଯାଇଥିବା ବେଳେ ତାଙ୍କ ସ୍ଥାନରେ ୩ ନମ୍ବରରେ ବ୍ୟାଟିଂ କରିପାରନ୍ତି ଯଶସ୍ୱୀ ଜୟସ୍ୱାଲ। ତେବେ ଅଭ୍ୟାସ ମ୍ୟାଚ୍‌ରେ ଗିଲ୍‌ଙ୍କ ବଦଳରେ ରୋହିତ ଶର୍ମାଙ୍କ ସହ ଜୟସ୍ୱାଲ ଓପନ୍ କରିଥିଲେ। ଫଳରେ ଜୟସ୍ୱାଲ ଓପନ୍ କରିବା ସହିତ ଗିଲ୍ ୩ ନମ୍ବରରେ ବ୍ୟାଟିଂ କରିବା ନେଇ ମଧ୍ୟ ଆକଳନ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଗିଲ୍ ୧୯ ବର୍ଷରୁ କମ୍ ଦଳରେ ୩ ଓ ୪ ନମ୍ବରରେ ବ୍ୟାଟିଂ କରିଥାନ୍ତି। ଏପରି କି ରାହୁଲ ଦ୍ରାବିଡଙ୍କ ଅଧୀନରେ ୨୦୧୯ରେ ଖେଳିଥିବା ଭାରତ ଏ’ ଦଳ ପକ୍ଷରୁ ସେ ୨୦୪ ରନ୍ ସ୍କୋର କରିଥିଲେ। ବିରାଟ କୋହଲି ନିଜର ଚିରାଚରିତ ୪ ନମ୍ବର ସ୍ଥାନରେ ଖେଳିବେ। ରାହାନେ ୫ ଓ ଜାଡେଜା ୬ ନମ୍ବରରେ ଖେଳିବେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ